ଧରିତ୍ରୀ
DHARITRI

ଢେଙ୍କାନାଳ, ଗୁରୁବାର, ଜୁଲାଇ ୩୦/୨୦୨୦ (୧୬ ପୃଷ୍ଠା) Dhenkanal, Thursday, July 30/2020 ★★★★★

୧୬ଶ ଭାଗ ୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



**ଅବସର ନେଲେ ଭାଟିଆ**

ସବୁ ଫର୍ମାଟରୁ ବୁଧବାର ଅବସର ଘୋଷଣା କରିଛନ୍ତି ଘରୋଇ କ୍ରିକେଟର ରଜତ ଭାଟିଆ। ୨୦୦୩-୦୪ରେ ସେ ତାମିଲନାଡୁ ତରଫରୁ କ୍ୟାରିୟର ଆରମ୍ଭ କରିଥିଲେ।

୧୩

୧୪

**'କେଜିଏଫ୍-୨'ରେ ସଞ୍ଜୟ**

ସଞ୍ଜୟ ଦତ୍ତ ଏକ ନୂଆ ଗେଟଅପ୍‌ରେ ବଡ଼ ପରଦାରେ ଦେଖାଦେବେ। ଫିଲ୍ମଟିର ଟାଇଟଲ୍ ରହିଛି 'କେଜିଏଫ୍ : ଚାପ୍ଟର-୨'।



# ୫+୩+୩+୪

# ନୂଆ ଶିକ୍ଷାନୀତି

**ନୂତନ ଜାତୀୟ ଶିକ୍ଷାନୀତି (ଏନ୍‌ଇପି)କୁ କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଏଥିସହିତ ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ମନ୍ତ୍ରଣାଳୟ ନାଁ ବଦଳି ଶିକ୍ଷା ମନ୍ତ୍ରଣାଳୟ ହୋଇଛି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଦୀର୍ଘ ୩୪ ବର୍ଷ ହେଲା ଦେଶର ଶିକ୍ଷାନୀତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ନୂତନ ଶିକ୍ଷାନୀତି ଓ ସଂସ୍କାର ଫଳରେ ୨୦୩୫ ସୁଦ୍ଧା ମୋଟ ନାମଲେଖା ଅନୁପାତ (ଜିଇଆର୍) ୫୦% ହାସଲ ହୋଇପାରିବ ବୋଲି ଉଚ୍ଚଶିକ୍ଷା ସଚିବ ଅମିତ୍ ଖାରେ କହିଛନ୍ତି।**

ନୂଆଦିଲ୍ଲୀ,୨୯।୭

ଏନ୍‌ଇପିରେ ରହିଥିବା ପ୍ରସ୍ତାବ ଅନୁଯାୟୀ ୧୦+୨ଶିକ୍ଷା ପାଟର୍ନ (ଢାଞ୍ଚା)ରେ ପରିବର୍ତ୍ତନ କରାଯିବ। ଅର୍ଥାତ୍ ୧୨ ବର୍ଷର ସ୍କୁଲ୍ ଶିକ୍ଷା ଓ ୩ ବର୍ଷର ଅଙ୍ଗନୱାଡି ବା ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ନେଇ ୫+୩+୩+୪ ଶିକ୍ଷା ପାଟର୍ନ ପ୍ରସ୍ତୁତ ହେବ। ତଦନୁଯାୟୀ ୩ରୁ ୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ମୌଳିକ ପର୍ଯ୍ୟାୟ(୩ବର୍ଷ ପ୍ରି-ସ୍କୁଲ ପରେ ୧ମ ଓ ୨ୟ ଶ୍ରେଣୀ), ୮ରୁ ୧୧ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ପ୍ରସ୍ତୁତି ପର୍ଯ୍ୟାୟ (୩ୟରୁ ୫ମ), ୧୧ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ମଧ୍ୟମ ପର୍ଯ୍ୟାୟ (୬ଷ୍ଠରୁ ୮ମ) ଏବଂ ୧୪ରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ମାଧ୍ୟମିକ ପର୍ଯ୍ୟାୟ(୯ମରୁ ଦ୍ୱାଦଶ ଶ୍ରେଣୀ) ଏଭଳି ବିଭକ୍ତ କରାଯାଇଛି। ଏହି ସଂଶୋଧିତ ଢାଞ୍ଚା କାର୍ଯ୍ୟକାରୀ ହେଲେ ଶିକ୍ଷାଠାରୁ ଦୂରେଇ ରହୁଥିବା ୩ରୁ ୬ ବର୍ଷ ବୟସର ପିଲା ☞ପୃଷ୍ଠା-୪

- ଏଚ୍‌ଆର୍‌ଡି ମନ୍ତ୍ରଣାଳୟ ହେଲା ଶିକ୍ଷା ମନ୍ତ୍ରଣାଳୟ
- କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ
- ପଞ୍ଚମ ଶ୍ରେଣୀ ଯାଏ ମାତୃଭାଷାରେ ଶିକ୍ଷା
- ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ ହେବ

## ପ୍ରତିବର୍ଷ ହେବନି ପରୀକ୍ଷା

ନୂତନ ଶିକ୍ଷାନୀତିରେ ଆଉ ଏକ ବଡ଼ ନିଷ୍ପତ୍ତି ହେଲା ପିଲାମାନଙ୍କୁ ପ୍ରତିବର୍ଷ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସେମାନେ କେବଳ ତୃତୀୟ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପରୀକ୍ଷା ଦେବେ। ଅନ୍ୟ ବର୍ଷଗୁଡ଼ିକର ମୂଲ୍ୟାୟନ ନିୟମିତ ଏବଂ ରଚନାତ୍ମକ ଢାଞ୍ଚାରେ ହେବ, ଯାହାକି ସେମାନଙ୍କ ଦକ୍ଷତା ବିକାଶ ଓ ଶିକ୍ଷା ସାମର୍ଥ୍ୟ ବୃଦ୍ଧିରେ ସହାୟକ ହେବ। ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପୂର୍ବଭଳି ବଜାୟ ରହିବ। କିନ୍ତୁ ପିଲାଙ୍କ ବିକାଶକୁ ଦୃଷ୍ଟିରେ ରଖି ଏଥିରେ ପରିବର୍ତ୍ତନ ହେବ। ମାସ ମାସ ଧରି କୋଚିଂ ନେବା ଏବଂ ପାଠ ମନେରଖିବା ପରିବର୍ତ୍ତେ ପିଲାମାନଙ୍କ ମୌଳିକ ସାମର୍ଥ୍ୟ ☞ପୃଷ୍ଠା-୪



## ପାଠ୍ୟକ୍ରମରେ ଭାଷାକୁ ଲଦି ଦେବା ଉଚିତ ନୁହେଁ



"କେବଳ ମନ୍ତ୍ରଣାଳୟର ନାମ ପରିବର୍ତ୍ତନ କରିଦେଲେ ହେବ ନାହିଁ। ଶିକ୍ଷା କ୍ଷେତ୍ର ପାଇଁ କେନ୍ଦ୍ର ସରକାର ବଜେଟ୍‌ରେ ପର୍ଯ୍ୟାପ୍ତ ଅନୁଦାନ ଦେବା ଉଚିତ। ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା ସାମିଲ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏଥିପାଇଁ ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି। କେନ୍ଦ୍ର ସରକାର ପାଠ୍ୟକ୍ରମରେ କୌଣସି ଭାଷାକୁ ଲଦି ଦେବା ଉଚିତ ନୁହେଁ।

**-ସମୀର ରଞ୍ଜନ ଦାଶ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଓଡ଼ିଶା**

## ସମସ୍ତେ ପଢ଼ିପାରିବେ ବିଜ୍ଞାନ, କଳା ବିଷୟ

ପାଠ୍ୟକ୍ରମର ଶୈକ୍ଷିକ ଢାଞ୍ଚାରେ ବଡ଼ ପରିବର୍ତ୍ତନ ଘୋଷଣା କରାଯାଇଛି। ବିଭିନ୍ନ ଷ୍ଟ୍ରିମ୍ ମଧ୍ୟରେ ବଡ଼ ଧରଣର ପାର୍ଥକ୍ୟ ନାହିଁ। ଧନ୍ଦାମୂଳକ ଏବଂ ଶୈକ୍ଷିକ, ପାଠ୍ୟକ୍ରମ ଓ ପାଠ୍ୟକ୍ରମୋତ୍ତର ଶିକ୍ଷା ମଧ୍ୟରେ ଥିବା ବ୍ୟବଧାନକୁ ଦୂରେଇ ଦିଆଯାଇଛି। ନୂତନ ଶିକ୍ଷାନୀତିରେ ମୁଖ୍ୟତଃ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବୋଝ କମାଇବା ଲକ୍ଷ୍ୟ ରଖାଯାଇଛି। ଏହା ବଦଳରେ ପିଲାଙ୍କୁ ବହୁବିଷୟକ ଓ ବହୁ ଭାଷା ଉପରେ ଆଗ୍ରହ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯିବ। ବିଜ୍ଞାନ ଓ କଳା ମଧ୍ୟରେ ବିଶେଷ ପାର୍ଥକ୍ୟ ରହିବ ନାହିଁ। ଜଣେ କଳା ବିଷୟ ସହ ବିଜ୍ଞାନ ବିଷୟକୁ ମଧ୍ୟ ପଢ଼ିପାରିବେ। ସେହିପରି ପାଠ୍ୟକ୍ରମ ଓ ପାଠ୍ୟକ୍ରମୋତ୍ତର କାର୍ଯ୍ୟକ୍ରମ ଏବଂ ଶୈକ୍ଷିକ ଓ ଧନ୍ଦାମୂଳକ ଶିକ୍ଷା ମଧ୍ୟରେ ☞ପୃଷ୍ଠା-୪

## ଉଚ୍ଚଶିକ୍ଷାକୁ ନିୟନ୍ତ୍ରଣ କରିବ ଏଚ୍‌ଇସିଆଇ

ଉଚ୍ଚଶିକ୍ଷାକୁ ନିୟନ୍ତ୍ରଣ କରିବା ପାଇଁ ଭାରତର ଉଚ୍ଚଶିକ୍ଷା ପରିଷଦ (ଏଚ୍‌ଇସିଆଇ) ପ୍ରତିଷ୍ଠା ହେବ। ୩୦୦୦ କିମ୍ବା ତଦୂର୍ଦ୍ଧ୍ୱ ଛାତ୍ରୀଛାତ୍ର ଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଉପରେ ଅଧିକ ଧ୍ୟାନ ଦିଆଯିବ। ୨୦୧୮ରେ ମୋଟ ନାମଲେଖା ହାର ୨୬.୩ ପ୍ରତିଶତ ଥିବାବେଳେ ଏହାକୁ ୨୦୩୫ ସୁଦ୍ଧା ୫୦ ପ୍ରତିଶତରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଆଇନ ଓ ମେଡିକାଲ କଲେଜ ଏଚ୍‌ଇସିଆଇ ପରିସରରେ ରହିବ ନାହିଁ। ଏଚ୍‌ଇସିଆଇରେ ୪ଟି ସ୍ୱାଧୀନ ବିଭାଗ ରହବ। ସେଗୁଡ଼ିକ ହେଲା ଜାତୀୟ ଉଚ୍ଚଶିକ୍ଷା ନିୟାମକ ପରିଷଦ, ସାଧାରଣ ଶିକ୍ଷା ପରିଷଦ, ଉଚ୍ଚଶିକ୍ଷା ଅନୁଦାନ ପରିଷଦ ଏବଂ ଜାତୀୟ ସ୍ୱୀକୃତି ପରିଷଦ। ଜାତୀୟ ଉଚ୍ଚଶିକ୍ଷା ନିୟାମକ ☞ପୃଷ୍ଠା-୪

# ମାଟ୍ରିକ ପାସ୍ ହାର ବଢ଼ିଲା

କଟକ ଅଫିସ,୨୯।୭

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଓଡ଼ିଶା ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତବର୍ଷର ପାସ୍ ହାର ୭୮.୭୬ ପ୍ରତିଶତ ରହିଛି, ଯାହା ଗତ ଦୁଇବର୍ଷର ପାସ୍‌ହାରକୁ ଟପିଛି। ୨୦୧୯ରେ ୭୦.୭୮ ପ୍ରତିଶତ ବିଦ୍ୟାର୍ଥୀ ପାସ୍ ହୋଇଥିବା ବେଳେ

- ୬୭୮ ସ୍କୁଲରେ ଶତପ୍ରତିଶତ ଫଳ
- ୩୧ ସ୍କୁଲର ପରୀକ୍ଷା ଫଳ ଶୂନ
- ପାସ୍ ହାରରେ ବରଗଡ଼ ସର୍ବାଧିକ, ନୂଆପଡ଼ା ସର୍ବନିମ୍ନ



ପରୀକ୍ଷା ଫଳ ପ୍ରକାଶ ପରେ ଭୁବନେଶ୍ୱର ବରମୁଣ୍ଡା ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

୨୦୧୮ରେ ମାଟ୍ରିକ ପାସ୍ ହାର ୭୬.୨୩ ପ୍ରତିଶତ ରହିଥିଲା। ଚଳିତବର୍ଷ ମଧ୍ୟ ଛାତ୍ରଙ୍କଠାରୁ ଛାତ୍ରୀମାନେ ଆଗରେ ରହିଛନ୍ତି। ସେହିପରି ବରଗଡ଼ରେ ସର୍ବାଧିକ ଓ ନୂଆପଡ଼ା ଜିଲାରେ ସର୍ବନିମ୍ନ ପାସ୍ ହାର ରହିଛି। ବକ୍ସିବଜାର ରୋଡ୍‌ସ୍ଥିତ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍, ବୋର୍ଡ ସଭାପତି ରାମାଶିଷ ହାଜରା, ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି, ସମ୍ପାଦକ ଶ୍ରୀକାନ୍ତ ତରାଇଙ୍କ ଉପସ୍ଥିତିରେ ବୁଧବାର ପରୀକ୍ଷା ଫଳ ଘୋଷଣା ହୋଇଛି।

ବୁଧବାର ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଫଳ ଏକ ସଙ୍ଗରେ ପ୍ରକାଶ ପାଇଛି। ଚଳିତବର୍ଷ ୮୯୨୭ ସ୍କୁଲର ୫ଲକ୍ଷ ୩୪ହଜାର ୮୪୩ ଜଣ ବିଦ୍ୟାର୍ଥୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ମୋଟ୍ ୨୭୬୭ କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ୧୦୧୨ ଜଣ ମାଲପ୍ରାକ୍ଟିସରେ ଧରାପଡ଼ିଥିବା ବେଳେ ୫ ଲକ୍ଷ ୩୩ ହଜାର ୮୩୧ ଜଣଙ୍କ ପରୀକ୍ଷାଫଳ ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରୁ ୪ ଲକ୍ଷ ୨୧ ହଜାର ୨୫୬ ଜଣ ☞ପୃଷ୍ଠା-୪

# ରାତ୍ରିକାଳୀନ କଟକଣା କୋହଳ

ନୂଆଦିଲ୍ଲୀ,୨୯।୭

ଦେଶରେ କୋଭିଡ୍-୧୯ ସ୍ଥିତିକୁ ଅନୁଧ୍ୟାନ କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଅନ୍‌ଲକ୍-୩ ନିର୍ଦ୍ଦେଶନାମା(ଗାଇଡ୍‌ଲାଇନ) ଜାରି କରାଯାଇଛି। ଏହା ଅଗଷ୍ଟ ୩୧ପର୍ଯ୍ୟନ୍ତ ଜାରି ରହିବ। ଜୁନ୍ ୨୯ତାରିଖରେ ଜାରି ହୋଇଥିବା ଅନ୍‌ଲକ୍-୨ ଆସନ୍ତା ଶୁକ୍ରବାର ଶେଷ ହେଉଛି। ତେଣୁ କଣ୍ଟେନ୍‌ମେଣ୍ଟ ଜୋନ୍ ବ୍ୟତୀତ ଅନ୍ୟ ଅଞ୍ଚଳରେ କେତେକ କଟକଣାକୁ କୋହଳ କରାଯାଇ ଅନ୍‌ଲକ୍-୩ ଘୋଷଣା କରାଯାଇଛି। ଅନ୍‌ଲକ୍-୩ରେ ରାତ୍ରିକାଳୀନ କଟକଣାକୁ ଉଠାଇ ଦିଆଯାଇଛି। ରାତି ସମୟରେ ସାଧାରଣ ଯାତାୟାତକୁ ଅନୁମତି ମିଳିଛି। ଏଥିସହ ଯୋଗ ଶିକ୍ଷାନୁଷ୍ଠାନ ଏବଂ ଜିମ୍ ଆଦି ସଂସ୍ଥାକୁ ଅଗଷ୍ଟ ୫ତାରିଖରୁ ଖୋଲିବାକୁ ଅନୁମତି ମିଳିଛି। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜୁଅର(ଏସ୍‌ଓପି) ଜାରି କରାଯାଇଛି।




ସ୍କୁଲ୍, କଲେଜ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବନ୍ଦ ରହିବ। ତେବେ ଏହି ସମୟରେ ପୂର୍ବଭଳି ଅନ୍‌ଲାଇନ୍ କ୍ଲାସ ଚାଲୁ ରହିବ। ସେହିପରି ସିନେମା ହଲ୍, ସୁଇମିଂ ପୁଲ, ଆମୋଦପ୍ରମୋଦ ଉଦ୍ୟାନ, ପାର୍କ, ଥିଏଟର୍ସ, ବାର୍, ଅଡିଟୋରିୟମ୍, ଏବଂ ସର୍ବସାଧାରଣ ସଭାସ୍ଥଳ ଆଦି ବନ୍ଦ ରହିବ। ☞ପୃଷ୍ଠା-୪

**ଗାଇଡଲାଇନ୍**

- କଣ୍ଟେନ୍‌ମେଣ୍ଟ ଅଞ୍ଚଳରେ ୩୧ଅଗଷ୍ଟ ପର୍ଯ୍ୟନ୍ତ ଲକ୍‌ଡାଉନ
- ଅଗଷ୍ଟ ୩୧ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ବନ୍ଦ
- ୫ରୁ ଖୋଲିବ ଯୋଗ ଶିକ୍ଷା କେନ୍ଦ୍ର ଏବଂ ଜିମ୍
- ସିନେମା, ଥିଏଟର, ସୁଇମିଂପୁଲ ବନ୍ଦ ରହିବ
- କଟକଣା ମଧ୍ୟରେ ସ୍ୱାଧୀନତା ଦିବସ ପାଳନ ହେବ

**ଆଜିର ସମ୍ପାଦକୀୟ** ଚମଡ଼ା ବନାମ କପଡ଼ା ସିଟ୍



# ଦେଶର ଶିକ୍ଷା ବ୍ୟବସ୍ଥା ବଦଳିଲା



## ୬ଷ୍ଠ ଶ୍ରେଣୀରୁ କୋଡିଂ

ଛାତ୍ରୀଛାତ୍ରଙ୍କ ମଧ୍ୟରେ କମ୍ ବୟସରୁ ଗାଣିତିକ ଓ ବୈଜ୍ଞାନିକ ଚିନ୍ତାଧାରର ବିକାଶ କରିବାକୁ ନୂତନ ଶିକ୍ଷା ନୀତିରେ ବ୍ୟବସ୍ଥା କରାଯାଇଛି। ବିଦ୍ୟାଳୟ ପାଠ୍ୟକ୍ରମ ପାଇଁ ଯେତିକି ଆବଶ୍ୟକ ସେତିକିରେ ସୀମିତ ରଖାଯିବ ସହ ଯଥାସମ୍ଭବ ଏହାକୁ ସଂକ୍ଷିପ୍ତ କରାଯାଇଛି। ଏହିକ୍ରମରେ ୬ଷ୍ଠ ଶ୍ରେଣୀଠାରୁ ଧନ୍ଦାମୂଳକ ଶିକ୍ଷା ବା ଭୋକେଶନାଲ ଏଜୁକେଶନକୁ ବାଧ୍ୟତାମୂଳକ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଉଛି, ଏଣିକି ୬ଷ୍ଠ ଶ୍ରେଣୀ ପିଲାଙ୍କୁ କୋଡିଂ ବିଷୟରେ ଶିକ୍ଷା ପ୍ରଦାନ କରାଯିବ। ଏହା ତାଙ୍କୁ ଆଗକୁ ଯାଇ କୋଡିଂରେ କ୍ୟାରିୟର କରିବାରେ ବିଶେଷ ସହାୟକ ହେବ ବୋଲି କୁହାଯାଇଛି।



ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ

## ଏନ୍‌ଇପି ୨୦୨୦ର ମୁଖ୍ୟ ବୈଶିଷ୍ଟ୍ୟ...

- ଜାତୀୟ ଶିକ୍ଷାନୀତିରେ ବିଷୟଗୁଡ଼ିକର ନମନୀୟତା ଦୃଷ୍ଟିରୁ ସାମଗ୍ରିକ ଓ ବହୁମୁଖୀ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି।
- ଏମ୍‌ଫିଲ୍ ପାଠ୍ୟକ୍ରମ ନୂଆ ଶିକ୍ଷାନୀତି ଅନୁସାରେ ଚାଲୁ ରହିବ। ଅଣ୍ଡରଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ ଏବଂ ପିଏଚ୍‌ଡି ଇଣ୍ଟରଡିସିପ୍ଲିନାରି ସ୍ତରରେ ରହିବ।
- ଆଇନ ଓ ଡାକ୍ତରୀ ବ୍ୟତୀତ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଏକମାତ୍ର ରେଗୁଲେଟର (ନିୟନ୍ତ୍ରକ) ଦ୍ୱାରା ପରିଚାଳିତ ହେବେ।
- କେନ୍ଦ୍ର ସରକାରଙ୍କ ନୂଆ ଶିକ୍ଷାନୀତିରେ ଘରୋଇ ଓ ସରକାରୀ ଉଚ୍ଚ ଶିକ୍ଷା ଅନୁଷ୍ଠାନ କ୍ଷେତ୍ରରେ ସାଧାରଣ ନିୟମ ଲାଗୁ ରହିବ।
- ଅନ୍ୟ ବୈଶିଷ୍ଟ୍ୟ ମଧ୍ୟରେ ରହିଛି ଶିକ୍ଷାନୁଷ୍ଠାନଗୁଡ଼ିକୁ ଶୈକ୍ଷିକ, ପ୍ରଶାସନିକ ଓ ଆର୍ଥିକ ସ୍ୱାୟତ୍ତତା ପ୍ରଦାନ, ସମସ୍ତ ଉଚ୍ଚଶିକ୍ଷା ପାଇଁ ଜଣେ ରେଗୁଲେଟର, ଇନ୍ସପେକ୍ସନ ଲାଗି ଏକ ଆତ୍ମପ୍ରକଟୀକରଣ ଭିତ୍ତିକ ସ୍ୱଚ୍ଛ ବ୍ୟବସ୍ଥା ଅଧୀନରେ କାର୍ଯ୍ୟ କରିବା।
- ଇ-କୋର୍ସଗୁଡ଼ିକୁ ଆଞ୍ଚଳିକ ଭାଷାରେ ବିକଶିତ କରାଯିବ। ଭର୍ଚୁଆଲ ଲାବ୍ ବିକଶିତ କରାଯିବା ସହ ଏକ ନ୍ୟାଶନାଲ ଏଜୁକେଶନାଲ ଟେକ୍ନୋଲୋଜି ଫୋରମ୍ (ଏନ୍‌ଇଟିଏଫ୍) ପ୍ରତିଷ୍ଠା କରାଯିବ।
- ଆମ ଦେଶରେ ୪୫,୦୦୦ରୁ ଊର୍ଦ୍ଧ୍ୱ ସହଅନୁବନ୍ଧିତ ମହାବିଦ୍ୟାଳୟ ରହିଛି। ଏହି କଲେଜଗୁଡ଼ିକୁ ସେମାନଙ୍କ ଆକ୍ରେଡିଶନ ସ୍ଥିତି ଅନୁସାରେ ସ୍ୱାୟତ୍ତତା, ପ୍ରଶାସନିକ ଓ ଆର୍ଥିକ ନିଷ୍ପତ୍ତିଗତ କ୍ଷମତା ପ୍ରଦାନ କରାଯିବ।
- ବୋର୍ଡ ପରୀକ୍ଷା ବୋଝ କମିଯିବ ଏବଂ ଘୋଷା ଶିକ୍ଷା ବଦଳରେ ପ୍ରକୃତ ଜ୍ଞାନର ପରୀକ୍ଷା ହେବ।
- ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନ କରାଯିବ।
- ରିପୋର୍ଟ କାର୍ଡ ମାର୍କ ଓ ଷ୍ଟେଟମେଣ୍ଟ ବଦଳରେ ଦକ୍ଷତା ଓ ସାମର୍ଥ୍ୟର ଏକ ବିସ୍ତୃତ ରିପୋର୍ଟ ହେବ।
- ମୌଳିକ ସାକ୍ଷରତା ଓ ମୌଳିକ ସଂଖ୍ୟା ଉପରେ ଜାତୀୟ ମିଶନ ଗୁରୁତ୍ୱ ଦେବ।
- ଶିକ୍ଷଣୀୟ ଢାଞ୍ଚାର ପାଠ୍ୟକ୍ରମରେ କେତେକ ବଡ଼ ପରିବର୍ତ୍ତନର ଘୋଷଣା କରାଯାଇଛି। ଷ୍ଟ୍ରିମ୍‌ଗୁଡ଼ିକ ମଧ୍ୟରେ ପୃଥକୀକରଣ ଜଟିଳ ହେବ ନାହିଁ। ଧନ୍ଦାମୂଳକ, ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଓ ଅତିରିକ୍ତ ପାଠ୍ୟକ୍ରମକୁ ମଧ୍ୟ ହଟାଇ ଦିଆଯିବ।
- ଛାତ୍ରୀଛାତ୍ରଙ୍କ ଯୋଗ୍ୟତା ମାପିବା ପାଇଁ ନ୍ୟାଶନାଲ ଆସେସ୍‌ମେଣ୍ଟ ସେଣ୍ଟର 'ପ୍ରକାଶ' ପ୍ରତଷ୍ଠା କରାଯିବ।
- ପ୍ରଚଳିତ ଏନ୍‌ଇପି ୧୯୮୬ରେ ପ୍ରଣୟନ ହୋଇଥିଲା। ୧୯୯୨ରେ ଏହାକୁ ରିଭାଇଜ କରାଯାଇଥିଲା।

# ପଞ୍ଚମ ଯାଏ ମାତୃଭାଷାରେ ଶିକ୍ଷା

ନୂଆ ଜାତୀୟ ଶିକ୍ଷାନୀତି (ଏନ୍‌ଇପି)ରେ ପ୍ରସ୍ତାବିତ ପରିବର୍ତ୍ତନ ମଧ୍ୟରୁ ପ୍ରମୁଖ ହେଉଛି ୧୦+୨ ବ୍ୟବସ୍ଥାକୁ ଉଚ୍ଛେଦ କରିବା। ଏହା ବଦଳରେ ୫+୩+୩+୪ ସ୍କୁଲ କରିକୁଲମ୍ ବ୍ୟବସ୍ଥା କରାଯିବ। ଏହି ବ୍ୟବସ୍ଥାରେ ମୋଟ ସ୍କୁଲ ଶିକ୍ଷା ୧୨ ବର୍ଷ ଏବଂ ୩ ବର୍ଷ ଅଙ୍ଗନୱାଡି କିମ୍ବା ପ୍ରି-ସ୍କୁଲ ରହିବ।

ମାତୃଭାଷା କିମ୍ବା ସ୍ଥାନୀୟ/ଆଞ୍ଚଳିକ ଭାଷାରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲରେ ପାଠପଢ଼ା ହେବ ବୋଲି ସରକାରଙ୍କ ପକ୍ଷରୁ ନୂଆ ଶିକ୍ଷାନୀତି ଘୋଷଣା ଅବସରରେ କୁହାଯାଇଛି। ଏନ୍‌ଇପିର ଅନ୍ୟ ପରିବର୍ତ୍ତନଗୁଡ଼ିକ ମଧ୍ୟରେ ରହିଛି ଶିକ୍ଷା ଅଧିକାର ବୟସ ସୀମାକୁ ୩ରୁ ୧୮ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଶିକ୍ଷାନୀତିରେ ଧନ୍ଦାମୂଳକ ଶିକ୍ଷା, ଷଷ୍ଠ ଶ୍ରେଣୀ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଇଣ୍ଟର୍ନଶିପ୍, ୧୦+୨ ସ୍କୁଲ ଢାଞ୍ଚାରେ ପରିବର୍ତ୍ତନ ଏବଂ ସ୍ନାତକ କାର୍ଯ୍ୟକ୍ରମକୁ ୪ ବର୍ଷିଆ କରିବା ଆଦି ରହିଛି। ଏନ୍‌ଇପି ୨୦୨୦ ସ୍କୁଲ ଛାଡ଼ିଥିବା ୨ କୋଟି ପିଲାଙ୍କୁ ଶିକ୍ଷାର ମୂଳସ୍ରୋତକୁ ଫେରାଇ ଆଣିବ ବୋଲି ସରକାର ଦୃଢ଼ୋକ୍ତି ବାଢ଼ିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ଇପି ୨୦୨୦କୁ ଶିକ୍ଷା କ୍ଷେତ୍ର ପାଇଁ ବହୁପ୍ରତୀକ୍ଷିତ ସଂସ୍କାର ଭାବେ ଅଭିହିତ କରି ସ୍ୱାଗତ କରିଛନ୍ତି।



### ସହଜ ହେବ ବୋର୍ଡ ପରୀକ୍ଷା

ସ୍କୁଲ ଶିକ୍ଷା ସଚିବ ଅଙ୍କିତା କରୱାଲ ସଂସ୍କାର ସମ୍ପର୍କରେ ସୂଚନା ଦେବାକୁ ଯାଇ କହିଛନ୍ତି, ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ବୋର୍ଡ ପରୀକ୍ଷା ବଳବତ୍ତର ରହିବ। କିନ୍ତୁ କୋଚିଂ କ୍ଲାସ୍‌ର ଆବଶ୍ୟକତାକୁ ଶେଷ କରିବା ନିମନ୍ତେ ସଂସ୍କାର ଅଣାଯିବ। ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶକୁ ଦୃଷ୍ଟିରେ ରଖି ବୋର୍ଡ ପରୀକ୍ଷାକୁ ନୂଆ ଢାଞ୍ଚାରେ କରାଯିବ। ପିଲାଙ୍କ ମୌଳିକ ଦକ୍ଷତା ଓ ଇଚ୍ଛାକୁ ପ୍ରୋତ୍ସାହିତ କରିବା ପାଇଁ ପରୀକ୍ଷାକୁ ସହଜ ଓ ସରଳ କରାଯିବ। ସମସ୍ତ ଛାତ୍ରୀଛାତ୍ରଙ୍କୁ ଏକ ନିର୍ଦ୍ଦିଷ୍ଟ ଶିକ୍ଷାବର୍ଷରେ ଦୁଇଥର ବୋର୍ଡ ପରୀକ୍ଷା ଦେବା ପାଇଁ ସୁଯୋଗ ମିଳିବ। ଗୋଟିଏ ମେନ୍ ଓ ଅନ୍ୟଟି ଇମ୍ପ୍ରୁଭମେଣ୍ଟ(ଯଦି ପରୀକ୍ଷାର୍ଥୀ ଆବଶ୍ୟକ ମନେକରନ୍ତି)। ସ୍କୁଲର ତୃତୀୟ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷ ପରୀକ୍ଷାର ବ୍ୟବସ୍ଥା କରିବେ।

### ୫+୩+୩+୪ କ'ଣ

ନୂଆନୀତି ଅନୁସାରେ ସ୍କୁଲ ପାଠ୍ୟକ୍ରମର ୧୦+୨ ଢାଞ୍ଚା ଉଠିଯିବ। ଏହା ବଦଳରେ ୫+୩+୩+୪ ପାଠ୍ୟକ୍ରମ ପ୍ରଚଳନ କରାଯିବ। ଏହି ଛାତ୍ରୀଛାତ୍ରମାନଙ୍କ ବୟସ ଯଥାକ୍ରମେ ୩-୮, ୮-୧୧, ୧୧-୧୪ ଓ ୧୪-୧୮ ରହିବ। ଏହି ବ୍ୟବସ୍ଥା ଫଳରେ ପାଠପଢ଼ାରୁ ବଞ୍ଚିତ ୩-୬ ବର୍ଷର ପିଲାମାନଙ୍କୁ ସ୍କୁଲ କରିକୁଲମ୍ ମଧ୍ୟକୁ ଅଣାଯିବ, ଯାହାକୁ ବିଶ୍ୱବ୍ୟାପୀ ଏକ ଶିଶୁର ମାନସିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ ବୋଲି ବିବେଚନା କରାଯାଇଥାଏ। ନୂଆ ବ୍ୟବସ୍ଥାରେ ୩ ବର୍ଷ ଅଙ୍ଗନୱାଡି କିମ୍ବା ପ୍ରି-ସ୍କୁଲ ଶିକ୍ଷା ରହିବ।

ଏନ୍‌ଇପି ୨୦୨୦ରେ ପ୍ରସ୍ତାବିତ ବ୍ୟବସ୍ଥାରେ ୪ ପର୍ଯ୍ୟାୟ ରହିବ। ସେଗୁଡ଼ିକ ହେଲା ମୌଳିକ ପର୍ଯ୍ୟାୟ (୩ ବର୍ଷ ଅଙ୍ଗନୱାଡି କିମ୍ବା ପ୍ରି-ସ୍କୁଲ ପରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ), ପ୍ରସ୍ତୁତି ପର୍ଯ୍ୟାୟ (ତୃତୀୟରୁ ପଞ୍ଚମ), ମଧ୍ୟମ ପର୍ଯ୍ୟାୟ (ଷଷ୍ଠରୁ ଅଷ୍ଟମ) ଏବଂ ମାଧ୍ୟମିକ ପର୍ଯ୍ୟାୟରେ ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ରହିବେ।

ଏଥିରେ ଛାତ୍ରୀଛାତ୍ରମାନେ କେଉଁ ବିଷୟରେ ପଢ଼ିବେ ନିଜ ମେଧା ଓ ରୁଚି ଅନୁସାରେ ତାହା ଚୟନ କରିବା ଅଧିକାର ଅଧିକ ରହିବ। କଳା ଓ ବିଜ୍ଞାନର ପୃଥକୀକରଣକୁ ଜୋର୍ ଦିଆଯିବ ନାହିଁ। ସେହିପରି କରିକୁଲାର ଓ ଏକ୍ସଟ୍ରା କରିକୁଲାର କାର୍ଯ୍ୟକଳାପ ଏବଂ ଧନ୍ଦାମୂଳକ ଓ ଶୈକ୍ଷିକ ଷ୍ଟ୍ରିମ୍ ମଧ୍ୟରେ ବିଶେଷ ଭିନ୍ନତା ରହିବ ନାହିଁ। ବିଜ୍ଞାନ, ସାମାଜିକ ବିଜ୍ଞାନ, କଳା, ଭାଷା, କ୍ରୀଡ଼ା, ଗଣିତ ଆଦି ସମସ୍ତ ବିଷୟକୁ ଭୋକେଶନାଲ ତଥା ଏକାଡେମିକ୍ ଷ୍ଟ୍ରିମ୍ ସହିତ ସମନ୍ୱିତ କରି ଗୁରୁତ୍ୱ ଦିଆଯିବ। ଦେଶରେ ଅନେକ ଭାଷାର ପ୍ରଚଳନ ଦୃଷ୍ଟିରୁ ଏନ୍‌ଇପିରେ ବହୁଭାଷାକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଶିକ୍ଷାଦାନର ଭାଷା ଭାବେ ଅନ୍ୟୂନ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ମାତୃଭାଷାକୁ ବ୍ୟବହାର କରାଯିବ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଘର, ମାତୃଭାଷା, ସ୍ଥାନୀୟ ଭାଷା ଓ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ କରାଯାଇ ପାରିଲେ ଭଲ।

ସ୍କୁଲ ଓ ଉଚ୍ଚତର ଶିକ୍ଷାର ସମସ୍ତ ସ୍ତରରେ ସଂସ୍କୃତ ପଢ଼ାଯିବ। ଏହାସହ ତିନି-ଭାଷା ସୂତ୍ର (ଥ୍ରି ଲାଙ୍ଗଏଜ୍ ଫର୍ମୁଲା)ର ବିକଳ୍ପ ମଧ୍ୟ ରହିବ। କୋରିଆନ୍, ଜାପାନିଜ୍, ଥାଇ, ଫରାସୀ, ଜର୍ମାନ, ସ୍ପାନିଶ, ପର୍ତ୍ତୁଗିଜ୍ ଓ ରୁଷିଆ ଭଳି ବିଦେଶୀ ଭାଷା ସେକେଣ୍ଡାରି ବା ମାଧ୍ୟମିକ ପର୍ଯ୍ୟାୟ ପାଠ୍ୟକ୍ରମରେ ରହିବ। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସ୍ୱାଧୀନ ଷ୍ଟେଟ୍ ସ୍କୁଲ ଷ୍ଟାଣ୍ଡର୍ଡସ ଅଥୋରିଟି (ଏସ୍‌ଏସ୍‌ଏସ୍‌ଏ) ପ୍ରତିଷ୍ଠା କରିବେ। ଏସ୍‌ସିଇଆର୍‌ଟି ପକ୍ଷରୁ ସମସ୍ତ ପକ୍ଷଙ୍କ ସହ ଆଲୋଚନା ପରେ ଏକ ସ୍କୁଲ୍ କ୍ୱାଲିଟି ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡେଶନ ଫ୍ରେମ୍‌ୱାର୍କ (ଏସ୍‌କ୍ୟୁଏଏଫ୍) ବିକଶିତ କରାଯିବ। ରାଜ୍ୟଗୁଡ଼ିକ ନିଜ ନିଜ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବେ। ସମସ୍ତ ଆଞ୍ଚଳିକ ଭାଷାରେ ବହି ଉପଲବ୍ଧ କରାଇବା ସର୍ବୋଚ୍ଚ ପ୍ରାଥମିକତା ହେବ। ବସ୍ତାନି ବୋଝ ହ୍ରାସ କରିବା ଲାଗି ବହିଗୁଡ଼ିକରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନ ଅଣାଯିବ।

## କସ୍ତୁରୀରଙ୍ଗନ କମିଟି ସୁପାରିସ

**ନୂଆଦିଲ୍ଲୀ,୨୯।୭:** ନୂଆ ଜାତୀୟ ଶିକ୍ଷାନୀତି (ଏନ୍‌ଇପି)କୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ପରେ ଏନେଇ ବୁଧବାର ଅପରାହ୍ନ ୪ଟାରେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି।



ଡକ୍ଟର କେ. କସ୍ତୁରୀରଙ୍ଗନ୍

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଆଇଏସ୍‌ଆର୍‌ଓ)ର ପୂର୍ବତନ ମୁଖ୍ୟ ଡକ୍ଟର କେ. କସ୍ତୁରୀରଙ୍ଗନ୍‌ଙ୍କ ନେତୃତ୍ୱରେ କେତେଜଣ ବିଶେଷଜ୍ଞଙ୍କୁ ନେଇ ଗଠିତ ପ୍ୟାନେଲ ନୂଆ ଶିକ୍ଷାନୀତିର ଚିଠା ପ୍ରସ୍ତୁତ କରିଥିଲେ। କସ୍ତୁରୀରଙ୍ଗନ୍ କମିଟି ଗତବର୍ଷ ମେ ୩୧ରେ ଶିକ୍ଷାନୀତିର ଚିଠା ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କଙ୍କୁ ପ୍ରଦାନ କରିଥିଲା। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମୀକ୍ଷା କରିଥିଲେ। 'ଭାରତକୁ ଏକ ବିଶ୍ୱସ୍ତରୀୟ ଶିକ୍ଷା ସୁପରପାୱାର'ରେ ପରିବର୍ତ୍ତିତ'କରିବା ହେଉଛି ଏନ୍‌ଇପି ୨୦୨୦ର ଲକ୍ଷ୍ୟ। ନୂଆ ଶିକ୍ଷାବଥର୍ଷ ଆସନ୍ତା ସେପ୍ଟେମ୍ବର-ଅକ୍ଟୋବରରେ ଆରମ୍ଭ ହେବ। କରୋନା ଭାଇରସ୍ ମୁକାବିଲା ପାଇଁ ଜାରି ଲକ୍‌ଡାଉନ୍ କାରଣରୁ ଏହା ପ୍ରକାଶ ପାଇବାରେ ବିଳମ୍ବ ହୋଇଛି।

## ଉଚ୍ଚଶିକ୍ଷାନୁଷ୍ଠାନରେ ସୃଷ୍ଟି ହେବ ୩.୫ କୋଟି ନୂଆ ସିଟ୍

ନୂତନ ଶିକ୍ଷାନୀତିରେ ଧନ୍ଦାମୂଳକ ଶିକ୍ଷା ସମେତ ଉଚ୍ଚଶିକ୍ଷାରେ ମୋଟ ନାମଲେଖା ଅନୁପାତ (ଗ୍ରୋସ୍ ଏନ୍‌ରୋଲମେଣ୍ଟ ରେସିଓ) ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ୨୦୧୮ରେ ଏହି ହାର ୨୬.୩ ପ୍ରତିଶତ ରହିଥିବାବେଳେ ୨୦୩୫ ସୁଦ୍ଧା ଏହାକୁ ୫୦ ପ୍ରତିଶତରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧିକ ୩.୫ କୋଟି ସିଟ୍ ସୃଷ୍ଟି ହେବ ବୋଲି ଏଚ୍‌ଆର୍‌ଡିର ଉଚ୍ଚଶିକ୍ଷା ସଚିବ ଅମିତ୍ ଖାରେ କହିଛନ୍ତି।

## ଆଇଆଇଟି ପିଲା ପଢ଼ିବେ ମାନବିକତାର ପାଠ

ଏଣିକି ଆଇଆଇଟି, ଆଇଆଇଏମ୍ ଭଳି ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ଛାତ୍ରୀଛାତ୍ରଙ୍କୁ ହୋଲିଷ୍ଟିକ୍ ଏଜୁକେଶନ ବା ସମଗ୍ର ଶିକ୍ଷା ପ୍ରଦାନ କରିବେ। ୨୦୪୦ ସୁଦ୍ଧା ଦେଶର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ନିଜ ପାଠ୍ୟକ୍ରମରେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ମାନବିକତା ବିଷୟକୁ ଯୋଗ କରିବେ। ବିଜ୍ଞାନ ପଢୁଥିବା ପିଲାମାନେ କଳା ପଢିବେ ଓ କଳା ପଢୁଥିବା ପିଲାମାନେ ମଧ୍ୟ ବିଜ୍ଞାନ ବିଷୟରେ ଜାଣିବେ।

## କାହିଁକି ବଦଳିଲା ଏଚ୍‌ଆର୍‌ଡି ମନ୍ତ୍ରଣାଳୟ ନାମ

ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ନାଁ ବଦଳାଇ ପୁଣିଥରେ ଏହାକୁ ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ରଖିବା ପାଇଁ କେନ୍ଦ୍ର କ୍ୟାବିନେଟ ବୁଧବାର ନିଷ୍ପତ୍ତି ନେଇଛି। ଏଥିପାଇଁ ନୂତନ ଶିକ୍ଷାନୀତି ଚିଠାପ୍ରସ୍ତାବରେ ସୁପାରିସ କରାଯାଇଥିଲା। ସୂଚନାଯୋଗ୍ୟ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଶିକ୍ଷା ମନ୍ତ୍ରଣାଳୟ ନାଁ ବଦଳି ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ମନ୍ତ୍ରଣାଳୟ ହୋଇଥିଲା। ତା' ପରବର୍ଷ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ ହୋଇଥିଲା। ରାଜୀବ ଗାନ୍ଧୀ ମନ୍ତ୍ରିମଣ୍ଡଳରେ ପି.ଭି. ନରସିଂହ ରାଓ ଥିଲେ ପ୍ରଥମ ଏଚ୍‌ଆର୍‌ଡି ମନ୍ତ୍ରୀ। ମନ୍ତ୍ରଣାଳୟ ନାଁ ପରିବର୍ତ୍ତନ ହେବା ଆବଶ୍ୟକ ବୋଲି ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କେ. କସ୍ତୁରୀରଙ୍ଗନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପ୍ରଥମେ ପ୍ରସ୍ତାବ ଦେଇଥିଲେ। ୨୦୧୮ରେ ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ସେଣ୍ଟର ଫର ଆର୍ଟ୍‌ସର ଅଧ୍ୟକ୍ଷ ରାମ ବାହାଦୂର ରାୟ ଏଭଳି ଚିନ୍ତାଧାରା ପୋଷଣ କରିଥିଲେ। ଆର୍‌ଏସ୍‌ଏସ୍ ସ୍ୱୀକୃତିପ୍ରାପ୍ତ ଭାରତୀୟ ଶିକ୍ଷଣ ମଣ୍ଡଳ ଦ୍ୱାରା ଆୟୋଜିତ ସମ୍ମିଳନୀରେ ରାମବାହାଦୂର ଉପରୋକ୍ତ ପ୍ରସ୍ତାବ ଦେଇଥିଲେ ଶିକ୍ଷା କିମ୍ବା ମାନବକୁ ସମ୍ବଳ ଭାବେ ଗ୍ରହଣ କରିବା ଭାରତୀୟ ମୂଲ୍ୟବୋଧର ବିରୋଧ ବୋଲି ସେ ମତ ଦେଇଥିଲେ। ଶିକ୍ଷା ମନ୍ତ୍ରଣାଳୟ ନାଁ ବଦଳାଇବା ପାଇଁ କେତେଜଣ ଲୋକ ରାଜୀବଙ୍କୁ ଭୁଲ୍ ପରାମର୍ଶ ଦେଇଥିବା ସେ କହିଥିଲେ।


## 'ବହୁ ପ୍ରତୀକ୍ଷିତ ସଂସ୍କାରମୂଳକ ଶିକ୍ଷାନୀତି'

କେନ୍ଦ୍ର କ୍ୟାବିନେଟ ଦ୍ୱାରା ଅନୁମୋଦିତ ଜାତୀୟ ଶିକ୍ଷାନୀତି-୨୦୨୦ ବହୁ ପ୍ରତୀକ୍ଷିତ ଓ ସଂସ୍କାରମୂଳକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର କହିଛନ୍ତି। ଶିକ୍ଷାକ୍ଷେତ୍ରରେ ହୋଇଥିବା ବୈପ୍ଳବିକ ପରିବର୍ତ୍ତନ ଯୋଗୁ କୋଟି କୋଟି ଲୋକଙ୍କ ଜୀବନ ଧାରଣ ମାନରେ ପରିବର୍ତ୍ତନ ଆସିପାରିବ। ଜ୍ଞାନଯୁଗରେ ଶିକ୍ଷା ଓ ଗବେଷଣା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସ୍ୱାଭାବିକ। ଏହି ଶିକ୍ଷାର ମାନ, କ୍ଷମତା ଓ ଉତ୍ତରଦାୟିତ୍ୱ ବୃଦ୍ଧି କରାଇବା ସହ ଦେଶରେ ଉତ୍ସାହ ଭରିଦେବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। 'ଏକ ଭାରତ ଶ୍ରେଷ୍ଠ ଭାରତ' ଲାଗି ସଂସ୍କୃତକୁ ଅଗ୍ରାଧିକାର ଦିଆଯାଇଛି। ଦେଶ ବିକାଶ ସହ ଶିକ୍ଷାକ୍ଷେତ୍ର ଏହା ଦ୍ୱାରା ବ୍ୟାପକ ହୋଇପାରିବ ବୋଲି ମୋଦି କହିଛନ୍ତି।



# ଅନ୍‌ଲାଇନ, ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ

ମହାମାରୀ କରୋନା ସମୟରେ ଅନ୍‌ଲାଇନ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଲାଗି ସୁପାରିସ କରାଯାଇଛି। ଏହାକୁ ଆପଣାଯିବା ଫଳରେ ଯେତେବେଳ ଏବଂ ଯେଉଁଠି ପାରମ୍ପରିକ ଓ ବ୍ୟକ୍ତିଗତ ଶିକ୍ଷା ହାସଲ କରିବାର ସାଧନ ଉପଲବ୍ଧ ହେବା ସମ୍ଭବ ହୋଇପାରିବ ନାହିଁ ସେଠାରେ ଗୁଣବତ୍ତାପୂର୍ଣ୍ଣ ଶିକ୍ଷା ବିକଳ୍ପ ମାର୍ଗରେ ପ୍ରଦାନ କରିବା ଲାଗି ପ୍ରସ୍ତୁତି କରାଯିବ। ଏଥିପାଇଁ ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ଉଭୟକୁ ଇ-ଶିକ୍ଷାର ଆବଶ୍ୟକତା ପୂରଣ ନିମନ୍ତେ ସକ୍ଷମ କରାଯିବ। ଏଥିପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନରେ ଡିଜିଟାଲ ଭିତ୍ତିଭୂମି, ଡିଜିଟାଲ କଣ୍ଟେଣ୍ଟ ଏବଂ କ୍ଷମତା ନିର୍ମାଣ ଉଦ୍ଦେଶ୍ୟରେ ଏକ ସମର୍ପିତ ୟୁନିଟ ଗଠନ କରାଯିବ।



### ଶିକ୍ଷାରେ ପ୍ରଯୁକ୍ତି

ଶିଖିବା, ମୂଲ୍ୟାଙ୍କନ କରିବା, ଯୋଜନା ପ୍ରସ୍ତୁତ କରିବା, ପ୍ରଶାସନକୁ ପ୍ରୋତ୍ସାହନ ଦେବା ଲାଗି ପ୍ରଯୁକ୍ତିର ଉପଯୋଗ କରାଯିବ। ଏଥିପାଇଁ ମୁକ୍ତ ବିଚାର ଆଦାନ ପ୍ରଦାନ ଲାଗି ମଞ୍ଚ ଯୋଗାଇ ଦେବା ଉଦ୍ଦେଶ୍ୟରେ ଏକ ସ୍ୱାୟତ ୟୁନିଟ, ଜାତୀୟ ଶୈକ୍ଷିକ ପ୍ରଯୁକ୍ତି ମଞ୍ଚ (ଏନଇଟିଏଫ) ନିର୍ମାଣ କରାଯିବ। ଶିକ୍ଷାର ସମସ୍ତ ସ୍ତରରେ ପ୍ରଯୁକ୍ତିକୁ ଠିକ୍ ଭାବେ ସମନ୍ୱିତ କରିବା, ଏହାର ଉପଯୋଗ ଶ୍ରେଣୀ ପ୍ରକ୍ରିୟାରେ ସୁଧାର ଆଣିବା, ପେସାଦାର ଶିକ୍ଷକଙ୍କ ବିକାଶକୁ ସମର୍ଥନ ଯୋଗାଇ ଦେବା, ବଞ୍ଚିତ ବର୍ଗଙ୍କ ପାଇଁ ଶିକ୍ଷାଦାନ ଉପଲବ୍ଧତାକୁ ବଢ଼ାଇବା ଓ ଶୈକ୍ଷିକ ଯୋଜନା, ପ୍ରଶାସନ ଏବଂ ପରିଚାଳନାକୁ ପ୍ରଭାବୀ କରାଯିବ।

### ମୁକ୍ତ ଏବଂ ଦୂର ଶିକ୍ଷା

ଜିଇଆରକୁ ପ୍ରୋତ୍ସାହନ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଲାଗି ଏହାର ସମ୍ପ୍ରସାରଣ କରାଯିବ। ଅନ୍‌ଲାଇନ ପାଠ୍ୟକ୍ରମ ଓ ଡିଜିଟାଲ ସଂଗ୍ରହ, ଗବେଷଣା ଲାଗି ଅର୍ଥଯୋଗାଣ, ଉନ୍ନତ ଛାତ୍ରସେବା, ଏମଓଓସି ଦ୍ୱାରା କ୍ରେଡିଟ ଆଧାରିତ ମାନ୍ୟତା ଆଦି ଭଳି ଉପାୟକୁ ଏହା ସୁନିଶ୍ଚିତ କରିବା ଲାଗି ଗ୍ରହଣ କରାଯିବ। ଏହା ଉଚ୍ଚତମ ଗୁଣବତ୍ତା ବିଶିଷ୍ଟ ଇନ-କ୍ଲାସ କାର୍ଯ୍ୟକ୍ରମ ସହ ସମତୁଲ୍ୟ।

### ନ୍ୟାୟସଙ୍ଗତ ସଂସ୍ଥାଗତ ଢାଞ୍ଚା

ଉଚ୍ଚତର ଶିକ୍ଷା ସଂସ୍ଥାନଗୁଡ଼ିକୁ ଉଚ୍ଚ ଗୁଣବତ୍ତାପୂର୍ଣ୍ଣ ଶିକ୍ଷାଦାନ, ଗବେଷଣା ଏବଂ ସାମଗ୍ରିକ ଭାଗିଦାରୀ ଉପଲବ୍ଧ କରାଇବା ଜରିଆରେ ବଡ଼, ସାଧନ ସମ୍ପନ୍ନ, ଗତିଶୀଳ ବହୁ ବିଷୟକ ସଂସ୍ଥାନରେ ରୂପାନ୍ତରିତ କରାଯିବ। ବିଶ୍ୱବିଦ୍ୟାଳୟଗୁଡ଼ିକର ପରିଭାଷାରେ ସଂସ୍ଥାନଗୁଡ଼ିକର ଏକ ବିସ୍ତୃତ ଶ୍ରେଣୀ ରହିବ, ଯେଉଁଥିରେ ଗବେଷଣା କୈନ୍ଦ୍ରିକ ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ଶିକ୍ଷାଦାନ କୈନ୍ଦ୍ରିକ ବିଶ୍ୱବିଦ୍ୟାଳୟ ତଥା ସ୍ୱୟଂଶାସିତ ଡିଗ୍ରୀ ପ୍ରଦାନ କରୁଥିବା ମହାବିଦ୍ୟାଳୟଗୁଡ଼ିକୁ ସାମିଲ କରାଯିବ। କଲେଜଗୁଡ଼ିକର ମାନ୍ୟତା ୧୫ ବର୍ଷର ପର୍ଯ୍ୟାୟବଦ୍ଧ ଢଙ୍ଗରେ ଶେଷ ହୋଇଯିବ। ମହାବିଦ୍ୟାଳୟଗୁଡ଼ିକୁ କ୍ରମିକ ସ୍ୱାୟତତା ପ୍ରଦାନ ଲାଗି ରାଜ୍ୟୱାରୀ ବ୍ୟବସ୍ଥା ପ୍ରତିଷ୍ଠା କରାଯିବ। ଏଥିଯୋଗୁ ପ୍ରତ୍ୟେକ ମହାବିଦ୍ୟାଳୟ ଏକ ସ୍ୱୟଂଶାସିତ ଡିଗ୍ରୀ ପ୍ରଦାନକାରୀ ମହାବିଦ୍ୟାଳୟରେ ବିକଶିତ କିମ୍ବା କୌଣସି ବିଶ୍ୱବିଦ୍ୟାଳୟର ସଂଘଟକ ମହାବିଦ୍ୟାଳୟରେ ପରିଣତ ହୋଇଯିବ।

ଧରିତ୍ରୀ
DHARITRI
ଗୁରୁବାର, ୩୦ ଜୁଲାଇ, ୨୦୨୦

## ଆଜିଠୁ ୪ ମାସ ଶୋଇବେ ମହାପ୍ରଭୁ

**ପୁରୀ ଅଫିସ:** ଗୁରୁବାର ହରିଶୟନ ଏକାଦଶୀ। ଏହିଦିନଠାରୁ ଆସନ୍ତା ୪ ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ ଯିବେ। ମହାପ୍ରଭୁଙ୍କର ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ଏହା ଅନ୍ୟତମ। ହରିଶୟନ ଏକାଦଶୀଠାରୁ ଚାରିମାସ ପର୍ଯ୍ୟନ୍ତ ଠାକୁରମାନେ ଶୟନ କରନ୍ତି। କାର୍ତ୍ତିକ ଶୁକ୍ଳ ପକ୍ଷ ଏକାଦଶୀ ଦିନ ମହାପ୍ରଭୁ ଶୟନରୁ ଉଠନ୍ତି। ଏଥର ଯୋଡ଼ା ଆଶ୍ୱିନ ମାସ ପଡୁଥିବାରୁ ଗୋଟିଏ ମାସ ବିଳମ୍ବରେ ଠାକୁର ଶୋଉଛନ୍ତି।



## କରୋନା ସଂକ୍ରମଣ ସ୍ଥିତି

ବୁଧବାର ରାତି ୧୦ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧,୭୦,୨୫,୬୧୨ | ୬,୬୫,୯୪୭ | ୧,୦୫,୩୭,୨୩୩ |
| ଭାରତ | ୧୫,୮୨,୫୮୧ | ୩୪,୯୯୫ | ୧୦,୨୦,୨୪୬ |
| ଓଡ଼ିଶା | ୨୯,୧୭୫ | ୧୫୯(+୩୬) | ୧୮,୯୩୯ |

(+ ଅନ୍ୟ ରୋଗରେ କରୋନା ରୋଗୀଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ପୋଷ୍ଟ ମାଷ୍ଟର, କନଷ୍ଟେବଲ ମୃତ

**ଭଞ୍ଜନଗର,୨୯।୭(ଡି.ଏନ.ଏ):** ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଓ ଏନ୍ଏସିରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମଙ୍ଗଳବାର ୧୨ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରେ ୩ କରୋନା ଯୋଦ୍ଧା ଅଛନ୍ତି। ଜଣେ ପୋଷ୍ଟ ମାଷ୍ଟର ଓ ଜଣେ କନଷ୍ଟେବଲଙ୍କ ମୃତ୍ୟୁ ଘଟିଛି। ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ପୋଷ୍ଟମାଷ୍ଟର ରବୀନ୍ଦ୍ର ପ୍ରଧାନଙ୍କର ପୂର୍ବାହ୍ନରେ ଶୀତଳାପଲ୍ଲୀ କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଛି। ସ୍ତ୍ରୀ ପାରଳା ମହାରାଜ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି। ସେହିପରି ତାରସିଂ ଥାନାର କନଷ୍ଟେବଳ ସତ୍ୟନାରାୟଣ ସେଠୀଙ୍କର ମଧ୍ୟ ଶୀତଳାପଲ୍ଲୀ କୋଭିଡ ହସ୍ପିଟାଲରେ ମୃତ୍ୟୁ ଘଟିଛି।

# ଗଛରେ ଝୁଲୁଛି ୩ ମୃତଦେହ

**ଛେଣ୍ଡିପଦା,୨୯।୭(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଲିପଟା ପଞ୍ଚାୟତର ଡିମିରିପଦା ପାହାଡ଼କୁ ଲାଗିଥିବା ବାଲିକୁଦିଆ ଜଙ୍ଗଲର ଏକ ଗଛରେ ୩ ଜଣଙ୍କ ମୃତଦେହ ଝୁଲୁଥିବା ବୁଧବାର ରାତିରେ ଦେଖିବାକୁ ମିଳିଛି। ବାଲିପଟା ଗାଁର ଜଣେ ଗାଈ ଚରାଳି ସନ୍ଧ୍ୟାରେ ଫେରୁଥିବା ବେଳେ ଦୁର୍ଗନ୍ଧ ବାରି ଏକ ଗଛ ନିକଟକୁ ଯିବା ପରେ ସେଠାରେ ଜଣେ ଯୁବତୀ ଓ ଦୁଇ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେ ଗାଁରେ ଜଣାଇବା ପରେ କେତେଜଣ ଯୁବକ ଘଟଣାସ୍ଥଳକୁ ଯାଇ ଗଛରେ ୩ ଜଣଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିଥିଲେ। ମୃତଦେହ ଗୁଡିକ ୪/୫ଦିନ ତଳର ଓ କଳା ପଡିଯାଇଥିବାରୁ ତାହା ଚିହ୍ନି ହେଉନାହିଁ। ଛେଣ୍ଡିପଦା ଥାନା ଅଧିକାରୀ କନକ କୁମାର ମାଝି କହିଛନ୍ତି, ଏପରି ଏକ ଖବର ମିଳିଛି। ଗୁରୁବାର ଘଟଣାସ୍ଥଳକୁ ଯିବା ପରେ ଯାହାକିଛି ଜଣାପଡ଼ିବ।

# ରେଜଲ୍ଟ ଖରାପ ହେବାରୁ ୨ ଛାତ୍ରୀଙ୍କ ଆତ୍ମହତ୍ୟା

**ଏରସମା/କେସିଙ୍ଗା,୨୯।୭(ସ୍ୱ.ପ୍ର.)**

ମାଟ୍ରିକ ପରୀକ୍ଷା ଖରାପ ହେବାରୁ ଜଗତ୍‌ସିଂହପୁର ଜିଲାର ଜଣେ ଛାତ୍ରୀ ଓ କଳାହାଣ୍ଡି ଜିଲା ରେଙ୍ଗାଲି ହରିଜନପଡ଼ାର ଜଣେ ଏକ୍ସରେଗୁଲାର ଛାତ୍ରୀ ବୁଧବାର ଆତ୍ମହତ୍ୟା କରିଛନ୍ତି। ଏରସମା ଥାନା ଜାନକାଦେଇପୁର ପଞ୍ଚାୟତ ଅଞ୍ଚଳର ଛାତ୍ରୀ। ତାଙ୍କର ଏଫ୍ ଗ୍ରେଡ୍ ଥିବା ଜାଣିବା ପରେ ବିଚଳିତ ହୋଇ ବିଷ ପିଇ ଦେଇଥିଲେ। ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କଳାହାଣ୍ଡି ହରିଜନପଡ଼ାର ଛାତ୍ରୀ ୨ଥର ଫେଲ୍ ହେବାରୁ ଭାଙ୍ଗିପଡ଼ିଥିଲେ। ଘରେ କେହି ନଥିବାରୁ ସେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ବିଜୟ ମହାନ୍ତି

ତୁମେ ହଠାତ୍ ଆମ ସମସ୍ତଙ୍କୁ ଏମିତି ଶୋକଛାୟାରେ ଭସେଇକି ଚାଲିଯିବ ଏ କଥା କେବେ ଭାବି ନ ଥିଲୁ। ତୁମ ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ସ୍ନେହଶ୍ରଦ୍ଧା, ପରୋପକାରିତା, ଭଲ ପାଇବା ଏବଂ ଲୋକପ୍ରିୟତା ଚିରସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଶ୍ରୀସାଇନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

ଶୋକାକୁଳ: ପତ୍ନୀ ଶ୍ରୀମତୀ ତନ୍ଦ୍ରା ରୟ ଏବଂ ପରିବାରବର୍ଗ

# ବାୟୋ ଟଏଲେଟ୍‌ଯୁକ୍ତ ହେଲା ସମସ୍ତ ଟ୍ରେନ୍

**ଭୁବନେଶ୍ୱର,୨୯।୭(ବ୍ୟୁରୋ):** ପରିବେଶ ସ୍ୱଚ୍ଛତା ଦିଗରେ ପୂର୍ବତଟ ରେଳପଥ ଏକ ନୂଆ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି। ନିଜ ଅଧୀନରେ ଥିବା ସମସ୍ତ ଟ୍ରେନ୍‌କୁ ବାୟୋ ଟଏଲେଟ୍‌ଯୁକ୍ତ କରିଛି। ପୂର୍ବତଟ ରେଳପଥରେ ମୋଟ ୩୨୪୭ଟି କୋଚ୍‌ରେ ବର୍ତ୍ତମାନ ପରିବେଶ ଅନୁକୂଳ ବାୟୋଟଏଲେଟ୍‌ଗୁଡ଼ିକ ସଂଯୋଗ କରାଯାଇଛି। ଏଥିମଧ୍ୟରୁ ୨୫୩୪ ଆଇସିଏଫ୍ କୋଚ୍ ଓ ୭୧୩ଟି ଏଲ୍ଏଚ୍‌ବି କୋଚ୍ ରହିଛି। ଏହି ବାୟୋଟଏଲେଟ୍‌ଗୁଡ଼ିକ ବ୍ୟାକ୍ଟେରିଆ ସହାୟତାରେ ମାନବ ପରିଶିଷ୍ଟକୁ ଜଳ ଓ ବାୟୋ ଗ୍ୟାସ୍‌ରେ ପରିଣତ କରିବ। ବାୟୋ ଟଏଲେଟ୍‌ର ଏହି ପ୍ରକ୍ରିୟା ରହିଯାଉଥିବା କଠିନ ଅପଶିଷ୍ଟର ପରିଚାଳନାରେ ସହାୟକ ହେବ। ଏହି ବାୟୋଟଏଲେଟ୍‌ଗୁଡ଼ିକ ଟ୍ରାକ୍‌କୁ କଳଙ୍କି ଲାଗିବାରୁ ମଧ୍ୟ ରକ୍ଷାକରିବ। ଏଥିସହ ରେଳପଥର ରକ୍ଷଣାବେକ୍ଷଣ ଖର୍ଚ୍ଚ ହ୍ରାସ କରିବା ସହ ଟ୍ରେନ୍ ପରିଚାଳନାରେ ନିରାପତ୍ତା ସୁଦୃଢ଼ କରିବ। ଭେଞ୍ଚୁରି ପଦ୍ଧତିରେ ନିର୍ମିତ ଏହି ଟଏଲେଟ୍‌ଗୁଡ଼ିକ ସମ୍ପୂର୍ଣ୍ଣଭାବେ ଦୂଷିତ ଗନ୍ଧମୁକ୍ତ ହେବ। ବାୟୋଟଏଲେଟ୍‌ଗୁଡ଼ିକର ଉପଯୁକ୍ତ ବ୍ୟବହାର ବିଷୟରେ ଯାତ୍ରୀମାନଙ୍କୁ ସଚେତନ କରିବା ପାଇଁ ସଚିତ୍ର ଗାଇଡ୍ ପ୍ରଦର୍ଶିତ ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# ଆକ୍ରାନ୍ତଙ୍କ ସଂଖ୍ୟା ୨୯,୧୭୫ ଛୁଇଁଲା

## ଆଉ ୧୦୬୮ ପଜିଟିଭ୍, ୬ ମୃତ

**ଭୁବନେଶ୍ୱର, ୨୯।୭(ବ୍ୟୁରୋ)**

- କରୋନାଜନିତ ମୃତ୍ୟୁ ସଂଖ୍ୟା ୧୫୯କୁ ବୃଦ୍ଧି
- ଆଖିବୁଜିଲେ କରୋନା ଆକ୍ରାନ୍ତ ୨ବର୍ଷର ଶିଶୁ
- ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗର ସୂଚନା

ରାଜ୍ୟରେ କରୋନା ମହାମାରୀ ଥମିବାର ନାଁ ଧରୁନି। ଦିନକୁ ଦିନ ସଂକ୍ରମଣ ବଢ଼ି ଚାଲିଥିବାବେଳେ କିଛିଦିନ ହେବ ଆକ୍ରାନ୍ତଙ୍କ ସଂଖ୍ୟା ଦୈନିକ ହଜାରେ ଉପରେ ରହୁଛି। ୨୪ଘଣ୍ଟାରେ ୨୮ଜିଲାରୁ ଆଉ ୧,୦୬୮ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୬୬୨ଜଣ ରହିଥିବାବେଳେ ୪୦୬ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୯,୧୭୫ରେ ପହଞ୍ଚିଛି। ଏଥିମଧ୍ୟରେ ଗଞ୍ଜାମ ଜିଲାରେ ୩୩.୪% ଆକ୍ରାନ୍ତ ରହିଥିବାବେଳେ ଖୋର୍ଦ୍ଧାରେ ୧୨.୯% ଓ କଟକରେ ୬.୭% ରହିଛନ୍ତି। ତେବେ ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମ ଜିଲାରୁ ସର୍ବାଧିକ ୨୪୫ଜଣ, ଖୋର୍ଦ୍ଧା ୧୯୪, ସୁନ୍ଦରଗଡ଼ ୧୧୨, ଗଜପତି ୮୮, କୋରାପୁଟ ୬୬, କଟକ ୬୧, ବାଲେଶ୍ୱର ଓ ନୟାଗଡ଼ରୁ ୨୯ଜଣ ଲେଖାଏ, ନବରଙ୍ଗପୁର ଓ ବଲାଙ୍ଗୀରରୁ ୨୬ଜଣ ଲେଖାଏ, ରାୟଗଡ଼ା ୨୪, ସମ୍ବଲପୁର ୨୧, ଅନୁଗୋଳ ଓ ମୟୂରଭଞ୍ଜରୁ ୨୦ଜଣ ଲେଖାଏ, କଳାହାଣ୍ଡି ୧୯, ପୁରୀ ୧୬, ଯାଜପୁର ଓ ଝାରସୁଗୁଡ଼ାରୁ ୧୨ଜଣ ଲେଖାଏ, ନୂଆପଡ଼ା ଓ କନ୍ଧମାଳରୁ ୧୧ଜଣ ଲେଖାଏ, କେନ୍ଦ୍ରାପଡ଼ା ୮, ବରଗଡ଼ ୫, ଭଦ୍ରକ ୪, ଜଗତ୍‌ସିଂହପୁର ୩, ସୋନପୁର ଓ ଦେବଗଡ଼ରୁ ୨ଜଣ ଲେଖାଏ, ମାଲକାନଗିରି ଓ ଢେଙ୍କାନାଳରୁ ଜଣେ ଲେଖାଏ ରହିଛନ୍ତି।

ସେପଟେ ଆଉ ୬ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ୫ଜଣଙ୍କର କରୋନାଜନିତ ମୃତ୍ୟୁ ହୋଇଥିବାବେଳେ ଜଣଙ୍କର ଅନ୍ୟ ରୋଗରେ ଜୀବନ ଯାଇଛି। ତେବେ କରୋନାରେ ମୃତ ୫ଜଣଙ୍କ ମଧ୍ୟରେ ବାଲେଶ୍ୱର, ପୁରୀ, ଗଞ୍ଜାମ, ଫୁଲବାଣୀ ଓ ମାଲକାନଗିରିରେ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ଏବେ କରୋନାଜନିତ ମୃତ୍ୟୁ ୧୫୯କୁ ବୃଦ୍ଧି ପାଇଛି। ସେହିଭଳି ଅଣକୋଭିଡ୍ ମୃତ୍ୟୁ ଘଟିଥିବା ଆକ୍ରାନ୍ତ ଜଣକ ଭଦ୍ରକ ଜିଲାର ୨ବର୍ଷର ଶିଶୁ। ସେ ହୃଦ୍‌ରୋଗରେ ପୀଡିତ ଥିଲେ ଓ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ଫଳରେ ରାଜ୍ୟରେ ଏବେ ଅଣକୋଭିଡ୍ ମୃତ୍ୟୁ ସଂଖ୍ୟା ୩୬କୁ ଛୁଇଁଛି।

# ଆରମ୍ଭ ହେଲା ରଥ ଖୋଲା

**ପୁରୀ ଅଫିସ, ୨୯।୭**

- ପ୍ରଥମେ ଖୋଲାଯାଉଛି ଦର୍ପଦଳନ
- ଜଗନ୍ନାଥ ବଲ୍ଲଭ ମଠରେ ପୁନଃ ନିର୍ମାଣ ହେବ

ସିଂହଦ୍ୱାର ସମ୍ମୁଖରେ ଥିବା ତିନିରଥ ଖୋଲା ଆରମ୍ଭ ହୋଇଛି। ଏଥର ରଥ ଭଙ୍ଗା ନ ଯାଇ ସଂରକ୍ଷଣ ପାଇଁ ନିଷ୍ପତ୍ତି ପରେ ବୁଧବାରଠାରୁ ରଥ ଗୁଡ଼ିକ ଖୋଲାଯାଉଛି। ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଖୋଲାଚାଲିଛି। ଏହାପରେ ତାଳଧ୍ୱଜ ଏବଂ ଶେଷରେ ନନ୍ଦିଘୋଷ ରଥ ଖୋଲାଯିବ। ଏଥିପାଇଁ ଗଠିତ ବୈଷୟିକ କମିଟି ସଦସ୍ୟଙ୍କ ତତ୍ତ୍ୱାବଧାନରେ ତିନିରଥର ମୁଖ୍ୟ ବିଶ୍ୱକର୍ମାଙ୍କ ସମେତ ୫ ମହାରଣା ସେବକ, ୬ କମାର ସେବକ ଏବଂ ୧୫ ଭୋଇ ସେବକ ଏହି କାମରେ ଲାଗିଛନ୍ତି। ସତର୍କତାର ସହ ବିଭିନ୍ନ ଅଂଶ ଖୋଲାଯାଉଛି। ପ୍ରଥମେ ଗୋଟିଏ ରଥର ସବୁଅଂଶ ଖୋଲାଯିବା ପରେ ଏଗୁଡ଼ିକୁ ମାର୍କିଂ କରାଯିବ। ଏମିତି ପର୍ଯ୍ୟାୟକ୍ରମେ ତିନୋଟି ଯାକ ରଥ ଖୋଲାଯିବା ପରେ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଶ୍ରୀଜଗନ୍ନାଥବଲ୍ଲଭ ମଠ ପରିସରକୁ ନିଆଯାଇ ପୁନଃନିର୍ମାଣ କରାଯିବ। ଖୋଲା ଯିବାବେଳେ ରଥର ଯେଉଁ ଅଂଶଗୁଡ଼ିକ ଭାଙ୍ଗିଯିବ ସେଗୁଡ଼ିକୁ ନୂତନ ଭାବେ ଶାଗୁଆନ, ଶାଳ ଓ ପିଆଶାଳ କାଠରେ ତିଆରି କରାଯିବ। ଯାହାଫଳରେ ଏହା ଦୀର୍ଘସ୍ଥାୟୀ ହୋଇପାରିବ।

ଶନିବାର ପ୍ରଥମ ଦିନରେ ଦର୍ପଦଳନ ରଥ ଉପର ଭାଗରୁ ଅଁଳା, କଳସ, ଓଲଟଶୁଆ, ପାରାଭାଡି, ପୋଟଳ ଖୋଲାଯାଇଛି। ଏସବୁକୁ ରଥ ପାଖରେ ରଖାଯାଇଛି। ସବୁ ଅଂଶ ଖୋଲାଯାଇ ଜଗନ୍ନାଥ ବଲ୍ଲଭ ମଠ ପରିସରକୁ ନିଆଯିବ। ଏହାପରେ ଅନ୍ୟ ରଥ ଖୋଲାଯିବ। ଏହାକୁ ଦୀର୍ଘସ୍ଥାୟୀ କରିବା ପାଇଁ ରାସାୟନିକ ପ୍ରଲେପ ଦିଆଯିବ ବୋଲି ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ରଥଯାତ୍ରା ଐତିହାସିକ ତଥା ସ୍ମରଣୀୟ। କାରଣ କରୋନା ବିଭୀଷିକା ମଧ୍ୟରେ ବିନା ଭକ୍ତରେ ରଥଯାତ୍ରା ହୋଇଥିଲା। ତେଣୁ ପରିଚାଳନା କମିଟି ଓ ଛତିଶା ନିଯୋଗର ମିଳିତ ବୈଠକରେ ଏଥର ରଥକୁ ନ ଭାଙ୍ଗି ସଂରକ୍ଷଣ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଯେପରି ଭକ୍ତ, ପର୍ଯ୍ୟଟକ ବର୍ଷତମାମ୍ ଏହାକୁ ଦେଖିପାରିବେ।



ଦର୍ପଦଳନ ରଥର ଉପର ଅଂଶକୁ କ୍ରେନ୍ ସାହାଯ୍ୟରେ ଖୋଲାଯାଉଛି।

## ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା

କୃଷି ବିଭାଗ, ଓଡିଶା ସରକାର ଏବଂ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ

ନିରାପଦ କୃଷକ, ଦେଶର ଗର୍ବ

HDFC ERGO Take it easy!

**କୃଷକଙ୍କ କଭରେଜ:**

ଏହି ଯୋଜନା ଋଣୀ ଚାଷୀ ବା କୃଷକଙ୍କ ସମେତ ସମସ୍ତ କୃଷକମାନଙ୍କ ପାଇଁ ସ୍ୱେଚ୍ଛାକୃତ ଭାବେ ପ୍ରସ୍ତୁତ କରାଯାଇଛି । ଋଣୀ କୃଷକମାନେ ଯେଉଁମାନେ ଶେଷ ତାରିଖର ୭ ଦିନ ପୂର୍ବରୁ ଯୋଜନାରୁ ନିଜକୁ ବାଦ୍ ଦେଇନାହାନ୍ତି, ସେମାନେ ଏହି ବିତ୍ତୀୟ ସଂସ୍ଥା ଦ୍ୱାରା ଏହି ଯୋଜନା ଅଧୀନରେ ନାମ ତାଲିକାଭୁକ୍ତ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ ।

**ଅଣଋଣୀ କୃଷକଙ୍କ ପାଇଁ ନାମତାଲିକାଭୁକ୍ତ:**

ଅଣ-ଋଣୀ କୃଷକମାନେ ନିକଟତମ ବିତ୍ତୀୟ ସଂସ୍ଥା ମାଧ୍ୟମରେ ସେମାନଙ୍କ ଫସଲକୁ ବୀମାଭୁକ୍ତ କରିପାରିବେ ଯଥା ଜାତୀୟକରଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ପ୍ରାଥମିକ କୃଷି ସମବାୟ ସମିତି (PACS), ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ / ବୀମା ମଧ୍ୟସ୍ଥି / ଜନ ସେବା କେନ୍ଦ୍ର (CSC) / ୱେବସାଇଟ୍ ଲିଙ୍କ୍ ମାଧ୍ୟମରେ ସ୍ୱୟଂ ନାମଲେଖା: https://pmfby.gov.in/farmerLogin



**ଏହି ଯୋଜନା ପାଇବା ପାଇଁ ଚାଷୀଙ୍କ ଠାରୁ ଆବଶ୍ୟକ ଦସ୍ତାବିଜ୍**

- ଆଧାର କାର୍ଡ / ପରିଚୟ ପତ୍ରର ନକଲ
- ଉପଯୁକ୍ତ ଭାବରେ ପୂରଣ ହୋଇଥିବା ପ୍ରସ୍ତାବ ଫର୍ମର ନକଲ
- ସର୍ବଶେଷ ଜମି ରେକର୍ଡ / ଷ୍ଟେଟ୍ ରେକର୍ଡ ଅଫ୍ ରାଇଟ୍ସ (RoR) / ଜମି ଅଧିକାର ପ୍ରମାଣପତ୍ର (LPC) / ଖସଡ଼ା ଇତ୍ୟାଦିର ନକଲ
- ବନ୍ଧକ କୃଷକମାନଙ୍କ ପାଇଁ ପ୍ରଯୁଜ୍ୟ ଚୁକ୍ତି / ସହମତି ପାଇଁ ଆଫିଡେଭିଟ୍
- ଆଇଏଫଏସ୍‌ସି ନମ୍ବର ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର କିମ୍ବା କ୍ୟାନସେଲ୍ ହୋଇଥିବା ଚେକ୍ ଥିବା ବ୍ୟାଙ୍କ ପାସବୁକ୍‌ର ନକଲ
- ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଫସଲ ବୁଣିବା ପାଇଁ ଉଦ୍ଦିଷ୍ଟ ବୁଣିବା ପ୍ରମାଣପତ୍ର କିମ୍ବା ଆତ୍ମ ଘୋଷଣା

| ଋତୁ | ଜିଲ୍ଲା | ଅଧିସୂଚିତ ଫସଲ | ଫସଲ ଆଧାରିତ ବୀମା (ଟ. ରେ ପ୍ରତି ହେକ୍ଟର) | କୃଷକ ହାର | କୃଷକ କିସ୍ତି |
|---|---|---|---|---|---|
| ଖରିଫ୍ | ଦେବଗଡ | ଚିନା ବାଦାମ | ୫୫୦୦୦ | ୧.୬୦% | ୮୮୦ |
| ଖରିଫ୍ | ଦେବଗଡ | ମକା | ୪୦୦୦୦ | ୧.୬୦% | ୬୪୦ |
| ଖରିଫ୍ | ଦେବଗଡ | ଧାନ | ୬୫୦୦୦ | ୨.୦୦% | ୧୩୦୦ |
| ଖରିଫ୍ | ଦେବଗଡ | ହରଡ଼ | ୪୦୦୦୦ | ୧.୬୦% | ୬୪୦ |
| ଖରିଫ୍ | କେନ୍ଦ୍ରାପଡ଼ା | ଧାନ | ୫୮୦୦୦ | ୨.୦୦% | ୧୧୬୦ |
| ଖରିଫ୍ | ମୟୁରଭଂଜ | ମକା | ୬୯୫୪୦ | ୨.୦୦% | ୧୩୯୦.୮ |
| ଖରିଫ୍ | ମୟୁରଭଂଜ | ଧାନ | ୭୪୬୦୦ | ୨.୦୦% | ୧୪୯୨ |
| ଖରିଫ୍ | ମୟୁରଭଂଜ | ହରଡ଼ | ୩୯୦୮୮ | ୧.୬୦% | ୬୨୫.୪୧ |
| ଖରିଫ୍ | ନବରଂଗପୁର | ଚିନା ବାଦାମ | ୫୮୭୫୦ | ୨.୦୦% | ୧୧୭୫ |
| ଖରିଫ୍ | ନବରଂଗପୁର | ମକା | ୮୦୨୫୦ | ୨.୦୦% | ୧୬୦୫ |
| ଖରିଫ୍ | ନବରଂଗପୁର | ଧାନ | ୭୮୫୦୦ | ୨.୦୦% | ୧୫୭୦ |
| ଖରିଫ୍ | ବରଗଡ | କପା | ୫୨୫୦୦ | ୫.୦୦% | ୨୬୨୫ |
| ଖରିଫ୍ | ବରଗଡ | ଚିନା ବାଦାମ | ୫୨୫୦୦ | ୨.୦୦% | ୧୧୦୫ |
| ଖରିଫ୍ | ବରଗଡ | ଧାନ | ୬୭୫୦୦ | ୨.୦୦% | ୧୩୫୦ |
| ଖରିଫ୍ | ଭଦ୍ରକ | ଧାନ | ୬୭୦୦୦ | ୨.୦୦% | ୧୩୪୦ |
| ଖରିଫ୍ | ଗଜପତି | କପା | ୬୫୧୨୫ | ୫.୦୦% | ୩୨୫୬.୨୫ |
| ଖରିଫ୍ | ଗଜପତି | ଚିନା ବାଦାମ | ୪୯୫୦୦ | ୨.୦୦% | ୯୯୦ |
| ଖରିଫ୍ | ଗଜପତି | ମକା | ୪୦୨୫୦ | ୨.୦୦% | ୮୦୫ |
| ଖରିଫ୍ | ଗଜପତି | ଧାନ | ୬୦୦୦୦ | ୨.୦୦% | ୧୨୦୦ |
| ଖରିଫ୍ | ଗଜପତି | ମାଣ୍ଡିଆ | ୨୫୦୦୦ | ୧.୬୦% | ୪୦୦ |
| ଖରିଫ୍ | ଜଗତସିଂହପୁର | ଧାନ | ୫୭୫୦୦ | ୨.୦୦% | ୧୧୫୦ |
| ଖରିଫ୍ | ଯାଜପୁର | ଧାନ | ୬୨୫୦୦ | ୨.୦୦% | ୧୨୫୦ |

ଅଧିକ ସୂଚନା ପାଇଁ ଦୟାକରି ନିକଟସ୍ଥ ବ୍ୟାଙ୍କ ଶାଖା / କୃଷି ଅଧିକାରୀ / ଜନ ସେବା କେନ୍ଦ୍ର (CSC) / ବୀମା କମ୍ପାନୀର ଟୋଲ୍ ଫ୍ରୀ ନମ୍ବର 18002660700 ରେ ସମ୍ପର୍କ କରନ୍ତୁ ।

ଏଚ୍‌ଡିଏଫ୍‌ସି ଏର୍ଗୋ ସାଧାରଣ ବୀମା କମ୍ପାନୀ ଲିମିଟେଡ୍ ଆଇଆରଡିଏଆଇ ପଞ୍ଜିକରଣ ନଂ. ୧୪୬ । ସିଆଇଏନ୍: U66030MH2007PLC177117 ପଞ୍ଜିକୃତ ଏବଂ କର୍ପୋରେଟ୍ ଅଫିସ୍: ପ୍ରଥମ ମହଲା, ଏଚ୍‌ଡିଏଫ୍‌ସି ହାଉସ୍, ୧୬୫-୧୬୬ ବ୍ୟାକବେ ରିକ୍ଲେମେସନ୍, ଏଚ୍.ଟି. ପାରେଖ ମାର୍ଗ, ଚର୍ଚ୍ଚଗେଟ୍, ମୁମ୍ବାଇ - ୪୦୦ ୦୨୦ । ... UIN: Pradhan Mantri Fasal Bima Yojan - IRDAN125P0003V01201617 | CSC - Pradhan Mantri Fasal Bima Yojan - HDE-AG-P18-25-V01-17-18. UID: 6067.

**ଆଜିର ମନ୍ତବ୍ୟ**

“ରାଫାଲ ଯୁଦ୍ଧବିମାନ ଗେମ୍ ଚେଞ୍ଜର ପାଲଟିବ। ବାୟୁସେନାର ଶକ୍ତିବୃଦ୍ଧି କ୍ଷେତ୍ରରେ ଏହା ସହାୟକ ହେବ। ଏଭଳି ମୁହୂର୍ତ୍ତ ଭାରତ ଲାଗି ଗର୍ବର ବିଷୟ।
-ଅମିତ ଶାହା, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଅଭିଷେକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ରାତ୍ରିକାଳୀନ କଟକଣା ...

ଅନ୍ତଃରାଷ୍ଟ୍ରୀୟ ବିମାନ ଉଡ଼ାଣ ଏବଂ ମେଟ୍ରୋ ରେଳ ଚଳାଚଳ ଉପରେ ମଧ କଟକଣା ଲାଗୁ ରହିଛି। ସାମାଜିକ, ରାଜନୈତିକ, କ୍ରୀଡ଼ା, ମନୋରଞ୍ଜନ, ଶୈକ୍ଷିକ, ସାଂସ୍କୃତିକ, ଧାର୍ମିକ କାର୍ଯ୍ୟକ୍ରମ ଏବଂ ଜନଗହଳି ହେବା ଭଳି କାର୍ଯ୍ୟକ୍ରମକୁ ବାରଣ କରାଯାଇଛି। ତେବେ ଏହିସବୁ କଟକଣା ଉପରେ କେବେ କୋହଳ କରାଯିବ ସେନେଇ କୋଭିଡ୍-୧୯ ସଂକ୍ରମଣ ସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

କୋଭିଡ୍-୧୯ ଯୋଗୁ ଚଳିତବର୍ଷ ସ୍ୱାଧୀନତା ଦିବସ ପାଳନ ଉପରେ ମଧ କଟକଣା ଜାରି କରାଯାଇଛି। ଜାତୀୟ, ରାଜ୍ୟ, ଜିଲା, ସବ୍‌ଡିଭିଜନ, ପୌରପାଳିକା ଏବଂ ପଞ୍ଚାୟତସ୍ତରରେ ସାମାଜିକ ଦୂରତା ବଜାୟ ରଖି ସ୍ୱାଧୀନତା ଦିବସ ପାଳନ କରିବାକୁ ଅନୁମତି ଦିଆଯାଇଛି। ଏହି ସମୟରେ ସ୍ୱାସ୍ଥ୍ୟ ଦିଗ ପ୍ରତି ମଧ ଧ୍ୟାନ ଦିଆଯିବା ସହ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି। ଏନେଇ ଗତ ୨ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନକୁ ପାଳନ କରିବାକୁ କୁହାଯାଇଛି। ସେହିପରି କୋଭିଡ-୧୯ ପରିଚାଳନା ପାଇଁ ଜାରି ହୋଇଥିବା ଗାଇଡ୍‌ଲାଇନକୁ ପାଳନ କରିବା ନିମନ୍ତେ କୁହାଯାଇଛି। ସର୍ବସାଧାରଣ ସ୍ଥାନ, କାର୍ଯ୍ୟସ୍ଥଳ ଏବଂ ଯାନବାହନରେ ଯିବା ଆସିବା ବେଳେ ମାସ୍କ ପରିଧାନ ଜରୁରୀ। ୬ଫୁଟର ସାମାଜିକ ଦୂରତା, ଅଧିକ ଜନଗହଳି ନ କରିବା, ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବା, ଏପରି କି ସର୍ବସାଧାରଣ ସ୍ଥାନରେ ମଦ୍ୟପାନ, ପାନ ଓ ଗୁଟ୍‌ଖା ଆଦି ସେବନକୁ ବାରଣ କରାଯାଇଛି। ଘରୁ କାର୍ଯ୍ୟକରିବା ବା ୱାର୍କ ଫ୍ରମ୍ ହୋମ୍ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। କାର୍ଯ୍ୟସ୍ଥଳରେ କାମ କରିବାର ସମୟକୁ ଯଥାସମ୍ଭବ ହ୍ରାସ କରିବା ସହ ପରିବେଶକୁ ସ୍ୱଚ୍ଛ ଏବଂ ହାଇଜେନିକ ରଖାଯିବ। ନିୟମିତ ବ୍ୟବଧାନରେ ହାତକୁ ସାନିଟାଇଜ କରିବା ସହ ସାମାଜିକ ଦୂରତା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି।

ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ କୋଭିଡ୍-୧୯ ସ୍ଥିତି ଦେଖି କଣ୍ଟେନ୍‌ମେଣ୍ଟ ଜୋନ୍ ବାହାରେ ନିର୍ଦ୍ଦିଷ୍ଟ କଟକଣା ଲାଗୁ କରିପାରିବେ। ରାଜ୍ୟ ଭିତରେ ଏବଂ ରାଜ୍ୟ-ରାଜ୍ୟ ମଧ୍ୟରେ ଗମନାଗମନ କିମ୍ବା ସାମଗ୍ରୀ ପରିବହନ ଉପରେ କଟକଣାମୁକ୍ତ କରାଯାଇଛି। ଶ୍ରମିକ ସ୍ୱତନ୍ତ୍ର ଟ୍ରେନ, ଘରୋଇ ବିମାନରେ ଚଳାଚଳ ନିମନ୍ତେ ଜାରି ହୋଇଥିବା ଏସ୍‌ଓପି ପାଳନ କରିବା ଜରୁରୀ। ବିଶେଷକରି ୬୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, ରୋଗୀ, ଗର୍ଭବତୀ ମହିଳା ଏବଂ ୧୦ ବର୍ଷରୁ କମ୍ ପିଲାଙ୍କୁ ଅତି ଜରୁରୀ କାମ ନ ଥିଲେ କିମ୍ବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ନ ଥିଲେ ଘରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। କଣ୍ଟେନମେଣ୍ଟ ଜୋନ୍ ବା ଆବଦ୍ଧାଞ୍ଚଳରେ ପୂର୍ବ ଭଳି କଟକଣା ଜାରି ରହିଛି। ଏଠାରେ କେବଳ ଅତ୍ୟାବଶ୍ୟକୀୟ କାର୍ଯ୍ୟକୁ ଅନୁମତି ପ୍ରଦାନ କରାଯାଇଛି। ଏହି ଅଞ୍ଚଳରେ ରହୁଥିବା ଲୋକମାନେ ଯେମିତି ବାହାରକୁ ଯାଇପାରିବେ ନାହିଁ କିମ୍ବା ବାହାର ଲୋକ ଏଠାକୁ ଆସିପାରିବେ ନାହିଁ ତା’ ଉପରେ ତୀକ୍ଷ୍ଣ ନଜର ରଖିବାକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଉପରୋକ୍ତ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କଲେ ଜାତୀୟ ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

# ‘ଜୀବନ ରକ୍ଷା ପାଇଁ ସମ୍ବଳର ଅଭାବ ନାହିଁ’



ବିଧାୟକ ଓ ମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରୁଛନ୍ତି।

- **ମହାମାରୀ ବିରୋଧରେ ଲଢ଼ିବା ସମସ୍ତଙ୍କ ବ୍ୟକ୍ତିଗତ ଦାୟିତ୍ୱ**
- **ଦରମା ପାଇଁ ନୁହେଁ, ଲୋକଙ୍କ ସେବା କରୁଛନ୍ତି କୋଭିଡ୍ ଯୋଦ୍ଧା**

**ଭୁବନେଶ୍ୱର,୨୯।୭(ବ୍ୟୁରୋ)**

ପ୍ରାକୃତିକ ବିପର୍ଯ୍ୟୟ ହେଉ ଅବା ମହାମାରୀ, ପ୍ରତ୍ୟେକଙ୍କ ଜୀବନ ରକ୍ଷା କରିବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। ହେଲେ ପ୍ରତି ଘରେ କିମ୍ବା ରାସ୍ତାରେ ରହି ସବୁ ସମୟରେ ସଚେତନ କରାଇବା ସରକାରଙ୍କ ପକ୍ଷେ ସମ୍ଭବ ନୁହେଁ। ଜୀବନ ରକ୍ଷା ପାଇଁ ସମ୍ବଳର ଅଭାବ ନାହିଁ। ଏକାଠି ହୋଇ ମହାମାରୀ ବିରୋଧରେ ଲଢ଼ିବା ସମସ୍ତଙ୍କ ବ୍ୟକ୍ତିଗତ ଦାୟିତ୍ୱ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଧାୟକଙ୍କ ଉଦ୍ଦେଶ୍ୟରେ ବୁଧବାର ଆୟୋଜିତ କୋଭିଡ୍-୧୯ ସଚେତନତା କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କୋଭିଡ୍ ଯୋଦ୍ଧାଙ୍କ ମନୋବଳ ବଢ଼ାଇବା ସହ ରାଜ୍ୟବାସୀଙ୍କୁ ଏପରି ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଲେ, କୋଭିଡ୍ ଯୋଦ୍ଧାମାନେ ମହାମାରୀ ବିରୋଧୀ ଲଢ଼େଇକୁ ମିଶନ ଭାବେ ଗ୍ରହଣ କରିଛନ୍ତି। ସେମାନେ ଦରମା ପାଇଁ ନୁହେଁ, ବରଂ ଲୋକଙ୍କ ଜୀବନ ରକ୍ଷା କରିବା ଲାଗି ଦିନରାତି ସେବା ଯୋଗାଇ ଚାଲିଛନ୍ତି। ଏମାନଙ୍କ ନିଃସ୍ୱାର୍ଥପର ସେବା ପାଇଁ ରାଜ୍ୟର ୧୮ ହଜାର ରୋଗୀ କରୋନାରୁ ଆରୋଗ୍ୟ ଲାଭ କରିସାରିଲେଣି। ସେମାନଙ୍କ ତ୍ୟାଗ ଓଡ଼ିଶାବାସୀଙ୍କ ପାଇଁ ପ୍ରେରଣା। ଏହାକୁ ଓଡ଼ିଆ ଜାତି ସବୁଦିନ ମନେରଖିବ। କୋଭିଡ୍ ଯୋଦ୍ଧାଙ୍କ ମନୋବଳ ବଢ଼ାଇବା ଦିଗରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।

ରାଜ୍ୟରେ କରୋନା ଚିକିତ୍ସା ସୁବିଧା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅନ୍ୟ ରାଜ୍ୟରେ କୋଭିଡ୍ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଦାବି କରାଯାଉଥିବାବେଳେ ଓଡ଼ିଶା ସରକାର ରୋଗୀ ଚିକିତ୍ସା ଲାଗି ସବୁକିଛି ବିନାମୂଲ୍ୟରେ ଯୋଗାଇ ଦେଉଛନ୍ତି। ମହାମାରୀ ପାଇଁ ପୃଥିବୀର ପ୍ରତି ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଏହା ସମଗ୍ର ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିଛି। ମହାମାରୀ ପ୍ରଭାବିତ ଅର୍ଥନୀତିକୁ ସଜାଡ଼ିବାକୁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଓଡ଼ିଶା ଅନେକ ବିପର୍ଯ୍ୟୟର ସଫଳ ମୁକାବିଲା କରିଛି। ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ଏବଂ ପୁଣି ଥରେ ଦୃଢ଼ ଭାବେ ଫେରିଆସିବାର ଶକ୍ତି ପ୍ରତି ଓଡ଼ିଆଙ୍କ ନିକଟରେ ରହିଛି। ମହାମାରୀ ଚାଲିଯିବା ପରେ ଓଡ଼ିଶା ଅଧିକ ଦୃଢ଼ ଏବଂ ସମୃଦ୍ଧିଶାଳୀ ରାଜ୍ୟ ଭାବେ ସ୍ଥିତି ଜାହିର କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପୋଷଣ କରିଛନ୍ତି। ଏହି ଅବସରରେ ବିଧାୟକମାନଙ୍କୁ ବ୍ୟକ୍ତିଗତ ସ୍ୱାସ୍ଥ୍ୟର ଯତ୍ନନେବା ସହ ନିଜ ଅଞ୍ଚଳରେ ପ୍ରେରଣାଦାୟୀ ନେତୃତ୍ୱ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ କରୋନାରୁ ୩ଜଣ ବିଧାୟକ ଆରୋଗ୍ୟ ଲାଭ କରିଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ବିରୋଧୀଦଳ ନେତା ପ୍ରଦୀପ୍ତ ନାୟକ କରୋନା ମୁକାବିଲା ପାଇଁ ମିଳିମିଶି କାମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କୋଭିଡ୍ ସ୍ଥିତିର ଅନୁଧ୍ୟାନ ପାଇଁ ଏକ ହାଉସ୍ କମିଟି ଗଠନ ପାଇଁ ପରାମର୍ଶ ଦେଇଛନ୍ତି। କର୍ମଶାଳାରେ ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ବିଧାୟକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଇବ, ଦହି ଭାତ କିଏ ଖାଇବ**
**ଯୁବା ପୁରୁଷକୁ ବୁଢ଼ୀ ପରଷିଲା**
**ଏହା କି ମୋ ଦେହ ସହିବ ?**

ବିବାହ ବେଳେ ବର ଓ କନ୍ୟାଙ୍କ ବୟସ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ସେମାନଙ୍କ ମଧ୍ୟରେ ବୟସର ତାରତମ୍ୟ ଯେତେ କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ସୁଖମୟ ହୋଇଥାଏ । ଏପରି ସ୍ଥଳେ ଅସଙ୍ଗତ ଯୋଡ଼ି ଭଳି ଯୁବକ ସହ ବୟସ୍କା ମହିଳାର ବିବାହ ସମାଜ ଆଖିରେ ସେତେଟା ଗ୍ରହଣୀୟ ହୋଇପାରୁ ନଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେହ ଘେନି ମନ,**
**ମନ ଘେନି ଦେହ ।**

ସାଧାରଣତଃ ଦେହ ଖରାପ ଥିଲେ ମନର ବ୍ୟସ୍ତତା ବଢ଼ିଯାଏ। ସେହିପରି ମନ ଖରାପ ଥିଲେ ତା’ର କୁପ୍ରଭାବ ଦେହ ଉପରେ ପଡ଼ିଥାଏ। ଜୀବନର ବିକାଶ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏ ଦୁହେଁ ସଦାସର୍ବଦା ଯାତ୍ରା ପଥରେ ପରିପୂରକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ – ଏ. କେ. ମିଶ୍ର ପବ୍ଲିଶର୍ସ ପ୍ରା :ଲିଃ :**


## classifieds Everyday 0674-2580101, 2549302

**real estate**

**SALE**

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855. D-69131

**business**

Hotel Rooms for home Quarantine with all facilities in Bhubaneswar. Contact: 9776048587. D-67559

**education**

ଏ ବର୍ଷର ଲାଭ ଉଠାନ୍ତୁ ଏବଂ ଘରେରହି Course କରନ୍ତୁ। 10th/ 12th, BA, B.Com, B.Sc, D.Ed, B.Ed, M.Ed, BE, B.Tech, BAMS, BHMS, BUMS, D.Pharma, ANM, GNM only SMS/ WhatsApp: 9893869473. D-69711

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କରୋନା ପ୍ରଭାବ: କମିବ ଦଶମ ପାଠ୍ୟକ୍ରମ

**ସିଲାବସ୍ କମିଟିକୁ ଦିଆଗଲା ଦାୟିତ୍ୱ**

**କଟକ ଅଫିସ,୨୯।୭**

ରାଜ୍ୟ ଶିକ୍ଷା ବ୍ୟବସ୍ଥା ଉପରେ ମଧ କରୋନାର ପ୍ରଭାବ ପଡ଼ିଛି। ଯଦ୍ୱାରା ୨୦୨୦-୨୧ ଶିକ୍ଷାବର୍ଷରେ ଦଶମଶ୍ରେଣୀ ସିଲାବସକୁ କମାଇବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ବିଦ୍ୟାର୍ଥୀଙ୍କ ଉପରେ ଏବେ ପାଠର ଚାପ କମ୍ ରହିବ। କରୋନା କଟକଣା ଯୋଗୁ ସ୍କୁଲ ବନ୍ଦ ଓ ପାଠପଢ଼ାରେ ବ୍ୟାଘାତ ହେଉଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ପରୀକ୍ଷା ନିୟନ୍ତ୍ରକ ତଥା ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି । କରୋନା ପାଇଁ ସ୍କୁଲଗୁଡ଼ିକ ବନ୍ଦ ଥିବାବେଳେ ଅନ୍‌ଲାଇନ କ୍ଲାସରେ ପାଠପଢ଼ା ଚାଲିଛି। ଏହି ପରିପ୍ରେକ୍ଷୀରେ ଦଶମଶ୍ରେଣୀ ସିଲାବସ୍‌କୁ କମାଇବା ସହ ନବମ ଶ୍ରେଣୀ ପାଠ୍ୟକ୍ରମକୁ ମଧ କମାଇ ଦିଆଯିବ। ପାଠପଢ଼ାରେ ବ୍ୟାଘାତ ହେଉଥିବାରୁ ମାଟ୍ରିକ ସିଲାବସ୍‌କୁ କମାଇ ଦିଆଯିବାକୁ ଯୋଜନା ହୋଇଛି ବୋଲି ଡ. ମହାନ୍ତି କହିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ନିକଟରୁ ସ୍ୱୀକୃତି ମିଳିସାରିଛି। ଏବେ ସିଲାବସ୍ କମିଟିକୁ ଉକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। କେଉଁ ବିଷୟଗୁଡ଼ିକୁ ପାଠ୍ୟକ୍ରମରୁ ବାଦ୍ ଦିଆଯିବ ତାହା କମିଟି ଚୂଡ଼ାନ୍ତ କରି ପ୍ରସ୍ତାବ ଦେବ। ବିଶେଷ ଗୁରୁତ୍ୱ ନ ଥିବା ବିଷୟବସ୍ତୁକୁ କେବଳ ବାଦ୍ ଦିଆଯିବ। ସେମାନଙ୍କ ପ୍ରସ୍ତାବକୁ ଯାଞ୍ଚ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

### ବୋର୍ଡର ୨ ନୂଆ ରେକର୍ଡ

ଚଳିତବର୍ଷ ବୋର୍ଡ କର୍ତ୍ତୃପକ୍ଷ ଦୁଇଟି ନୂତନ ରେକର୍ଡ କରିଛନ୍ତି। ଗୋଟିଏ ହେଲା ଜିରୋ ୱିଥହେଲଡ। ବୋର୍ଡ ଇତିହାସରେ ପ୍ରଥମଥର ପାଇଁ ସମସ୍ତ ବିଦ୍ୟାର୍ଥୀଙ୍କ ପରୀକ୍ଷାଫଳ ପ୍ରକାଶ ପାଇଛି, ଯାହା ଏକ ରେକର୍ଡ ବୋଲି କହିଛନ୍ତି ଡ. ମହାନ୍ତି। ଅନ୍ୟଏକ ରେକର୍ଡ ହେଉଛି ଟାବୁଲେସନ ରେଜିଷ୍ଟର (ଟିଆର୍) ବ୍ୟବସ୍ଥା। ଏହି ବ୍ୟବସ୍ଥା ପ୍ରଚଳନ କରିବା କ୍ଷେତ୍ରରେ ବୋର୍ଡ ଭାରତର ପ୍ରଥମ। ଗୋଟିଏ ବିଦ୍ୟାଳୟର ସମସ୍ତ ପରୀକ୍ଷାର୍ଥୀଙ୍କ ଫଳାଫଳ ମାତ୍ର ଗୋଟିଏ କ୍ଲିକ୍‌ରେ ଜଣାପଡୁଛି। ବୋର୍ଡର ନିଜସ୍ୱ ୱେବ୍‌ସାଇଟ୍‌ରେ ଏହି ବ୍ୟବସ୍ଥା ରହିଛି।

**ପ୍ରଥମ ପୃଷ୍ଠାରୁ...**

## ୫+୩+୩...

ପାଠପଢ଼ା ସହ ସାମିଲ ହୋଇପାରିବେ। କାରଣ ସ୍କୁଲ ପାଠ୍ୟକ୍ରମରେ ମାନସିକ ବିକାଶ ଘଟାଇବା ପାଇଁ ଏହି ବୟସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ବୋଲି ବିଶ୍ୱ ସ୍ୱୀକୃତି ଦେଇଛି। ସବୁ ସ୍କୁଲରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ମାତୃଭାଷାରେ କିମ୍ବା ସ୍ଥାନୀୟ ଭାଷା ଓ ଆଞ୍ଚଳିକ ଭାଷା ମଧ୍ୟରୁ ଗୋଟିକରେ ଶିକ୍ଷା ପ୍ରଦାନ କରାଯିବ। ଅଷ୍ଟମ ଶ୍ରେଣୀ ଏବଂ ଏହା ପରେ ମଧ ଛାତ୍ରୀଛାତ୍ର ଏହି ଭାଷାରେ ଶିକ୍ଷା ଗ୍ରହଣ କରିପାରିବେ। ସଂସ୍କୃତ ଭାଷାକୁ ସବୁ ସ୍ତରରେ ଏବଂ ବିଦେଶୀ ଭାଷାକୁ ମାଧ୍ୟମିକ ସ୍କୁଲ ସ୍ତରରୁ ଶିକ୍ଷା ଦିଆଯିବ। ତେବେ ପିଲାଙ୍କ ଉପରେ କୌଣସି ଭାଷାକୁ ଲଦି ଦିଆଯିବ ନାହିଁ ବୋଲି ନୂତନ ଶିକ୍ଷାନୀତିରେ କୁହାଯାଇଛି। ନୂତନ ଶିକ୍ଷାନୀତିରେ ପିଲାମାନଙ୍କ ଶିକ୍ଷାଗ୍ରହଣ ଅଧିକାର ୩ ବର୍ଷରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ନୂତନ ଶିକ୍ଷାନୀତିରେ ବୋର୍ଡ ପରୀକ୍ଷା ସହଜ ହେବ। ବର୍ତ୍ତମାନର ପାଠ୍ୟକ୍ରମ ପିଲାମାନଙ୍କ ସମେତ ସେମାନଙ୍କ ମାତାପିତାଙ୍କ ଉପରେ ମଧ ମାନସିକ ଚାପ ପକାଉଛି। ତେଣୁ ନୂତନ ଶିକ୍ଷାନୀତିରେ ପାଠ୍ୟକ୍ରମ ହ୍ରାସ କରିବା ପାଇଁ ବିଚାର କରାଯାଉଛି। ଏନ୍‌ଇପି ଅଧୀନରେ ଘରୋଇ ଓ ସରକାରୀ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ସମାନ ନୀତି କାର୍ଯ୍ୟକାରୀ ହେବ। ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନରେ ନାମଲେଖା ନିମନ୍ତେ ଗୋଟିଏ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଅନ୍ୟ ବୈଶିଷ୍ଟ୍ୟ ମଧ୍ୟରେ ରହିଛି ଶିକ୍ଷାନୁଷ୍ଠାନର ପ୍ରଶାସନିକ, ଆର୍ଥିକ ସ୍ୱୟଂଶାସନ କ୍ଷମତା। ନୂତନ ଶିକ୍ଷାନୀତିରେ ଆଞ୍ଚଳିକ ଭାଷାରେ ଇ-ପାଠ୍ୟକ୍ରମର ବିକାଶ କରାଯିବା ସହ ଭର୍ଚୁଆଲ ଲାବରେଟୋରି ଏବଂ ଜାତୀୟ ଶିକ୍ଷା ପ୍ରଯୁକ୍ତି ଫୋରମ୍ (ଏନ୍‌ଇଟିଏଫ୍) ଗଠନ କରାଯିବ। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ପିଲା ଘରେ ବ୍ୟବହାର କରୁଥିବା ଭାଷା, ମାତୃଭାଷା କିମ୍ବା ଆଞ୍ଚଳିକ ଭାଷା ମାଧ୍ୟମରେ ପ୍ରଦାନ କରାଯିବ। ସ୍କୁଲ୍ ପାଠ୍ୟକ୍ରମକୁ ମୌଳିକ ଧାରଣାରେ ସୀମିତ କରାଯିବ। ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ ହେବ। ରିପୋର୍ଟ କାର୍ଡରେ କେବଳ ନମ୍ବର ଏବଂ ମନ୍ତବ୍ୟ ନ ରହି ପିଲାଙ୍କ ଦକ୍ଷତା ଓ ସାମର୍ଥ୍ୟ ସମ୍ପର୍କରେ ସବିଶେଷ ରିପୋର୍ଟ ରହିବ। ଜାତୀୟ ମିଶନ ମୌଳିକ ସାକ୍ଷରତା ଓ ମୌଳିକ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ଦେବ।

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ପୂର୍ବତନ ମୁଖ୍ୟ କେ. କସ୍ତୁରୀରଙ୍ଗନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ନୂତନ ଏନ୍‌ଇପିର ଚିଠାପ୍ରସ୍ତାବ ଗତବର୍ଷ ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କଙ୍କୁ ପ୍ରଦାନ କରିଥିଲେ। ଏହାପରେ ସରକାର ଉକ୍ତ ଚିଠା ପ୍ରସ୍ତାବ ଉପରେ ଶିକ୍ଷା ସହ ସମ୍ପୃକ୍ତ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନର ମତାମତ ଲୋଡ଼ିଥିଲେ। ଏଚ୍‌ଆର୍‌ଡି ମନ୍ତ୍ରଣାଳୟକୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ମତାମତ ମିଳିଥିଲା। ସେଗୁଡ଼ିକୁ ବିଚାରକୁ ନେଇ ଚୂଡ଼ାନ୍ତ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ କରାଯାଇଥିଲା, ଯାହାକୁ କ୍ୟାବିନେଟ ଅନୁମୋଦନ କରିଛି। ସୂଚନାଯୋଗ୍ୟ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଏହାର ନିର୍ବାଚନୀ ଇସ୍ତାହାରରେ ଶିକ୍ଷାନୀତିରେ ପରିବର୍ତ୍ତନ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ବର୍ତ୍ତମାନର ପ୍ରଚଳିତ ଶିକ୍ଷାନୀତି ୧୯୮୬ରେ ପ୍ରସ୍ତୁତ ହୋଇଥିଲା ଓ ୧୯୯୨ରେ ସେଥିରେ କେତେକ ପରିବର୍ତ୍ତନ କରାଯାଇଥିଲା।

## ପ୍ରତିବର୍ଷ ହେବନି...

ଓ ଦକ୍ଷତାର ପରୀକ୍ଷା କରାଯିବ। ବୋର୍ଡ ପରୀକ୍ଷା ପାଇଁ ସମ୍ପୃକ୍ତ ବୋର୍ଡଗୁଡ଼ିକ ସମୟକ୍ରମେ ବାର୍ଷିକ/ସେମିଷ୍ଟର ପରୀକ୍ଷା ଆଦି ବ୍ୟବହାର୍ଯ୍ୟ ମଡେଲର ବିକାଶ କରାଇବେ। ଗଣିତ ସମେତ ସମସ୍ତ ବିଷୟ ଦୁଇଟି ସ୍ତରରେ ପରୀକ୍ଷା ପାଇଁ ଦିଆଯିବ। ପରୀକ୍ଷାକୁ ମଧ ସଂକ୍ଷିପ୍ତ ଏବଂ ବର୍ଣ୍ଣନାତ୍ମକ ଏପରି ଦୁଇଭାଗରେ ବିଭକ୍ତ କରାଯିବ। ନୂଆ ଜାତୀୟ ମୂଲ୍ୟାୟନ କେନ୍ଦ୍ର ‘ପରଖ’ (ପରଫର୍ମାନ୍ସ ଆସେସ୍‌ମେଣ୍ଟ, ରିଭ୍ୟୁ,ଆଣ୍ଡ ଆନାଲିସିସ୍ ଅଫ୍ ନଲେଜ୍ ଫର ହୋଲିଷ୍ଟିକ୍ ଡେଭେଲପମେଣ୍ଟ) ଦ୍ୱାରା ପରୀକ୍ଷାର ଷ୍ଟାଣ୍ଡାର୍ଡ ଧାର୍ଯ୍ୟ କରାଯିବ।

## ସମସ୍ତେ ପଢ଼ିପାରିବେ ...

କୌଣସି ଅନ୍ତରାୟ ରହିବ ନାହିଁ। ଆଇଆଇଟି (ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି) ଭଳି ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ ସାମଗ୍ରିକ ଶିକ୍ଷା ବ୍ୟବସ୍ଥା ୨୦୪୦ ସୁଦ୍ଧା ପ୍ରଚଳନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅର୍ଥାତ୍ ଏହି ପାଠ୍ୟକ୍ରମରେ ବିଜ୍ଞାନ ବିଷୟ ଥିବା ପିଲାଙ୍କୁ କଳା ବିଷୟ ଓ କଳା ବିଷୟ ରଖିଥିବା ପିଲାଙ୍କୁ ବିଜ୍ଞାନ ପଢ଼ିବାର ସୁଯୋଗ ମିଳିବ। ନୂତନ ଶିକ୍ଷାନୀତିରେ ୪ ବର୍ଷର ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ପାଇଁ କେତେକ ପ୍ରସ୍ଥାନ ବିକଳ୍ପ ରହିଛି। ୪ ବର୍ଷ ଶିକ୍ଷା ସମାପ୍ତ ପରେ ସେମାନଙ୍କୁ ବହୁବିଷୟକ ସ୍ନାତକ ଡିଗ୍ରୀ ପ୍ରଦାନ କରାଯିବ। ଯଦି ପିଲା ଦୁଇବର୍ଷ ପରେ ପାଠପଢ଼ା ଛାଡ଼ିଦିଏ ତେବେ ଡିପ୍ଲୋମା ସାର୍ଟିଫିକେଟ ମିଳିବ। ୧୨ ମାସ ପରେ ଯେଉଁମାନେ ପାଠ ଛାଡ଼ିଥିବେ ସେମାନଙ୍କୁ ଧନ୍ଦାମୂଳକ କିମ୍ବା ପେସାଦାରୀ ପାଠ୍ୟକ୍ରମରେ ପଢ଼ିବାର ସୁଯୋଗ ମିଳିବ।

## ଉଚ୍ଚଶିକ୍ଷାକୁ ନିୟନ୍ତ୍ରଣ କରିବ ...

ପରିଷଦ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ଥିବାବେଳେ, ସାଧାରଣ ଶିକ୍ଷା ପରିଷଦ ଶିକ୍ଷାର ମାନ ନିର୍ଦ୍ଧାରଣ କରିବ। ସେହିପରି ଉଚ୍ଚଶିକ୍ଷା ଅନୁଦାନ ପରିଷଦ ଶିକ୍ଷାନୁଷ୍ଠାନଗୁଡିକୁ ଅନୁଦାନ ମଞ୍ଜୁର କରିବାକୁ ଥିବାବେଳେ ଜାତୀୟ ସ୍ୱୀକୃତି ପରିଷଦ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିବ।

## ମାଟ୍ରିକ ପାସ୍ ...

ପାସ୍ ହୋଇଛନ୍ତି। ଏଥିରେ ୨ ଲକ୍ଷ ୨୧ ହଜାର ୪୫୨ ଜଣ ଛାତ୍ରୀ ଓ ୧ ଲକ୍ଷ ୯୯ ହଜାର ୮୦୪ ଜଣ ଛାତ୍ର ରହିଛନ୍ତି। ମାଟ୍ରିକ ପରୀକ୍ଷାରେ ୧୨୭୯ ଜଣ ଏ-୧, ୮୪୫୮ ଜଣ ଏ-୨, ୧୮୧୮୮ ଜଣ ବି-୧, ୩୧୩୨୮ ଜଣ ବି-୨, ୪୯୧୫୩ ଜଣ ସି, ୮୯୫୫୬ ଜଣ ଡି, ୨୨୩୧୯୫ ଜଣ ଇ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏତଦ୍‌ବ୍ୟତୀତ ଚଳିତବର୍ଷ ୬୭୮ଟି ବିଦ୍ୟାଳୟରେ ଶତପ୍ରତିଶତ ପରୀକ୍ଷା ଫଳ ହୋଇଛି। ଗତବର୍ଷ ୨୮୯ ସ୍କୁଲରେ ଶତପ୍ରତିଶତ ପରୀକ୍ଷାଫଳ ହୋଇଥିଲା। ଚଳିତବର୍ଷ ୩୧ଟି ସ୍କୁଲର ପରୀକ୍ଷାଫଳ ଶୂନ ରହିଛି। ଗତବର୍ଷ ଏହି ସଂଖ୍ୟା ୮୨ ରହିଥିଲା। ବରଗଡ଼ ଜିଲାର ପାସ୍ ହାର ସର୍ବାଧିକ ରହିଛି। ଏଠାରେ ୮୯.୩୭ ପ୍ରତିଶତ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି । ୬୦.୧୮ ପ୍ରତିଶତ ପାସ୍ ହାର ସହିତ ନୂଆପଡ଼ା ଜିଲା ସର୍ବନିମ୍ନରେ ରହିଛି । ଚଳିତବର୍ଷ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ୯୧୨୬ ଜଣ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୩୬୫୩ ଜଣ ପାସ୍ ହୋଇଛନ୍ତି ଓ ପାସ୍ ହାର ୪୦.୧୮ ପ୍ରତିଶତ ରହିଛି। ସେହିପରି ମଧ୍ୟମାରେ ୪୨୫୫ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ଏଥିରୁ ୪୧୩୫ ଜଣ ପାସ୍ ହୋଇଛନ୍ତି ଓ ପାସ୍ ହାର ୯୭.୧୮ ପ୍ରତିଶତ ରହିଛି। ପୁନଃ ମୂଲ୍ୟାୟନ ପାଇଁ ଅଗଷ୍ଟ ୬ରୁ ୧୮ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରାଯାଇଛି। ମାଟ୍ରିକ ପରୀକ୍ଷାର ପରୀକ୍ଷାର୍ଥୀ ବୋର୍ଡର ନିଜସ୍ୱ ୱେବ୍‌ସାଇଟ୍‌ରେ ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିପାରିବେ। ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ପରୀକ୍ଷାର୍ଥୀ ଅଫ୍‌ଲାଇନ ଜରିଆରେ ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିବାକୁ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ସପ୍ଲିମେଣ୍ଟାରୀ ପରୀକ୍ଷାସୂଚୀ ଘୋଷଣା କରାଯିବ ବୋଲି ଏଥିରେ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାରିବାରିକ ସମସ୍ୟା, ପରିବହନରେ ଝଗଡ଼ା, ଯାତ୍ରାରେ କଳହର ଆଶଙ୍କାକୁ ଏଡିହେବ ନାହିଁ। ଅବଶ୍ୟ କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଅପେକ୍ଷାକରି ରହିଥିବା ଖବର ପାଇ ମନ ଖୁସି ହୋଇଯାଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବା କାରଣରୁ ବିବ୍ରତବୋଧ କରିପାରନ୍ତି ।

**ବୃଷ** ସପ୍ତମଭାବସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ, କିନ୍ତୁ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ । ଆର୍ଥିକ ସ୍ଥିତିରେ ଅଭାବନୀୟ ପରିସ୍ଥିତି କାର୍ଯ୍ୟହାନିର କାରଣ ହୋଇପାରେ । ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ କର୍ମକ୍ଷେତ୍ର ସମସ୍ୟାବହୁଳ ରହିବ ।

**ମିଥୁନ** ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତା କାରଣରୁ ଦୈହିକ ଓ ମାନସିକ ସୁସ୍ଥତା ହରାଇବେ । ଚନ୍ଦ୍ରଙ୍କ ଦୁର୍ବଳତା ଅର୍ଥସଂକଟ, ଋଣ ପରିଶୋଧ, ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ପାଇଁ ଚିନ୍ତିତ କରାଇପାରେ । ପୃଷ୍ଠପୋଷକମାନଙ୍କ ସହାୟତାରେ ରାଜନୀତି ତଥା ଗଠନମୂଳକ କାର୍ଯ୍ୟ ପ୍ରତି ମନ ବଳିପାରେ ।

**କର୍କଟ** ଆଧାତ୍ମିକ ଗ୍ରହ ଶନିଙ୍କ ଦୃଷ୍ଟିରେ ମନକାରକ ଚନ୍ଦ୍ର ଭଗବତ୍‌ଚିନ୍ତନ ଦିଗକୁ ଅଗ୍ରସର କରାଇବ । କର୍ମକ୍ଷେତ୍ରରେ ସାମୟିକ ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯାଇପାରେ । ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ସଭାସମିତି ଓ ମାଙ୍ଗଳିକ କାର୍ଯ୍ୟରେ ବାଧା ଉପୁଜିପାରେ ।

**ସିଂହ** ପରିସ୍ଥିତିବଶତଃ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଅବହେଳା କରିପାରନ୍ତି । କେତେକ ଗୁରୁତ୍ୱପୂର୍ଣ୍ଣ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ । ସହକର୍ମୀଙ୍କ ସାହାଯ୍ୟ,ସହଯୋଗରୁ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ । ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ପଡ଼ିବ ।

**କନ୍ୟା** ପରିବାରରେ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ । ଚନ୍ଦ୍ରଙ୍କ ସ୍ଥିତି ଜନିତ ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇଦେବ । ଆଜିର ପ୍ରତ୍ୟୁଷ ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରା ବିଳମ୍ବ ଘଟିପାରେ । ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି ।

**ତୁଳା** ସକାଳୁ ସକାଳୁ ଶୁଭ ଖବର ପାଇ ମନ ଏକ ପ୍ରକାର ଖୁସି ହୋଇଯିବ । କିନ୍ତୁ ଦୁର୍ବଳ କର୍ମାଧିପ କାରଣରୁ ସବୁ କାମ ବହୁ ଡେରିରେ ହେଉଥିବାରୁ ମନଟା ଭଲ ଲାଗିବ ନାହିଁ । ଘର ସାଜସଜ୍ଜା କମ୍ବା ମରାମତି କାମରେ ସମୟ ଅତିବାହିତ କରିବେ । ପାରିବାରିକ ସମସ୍ୟାର ସରଳ ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିପାରନ୍ତି ।

**ବିଛା** ଶନି ନକ୍ଷତ୍ରସ୍ଥ ବଳହୀନ ଚନ୍ଦ୍ରଙ୍କ କାରଣରୁ ବିଭିନ୍ନ ପ୍ରକାର ଦୁର୍ଭାବନାରେ ମନ ବିଚଳିତ ରହିବ । ମାତ୍ର ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ କରିପାରନ୍ତି । ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ ।

**ଧନୁ** ପରିବାରର ଖର୍ଚ୍ଚ ପରିମାଣ ବଢ଼ିଯିବା କାରଣରୁ ମାନସିକ ସ୍ଥିତି ବିଗିଡି ଯାଇପାରେ । ବକ୍ରୀ ତୃତୀୟାଧିପଙ୍କ ଯୋଗୁ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ ଭୁଲ୍ ବୁଝିବେ । ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ । ବନ୍ଧୁଙ୍କ ମନୋରଞ୍ଜନ କାର୍ଯ୍ୟରେ ଅଂଶଗ୍ରହଣ କରିପାରନ୍ତି ।


**ମକର** ଆତ୍ମୀୟଙ୍କ ନିକଟରୁ ସକାଳୁ ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ । ବନ୍ଧୁଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ । କର୍ମକ୍ଷେତ୍ରରେ ସ୍ଥିରତା ଫେରିଆସିବାର ସମ୍ଭାବନା ରହିଛି । ନିଜ କୃତକର୍ମର ପରିଣାମସ୍ୱରୂପ ଲୋକଙ୍କ ଉପରୁ ଆସ୍ଥା ହରାଇପାରନ୍ତି ।

**କୁମ୍ଭ** କେନ୍ଦ୍ରସ୍ଥ ଶୁକ୍ରଙ୍କ ଯୋଗୁ କର୍ମକ୍ଷେତ୍ର, ପରିବାର, ଯାନବାହନ,ବନ୍ଧୁ ସମ୍ପର୍କ ଦୃଢ଼ୀଭୂତ ହେବ । ବିନା ଆହ୍ୱାନରେ ଅନ୍ୟମାନଙ୍କ ସକାଶେ ଭଲ କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି । ଅନ୍ୟମନସ୍କତାରୁ ହାତ ପାଦ କିମ୍ବା ଆଣ୍ଠୁଗଣ୍ଠିରେ ପୀଡ଼ା ଲାଗିପାରେ । ଦୂରସ୍ଥାନକୁ ଯିବାକୁ ମନସ୍ଥ କରି ବାଟରୁ ଫେରି ଆସିବାକୁ ପଡ଼ିବ ।

**ମୀନ** ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବଢ଼ିବ । ଅଧସ୍ତନ କର୍ମଚାରୀଙ୍କୁ ଅସହ୍ୟ କଟୁକଥା ପ୍ରୟୋଗ କରି ଅପମାନିତ ହେବେ । ପ୍ରଶାସନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ । ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ଚିନ୍ତିତ ରହିପାରନ୍ତି ।

ଆଜି ଶ୍ରାବଣ ଶୁକ୍ଳପକ୍ଷର ସର୍ବସମ୍ମତ ହରିଶୟନୀ ବଡ଼ ଏକାଦଶୀ ଗୁରୁବାର, ଲକ୍ଷ୍ମୀନାରାୟଣ ବ୍ରତ, ଉତ୍କଳେ ସର୍ବତ୍ର ଝୁଲଣଯାତ୍ରା,ଚାତୁର୍ମାସ୍ୟାବ୍ରତାରମ୍ଭ, ଅଶୁଦ୍ଧକାଳ ଆରମ୍ଭ,ଜୁଲାଇ ୩୦ ତାରିଖ,ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୦୫।୨୫ ଗତେ ଘ.୦୭।୦୮ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୧୦ ମଧ୍ୟେ ମାହେନ୍ଦ୍ରବେଳା। ରାତ୍ରି.ଘ.୦୨।୨୮ ଗତେ ଘ.୦୩।୧୨ମଧ୍ୟେ ଅମୃତବେଳା। ଦିବା ଘ.୦୧।୩୦ ଗତେ ଘ.୦୩।୦୬ ମଧ୍ୟେ ରାହୁକାଳ।

**'ଶିକ୍ଷା ବ୍ୟବସ୍ଥା ଧ୍ୱଂସ ହୋଇଯିବ'** କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ନୂଆ ଶିକ୍ଷାନୀତି ଏକପାଖିଆ ଓ ଏହା ଦେଶର ଶିକ୍ଷାବ୍ୟବସ୍ଥାକୁ ଧ୍ୱଂସ କରିଦେବ ବୋଲି ବୁଧବାର ସିପିଆଇ(ଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ନୀତି ନିର୍ଦ୍ଧାରଣରେ ପାର୍ଲାମେଣ୍ଟକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଡିଠା ପ୍ରସ୍ତାବ ଉପରେ ଲୋକଙ୍କ ମତାମତ ଲୋଡ଼ାଯାଇଥିଲା। ୨ ଲକ୍ଷ ମତାମତ ଆସିଥିଲେ ହେଁ କିଛି ଗ୍ରହଣ କରା ନ ଯାଇ ନୂଆ ଶିକ୍ଷାନୀତିକୁ ଲାଗୁ କରାଯାଇଛି।




ଲକ୍‌ଡାଉନ ଯୋଗୁ କୋଲକାତାର ଏକ ଫ୍ଲାଏଓଭର ଜନଶୂନ୍ୟ ହୋଇପଡ଼ିଛି।

# କରୋନା ଚିକିତ୍ସା ଲାଗି ଆସିଲା ଔଷଧ 'ଫାଭିଭିର'

ହାଇଦ୍ରାବାଦ,୨୯।୭(ଆଇଏଏନ୍ଏସ୍)

ଭାରତର ପ୍ରମୁଖ ଔଷଧ କମ୍ପାନୀ ହେଟେରୋ ପକ୍ଷରୁ ବୁଧବାର କରୋନା ଚିକିତ୍ସା ଲାଗି 'ଫାଭିଭିର'(ଫାଭିପିରାଭିର) ନାମକ ଏକ ଔଷଧ ଲଞ୍ଚ କରାଯାଇଛି। ଏହି ସ୍ୱଳ୍ପ ମୂଲ୍ୟର ଔଷଧ କରୋନା ଭୂତାଣୁ ଆକ୍ରାନ୍ତ ଲୋକଙ୍କୁ ସୁସ୍ଥ କରିପାରିବ ବୋଲି କମ୍ପାନୀ ପକ୍ଷରୁ ଦାବି କରାଯାଇଛି। ଏହି ଔଷଧର ୨୦୦ ମିଲିଗ୍ରାମର ମୂଲ୍ୟ ୫୯ ଟଙ୍କା ରହିଛି। ହେଟେରୋ ହେଲ୍‌ଥ କେୟାର ପକ୍ଷରୁ ଏହାର ବଜାର ପ୍ରବେଶ କରାଯାଇଛି। ବୁଧବାରଠାରୁ ଦେଶବ୍ୟାପୀ ସମସ୍ତ ହସ୍ପିଟାଲ ଓ ରିଟେଲ ଔଷଧ ଦୋକାନରେ ଏହା ଉପଲବ୍ଧ ହୋଇଛି। ପ୍ରେସ୍କ୍ରିପ୍‌ଶନ ମାଧ୍ୟମରେ ଯେକେହି ଏହାକୁ କ୍ରୟ କରିପାରିବେ। ଡିସିଜିଆଇର ଅନୁମୋଦନ ପରେ ସର୍ବସାଧାରଣଙ୍କ ଲାଗି ଏବେ ଏହି କରୋନା ଔଷଧ ଉପଲବ୍ଧ। କୋଭିଫର(ରେମ୍‌ଡେସିଭିର୍) ପରେ ହେଟେରୋର ଏହା ଦ୍ୱିତୀୟ କରୋନା ଔଷଧ।




# ଭାରତ ଆସିଲା ରାଫାଲ ଯୁଦ୍ଧବିମାନ

ନୂଆଦିଲ୍ଲୀ, ୨୯।୭



ବହୁ ପ୍ରତୀକ୍ଷିତ ରାଫାଲ ଯୁଦ୍ଧବିମାନ ବୁଧବାର ଭାରତରେ ପହଞ୍ଚିଛି। ଫ୍ରାନ୍ସରୁ ୭ ହଜାର କିଲୋମିଟର ଦୂରତା ଅତିକ୍ରମ କରି ୫ଟି ରାଫାଲ ବିମାନ ଅପରାହ୍ନ ୧ଟା ୨୯ରେ ଭାରତୀୟ ବାୟୁସୀମାରେ ପ୍ରବେଶ କରିଥଲା। ବିମାନଗୁଡ଼ିକ ୟୁଏଇରୁ ଉଡ଼ାଣ ଆରମ୍ଭ କରି ଭାରତରେ ପ୍ରବେଶ କରିବା ପରେ ଆଇଏନ୍ଏସ୍ କୋଲକାତା କଣ୍ଟ୍ରୋଲ ରୁମ୍‌ରୁ ବିମାନଗୁଡ଼ିକୁ ସ୍ୱାଗତ କରାଯାଇଥିଲା। ହରିୟାଣାର ଅମ୍ବାଲା ଏୟାରବେସ୍‌ରେ ବିମାନଗୁଡ଼ିକ ଅପରାହ୍ନ ୩ଟା ୧୧ରେ ଅବତରଣ କରିଥିଲା। ୫୫ ହଜାର ଫୁଟ ଉଚ୍ଚତାରୁ ରାଫାଲ ଶତ୍ରୁପକ୍ଷର ଶିବିରକୁ ଧ୍ୱଂସ କରିବାକୁ ସକ୍ଷମ ହେବ। ଭାରତୀୟ ବାୟୁସେନାର ପ୍ରତିରକ୍ଷା ଶକ୍ତିବୃଦ୍ଧି ଏହାଦ୍ୱାରା ବହୁଗୁଣା ବୃଦ୍ଧି ପାଇବ ବୋଲି କୁହାଯାଉଛି।

ରାଫାଲ ଯୁଦ୍ଧବିମାନ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସ୍କୃତ ଶ୍ଳୋକ ମାଧ୍ୟମରେ ଏହାକୁ ସ୍ୱାଗତ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ

## ଚାଇନାକୁ ଚେତାବନୀ ଦେଲେ ରାଜନାଥ

ମଧ୍ୟ ରାଫାଲ ଆଗମନ ପରେ ଭାରତୀୟ ବାୟୁସେନାକୁ ଅଭିନନ୍ଦନ ଜଣାଇଛନ୍ତି। ଅପରପକ୍ଷରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭାରତର ଅଖଣ୍ଡତା ଓ ସଂହତି ଭଙ୍ଗ କରୁଥିବା ଦେଶ ବିରୋଧରେ ଏହା ବ୍ୟବହାର କରାଯିବ ବୋଲି କହି ଚାଇନାକୁ ପରୋକ୍ଷ ଚେତାବନୀ ଦେଇଛନ୍ତି। ପୂର୍ବ ଲଦାଖସ୍ଥିତ ଏଲ୍ଏସିରେ ଭାରତ-ଚାଇନା ସୈନ୍ୟ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ତିକ୍ତତା ବଢୁଥିବାରୁ ଭାରତ ଲାଗି ରାଫାଲ ବରଦାନ ସଦୃଶ ହୋଇଛି। ଏହି ଗେମ୍ ଚେଞ୍ଜର ଯୁଦ୍ଧବିମାନ ବାୟୁସେନାର ଶକ୍ତିବୃଦ୍ଧି କରିବା ସହ ଜଳ, ସ୍ଥଳ ଓ ଆକାଶ ମାର୍ଗରେ ଶତ୍ରୁପକ୍ଷକୁ ମାତ୍ ଦେଇପାରିବ। ଚାଇନା ଏବଂ ପାକିସ୍ତାନ ପାଖରେ ଏଭଳି ବିକଶିତ ଯୁଦ୍ଧ ବିମାନ ନ ଥିବାରୁ ସେମାନଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ପ୍ରକାଶଥାଉ କି, ରାଫାଲ ବିମାନର ଅବତରଣକୁ ଦୃଷ୍ଟିରେ ରଖି ଅମ୍ବାଲା ଏୟାରବେସ୍ ନିକଟବର୍ତ୍ତୀ ୪ଟି ଗାଁରେ ୧୪୪ ଧାରା ଜାରି କରାଯାଇଥିଲା। କେହି ଘର ଛାତ ଉପରକୁ ଯାଇପାରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।

# ମାମଲା ମୁମ୍ବାଇ ସ୍ଥାନାନ୍ତର ହେଉ

## ସୁପ୍ରିମକୋର୍ଟରେ ରିଆଙ୍କ ଆବେଦନ

ମୁମ୍ବାଇ,୨୯।୭: ଅଭିନେତା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା ମାମଲାର ଖିଅ ଲମ୍ବି ଲମ୍ବି ଚାଲିଛି। ମଙ୍ଗଳବାର ସୁଶାନ୍ତଙ୍କ ବାପା କେ. କେ. ସିଂ ରିଆ ଚକ୍ରବର୍ତ୍ତୀଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି ମାମଲା ରୁଜୁ କରିଥିଲେ। ରିଆ ସୁଶାନ୍ତଙ୍କ ଟଙ୍କା, ଲାପ୍‌ଟପ୍, ଜୁଏଲେରି, କ୍ରେଡିଟକାର୍ଡ ସବୁ ନେଇଯାଉ ତାଙ୍କୁ ପ୍ରତାରଣା କରିଆସୁଥିଲେ। ଏମିତିକି ଆତ୍ମହତ୍ୟା ଲାଗି ଉସୁକାଉଥିଲେ ବୋଲି ଅଭିଯୋଗ କରାଯାଇଛି। ରିଆଙ୍କ ବିରୋଧରେ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ଏହା ପରେ ବୁଧବାର ରିଆ ମାମଲାକୁ ପାଟନାରୁ ମୁମ୍ବାଇ ସ୍ଥାନାନ୍ତର କରିବା ଲାଗି ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ରିଆଙ୍କ ଓକିଲ କହିଛନ୍ତି, ମୁମ୍ବାଇରେ ଏହି ଘଟଣାର ସମସ୍ତ ତଦନ୍ତ ଚାଲିଥିବାବେଳେ ପାଟନାରେ ମାମଲା ରୁଜୁକରିବା ବେଆଇନ କାର୍ଯ୍ୟ। ଦୁଇ ଅଲଗା ରାଜ୍ୟର ପୋଲିସ ଗୋଟିଏ ମାମଲାର ଠିକ୍ ତଦନ୍ତ କରିପାରିବେନି ବୋଲି ଆବେଦନରେ ଦର୍ଶାଯାଇଛି।



ରିଆ ଚକ୍ରବର୍ତ୍ତୀ

# ୧୦ ଲକ୍ଷରୁ ଉର୍ଦ୍ଧ୍ୱ ସୁସ୍ଥ

ନୂଆଦିଲ୍ଲୀ,୨୯।୭

- ୩୫ ହଜାର ଜୀବନ ଗଲାଣି
- ଦେଶରେ ୧୫.୮୦ ଲକ୍ଷ ଆକ୍ରାନ୍ତ
- ୨୪ ଘଣ୍ଟାରେ ୪୮,୫୧୩ ସଂକ୍ରମିତ

ଭାରତରେ ମହାମାରୀ କରୋନାର ଉଗ୍ର ସଂକ୍ରମଣ ଜାରି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ୪୮,୫୧୩ ବ୍ୟକ୍ତି ଆକ୍ରାନ୍ତ ହୋଇଥିବାବେଳେ ଆକ୍ଟିଭ୍ ମାମଲା ବଢ଼ି ୧୫.୮୦ ଲକ୍ଷରେ ପହଞ୍ଚିଲାଣି। ଅନ୍ୟପକ୍ଷରେ ୧୦ ଲକ୍ଷରୁ ଅଧିକ ରୋଗୀ ସୁସ୍ଥହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ସୁସ୍ଥହାର ଏବେ ୬୪.୨୪କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି। ଦିନକୁ ୪ ଲକ୍ଷରୁ ଅଧିକ ଲୋକଙ୍କ କରୋନା ପରୀକ୍ଷା କରାଯାଉଛି। ଏହା ସତ୍ତ୍ୱେ ବି ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମହାରାଷ୍ଟ୍ରରେ ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ଟପିଥିବାବେଳେ ତାମିଲନାଡୁରେ ୨.୩୪ ଲକ୍ଷ, କର୍ଣ୍ଣାଟକରେ ୧.୧୨ ଲକ୍ଷ, ଉତ୍ତରପ୍ରଦେଶରେ ୭୮ ହଜାର, ଆନ୍ଧ୍ରପ୍ରଦେଶରେ ୧.୨୦ ଲକ୍ଷ, ରାଜଧାନୀ ଦିଲ୍ଲୀରେ ୧.୩୩ ଲକ୍ଷ ରହିଛି। ସଂକ୍ରମଣ ତୁଳନାରେ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଔଷଧ ଲାଗି ପ୍ରତିଯୋଗିତା ଚାଲିଥିବାବେଳେ ମହାମାରୀ କରୋନାର ତାଣ୍ଡବଲୀଳା ଭୟଙ୍କର ରୂପ ଧାରଣ କରିଛି।



# ଦିଲ୍ଲୀ, ମୁମ୍ବାଇରେ କମୁଛି ସଂକ୍ରମଣ

**ନୂଆଦିଲ୍ଲୀ, ୨୯।୭:** ଭାରତରେ କରୋନା ମହାମାରୀ ଆତଙ୍କ ଦେଖାଦେଇଛି। ପୂର୍ବରୁ ଦିଲ୍ଲୀରେ କରୋନା ସଂକ୍ରମଣ ଧୀରେଧୀରେ କମୁଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ଏବେ ମୁମ୍ବାଇରେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ଏଠାରେ କରୋନା ସଂକ୍ରମଣ ମଧ୍ୟ କମୁଛି। ଦିଲ୍ଲୀରେ ଲୋକଙ୍କଠାରେ ହର୍ଡ ଇମ୍ୟୁନିଟି ସୃଷ୍ଟି ହୋଇଥିବାରୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିଥିଲା। ସେହିପରି ଏବେ ମୁମ୍ବାଇର ଝୁମ୍ପଡ଼ି ବସ୍ତି ଏବଂ ଅନ୍ୟ ଅଞ୍ଚଳରେ ଲୋକଙ୍କଠାରେ ହର୍ଡ ଇମ୍ୟୁନିଟି ସୃଷ୍ଟି ହୋଇଛି। ମୁମ୍ବାଇ ବସ୍ତି ଅଞ୍ଚଳର ୫୭ ପ୍ରତିଶତ ଲୋକଙ୍କଠାରେ ଆଣ୍ଟିବଡି ରହିଥିବା ଯାଞ୍ଚରୁ ଜଣାପଡ଼ିଛି। ଏସବୁ ଅଞ୍ଚଳରେ ବାସ କରୁଥିବା ୬ ହଜାର ୯୩୬ ଲୋକଙ୍କଠାରୁ ଜୁନ୍‌ର ପ୍ରଥମ ୧୫ ଦିନ ମଧ୍ୟରେ ନମୁନା ସଂଗ୍ରହ କରାଯାଇଥିଲା। ପରୀକ୍ଷାରୁ ଜଣାପଡ଼ିଥିଲା ଯେ, ଲୋକଙ୍କଠାରେ କରୋନା ଭୂତାଣୁ ବିରୋଧ ଆଣ୍ଟିବଡି ସୃଷ୍ଟି ହୋଇ ସାରିଛି। ମୁମ୍ବାଇରେ ବିନା ଲକ୍ଷଣ ଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ଥିବା କୁହାଯାଉଛି। ଦେଶର କରୋନା ସଂକ୍ରମିତ ଅଞ୍ଚଳରେ ଯଦି ୭୫ ପ୍ରତିଶତ ଲୋକଙ୍କଠାରେ ଆଣ୍ଟିବଡ଼ି ସୃଷ୍ଟି ହୋଇଯିବ, ତେବେ ଆଉ କରୋନାର ଭୟ ରହିବ ନାହିଁ। ଏଭଳି ପ୍ରତିରୋଧକ କ୍ଷମତା ସୃଷ୍ଟି ହେବା ପ୍ରକ୍ରିୟାକୁ ଡାକ୍ତରୀ ଭାଷାରେ ହର୍ଡ ଇମ୍ୟୁନିଟି କୁହାଯାଇଥାଏ। ମୁମ୍ବାଇର ବସ୍ତି ଅଞ୍ଚଳରେ ବାସ କରୁଥିବା ଲୋକଙ୍କର ନମୁନା ପୁଣି ଥରେ ଯାଞ୍ଚ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ୧୪ରୁ ରାଜସ୍ଥାନ ବିଧାନସଭା ଅଧିବେଶନ

ଜୟପୁର,୨୯।୭ : ରାଜସ୍ଥାନ କ୍ୟାବିନେଟ ପକ୍ଷରୁ ବୁଧବାର ପୁଣି ଏକ ପ୍ରସ୍ତାବ ରାଜ୍ୟପାଳ କଲରାଜ ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଏଥିରେ ବିଧାନସଭା ଅଧିବେଶନ ଅଗଷ୍ଟ ୧୪ରୁ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ୨୧ ଦିନ ପୂର୍ବରୁ ନୋଟିସକୁ ଅଣାଯାଇଥିବାରୁ ରାଜ୍ୟପାଳ ଏହାକୁ ଗ୍ରହଣ କରିବା ଉଚିତ ବୋଲି ଦର୍ଶାଯାଇଥିଲା। ପ୍ରଥମେ ଜୁଲାଇ ୨୩ରୁ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିବା କ୍ୟାବିନେଟ ପକ୍ଷରୁ କୁହାଯାଇଥିଲା। ପ୍ରକାଶଥାଉ କି, ପୂର୍ବରୁ ସରକାରଙ୍କ ୩ ଅନୁରୋଧକୁ ରାଜ୍ୟପାଳ ଫେରାଇ ଦେଇଥିଲେ। ଯଦି ସରକାର ଆସ୍ଥାଭୋଟ ଲୋଡୁଛନ୍ତି, ତେବେ ବିଧାନସଭା ଅଧିବେଶନ ଡାକିବାରେ କୌଣସି ଆପତ୍ତି ନାହିଁ ବୋଲି ରାଜ୍ୟପାଳ କହିଥିଲେ। ଏଥର କିନ୍ତୁ ରାଜ୍ୟପାଳ ବିଧାନସଭା ଅଧିବେଶନ ଡାକିବା ଲାଗି ରାଜି ହୋଇଛନ୍ତି। ଅଗଷ୍ଟ ୧୪ରୁ ରାଜସ୍ଥାନ ବିଧାନସଭା ଅଧିବେଶନ ବସିବ ବୋଲି ସବୁଜ ସଙ୍କେତ ମିଳିଛି।



ରାଜସ୍ଥାନ ପ୍ରଦେଶ କଂଗ୍ରେସ କମିଟି ସଭାପତିଭାବେ ଗୋବିନ୍ଦ ସିଂ ଦୋତସ୍ରା ଦାୟିତ୍ୱ ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ଅନ୍ୟମାନେ ତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

# ରାଫାଲକୁ ନେଇ କେନ୍ଦ୍ରକୁ ରାହୁଲଙ୍କ ୩ ପ୍ରଶ୍ନ

ନୂଆଦିଲ୍ଲୀ,୨୯।୭: ଭାରତରେ ୫ ରାଫାଲ ଯୁଦ୍ଧବିମାନ ପହଞ୍ଚିବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହାକୁ ନେଇ ୩ ପ୍ରଶ୍ନ ସରକାରଙ୍କୁ ପଚାରିଛନ୍ତି। ମନମୋହନ ସିଂ ସରକାର କ୍ଷମତାରେ ଥିବାବେଳେ ଭାରତୀୟ ବାୟୁସେନା ଲାଗି ୩୬ ପରିବର୍ତ୍ତେ ୧୨୬ ଲଢୁଆ ବିମାନ କିଣାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ପ୍ରତିଟି ବିମାନ କ୍ରୟ ଲାଗି ୧୬୭୦ କୋଟି ପରିବର୍ତ୍ତେ ୫୨୬ କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲା। ରାଫାଲ କ୍ରୟରେ ଦୁର୍ନୀତି ହୋଇଥିବା ରାହୁଲ ଅଭିଯୋଗ ଆଣିଛନ୍ତି। ଏଥିସହ ହାଲ୍ ପରିବର୍ତ୍ତେ ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ୩୦ ହଜାର କୋଟିର ଚୁକ୍ତି ଦିଆଗଲା କାହିଁକି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି।


**ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଖୋର୍ଦ୍ଧା**

**ବିଜ୍ଞପ୍ତି**

No. g-11: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରତିପାଳକ ଯତ୍ନ (Foster Care) ବ୍ୟବସ୍ଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପ୍ରଚଳନ କରାଯାଇଅଛି। ଏହି ପ୍ରଚଳିତ ବ୍ୟବସ୍ଥାର ଲକ୍ଷ୍ୟ, ଯେଉଁଠି ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଅସ୍ଥାୟୀ ଭାବରେ ଅଣସମ୍ପର୍କୀୟ ପରିବାର ସହିତ ସ୍ୱଳ୍ପ କିମ୍ବା ଦୀର୍ଘ ସମୟ ପାଇଁ ରଖାଯାଇଥାଏ ଏବଂ ଆବଶ୍ୟକସ୍ଥଳେ ପାରିବାରିକ ପରିସ୍ଥିତି ପରିବର୍ତ୍ତନ ହେଲେ ପୁନଶ୍ଚ ସେମାନଙ୍କୁ ପରିବାର ସହିତ ମିଳନ କରିବାର ବ୍ୟବସ୍ଥା ରହିଅଛି। ଏହା କିଶୋର ନ୍ୟାୟ ଆଇନ 2015 ଅନ୍ତର୍ଗତ ଧାରା 44 ଓ କିଶୋର ନ୍ୟାୟ ନିୟମ 2016 ଅନ୍ତର୍ଗତ ଅଧିନିୟମ 23 ଏବଂ ମଡେଲ ଗାଇଡ ଲାଇନ, ପ୍ରତିପାଳନ ଯତ୍ନ (Foster Care) 2016 ଅନୁଯାୟୀ ଶିଶୁମାନଙ୍କୁ ଥଇଥାନ କରାଯିବାର ବ୍ୟବସ୍ଥା ରହିଅଛି। ପ୍ରତିପାଳନ ନିମନ୍ତେ ଇଚ୍ଛୁକ ସଂଗଠନ/ପିତାମାତାମାନେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ଫୋନ୍ ନମ୍ବର - 9439633715ଙ୍କୁ ଆବେଦନ କରନ୍ତୁ। ଦରଖାସ୍ତ ଫର୍ମ ଓ ନିୟମାବଳୀ ସମ୍ବନ୍ଧୀୟ ସମସ୍ତ ତଥ୍ୟ www.khordha.nic.inରେ ଉପଲବ୍ଧ ଅଛି।

ସ୍ୱା./- ଜିଲ୍ଲାପାଳ, ଖୋର୍ଦ୍ଧା

OIPR-33016/11/0009/2021



**OFFICE OF THE HOD, TRANSFUSION MEDICINE VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR)**

E-mail: vssmch@gmail.com

No. 652/TM Dated, Burla, the 29.07.2020

**TENDER CALL NOTICE**

No. E-148: Sealed tenders are hereby invited by the undersigned from the Registered Firms/Co-operative Society having up-to-date VAT Clearance Certificate for supply & printing of form, Money Receipt, Group Slip etc. to this Blood Bank during the year 2020-2021 so as to reach the Office of the H.O.D., Transfusion Medicine, VSS VIMSAR, Burla on or before **26.08.2020 upto 5.00 P.M.** by Registered Post/Speed Post only which will be opened on **27.08.2020 at 12.30 P.M.**

The detailed list along with terms and conditions of Tender Call Notice can be obtained from the Office of the H.O.D., Transfusion Medicine, VSS IMS&R, Burla during the office hours on all working days till the last date of receipt of the tenders or can be downloaded from Dist. website **www.sambalpur.nic.in** from its date of publication to the last date.

The undersigned reserves the full right to accept or reject any or all the tenders without assigning any reasons thereof.

Sd./- Superintendent
VSS Inst. of Med. Sc. & Research, Burla

OIPR-10026/11/0005/2021



**D.D. AUTONOMOUS COLLEGE, KEONJHAR**

**CORRIGENDUM**

In reference to the advertisement published in Dharitri on dated 24.07.2020, the Walk-in-interview for engagement of Non-Teaching positions for two years regular B.Ed. Programme at D.D. (Autonomous) College, Keonjhar for the Session 2020-21 which was scheduled to be held on. Dt.05.08.2020 at 11.00 A.M. in the College is hereby postponed due to unavoidable circumstances. However other content in the said advertisement remains unchanged.

Sd./-Princial
D.D. (Auto.) College, Keonjhar



अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019

F.No. J-11024(034)/2020-21/S&P Date: 29-07-2020

**E-TENDER CALL NOTICE**

Director, All India Institute of Medical Sciences (AIIMS) Bhubaneswar Odisha, GOI, invites e-tender for **"(1) Basic surgical/operating microscope (2) Spine Set (3) Pelvic and Accetabular Surgery Set, (4) Battery operated drill, (5) Ultrasonic Bone Scalpel, (6) Artoscopy System, (7) Burr System, (8) High Resolution Ultrasonography Machine (9) Neurosurgical operating microscope, (10) Trolley for Instrument Transportation, (11) High End USG Machine, (12) Head and Neck, Laryngeal & Tracheostomy Set, (13) High-Speed Electric Operated Main console with Micro Drill & Micro Saws system with Attachment & Accessories for Plastic & Maxilo Facial Surgery, (14) Battery Operated Drill with Saw & Reamer Facility Machine at AIIMS, Bhubaneswar in Two Bid System"**. The e-tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.nic.in / www.tenderwizard.com and CPP Portal www.eprocure.gov.in.** The sealed e-Tender will be received through Speed post/Reg. post/Courier/by hand only on or before due date & time by office of **Sr. Procurement-Cum Store Officer, AIIMS, Bhubaneswar** and the said e-tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected.

Director, AIIMS, Bhubaneswar reserves the right to reject any or all the e-tenders without assigning any reason thereof.

Sd/-
Sr. Procurement-Cum Store Officer
AIIMS, Bhubaneswar



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍**
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଅତ୍ୟୁଚ୍ଚ ବିଦ୍ୟୁତ୍ ଶକ୍ତି (ନିର୍ମାଣ) ବିଭାଜନ, ଭୋଇନଗର, ଭୁବନେଶ୍ୱର
CIN: U40102OR2004SGC007553

OPTCL Lifeline of Odisha

No.Tech-20/Atri/764 Date : 28.07.2020

**ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍)ଙ୍କ ଖୋର୍ଦ୍ଧା ଜିଲ୍ଲା ଅତ୍ରି ଠାରେ ଥିବା ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରୁ ୧୩୨କେଭି ଖୋର୍ଦ୍ଧା-ବାଲୁଗାଁ ଓ ଖୋର୍ଦ୍ଧା-ପୁରୀ ଲାଇନ୍‌କୁ ସଂଯୁକ୍ତ କରୁଥିବା ୧୩୨ କେଭି ମଲ୍‌ଟି ସର୍କିଟ ଲାଇନ୍‌ର ନିର୍ମାଣ କାର୍ଯ୍ୟ ଶେଷ ହୋଇଅଛି ଏବଂ ଏହି ଲାଇନ୍‌ରେ ଆସନ୍ତା ୩୦.୦୭.୨୦୨୦ ତାରିଖ ଠାରୁ ଯେକୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ପ୍ରବାହିତ କରାଯିବ। ଏହି ଲାଇନ୍‌ଟି ସାନପଲ୍ଲୀ, ରସୁଲପୁର, ଶରଧାପୁର, ହଳଦିଆପଡା, ଗୋପପୁରିଆ-ପାଟପୁର, ନାଲିପଡ଼ା, ଅର୍ଜୁନପୁର, ଜଳରସିଙ୍ଗ, ବୋଡଲାମା, କରଡ଼ଗାଡ଼ିଆ ଗ୍ରାମ ଦେଇ ଗତି କରୁଅଛି।

ଏହି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଲାଇନ୍ ନିକଟରେ ବସବାସ ଓ ଚଳପ୍ରଚଳ କରୁଥିବା ଜନସାଧାରଣ, ନିରାପଦ ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ ଯଥା: ଲାଇନ୍ ତଳେ ଘର ତୋଳିବା, ଲମ୍ବା କାଠ, ବାଉଁଶ, ଲୁହା ଖୁମ୍ବ ଇତ୍ୟାଦି ଉଠାଇବା, ବିଦ୍ୟୁତ୍ ଟାୱାରରେ ଚଢିବା, ସେଥିରେ ଗୃହପାଳିତ ପଶୁ ଇତ୍ୟାଦି ବାନ୍ଧିବା ବିପଦଜନକ ଓ ତାହା ଦ୍ୱାରା ଧନ ଜୀବନ ହାନି ର ଯଥେଷ୍ଟ ଆଶଙ୍କା ଅଛି।

ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ୍‌ର ଧାରା ୭୯, ୮୦, ୮୨(କ) ଅନୁଯାୟୀ ଏହି ବିଦ୍ୟୁତ୍ ପ୍ରବାହିତ ଲାଇନ୍ ତଳେ ଘର ତୋଳିବା ବା ଗଛ ଲଗାଇବା ନିଷେଧ ଓ ଦଣ୍ଡନୀୟ ଅପରାଧ। ଏଣୁ ସର୍ବସାଧାରଣ ନିଜର ଧନ ଜୀବନର ନିରାପତ୍ତା ଦୃଷ୍ଟିରୁ ଉପରୋକ୍ତ ସାଧାରଣ ନିୟମ ଗୁଡିକ ପାଳନ କରିବେ। ଯଦି କୌଣସି ବ୍ୟକ୍ତି ଏହାର ବ୍ୟତିକ୍ରମ କରନ୍ତି, ସେଥିପାଇଁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ. କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସ୍ୱା/-
ଇଂ. ପ୍ରଣୟ ରଞ୍ଜନ ମହାନ୍ତି
ଉପ ମହାପ୍ରବନ୍ଧକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ (ନିର୍ମାଣ) ବିଭାଜନ, ଭୁବନେଶ୍ୱର

Please connect us: optcl.odisha optcl_odisha energyodisha



**OFFICE OF THE COLLECTOR & DISTRICT MAGISTRATE, BALASORE**

**BID INVITATION NOTICE OF RE-TENDER FOR TRANSPORTATION OF MDM FOOD GRAIN IN BALASORE DISTRICT**

No.5961 Date: 28.07.2020

Sealed quotations (Technical & Financial) in the prescribed format are again invited from the intending Registered/Authorized/Licencing Transport Contractors/ Persons fulfilling the Terms & Conditions as specified in the Tender Papers, for Handling and Transportation of food grain under MDM Programme in respect of Balasore District for the Financial Year 2020-21. The interested bidders shall submit the technical & financial bid along with tender paper cost of Rs.10,000/- (non refundable) latest by **25.08.2020 (4.00 P.M.)** to the Office of the District Education Officer, Balasore. Tender papers shall be opened on **26.08.2020 at 11.00 A.M.** at the Office Chamber of Collector & District Magistrate, Balsore. For detailed terms & conditions, kindly visit district website www.baleswar.nic.in. The authority reserves the right to reject any or all tenders without assigning any reason thereof.

Sd./- Collector & District Magistrate
Balasore

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। –ଶ୍ରୀଅରବିନ୍ଦ

# ଚମଡ଼ା ବନାମ କପଡ଼ା ସିଟ୍



ମାନେକା ଗାନ୍ଧୀ

ଅନେକ ବର୍ଷ ପୂର୍ବେ ମୁଁ ଭାରତରେ ମର୍ସିଡିଜ୍ କାର୍ କମ୍ପାନୀ ଲୋକଙ୍କ ସହ କଥା ହୋଇ ସେମାନଙ୍କ କାର୍ ସିଟ୍ ପାଇଁ ଚମଡ଼ା ବ୍ୟବହାର ବନ୍ଦ କରିବାକୁ କହିଥିଲି। ସେମାନେ ଏହାକୁ ବନ୍ଦ କରିନାହାନ୍ତି ସତ, କିନ୍ତୁ ଏହାକୁ ଗ୍ରାହକମାନଙ୍କ ପାଇଁ ଐଚ୍ଛିକ କରିଦେଇଛନ୍ତି। ବର୍ତ୍ତମାନ ଏହା କ୍ରେତାମାନଙ୍କ ଉପରେ ନିର୍ଭର କରୁଛି– ସେମାନେ ଚାହିଁଲେ ତାଙ୍କ ପାଇଁ କାର୍ ସିଟ୍ ଚମଡ଼ାରେ ତିଆରି ହେବ, ନ ଚାହିଁଲେ ଚମଡ଼ା ଛଡ଼ା ଅନ୍ୟ ଉପାଦାନରେ ତିଆରି କରି ଦିଆଯିବ।

ଦୁର୍ଭାଗ୍ୟବଶତଃ ଖୁବ୍ କମ୍ ଧନୀ ବ୍ୟକ୍ତି ସେମାନଙ୍କ ଟଙ୍କାକୁ ନ୍ୟାୟପୂର୍ଣ୍ଣ ଭାବରେ ଖର୍ଚ୍ଚ କରନ୍ତି। ସେମାନେ ଯେତେ ଅଧିକ ରୋଜଗାର କରନ୍ତି, ସେତେ ଅନ୍ୟ ଲୋକଙ୍କୁ ଦେଖାଇବାକୁ ଚାହାନ୍ତି ଯେ ସେମାନେ ତାଙ୍କ ଅପେକ୍ଷା ବଡ଼ ଓ ଧନୀ। ଆଉ ଏହି ବଡ଼ ବୋଲି ଦେଖାଇ ହେବାର ଭାବନା ଭିତରେ ଅଜବ ଜିନିଷ ସବୁ ଖାଇବାର ରୁଚି ସେମାନଙ୍କର ବଢ଼ିଯାଏ। ଯେମିତି, କର୍କଟ ରୋଗକାରୀ କୁହାଯାଉଥିବା ପେଟେ, କ୍ୟାଭିଆର ନାମକ ଗର୍ଭବତୀ ମାଛ ଅଣ୍ଡା, ଫୁଗୁ ପରି ବିରଳ ବିଷାକ୍ତ ମାଛ ଇତ୍ୟାଦି। କୁମ୍ଭୀର, ସାପ ଓ ଜେବ୍ରା ଚମଡ଼ା ପିନ୍ଧିବା ଧନୀମାନଙ୍କର ଏକ ସଉକ।

ପ୍ରାଣୀମାନଙ୍କ ପୀଡ଼ାର ଏକ କାରଣ ହେଉଛି କାର୍‌ରେ ଚମଡ଼ା ସିଟ୍‌ର ବ୍ୟବହାର। ୭୫% ବିଳାସପୂର୍ଣ୍ଣ କାର୍‌ରେ ଚମଡା ସିଟ୍ ବ୍ୟବହାର କରାଯାଏ। ପେଟା (PETA) ହିସାବ କରିଛି ଯେ ଗୋଟିଏ ବର୍ଷରେ ୧.୫ ନିୟୁତ ଚମଡ଼ା ତିଆରି କାର୍ ସିଟ୍ ତଥା ଭିତର ସଜ୍ଜୀକରଣ ସାମଗ୍ରୀ ଉତ୍ପାଦିତ ହୁଏ। ଗୋଟିଏ କାର୍‌ର ଭିତର ତିଆରି କରିବା ପାଇଁ ୮ଟି ଗାଈର ଚମଡ଼ା ଆବଶ୍ୟକ ହୁଏ। କେବଳ ଆମେରିକାରେ ବିଳାସପୂର୍ଣ୍ଣ କାର୍ ପାଇଁ ୧୨ ନିୟୁତ ଗାଈଙ୍କୁ ହତ୍ୟା କରାଯାଉଛି। ଏଥିସହ ୟୁରୋପର କାର୍ ଓ ଦେଖେଇହେବାକୁ ଭଲ ପାଉଥିବା ଭାରତର କୋଟିପତିଙ୍କ କାର୍ ସଂଖ୍ୟାକୁ ମିଶାନ୍ତୁ ଏବଂ ସେଥିପାଇଁ ବର୍ଷକୁ କେତେ ଗୋରୁଙ୍କୁ ହତ୍ୟା କରାଯାଉଥିବ ହିସାବ କରନ୍ତୁ।

ଚମଡା ବ୍ୟବହାର କରୁଥିବା କାର୍ କମ୍ପାନୀଗୁଡିକର ନାମ ଦିଆଗଲା: ସୁବାରୁ ୬୮%, ଜିପ୍ ୬୯%, ଚେଭ୍ରୋଲେଟ୍ ୭୦%, ଫୋର୍ଡ ୭୧%, ଲେକ୍ସସ୍ ୭୮% ଏବଂ ବିଏମ୍‌ଡବ୍ଲ୍ୟୁ ୭୯% ଚମଡ଼ା ବ୍ୟବହାର କରନ୍ତି। ଅବଶିଷ୍ଟ ଚମଡ଼ାର ବିକଳ୍ପ ବ୍ୟବହର କରନ୍ତି। ଭଲ୍‌ଭୋ ୯୮% ଏବଂ ପୋର୍ସେ ୧୦୦% ଚମଡ଼ା ବ୍ୟବହାର କରନ୍ତି ଏବଂ ସମ୍ପୂର୍ଣ୍ଣ ଚମଡ଼ାର ଆଂଶିକ ବ୍ୟତୀତ ସେମାନଙ୍କର ଅନ୍ୟ କୌଣସି ବିକଳ୍ପ ନାହିଁ। ସେହିପରି ଲ୍ୟାଣ୍ଡ୍ ରୋଭର ଏବଂ ଅଡି କେବଳ ଚମଡା ବ୍ୟବହାର କରନ୍ତି।

ଧନୀ ଲୋକମାନେ ମଲା ପଶୁର ଚମଡ଼ା ପ୍ରତି କାହିଁକି ଏତେ ଆଗ୍ରହୀ? ନିର୍ମାତା ଏବଂ କ୍ରେତାଙ୍କ ଦ୍ୱାରା ପ୍ରଦତ୍ତ କାରଣଗୁଡ଼ିକ ହେଉଛି: ଏହା ଏକ ଆନନ୍ଦଦାୟକ ଅନୁଭବ ଆଣିଦିଏ ଏବଂ ଦେଖିବାକୁ ଖୁବ୍ ସୁନ୍ଦର। ଏହା ଦାଗ ଓ ଗନ୍ଧ ପ୍ରତିରୋଧକ। ଏହାକୁ ସଫା କରିବା ଖୁବ୍ ସହଜ। କିନ୍ତୁ ଏ ସମସ୍ତ ତିନୋଟି କାରଣ ମଧ୍ୟରୁ କୌଣସିଟି ସତ୍ୟ ନୁହେଁ। ଆନନ୍ଦଦାୟକ ଅନୁଭବ ଏବଂ ସୁନ୍ଦର ଦେଖାଯିବା ସଂପୂର୍ଣ୍ଣ ସବ୍‌ଜେକ୍ଟିଭ୍, ଏବଂ ମଲା ପଶୁମାନଙ୍କ ଚମଡ଼ା ଉପରେ ବସିବା ଅପେକ୍ଷା ଅରୁଚିକର ଜିନିଷ ଆଉ କ'ଣ ହୋଇପାରେ? ତେଣୁ ଆସନ୍ତୁ ଆମେ ତଥ୍ୟକୁ ଯିବା: ଚମଡ଼ାର ମୂଲ୍ୟ ବହୁତ ଅଧିକ– ସିଟ୍ ପିଛା ୨,୦୦୦ ଡଲାର୍ ପର୍ଯ୍ୟନ୍ତ। ଏହା ଗ୍ରୀଷ୍ମ ଋତୁରେ ଅତି ଶୀଘ୍ର ଗରମ ହୁଏ ଏବଂ ଶୀତ ଦିନେ ଖୁବ୍ ଥଣ୍ଡା ଓ ଟାଣ ହୋଇ ରହିଥାଏ– ଏଥିପାଇଁ ଏୟାରକଣ୍ଡିଶନର, ହିଟର ଏବଂ ସିଟ୍ ୱାର୍ମର୍ ଦରକାର। ଏହା ଅଯଥା ଖର୍ଚ୍ଚ ବଢ଼ାଇବା ସହ କାର୍ ଭିତରଟାକୁ ଅସ୍ୱାସ୍ଥ୍ୟକର କରିତୋଳେ।

ଚମଡ଼ାର ଏକ ନିଆରା ଗନ୍ଧ ଅଛି। ଗାଈ ଓ ବାଛୁରି ଚର୍ମକୁ ଲେଦର ବା ବ୍ୟବହାର ଉପଯୋଗୀ ଚମଡ଼ାରେ ପରିଣତ କରିବା ପାଇଁ ଅନେକ ଶହ ରାସାୟନିକ ପଦାର୍ଥ ଆବଶ୍ୟକ। ସେଗୁଡ଼ିକ ଏତେ ବିପଜ୍ଜନକ ଯେ ଚମଡ଼ା କାରଖାନାଗୁଡ଼ିକର ବର୍ଜ୍ୟବସ୍ତୁ ପଡୁଥିବା ପାଣିରେ ରହୁଥିବା ସବୁ ଜଳଜୀବ ମରିଯାନ୍ତି। ଏହି ରାସାୟନିକ ପଦାର୍ଥଗୁଡ଼ିକ ନିଜ ନିଜର ଦୁର୍ଗନ୍ଧ ସହିତ ବାୟୁମଣ୍ଡଳରେ ସଞ୍ଚରିଥାଏ। ଏକ ଚମଡା ସିଟ୍‌ଯୁକ୍ତ କାର୍‌ରେ ଯାଆନ୍ତୁ: ସିଗାରେଟ୍ ଧୂଆଁଠାରୁ ଏହାର ଗନ୍ଧ ଅଧିକ ଖରାପ। ବାସ୍ତବରେ ସମସ୍ତ ଚମଡାକୁ ପ୍ରଥମେ ଅତର ବା ସୁଗନ୍ଧରେ ବୁଡ଼ାଯାଇଥାଏ। ଟ୍ୟାନ୍‌କରା ଚମଡ଼ାର ଗନ୍ଧ ଭାରି ଅବାଗିଆ। ଥରେ ଅତରର ବାସ୍ନା ସରିଯିବା ପରେ ସିଟ୍ ଭୟଙ୍କରଭାବେ ଗନ୍ଧାଇଥାଏ।

ଚମଡ଼ାର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ। ଚମଡ଼ା ପୃଷ୍ଠରେ ଦେହର ତେଲ ଓ ବାହାରର ଧୂଳି ଲାଗି ଅଳ୍ପଦିନ ପରେ ସେଥିରେ କ୍ରାକ୍ ସୃଷ୍ଟି ହୁଏ। ପୁଣି ଏହା ପାଣି ବା ଆର୍ଦ୍ରତାକୁ ସହିପାରେ ନାହିଁ। ତେଣୁ ଯଦି ଆପଣ ବର୍ଷାବେଳେ ଓଦାହୋଇ ଭିତରକୁ ଯାଆନ୍ତି, ତେବେ ଆପଣଙ୍କର ଚମଡ଼ା ସିଟ୍‌ଗୁଡିକ ନଷ୍ଟ ହୋଇଯିବ। ଓଦା ସିଟ୍‌ରୁ ଆହୁରି ଅଧିକ ଗନ୍ଧ ବାହାରିବ। କାର୍ ଭିତରେ ଆପଣଙ୍କ ପିଲା ବା କୌଣସି ଅସୁସ୍ଥ ବ୍ୟକ୍ତି ଯଦି ବାନ୍ତି କରିପକାନ୍ତି, କିଛି ପିଇଲାବେଳେ ସେଥିରୁ ଯଦି କିଛି ଅଂଶ ତଳେ ପଡ଼େ ବା ସିଟ୍‌ରେ ଝାଳ, ନାକର ସିଂଘାଣି, ଚକୋଲେଟ୍ ଦାଗ ବା ପାଟିର ଲାଳ ଆଦି ଲାଗେ, ତେବେ ଏ ସବୁଦ୍ୱାରା ଚମଡ଼ା ସିଟ୍ କ୍ଷତିଗ୍ରସ୍ତ ହୋଇପାରେ। ଚମଡାକୁ ସ୍କ୍ରାଚ୍ କରିବା ମଧ୍ୟ ସହଜ; ତେଣୁ ଯଦି ଆପଣଙ୍କର କୁକୁର, ବିଲେଇ କିମ୍ବା ପିଲା ଥାଆନ୍ତି, ତେବେ ଏହା ଆପଣଙ୍କ ଗାଡି ପାଇଁ ଭଲ ବିକଳ୍ପ ନୁହେଁ।

ଚମଡା ଭଲ ଦେଖାଯିବା ପାଇଁ ପ୍ରତି ଦୁଇ ମାସରେ ଥରେ ସଫା କରିବା ଓ କଣ୍ଡିସନିଂ କରିବା ଆବଶ୍ୟକ ପଡ଼େ। ଚମଡ଼ା ସିଟ୍ କିଣିବାରେ ଯେମିତି ଅଧିକ ଖର୍ଚ୍ଚ ହୁଏ, ତାକୁ ସଫା କରିବାରେ ବି ସେମିତି ଖର୍ଚ୍ଚ ହୁଏ। ଚମଡ଼ା ସିଟ୍ ପୁରୁଣା ହୋଇଗଲେ ଭାରି ଅସୁନ୍ଦର ଦେଖାଯାଏ। ପୁରୁଣା ଚମଡ଼ା ଜୋତାର ଅବସ୍ଥା ଯେମିତି, ପୁରୁଣା ଚମଡ଼ା ସିଟ୍‌ର ଅବସ୍ଥା ବି ସେମିତି ହୁଏ।

ଗ୍ରୀଷ୍ମଋତୁରେ ଚମଡ଼ା ସିଟ୍‌ଗୁଡ଼ିକ ଏତେ ତାତିଯାଏ ଯେ ଆପଣ ବସିବା ବେଳେ କଷ୍ଟ ଅନୁଭବ କରନ୍ତି। ଖରାଦିନେ ଖୋଲା ଝରକା ବାଟେ ସିଟ୍ ଉପରେ ଖରା ପଡ଼ିଲେ କାର୍‌ର ଉତ୍ତାପ ୨୦୦ ଡିଗ୍ରୀରୁ ଅଧିକ ହୋଇପାରେ। କାରଣ ଚମଡ଼ା ଉତ୍ତାପକୁ ଶୋଷିଥାଏ କିନ୍ତୁ କପଡ଼ା ଶୋଷି ନ ଥାଏ। ଚମଡ଼ା ତିଆରି ଷ୍ଟିଅରିଂ ଚକଗୁଡିକ ଏତେ ଗରମ ହୁଏ ଯେ ହାତକୁ ଫୋଟକା କରିଦେଇପାରେ। ତାତିଲା ଷ୍ଟିଅରିଂକୁ ତୁରନ୍ତ ଧରିବା ଅସମ୍ଭବ, ତେଣୁ ଆପଣ କାର୍ ଭିତରେ ପ୍ରବେଶ କରିବା ପୂର୍ବରୁ ଅତି କମ୍‌ରେ ୧୦ ମିନିଟ୍ ଏୟାର୍‌କଣ୍ଡିଶନର୍ ଚଲାଇବାକୁ ପଡିବ। ଗ୍ରୀଷ୍ମଋତୁରେ ଚମଡ଼ା ସିଟ୍ ମାଲିକମାନଙ୍କୁ ଟାୱେଲ୍ କିମ୍ବା କପଡା ଆବରଣ ବ୍ୟବହାର କରିବାକୁ ପଡ଼େ। ଶୀତଦିନେ ଚମଡା ଥଣ୍ଡା ଓ ଟାଣ ହୁଏ–ଏତେ ଥଣ୍ଡା ଯେ କାର୍‌ର ତାପମାତ୍ରା ତଳକୁ ଖସିଯାଏ ଏବଂ ଆପଣ ଭିତରେ ପ୍ରବେଶ କରିବା ପୂର୍ବରୁ କିଛି ସମୟ ହିଟର ଚଲାଇବାକୁ ପଡ଼େ।

ଯେତେବେଳେ ଆପଣ ପ୍ରଥମେ କାର୍ କିଣିବେ, ନୂଆ ଚମଡ଼ା ସିଟ୍ ବହୁତ କଠିନ ଲାଗିବ। ଚମଡ଼ା ନମନୀୟ ଏବଂ ଆରାମଦାୟକ ହେବାକୁ ମାସେ ସମୟ ଲାଗିଥାଏ। ସେତେବେଳକୁ ଏହା ଏତେ ତେଲ ଏବଂ ଝାଳ ଶୋଷି ନେଇଥାଏ ଯେ ତାକୁ ରାସାୟନିକ ପଦାର୍ଥ ଦ୍ୱାରା ସଫା କରିବା ଆବଶ୍ୟକ ପଡ଼େ ଏବଂ ତା'ପରେ ପୁଣି କଠିନ ଅବସ୍ଥାକୁ ଫେରିଯାଏ। ଏହା ନିଶ୍ଚିତ ଭାବରେ କପଡା କିମ୍ବା ଅଣଚମଡା ସିଟ୍ ଭଳି ଆରାମଦାୟକ ନୁହେଁ।

ଚମଡା ଅତ୍ୟଧିକ ଭାରୀ ଏବଂ ଏହା କାର୍‌ର ଓଜନ ବୃଦ୍ଧି କରିଥାଏ। ଯଦି ଆପଣ ଏକ ଭଲ ପ୍ରଦର୍ଶନକାରୀ କାର୍ ଚାହୁଁଛନ୍ତି (ମୋର ଅନୁମାନ ଧନୀ ଲୋକମାନେ ମଧ୍ୟ ଶୀଘ୍ର ଯାତ୍ରା କରିବାକୁ ଚାହାନ୍ତି), ତେବେ ଅଧିକ ଓଜନ ଆବଶ୍ୟକ ନୁହେଁ। କାର୍ ପାଇଁ ବ୍ୟବହୃତ ଅଧିକାଂଶ ଚମଡା ଭଲ ନୁହେଁ। ପ୍ରତ୍ୟେକ ଅଟୋ ନିର୍ମାତା ଚମଡ଼ା କେଉଁଠୁ ଆଣୁଛନ୍ତି, ତା' ଉପରେ ତା'ର ଗୁଣବତ୍ତା ନିର୍ଭର କରେ। ଚମଡ଼ା ନିମ୍ନମାନର ହେଲେ ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ।

ଚମଡା ବହୁତ ଖସଡ଼ା। ପ୍ରତ୍ୟେକ ଥର ଯେତେବେଳେ ଆପଣ ଶୀଘ୍ର ଏକ ମୋଡ଼ ନିଅନ୍ତି, କିମ୍ବା ନାଲି ସଂକେତ ଦେଖି ଅଟକି ରହିବାକୁ ପଡେ, ସେତେବେଳେ ଆପଣ ସିଟ୍‌ରୁ ଟିକିଏ ଖସଡ଼ିଯାନ୍ତି। କିନ୍ତୁ କପଡା ସିଟ୍‌ରେ ଏପରି ହୁଏ ନାହିଁ।

ଚମଡାର ବିକଳ୍ପ ବି ଅସଲି ଚମଡା ପରି ଦେଖାଯାଏ। ଯେହେତୁ ଏହା ଭିନାଇଲରେ ନିର୍ମିତ, ଏଥିରେ ପଡ଼ିଥିବା ଖାଦ୍ୟ କିମ୍ବା ତରଳ ପଦାର୍ଥ ସହଜରେ ପୋଛି ହୋଇପାରେ। ତେଣୁ ଏହାକୁ ସଫା ରଖିବା ସହଜ। ମର୍ସିଡିଜ୍ ବେଞ୍ଜ୍ ଏବଂ ବିଏମ୍‌ଡବ୍ଲ୍ୟୁ ଏପରି ନକଲି ଚମଡା ବିକଶିତ କରିଛନ୍ତି ଯାହାକୁ ପ୍ରକୃତ ଚମଡାଠାରୁ ଅଲଗା ବାରିବା କଷ୍ଟକର। ବିଳାସପୂର୍ଣ୍ଣ ଯାନରେ ଲୋକପ୍ରିୟ ହେବାକୁ ଯାଉଥିବା ଆଲ୍‌କାନ୍ତରା ହେଉଛି ପଲିଷ୍ଟରରୁ ନିର୍ମିତ ଏକ ପ୍ରକାର ଅଲଟ୍ରାସୁଏଡ୍। ନିଶାନର ବିଳାସପୂର୍ଣ୍ଣ କାର୍‌ଗୁଡ଼ିକରେ ସୋଫିଲେଜ୍ ନାମକ ଏକ ନରମ ପଦାର୍ଥ ବ୍ୟବହାର କରାଯାଉଛି, ଯାହା ଚମଡାଠାରୁ ବହୁତ ଭଲ।

ଚମଡ଼ା ସିଟ୍ ତିଆରି ପାଇଁ ପ୍ରତିବର୍ଷ କେତେ ଗାଈ ବାଛୁରିଙ୍କୁ ମରାଯାଉଛି। ଆମେ ଯେଉଁମାନେ ଚମଡ଼ାର ସିଟ୍‌ଯୁକ୍ତ କାର୍ କିଣୁଛୁ, ସେମାନେ ଲକ୍ଷ ଲକ୍ଷ ଗୋରୁଙ୍କ ପୀଡ଼ା ଓ ମୃତ୍ୟୁ ପାଇଁ ପରୋକ୍ଷରେ ଦାୟୀ ନୋହୁଁ କି?

Email: gandhim@nic.in

# କାହିଁ ବନ୍ଧୁତା



ଡା. ସୁରେନ୍ଦ୍ର ନାଥ ପତି

ବନ୍ଧୁତା ବା ଇଂଲିଶରେ 'ଫ୍ରେଣ୍ଡଶିପ୍' ଶବ୍ଦଟି ଉଚ୍ଚାରଣ କଲାମାତ୍ରେ, ଚକ୍ଷୁ ସମକ୍ଷରେ ଭାସିଉଠେ ଏକ ହସହସ ମୁଖ ଓ ସେହି ବ୍ୟକ୍ତିର ସ୍ନେହ, ସଦିଚ୍ଛା, ଶୁଭକାମନାର ହସ୍ତ ପ୍ରସାରଣ କରିବାର ଦୃଶ୍ୟଟିଏ। ଇଂଲିଶ ଡିକ୍‌ସନାରି ଅର୍ଥରେ 'ଏକ ବ୍ୟକ୍ତି ଯାହାକୁ ସେ ଜାଣେ, ଭଲପାଏ ଓ ବିଶ୍ୱାସ କରେ' ସେ ହିଁ ବନ୍ଧୁ। ପ୍ରତ୍ୟେକଙ୍କ ପାଇଁ ଏହା ଗ୍ରହଣୀୟ ହୋଇ ନ ପାରେ। ବହୁ ଲୋକ ଖୋଜନ୍ତି ସମାନ ପ୍ରକୃତି ହୋଇଥିବ, ସମାନ ଗୁଣ, ଲାଇକିଂ ଥିବ ଇତ୍ୟାଦି। ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ କହିଥିଲେ, ''ବନ୍ଧୁ କିଏ? ଯେଉଁଠି ଏକ ଆତ୍ମା, ଶରୀର ଦୁଇଟିରେ ବାସ କରୁଥାଏ।'' ଜଣେ ବ୍ୟକ୍ତି ତା'ର ବନ୍ଧୁ ସହ ମାନସିକ ଶାନ୍ତିରେ ରହିପାରେ, କିଛି କହିବା ପୂର୍ବରୁ ଚିନ୍ତା କରିବାର ଆବଶ୍ୟକତା ନ ଥାଏ, ଉପଯୁକ୍ତ ଶବ୍ଦ ଖୋଜିବାକୁ ପଡ଼େ ନାହିଁ, ସେ ବିନା ଦ୍ୱିଧାରେ ତା'ର ଅନ୍ତରର କଥା ବ୍ୟକ୍ତ କରିପାରେ। ତୁମ ନିଜଠାରୁ ସେ ତୁମକୁ ଭଲଭାବରେ ଚିହ୍ନେ, ତୁମର ମାନସିକ ଅବସ୍ଥା ସ୍ଥିର ନ ଥିଲାବେଳେ ସେ ପାଖରେ ଥାଇ ଆଶ୍ୱାସନା ଦିଏ, ମନୋବଳ ବଢ଼ାଏ। ଏ ବିଷୟରେ କୁହାଯାଇଛି, ''ତୁମେ ଦୁଇଜଣ ପରସ୍ପର ସଙ୍ଗେ କଳିକରି ଶୟନ କର, କିନ୍ତୁ ସକାଳେ ଭଲ ବୁଝାମଣା ନେଇ ଶଯ୍ୟା ତ୍ୟାଗ କର।'' ଏହା ପ୍ରକୃତ ବନ୍ଧୁତାର ଲକ୍ଷଣ। ପାରସ୍ପରିକ ସ୍ନେହମମତା, ବିଶ୍ୱସ୍ତତା, ସମ୍ମାନ, ଦୃଢ଼ ଆତ୍ମିକ ବନ୍ଧନ ହେଉଛି ବନ୍ଧୁତ୍ୱର ମୂଳଦୁଆ। ବନ୍ଧୁତ୍ୱ ଅନାଦି କାଳରୁ ମନୁଷ୍ୟ ଅନୁଭବରେ ଅଛି। ୨୭ ଏପ୍ରିଲ, ୨୦୧୧ରେ ଜାତିସଂଘ ସାଧାରଣ ପରିଷଦ ଜୁଲାଇ ୩୦କୁ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ଭାବେ ଘୋଷଣା କରିଥିଲା ଓ ସେବେଠାରୁ ଏହା ପାଳନ ହୋଇଆସୁଛି। ତେବେ ଭାରତ ସମେତ କେତେକ ଦେଶରେ ଜାତୀୟ ସ୍ତରରେ ଅଗଷ୍ଟ ପ୍ରଥମ ରବିବାରରେ ବନ୍ଧୁତା ଦିବସ ପାଳନ କରାଯାଉଛି।

ବନ୍ଧୁତ୍ୱ ଏକ ପାରସ୍ପରିକ ଗତିଶୀଳ ସମ୍ପର୍କ। ସମୟର ଗତି ସହ ଏହା ବଦଳୁଥାଏ। ଉଭୟ ପକ୍ଷର ଚେଷ୍ଟା, ଯତ୍ନ, ବୁଝାମଣାରେ ଏହା ବଜାୟ ରହେ, ଅଗ୍ରଗତି କରେ। ଶ୍ରୀକୃଷ୍ଣ ବାଲ୍ୟକାଳରେ ଗୋପାଳ ବାଳକଙ୍କ ସହ ବନ୍ଧୁ ଭାବରେ ଖେଳୁଥିଲେ, ଗାଈ ଚରାଉଥିଲେ, ପରସ୍ପରକୁ ଅନ୍ତରରୁ ଭଲ ପାଉଥିଲେ। ଗରିବ ସୁଦାମା ସହ ତାଙ୍କର ଅନ୍ତରର ବନ୍ଧୁତା ଥିଲା। ଯେଉଁ ବ୍ୟକ୍ତି

## ଅନ୍ତର୍ଜାତୀୟ ବନ୍ଧୁତା ଦିବସ ଉପଲକ୍ଷେ

ବାଲ୍ୟାବସ୍ଥାରେ ବନ୍ଧୁତ୍ୱ ସୃଷ୍ଟି କରିଥାଏ, ବୟସ୍କ ହେଲେ ସେ ଉତ୍ତମ ନାଗରିକଟିଏ ହୋଇ ବାହାରେ। ତା'ର ମାନସିକ ଦୃଢ଼ତା, ସମସ୍ୟା ସମାଧାନ କରିବାର ଦକ୍ଷତା ଅଧିକ ଦେଖାଯାଏ। ବୟସ ବଢ଼ିବା କ୍ରମେ ପିଲାଟିର ଚାକିରି, ବ୍ୟବସାୟ, ବିବାହ ସ୍ଥାନ ପରିବର୍ତ୍ତନ ଇତ୍ୟାଦି ଉପରେ ବନ୍ଧୁତ୍ୱର ବହୁ ପ୍ରଭାବ ଥାଏ। ପୂର୍ବରୁ ଥିବା ଅନ୍ତରଙ୍ଗ ବନ୍ଧୁଙ୍କୁ ତ୍ୟାଗକରି ନୂତନ ବନ୍ଧୁ ସେ ସୃଷ୍ଟି କରେ। ଆରିଷ୍ଟୋଟଲ ମତରେ, ବନ୍ଧୁତା ତିନି ପ୍ରକାରର। ଏହା ସବୁକାଳ ପାଇଁ ପ୍ରଯୁଜ୍ୟ। ପ୍ରଥମ– ଆବଶ୍ୟକତା ଯୋଗୁ ବନ୍ଧୁତା: ଯିଏ ତୁମକୁ ସାହାଯ୍ୟ କରେ, ସେବା ଯୋଗାଇଦିଏ, ତାକୁ ବନ୍ଧୁ କରାଯାଏ। ସେବା ବନ୍ଦ ହେଲେ ବନ୍ଧୁତା ବନ୍ଦ ହୋଇଯାଏ। ଏ ବନ୍ଧୁତା କ୍ଷଣସ୍ଥାୟୀ। ମଧ୍ୟବୟସ୍କ ବ୍ୟକ୍ତିଙ୍କଠାରେ ଏହା ଦେଖାଯାଏ। ଦ୍ୱିତୀୟ– ଆନନ୍ଦଦାୟକ ବନ୍ଧୁତ୍ୱ: ଏ ପ୍ରକାର ବନ୍ଧୁତା ଯୁବକ, ଯୁବତୀଙ୍କଠାରେ ଦେଖାଯାଏ। ପ୍ରେମ ସମ୍ପର୍କ ଗଢ଼ିଉଠେ। ହଠାତ୍ ଆସେ, ଆନନ୍ଦପ୍ରାପ୍ତି ସରିଗଲେ ଚାଲିଯାଏ। ତୃତୀୟ– ବନ୍ଧୁର ଉପକାର, ସୁଖ ପ୍ରଦାନ ପାଇଁ ବନ୍ଧୁତା: ଏହା ଦୀର୍ଘସ୍ଥାୟୀ ହୋଇଥାଏ। ପରସ୍ପରକୁ ବହୁଦିନ ଚିହ୍ନିଲା ପରେ ଓ ଦୁଃଖକଷ୍ଟର ସମୟ ଏକତ୍ର କାଟିଲା ପରେ ବିଶ୍ୱାସ, ଭଲପାଇବା ସୃଷ୍ଟି ହୁଏ। ସାମାଜିକ ସ୍ଥିତି, ପଦପଦବୀ, ଯୋଗ୍ୟତାର ଅଳଂକାର ଆବଶ୍ୟକ ହୁଏ ନାହିଁ। ବୟସ୍କ ବୃଦ୍ଧବ୍ୟକ୍ତି, ଅବସର ଗ୍ରହଣ କରିଥିବା ବ୍ୟକ୍ତି, ସାଂସାରିକ ଦାୟିତ୍ୱରୁ ମୁକ୍ତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଏ ପ୍ରକାର ସମ୍ପର୍କ କ୍ରମେ ସୃଷ୍ଟି ହୁଏ। ସେମାନେ ପ୍ରାତଃଭ୍ରମଣ, ସାମାଜିକ ସଙ୍ଗଠନ, କ୍ଲବ୍, ମନ୍ଦିର ପ୍ରତିଷ୍ଠା ଆଦି କରି ସମୟ ବ୍ୟତୀତ କରିଥାନ୍ତି। ଶାରୀରିକ ସ୍ୱାସ୍ଥ୍ୟ ଉତ୍ତମ ରହିବା ସହ ମାନସିକ ଅବସାଦ, ନିଃସଙ୍ଗତା ଦୂର ହୁଏ। ଆୟୁ ମଧ୍ୟ ବୃଦ୍ଧି ହୁଏ।

ଖୁବ୍ ନିକଟରେ ବସବାସ କରିବା, ପଡ଼ୋଶୀ ହେବା, ଏକତ୍ର ମିଳିତ ହେବା ପାଇଁ ସ୍ଥାନଟିଏ ମିଳିବା, ପରସ୍ପର ସହ ଏକାଧିକ ଥର ଦେଖାସାକ୍ଷାତ ହେବା ଦ୍ୱାରା ବନ୍ଧୁ ହେବାକୁ ଆଗ୍ରହ ସ୍ୱତଃ ହୁଏ। ବାଟରେ କିମ୍ବା ପ୍ରାତଃଭ୍ରମଣରେ ହ୍ୟାଲୋ, ହାଏ କହୁକହୁ ବି ବନ୍ଧୁତା ସୃଷ୍ଟି ହୋଇଥାଏ। କିଛି ଗୁପ୍ତ କଥା, ବ୍ୟକ୍ତିଗତ କଥା ଏକାନ୍ତରେ, ବିଶ୍ୱାସରେ କହିବା ପାଇଁ ପରିସ୍ଥିତି ଆସିଲେ ଗାଢ଼ ବନ୍ଧୁତା ହୁଏ।

ଉଭୟ ବନ୍ଧୁ କୌଣସି କାରଣରୁ ବହୁ ଦୂରରେ ବସବାସ କଲେ, ମନୋମାଳିନ୍ୟ ହେଲେ ପୁରୁଣା ବନ୍ଧୁତାକୁ ଭୁଲିଯାଆନ୍ତି। ବନ୍ଧୁତ୍ୱର ଜୟଗାନ କରି ବହୁ ମନୀଷୀ ଅତୀତରେ ବିଭିନ୍ନ ପ୍ରକାର କହିଛନ୍ତି। ୧. ଭଲ ବନ୍ଧୁ, ଭଲ ବହି, ଏକ ଜାଗ୍ରତ ବିବେକ; ଏହା ହିଁ ଆଦର୍ଶ ଜୀବନ– ମାର୍କ ଟ୍ୱାଇନ। ୨. ଜଣେ ବନ୍ଧୁ ହେଉଛି ସିଏ, ଯିଏ ତୁମ ବିଷୟରେ ସବୁ ଜାଣି, ଭଲ ଓ ମନ୍ଦ ତଥାପି ତୁମକୁ ଭଲପାଏ– ଏଲବର୍ଟ ହୁବାର୍ଡ। ୩. ମୁଁ ମୋର ବନ୍ଧୁଙ୍କ ସହ ଅନ୍ଧାରରେ ଚାଲିବାକୁ ପସନ୍ଦ କରିବି, କିନ୍ତୁ ଏକାକୀ ଆଲୁଅରେ ଚାଲିବାକୁ ନୁହେଁ– ହେଲେନ୍ କେଲର।

ଆମ ଓଡ଼ିଆରେ ଅଛି– ''କାହିଁ ବନ୍ଧୁତା, କାହିଁ ପ୍ରେମ ସୁନ୍ଦର, ଯା'ର ପ୍ରାପତି ଲାଗି ଦେବତା ନର।'' ସ୍ୱର୍ଗର ଦେବତାମାନେ କ୍ଷମତା କଳହରେ ବ୍ୟସ୍ତ ହୋଇ, ବନ୍ଧୁତ୍ୱର ସ୍ୱାଦ ଆସ୍ୱାଦନ କରିବା ପାଇଁ ଧରାପୃଷ୍ଠରେ ଜନ୍ମଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଥାନ୍ତି। ମନୁଷ୍ୟ ମଧ୍ୟରେ ହିଁ ପ୍ରେମ, ବନ୍ଧୁତା, ସୌହାର୍ଦ୍ଦ୍ୟ, ପ୍ରୀତି ଦେଖାଯାଏ।

ମୋ: ୯୪୩୭୪୯୪୭୭୬

## ଏଇ ଭାରତରେ

କେରଳ ଏର୍ନାକୁଲମ୍ ନିବାସୀ ଇକୋ–ଇନୋଭେଟର ଲକ୍ଷ୍ମୀ ମେନନ 'ପିୟୋର ଲିଭିଂ' ସଂସ୍ଥା ମାଧ୍ୟମରେ ବର୍ଜ୍ୟବସ୍ତୁରୁ ବିଭିନ୍ନ ବ୍ୟବହାର ଉପଯୋଗୀ ସାମଗ୍ରୀ ତିଆରି କରୁଛନ୍ତି। ପ୍ରଥମେ ବର୍ଜ୍ୟ କାଗଜରୁ କଲମ ତିଆରି କରିବା ପରେ ଏବେ ପର୍ସନାଲ ପ୍ରୋଟେକ୍ଟିଂ ଇକ୍ୟୁପିମେଣ୍ଟ (ପିପିଇ) କିଟ୍ ତିଆରିରୁ ବାହାରୁଥିବା ବର୍ଜ୍ୟରୁ ଗଦି ପ୍ରସ୍ତୁତ କରୁଛନ୍ତି। ଏହାର ନାମ ଦେଇଛନ୍ତି ଶଯ୍ୟା। ବର୍ଜ୍ୟ ପରିଚାଳନା ସହ କୋଭିଡ୍–ସେଣ୍ଟରରେ ଗଦିର ଆବଶ୍ୟକତା ପୂରଣ କରିବା ଲକ୍ଷ୍ୟରେ ସେ ଏହା କରିଛନ୍ତି। ଏହି ଶଯ୍ୟାର ଲମ୍ବ ୬ ଫୁଟ ଓ ଚଉଡ଼ା ୨.୫ ଫୁଟ। ବର୍ଜ୍ୟଗୁଡ଼ିକୁ ପରସ୍ପର ସହ ବାନ୍ଧି ବିନା ସିଲେଇରେ ଏହି ଗଦି ତିଆରି କରାଯାଉଛି। ଏହା ୱାଟର ପ୍ରୁଫ୍। ସଫା କରିହେବ। କେରଳରେ (ପିପିଇ)ଗାଉନ ତିଆରି କରୁଥିବା କେତେଜଣ ଟେଲର୍‌ଠାରୁ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ତାଙ୍କ ଘର ପାଖରେ ଚାକିରି ହରାଇଥିବା ୧୦ ଜଣ ମହିଳାଙ୍କୁ ଗଦି ତିଆରି ପାଇଁ ନିଯୁକ୍ତି ଦେଇଛନ୍ତି। ଏହାକୁ ବଢ଼ାଇବା ଲାଗି ଯୋଜନା ବି କରୁଛନ୍ତି। ଏବେ ଜଣେ ମହିଳା ଦିନକୁ ୩୦୦ ଟଙ୍କା ମଜୁରି ନେଉଛନ୍ତି ଓ ଗୋଟିଏ ଗଦି କରୁଛନ୍ତି। ସେ ଗଦି ବାବଦକୁ ମଜୁରି ଖର୍ଚ୍ଚ ୩୦୦ ଟଙ୍କା ନେଇ କେରଳର ସବୁ ପଞ୍ଚାୟତକୁ ଦେବା ପାଇଁ ସ୍ଥିର କରିଛନ୍ତି। ପ୍ରଥମେ ଆମ୍ବାଲୁର ପଞ୍ଚାୟତ ତାଙ୍କ ଠାରୁ ୫ଟି ଗଦି ନେଇଛି। ୯ ଟନ୍ ବର୍ଜ୍ୟରୁ ୨,୪୦୦ଟି ଗଦି ତିଆରି କରାଯାଇପାରିବ ବୋଲି କହନ୍ତି ଲକ୍ଷ୍ମୀ। ଗଦିକୁ ତଳେ ଶୋଉଥିବା ଗରିବମାନଙ୍କୁ ବାଣ୍ଟିବା ଲାଗି ସେ ଲକ୍ଷ୍ୟ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଜୁଲାଇ ୧୯୯୫

- କ୍ୟୁବାର ଇୱନ ପେଡରୋକୋ ଆଥଲେଟିକ୍ ମିଟ୍‌ର ପୁରୁଷ ଲଙ୍ଗଜମ୍ପରେ ୮.୯୬ ମିଟର କରି ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି।
- ନିଶାଦ୍ରବ୍ୟ ଚୋରା କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ଦୁଇ ଭାରତୀୟ ନାଗରିକଙ୍କୁ ସିଙ୍ଗାପୁରର ଚାଙ୍ଗି ଜେଲ୍ ମଧ୍ୟରେ ଫାଶି ଦିଆଯାଇଛି।
- ପୁରୀର ଜଣାଶୁଣା ଗୀତିକାର ସଂଗୀତଜ୍ଞ କଣ୍ଠଶିଳ୍ପୀ ରାମକୃଷ୍ଣ ପଟ୍ଟନାୟକଙ୍କର ୪୮ ବର୍ଷ ବୟସରେ ପରଲୋକ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 3 | | 5 | | B | | | | | | 9 | |
| 8 | | | | | | | 2 | 1 | | 5 | | 4 | | C |
| | | | | | | 5 | E | 6 | 3 | | C | 2 | 0 | B |
| | 7 | 4 | | 6 | | | | | | | 0 | | | |
| | | | | | 1 | | 9 | | | | B | 8 | | |
| | E | D | | | 7 | | | 2 | | | | A | | 9 |
| | | | A | 5 | | | | | | | | | 6 | |
| | 9 | | | B | 0 | A | | | 1 | 6 | | 5 | | |
| 1 | | C | | | 4 | 8 | 5 | | | B | | | | 0 |
| | | 5 | | | 8 | | 3 | | 7 | | | 1 | C | |
| | | | | | | 3 | | 5 | C | 4 | 7 | | | E |
| B | | 3 | | 4 | D | 0 | | | | | E | 6 | | A |
| | | 9 | | E | | | | | | | | | 4 | 1 |
| 7 | A | 6 | C | | | | | | | | | | D | |
| | | | | | 2 | 6 | | | A | 1 | | | B | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | C | E | 1 | 9 | 7 | 3 | 4 | 6 | B | 2 | 5 | D | 0 | A |
| 5 | A | 0 | 4 | C | B | 2 | 7 | 8 | 1 | D | E | 9 | 3 | 6 |
| 3 | 9 | 6 | D | 5 | 2 | C | 1 | 0 | 7 | A | 4 | B | E | 8 |
| 2 | 4 | B | 8 | 6 | E | 9 | A | D | C | 3 | 0 | 5 | 1 | 7 |
| 7 | 1 | D | 3 | A | 0 | E | B | 5 | 6 | 8 | 9 | C | 2 | 4 |
| 4 | 5 | C | 6 | B | D | 7 | 0 | 2 | E | 1 | 3 | A | 8 | 9 |
| 0 | 8 | A | 7 | 3 | 1 | D | 5 | E | 9 | 6 | C | 4 | B | 2 |
| D | 3 | 7 | 9 | 2 | 4 | 1 | 6 | C | 8 | B | A | 0 | 5 | E |
| 1 | E | 9 | C | 0 | 8 | A | 3 | B | 5 | 4 | 2 | 6 | 7 | D |
| B | 6 | 2 | A | E | 5 | 8 | 9 | 4 | 0 | 7 | D | 1 | C | 3 |
| A | 0 | 3 | E | 1 | C | 6 | 2 | 7 | D | 9 | B | 8 | 4 | 5 |
| 6 | 2 | 4 | B | 7 | A | 5 | D | 1 | 3 | 0 | 8 | E | 9 | C |
| E | D | 8 | 0 | 4 | 9 | B | C | 3 | A | 5 | 7 | 2 | 6 | 1 |
| C | B | 1 | 5 | D | 3 | 4 | 8 | 9 | 2 | E | 6 | 7 | A | 0 |
| 9 | 7 | 5 | 2 | 8 | 6 | 0 | E | A | 4 | C | 1 | 3 | D | B |

ଗତକାଲିର ଉତ୍ତର

# ଉତ୍ତରଣର ଉଷାଲୋକ



ଉପେନ୍ଦ୍ର ବିଶ୍ୱାଳ

ଦ୍ୱାପରର ଦ୍ୱାର ଭିତରକୁ ଧସେଇ ପଶିବାକୁ ଯେତେବେଳେ କଳିର ପ୍ରବଳ ପ୍ରୟାସ, ସେତେବେଳେ ସେଇ ଯୁଗସନ୍ଧିକ୍ଷଣର ଏକ ଘଟଣାଟିଏ। ଜଣେ ବ୍ରାହ୍ମଣଙ୍କର ଖେତ ଖନନ ବେଳେ ମିଳେ କେତେକ ରତ୍ନ ଅଳଙ୍କାର। ମାଲିକଙ୍କର ଏହା ପ୍ରାପ୍ୟ ବୋଲି ବିଚାର କରି ଗୋସେଇଁଙ୍କୁ ହସ୍ତାନ୍ତର କରେ ଶ୍ରମଜୀବୀ। ଯେହେତୁ ପୋତାଧନ ତାଙ୍କର ନୁହେଁ କି ଖନନରେ ତାଙ୍କର କିଛି ଅବଦାନ ନାହିଁ, ତେଣୁ ତାକୁ ସ୍ପର୍ଶ କରିବାକୁ ନାରାଜ ହେଲେ ବ୍ରାହ୍ମଣ। ବରଂ ଖନନ ବେଳେ ମିଳିଥିବାରୁ, ଖନନକାରୀ ହିଁ ତାହାର ଯଥାର୍ଥ ଦାବିଦାର ବୋଲି ମତବ୍ୟକ୍ତ କଲେ। ପାରିଶ୍ରମିକ ବ୍ୟତୀତ ଆଉ ଅଧିକ କିଛି ଗ୍ରହଣ କରିବା ତା' ପାଇଁ ପାପ ବୋଲି କହିଲା ଶ୍ରମଜୀବୀ। ଏହାର ମୀମାଂସା ପାଇଁ ଦୁହେଁ ଦିନେ ହାଜର ହେଲେ ବିଚାରପତିଙ୍କ ସାମ୍ନାରେ। ଇତ୍ୟବସରରେ କଳି କବ୍‌ଜା କରି ସାରିଥାଏ ସେ କାଳଖଣ୍ଡକୁ। ଅତି ଆଶ୍ଚର୍ଯ୍ୟଜନକ ଭାବେ ବିପରୀତ ବୁଦ୍ଧି ଦେଖାଦେଇଛି ଦୁହିଁଙ୍କ ମନୋଭାବରେ। ''ମୋ ଜମିରୁ ମିଳିଛି, ଏଣୁ ମୋର ଏବଂ ମୁଁ ପାଇଛି, ଏଣୁ ମୋର''– ଏହିପରି ଉଭୟ ବସିଲେ ସୁବର୍ଣ୍ଣ କଙ୍କଣଗୁଡ଼ିକୁ ହାତେଇବାକୁ। ଅର୍ଥାତ୍ ଦ୍ୱାପରକୁ ଦମନ କରି କଳି ଯେବେଠୁ ରାଜୁତି ଆରମ୍ଭ କଲା, ସେବେଠୁ ଦୂରେଇଗଲା ଦିବ୍ୟ ଦୃଷ୍ଟିଭଙ୍ଗୀ। ଯୁଗ ଅବତରଣର ଏମିତି ଏକ ସନ୍ଦେଶକୁ ନେଇ ରଚିତ ଯୁଗାନ୍ତକାରୀ ନାଟକ 'କାଳାନ୍ତର'। ସୁପ୍ରସିଦ୍ଧ ନାଟ୍ୟକାର କୁଞ୍ଜ ରାଓଙ୍କ ଦ୍ୱାରା ରଚିତ ଏହି ନାଟକଟିର ସାମଞ୍ଜସ୍ୟ ପରିଦୃଶ୍ୟ ହୁଏ ଆଜିର ଦିନରେ।

ସମୟର ଏହି ସନ୍ଧିକ୍ଷଣରେ ଦୃଶ୍ୟମାନ ହୁଏ ଠିକ୍ ତା'ର ଏକ ଓଲଟ ଚିତ୍ରପଟ। କଳିକୁ କବର ଦେଇ ଦ୍ୱାପରର ଦିବ୍ୟ ଦର୍ଶନ ହେଲାଭଳି। ସଂକୀର୍ଣ୍ଣତା ପରିବର୍ତ୍ତେ ଉଦାରତା। ସ୍ୱାର୍ଥପରତା ପରିବର୍ତ୍ତେ ସେବା ଓ ଧୈର୍ଯ୍ୟର ଦିବ୍ୟଭାବ। ନକାରାତ୍ମକ ଭାବନା ବଦଳରେ ସକାରାତ୍ମକ ଭାବ। ଫେରିଚାହିଁବା ବର୍ଷକ ତଳକୁ। ପୋଲିସ୍ ପ୍ରତି ଜନଗଣଙ୍କ ମଧ୍ୟେ ଭରି ରହିଥିଲା ପ୍ରବଳ ଅସନ୍ତୋଷ। ଦୁର୍ନୀତିଗ୍ରସ୍ତ ଓ ବିଫଳ ତାଲିକାରେ କହିବାକୁଗଲେ ପୋଲିସ ବିଭାଗର ନାମ ହିଁ ଆଗରେ ରହୁଥିଲା। ଥାନା ପରେ ପରେ ଆସୁଥିଲା ଡାକ୍ତରଖାନା। ଡାକ୍ତରଖାନାର ଗୁଣ (ଖୁଣ) ଗାଇ ଗାଇ ଗଣମାଧ୍ୟମର ଗଳାରୁଦ୍ଧ ହୋଇଯାଉଥିଲା। ଦେଖିବାକୁ ମିଳୁଥିଲା ନର୍ସ ଓ ଡାକ୍ତରଙ୍କ ବିରୁଦ୍ଧରେ ପୁଳା ପୁଳା ଅଶାନ୍ତି ଓ ଅଭିଯୋଗ। ବୁଝିବାକୁ କେବେ ବି ଇଚ୍ଛାକରିନୁ, ଲୋକ ଅନୁପାତରେ ଅଛି କେତେ ଥାନା, ଅଛନ୍ତି କେତେ ପୋଲିସ। ସେମିତି ରୋଗୀ ଅନୁପାତରେ ଡାକ୍ତର, ନର୍ସ ଆଦି ସ୍ୱାସ୍ଥ୍ୟକର୍ମୀ ଅଛନ୍ତି କେତେ। ଅବଶ୍ୟ ସାରା ବିଭାଗଟି ବଦନାମର ବୋଝ ବୋହିବାକୁ ବାଧ୍ୟ ହୁଏ। ସେମିତି ବି ତହସିଲଠୁ ଜିଲା ମହକୁମା ପର୍ଯ୍ୟନ୍ତ, ପ୍ରଶାସକମାନଙ୍କ ପ୍ରତି ମଧ୍ୟ ସାଧାରଣରେ ନ ଥିଲା ଭଲ ଭାବନା। କିନ୍ତୁ ଏହିମାନେ ହିଁ ଆମ ସାମ୍ନାରେ ଆଜି ଉଭା ହୋଇଛନ୍ତି ଦେବଦୂତ ସମ। ଆଜି ସେମାନଙ୍କ ପାଇଁ ତାଳି ମାଡ଼ରେ ଉଚ୍ଛୁଳି ଉଠୁଛି ସାରା ଦେଶ। ଏଇଠି ବି ଅଟକି ଯାଇନି ତାଙ୍କର ଜୟଘୋଷ।

ଜାତୀୟତାର ତାଳେ ତାଳେ ପ୍ରଥମଥର ପାଇଁ ଓଡ଼ିଆ ଗାଇଛି ଜୟଗୀତି, ସେମାନଙ୍କୁ ବଧେଇ ଜଣାଇ। ଏମାନଙ୍କ ବଦାନ୍ୟତା ଓ ତ୍ୟାଗ ଅନସ୍ୱୀକାର୍ଯ୍ୟ। ସହସ୍ର ସହସ୍ର ସଂଖ୍ୟାରେ ସଂକ୍ରମିତ ଏବଂ ଶତାଧିକ ଶହୀଦ ହେଉଥିଲେ ବି ଏମାନେ ହତୋତ୍ସାହ ନୁହନ୍ତି। ଜୀବନ, ଯନ୍ତ୍ରଣା, ଜନ୍ତାକୁ ବେଖାତିର କରି ଏମାନେ ଯଦି ସଙ୍କଟରୁ ଆମକୁ ମୁକୁଳାଉ ନ ଥାନ୍ତେ, ତା'ହେଲେ ଆମମାନଙ୍କ ଅବସ୍ଥା କ'ଣ ହେଉ ନ ଥାନ୍ତା? କେଉଁଠି କୁନି ଝିଅଟିକୁ ଘରେ ଛାଡ଼ି ଆସି, ଦୀର୍ଘଦିନ ଧରି ଘରକୁ ନ ଫେରି, ସେବିକାଟିଏ ଦେବୀ ସମ ସେବା କରିଚାଲିଛି ତ ଆଉ କେଉଁଠି ମାଆଟିଏ (ଜିଲାପାଳ) ଛୁଟି ବାତିଲକରି ୨୨ ଦିନର ନବଜାତକକୁ ଘରେ ଛାଡ଼ିଦେଇ, ସଙ୍କଟ ସମୟରେ ଗୁରୁଦାୟିତ୍ୱ ନିର୍ବାହ କଲାଣି। କେଉଁ ପୋଲିସ ମାସ ମାସ ଧରି ଘରକୁ ନ ଫେରି ଆମ ପାଇଁ ଲଢେଇରେ ସାମିଲ ହେଲାଣି। ଏହିପରି ପ୍ରାୟ ପ୍ରତିଟି ଯୋଦ୍ଧାର ମାନସପଟରେ ଉଜ୍ଜୀବିତ ଆଜି ଦିବ୍ୟଭାବ। ସେହିପରି ଉନ୍ନତ ଚିତ୍ତର ଉଷାଲୋକରେ ଉଦ୍ଭାସିତ ଆମ ଜନମାନସ। ସାଧାରଣ ଜୀବନ ନେଇ ବଞ୍ଚିଛନ୍ତି ସମସ୍ତେ। ନାହିଁ ଆଡମ୍ବର ଅବା ଅହମିକାପଣ। ବଢ଼ିଛି ଈଶ୍ୱରଭକ୍ତି ଓ ଆଧ୍ୟାତ୍ମିକତାର ସ୍ତର। ପରିବାରକୁ ଫେରିଛି ସଂପ୍ରୀତି, ସଂହତି, ସମନ୍ୱୟ। ବେଦର ଦିବ୍ୟ ଆହ୍ୱାନ– 'ଚାଲ ଏକାଠି ବସିବା, ଏକାଠି ଖାଇବା, ଏକାଠି ଚାଲିବା' ଆଜି ସାକାର ରୂପ ନେଉଛି। ବଢ଼ିଛି ସଦ୍‌ଭାବନା, ସ୍ୱଚ୍ଛତା ପ୍ରତି ଅନୁରାଗ। କମିଛି ଖର୍ଚ୍ଚ କରିବାର ବଦଭ୍ୟାସ। ମନ ବି କହୁନି ମସ୍ତି ବା ମଉଜ କରିବାକୁ। ସଜେଇ ହେବାର ସଉକ ମାରିଦେଲା ମୁଖାବନ୍ଧା ଅଭ୍ୟାସ। ତାଲାବନ୍ଦ ଆଜି ବନ୍ଦ କରିଦେଇଛି ଅସାମାଜିକ ପଣିଆକୁ। ସମୟ ଆମକୁ ପଢାଉଛି ପରିବର୍ତ୍ତନ, ପରିମାର୍ଜନର ପାଠ। କହିବାକୁ ଗଲେ, ଏକପ୍ରକାର କଳିର କବାଟ କିଳିଛି କାରୋନା। ଜୀବନଟା ଯେ ଅତି ଅଳିକର, କ୍ଷଣିକର, ଏହି କଠୋର ସତ୍ୟକୁ ସୂଚାଉଛି ସେ। ଆତ୍ମଚିନ୍ତନ, ଆତ୍ମ ମନ୍ଥନ, ଆତ୍ମ ଶୁଦ୍ଧୀକରଣର ଅବକାଶ ଆସି ପହଞ୍ଚିଛି ଆଜି। ପ୍ରବହମାନ ନଦୀଟିଏ ବି ସାଧମତେ ପ୍ରୟାସ କରିଥାଏ ନିଜକୁ ଶୁଦ୍ଧ ରଖିବାକୁ। ସଫଳ ବି ହୁଏ। କାଳର ପ୍ରବାହରେ ନଦୀସମ ଗତି କରୁଥିବା ମଣିଷ କିନ୍ତୁ ନିଜକୁ ସ୍ୱଚ୍ଛ ରଖିବାକୁ, ଚାରିପାଖ ସ୍ୱଚ୍ଛ ରଖିବାକୁ ପ୍ରଯତ୍ନ କରେନି। ସେ ଏମିତି ଅମାନିଆ, ଅବାଧ୍ୟ, ଅକ୍ଷମ ଯେ ଲୋଡ଼େ ଆଇନର ଚାବୁକ ମାଡ଼। ଏଇ ଯେମିତି, ସର୍ବସାଧାରଣ ସ୍ଥାନମାନଙ୍କରେ ଛେପ, ଖଙ୍କାର ପକେଇ ଜୀବାଣୁର ଜୟଯାତ୍ରାକୁ ସୁଗମ କରିବା। ଜୀବନର ରୂପାନ୍ତର, ଉତ୍ତରଣ ପାଇଁ ପ୍ରଧାନ ଆବଶ୍ୟକତା ହେଉଛି ଉନ୍ନତ ଦୃଷ୍ଟିଭଙ୍ଗୀ।

ସ୍ୱାମୀ ବିବେକାନନ୍ଦଙ୍କ ଅନୁଯାୟୀ 'ଦୃଷ୍ଟିଶକ୍ତି ହରାଇଲେ ବି ତୁମେ ଯେମିତି ନିଜର ଦୃଷ୍ଟିକୋଣ ନ ହରାଇ ଦିଅ।' ସୂର୍ଯ୍ୟଙ୍କ ଆଡ଼କୁ ମୁହଁକରି ଛିଡ଼ା ହେଲେ କଳାଛବି ଆମ ସାମ୍ନାକୁ ଆସିପାରେନା। ସେମିତି ବି ଉଚ୍ଚ ମୂଲ୍ୟବୋଧ, ନୈତିକତା ରୂପକ ଆଲୋକ ଦିଗକୁ ଆମ ଦୃଷ୍ଟି ନିବଦ୍ଧ ହେଲେ କଳୁଷକାଳିମା ଆମ ସାମ୍ନାକୁ ଆସିପାରିବ ନାହିଁ। ବାହାରର ବାତାବରଣ ଆଜି ଯେମିତି ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ, ଆମ ଅନ୍ତରର ବାତାବରଣକୁ ସେମିତି ନିର୍ମଳ ରଖିଲେ ଦିବ୍ୟତ୍ୱର ଆଲୋକରେ ଚହଟି ଉଠିବ ଦୁନିଆ। ନିନ୍ଦା ଓ ଅପବାଦଠାରୁ ଦୂରରେ ରହି ଆଜିପରି ପ୍ରଶଂସାର ପାତ୍ର ହୋଇ ସବୁଦିନେ ରୁହନ୍ତୁ ଯୋଦ୍ଧା ବାହିନୀ। ଅମାବାସ୍ୟା ପରେ ପରେ ଧୀରେ ଧୀରେ ଉଜ୍ଜ୍ୱଳତା ବୃଦ୍ଧି ପାଇ ପୂର୍ଣ୍ଣମୀ ଆସିଥାଏ। ଠିକ୍ ସେମିତି କଳିର କ୍ଷୟ ହୋଇ ପ୍ରାଚୀ ଆକାଶରେ ସତ୍ୟର ସନ୍ଦେଶ ନେଇ ଆସୁଛି ଉତ୍ତରଣର ଉଷାଲୋକ। ଆସନ୍ତୁ ପ୍ରସ୍ତୁତ ରହିବା ସ୍ୱାଗତ ଅପେକ୍ଷାରେ।

ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର,
ମୋ: ୯୪୩୭୪୩୬୦୭୩

## ପାଠକ ଶ୍ରେଷ୍ଠ ବିଚାରକ

### ଚାଇନାକୁ ବିଶ୍ୱାସ ନାହିଁ

ମହାଶୟ,

ଭାରତ ଚାଇନା ସହିତ ବନ୍ଧୁତାର ହାତ ବଢ଼େଇଥିଲେ ମଧ୍ୟ ଚାଇନା ସବୁବେଳେ ବିଶ୍ୱାସଘାତ କରିଛି। ଅତୀତର ବିଷୟକୁ ଅବଲୋକନ କଲେ ଦେଖିବା ୧୯୬୨ ମସିହାରେ 'ହିନ୍ଦୀ–ଚୀନୀ ଭାଇ ଭାଇ' ନାରାରେ ବିଶ୍ୱ ପ୍ରକମ୍ପିତ ହେଲା ଏବଂ ଚାଇନା ସହିତ 'ପଞ୍ଚଶୀଳ' ଚୁକ୍ତି ସ୍ୱାକ୍ଷରିତ ହେବା ପରେ ପରେ ଚାଇନା ଭାରତ ଉପରେ ଆକ୍ରମଣ କରି ଯୁଦ୍ଧ ଘୋଷଣା କରିଥିଲା। ଚାଇନା ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ଭାବେ ଆତିଥ୍ୟ ପ୍ରଦାନ କରିଥିଲେ ସେଥିରେ ବିଶ୍ୱର ଅନେକ ଦେଶ ଈର୍ଷାନ୍ୱିତ ହେଲେ। କିନ୍ତୁ ଫଳ ହେଲା ବିପରୀତ। ଗଲୱାନ ଉପତ୍ୟକାରେ ଚାଇନା ସୈନିକ ଭାରତ ସୀମା ଭିତରକୁ ପ୍ରବେଶ କରି ଆମର ୨୦ରୁ ଅଧିକ ସୈନିକଙ୍କୁ ମାରିଲେ। ଆଉ ଯେପରି ଆଗକୁ ଏପରି ନ ହୁଏ ସେଥିପ୍ରତି ସତର୍କ ରହିବା ଜରୁରୀ। ଦରକାର ପଡିଲେ ବିଶ୍ୱାସଘାତକଙ୍କୁ ଉଚିତ ଜବାବ ଦିଆଯିବ। ସର୍ବୋପରି ଶତ୍ରୁକୁ କେବେହେଲେ ମିତ୍ର କରାଯାଏ ନାହିଁ ଏବଂ ଆମ ଓଡ଼ିଆରେ ଗୋଟିଏ କଥା ଅଛି, ଛୋଟ ଆଖିଆଙ୍କୁ କେବେହେଲେ ବିଶ୍ୱାସ କରାଯାଏ ନାହିଁ। ସେଥିପ୍ରତି ଆମ ଦେଶ ସଜାଗ ରହିବା ଆବଶ୍ୟକ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

## ଚିରନ୍ତନୀ

ଯେତେ କଥା ଆଜି ହଜିଗଲା ମନ ଭିତରେ
ବିଚାରଇଁ ସବୁ ଗାଇଯିବି ଖାଲି ଗୀତରେ!
ହୁଡ଼ିଗଲି କେତେ ହେଲି ବାଟବଣା
ରହିଗଲା ବହୁ ଅକୁହା ଅଜଣା,
ଚମକିଲା ଛାତି କେତେ ଯେ ବରଷା ଶୀତରେ
ବିଚାରଇ ଆଜି ଗାଇଯିବି ସବୁ ଗୀତରେ।
(ଜୟପୁର ଘାଟି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଗୁରୁବାର, ୩୦ ଜୁଲାଇ, ୨୦୨୦



## ବୃଦ୍ଧଙ୍କୁ ହତ୍ୟା, ୨ ଅଟକ

**ରେଙ୍ଗାଲି(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଗୁରୁପାଲି କପିଳାସପଡାରେ ମଙ୍ଗଳବାର ରାତିରେ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ରାମ କିଷାନ। ବୁଧବାର ଏହି ଘଟଣା ଜଣାପଡ଼ିଛି। ରେଙ୍ଗାଲି ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଛି। ରେଙ୍ଗାଲି ଥାନା ପୋଲିସ ଏକ ମାମଲା ରୁଜୁ କରି ୨ ଜଣଙ୍କୁ ଅଟକ ରଖିଛି। ହେଲେ ହତ୍ୟାକାଣ୍ଡର କାରଣ ଜଣାପଡିନାହିଁ। ଗାଁ ମୁଣ୍ଡ ରାଧାକୃଷ୍ଣ ମନ୍ଦିର ପାଖରେ ରାମ କିଷାନ ଏକ ବଗିଚା କରି ସେଠାରେ ରହୁଥିଲେ। ମଙ୍ଗଳବାର ରାତିରେ ସେ ଏକା ଥିଲେ। ଏହି ସୁଯୋଗରେ ତାଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଉଛି।

# ମାନସୀ ବଞ୍ଚାଇଲେ ୬ ହଜାର ଶ୍ରମିକଙ୍କ ଜୀବନ

ଭୁବନେଶ୍ୱର,୨୯।୭(ବ୍ୟୁରୋ)

କରୋନା କଟକଣାରେ ରାଜ୍ୟ ବାହାରେ ଫସି ରହିଥିବା ପ୍ରବାସୀ ଶ୍ରମିକଙ୍କୁ ଘରକୁ ଫେରାଇ ଆଣିବା ଲାଗି ବିଭିନ୍ନ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ହେଲେ ମାଲିକ ଓ ଠିକାଦାରଙ୍କ ନିକଟରେ ଏବେ ବି ହଜାର ହଜାର ଦାଦନ ବନ୍ଧା ପଡ଼ିଛନ୍ତି। ଓଡ଼ିଶାର ଜଣେ ଆଦିବାସୀ ଯୁବତୀଙ୍କ ସାହସ ଓ ଉପସ୍ଥିତ ବୁଦ୍ଧି ପାଇଁ ତାମିଲନାଡୁର ବିଭିନ୍ନ ଇଟାଭାଟିରେ ନାନା ନିର୍ଯାତନାର ଶିକାର ୬ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ନିଜ ଭିଟାମାଟିକୁ ଫେରି ଜୀବନ ବଞ୍ଚାଇଥିବା ଜଣାପଡିଛି। ଏମାନଙ୍କ ପାଇଁ ଦେବଦୂତ ସାଜିଥିବା ଯୁବତୀ ହେଲେ ବଲାଙ୍ଗୀରର ମାନସୀ ବରିହା। ଏବେ ତାଙ୍କୁ ସାରା ଦେଶରୁ ସାବାସି ମିଳିବାରେ ଲାଗିଛି।

ମାନସୀଙ୍କ ବୟସ ୧୯ବର୍ଷ। ରୋଗରେ ତାଙ୍କ ମା'ଙ୍କର ମୃତ୍ୟୁ ଘଟିଥିଲା। ତେବେ ମା'ଙ୍କ ଚିକିତ୍ସା ପାଇଁ ବାପା ଉଧାର ଆଣିଥିବା ୨୮ ହଜାର ଟଙ୍କା ଶୁଝିବାକୁ ମାନସୀ କିଛିଦିନତଳେ ତାମିଲନାଡୁର ତିରୁଭାଲୁରସ୍ଥିତ ଏକ ଇଟାବାଟିକୁ କାମ କରିବାକୁ ଯାଇଥିଲେ। ମାନସୀଙ୍କ ସହ ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡି ଜିଲାର ପ୍ରାୟ ୩୫୫ଜଣ ଶ୍ରମିକ ଦାଦନ ଖଟୁଥିଲେ। ଇଟାଭାଟି ମାଲିକ ଆଗୁଆ ଟଙ୍କାଦେଇ ସେମାନଙ୍କୁ କିଣିନେଇଯାଇଥିବାରୁ କେବଳ ଖାଇବା ପାଇଁ ଦିନକୁ ମାତ୍ର ୩୦ଟଙ୍କା ଦେଉଥିଲେ। ହେଲେ କରୋନା ଲକ୍‌ଡାଉନ୍ ପରେ ସେତକ ବି ମିଳି ନ ଥିଲା। ଫଳରେ ସେମାନେ ଭୋକ ଉପାସରେ ଦିନ କାଟୁଥିଲେ। ଘରକୁ ଫେରିବାକୁ ବାହାରିବାରୁ ଭାଟି ମାଲିକ ଛାଡ଼ି ନ ଥିଲେ। ମାଲିକ ଓ ସହଯୋଗୀଙ୍କ ଆକ୍ରମଣରେ ମହିଳା ଓ ଶିଶୁଙ୍କୁ ମିଶାଇ ବହୁ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ କେତେଜଣ ଶ୍ରମିକ ଛଟପଟ ହେଉଥିବାବେଳେ ମାନସୀ ସାହସ ଜୁଟାଇ ଉପସ୍ଥିତ ବୁଦ୍ଧି ଖଟାଇ ଏକ ନିରୋଳା ସ୍ଥାନକୁ ଯାଇ ଫୋନ୍‌ରେ ଜଣେ ସମ୍ପର୍କୀୟଙ୍କୁ ଜଣାଇବା ସହ ଆହତଙ୍କ ଭିଡିଓ ଓ ଫଟୋ ହ୍ୱାଟ୍‌ସଆପ୍‌ରେ ଛାଡ଼ି ଉଦ୍ଧାର ପାଇଁ ନିବେଦନ ଥିଲେ।

## ଆଦିବାସୀ ଯୁବତୀଙ୍କ ସାହସିକତାକୁ ସାବାସି

- କରଜ ଶୁଝିବାକୁ ତାମିଲ୍‌ନାଡୁରେ ଦାଦନ ଖଟୁଥିଲେ
- ତାଙ୍କ ସହ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧା ପଡ଼ିଥିଲେ ୪ ରାଜ୍ୟର ଶ୍ରମିକ


ମାନସୀ ବରିହା

ଏହାପରେ ଏକ ସ୍ୱେଚ୍ଛାସେବୀ ସଂଗଠନ ସହାୟତାର ହାତ ବଢ଼ାଇଥିଲା। ତିରୁଭାଲୁର ପ୍ରଶାସନକୁ ଘଟଣା ସମ୍ପର୍କରେ ଜଣାଇବା ପରେ ସ୍ଥାନୀୟ ଅଧିକାରୀମାନେ ତୁରନ୍ତ ଇଟାଭାଟିରେ ପହଞ୍ଚି ଶ୍ରମିକଙ୍କୁ ଉଦ୍ଧାର କରିବା ସହ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏପରି କି ଇଟାଭାଟି ମାଲିକଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ମଧ୍ୟ ହୋଇଥିଲା। ଏଥିସହ ନିକଟସ୍ଥ ୩୦ ଇଟାଭାଟିରେ ଚଢାଉ କରାଯାଇ ୬୭୫୦ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ସେମାନଙ୍କ ରାଜ୍ୟକୁ ପଠାଇ ଦିଆଯାଇଥିଲା। ଏମାନଙ୍କ ମଧ୍ୟରେ ବିହାର, ଝାଡ଼ଖଣ୍ଡ ଓ ଉତ୍ତରପ୍ରଦେଶର ଶ୍ରମିକ ରହିଥିବାବେଳେ ଅଧିକାଂଶ ଓଡ଼ିଶାର ଥିଲେ। କେବଳ ମାନସୀଙ୍କ ପାଇଁ ଏହା ସମ୍ଭବ ହୋଇପାରିଥିଲା।

## 'ମାନବ ଚାଲାଣ ଉପରେ ସରକାର ପଦକ୍ଷେପ ନିଅନ୍ତୁ'

ରାଜ୍ୟରେ ଅଣକୁଶଳୀ ଓ ଦାଦନ ଶ୍ରମିକମାନେ ସର୍ବାଧିକ ହ୍ୟୁମାନ ଟ୍ରାଫିକିଂ ବା ମାନବଚାଲାଣ ଶିକାର ହେଉଛନ୍ତି। ଏହା ସମଗ୍ର ଦେଶରେ ଏକ ସୁଚିନ୍ତିତ ଅପରାଧରେ ପରିଣତ ହେଲାଣି। କୋଭିଡ୍-୧୯ ଲକ୍‌ଡାଉନ୍ ଯୋଗୁ ଲୋକେ ଧାର ଉଦ୍ଧାରକରି ଗୁଜୁରାଣ ମେଣ୍ଟାଉଥିବାରୁ ଆଗାମୀ ଦିନରେ ଏହି ସମସ୍ୟା ଆହୁରି ବୃଦ୍ଧିପାଇବ। ବିଶେଷକରି ଶିଶୁ ଓ କିଶୋରମାନେ ଏଥିରେ ଅଧିକ ଶିକାର ହେବେ। ତେଣୁ ସରକାର ଏବେଠାରୁ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ଇଣ୍ଟରନ୍ୟାଶନାଲ ଜଷ୍ଟିସ୍ ମିଶନର ଓଡ଼ିଶା ପ୍ରକଳ୍ପ ନିର୍ଦ୍ଦେଶକ ନୀନୁ ଥୋମାସ୍ କହିଛନ୍ତି।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ



**ପୁରୀ ଅଫିସ, ୨୯।୭:** ପବିତ୍ର ଶ୍ରାବଣ ଶୁକ୍ଳ ଦଶମୀ ତିଥିରେ ବୁଧବାରଠାରୁ ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ମହାପ୍ରଭୁଙ୍କ ଏହି ଝୁଲଣ ଯାତ୍ରା ଗହ୍ମାପୂର୍ଣ୍ଣିମା ପରଦିନ ପର୍ଯ୍ୟନ୍ତ ଅର୍ଥାତ ଭାଦ୍ରବ କୃଷ୍ଣପକ୍ଷ ପ୍ରତିପଦା ପର୍ଯ୍ୟନ୍ତ ଚାଲିବ। ତେବେ ମହାମାରୀ କରୋନା ଯୋଗୁ ଏଥର ଶ୍ରୀମନ୍ଦିରରେ ଅନୁଷ୍ଠିତ ଝୁଲଣ ଯାତ୍ରା ଦେଖିପାରିବେନି ଭକ୍ତ। ଶ୍ରୀମନ୍ଦିରରେ ମଧାହ୍ନ ଧୂପ ସରିବା ପରେ ତିନିବାଡ଼ରେ ମଇଲମ ହୋଇଥିଲା। ଠାକୁର ସର୍ବାଙ୍ଗ ହୋଇ ବେଶ ବଢ଼ିବା ପରେ ଦକ୍ଷିଣୀ ଘରକୁ ଶ୍ରୀଦେବୀ ଭୁଦେବୀ ବିଜେ କରିଥିଲେ। ବେଶ ସମୟରେ ଠାକୁରଙ୍କୁ ତିନିଖଣ୍ଡ ଆଜ୍ଞାମାଳ ଲାଗି କରାଯାଇଥିଲା। ମହାପ୍ରଭୁଙ୍କ ଉତ୍ତର ଭୁଜରେ ୨ ଓ ଦକ୍ଷିଣ ଭୁଜରେ ୧ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା। ଦକ୍ଷିଣ ଘର ଭୋଗ ଓ ବାହାର ଦେଉଳି ସରିବା ପରେ ମଦନମୋହନ, ଶ୍ରୀଦେବୀ, ଭୁଦେବୀ ରତ୍ନ ସିଂହାସନକୁ ବିଜେ କରିଥିଲେ। ତିନିବାଡ଼ରେ କର୍ପୂର ଆଳତି ଓ ସନ୍ଧ୍ୟା ଆଳତି ବଢ଼ିଥିଲା। ପରେ ପୂଜାପଣ୍ଡା ମହାପ୍ରଭୁଙ୍କ ଦକ୍ଷିଣ ଭୁଜର ଆଜ୍ଞାମାଳ ଆଣି ମଦନମୋହନ ଏବଂ ଉତ୍ତର ଭୁଜର ଆଜ୍ଞାମାଳ ଶ୍ରୀଦେବୀ, ଭୂଦେବୀଙ୍କୁ ପ୍ରଦାନ କରିଥିଲେ। ଛାମୁ ଦିହୁଡ଼ି ସହିତ ମହାଜନ ସେବକ ମଦନମୋହନ, ଶ୍ରୀଦେବୀ, ଭୁଦେବୀଙ୍କୁ ଝୁଲଣ ମଣ୍ଡପ ଦୋଳିକୁ ବିଜେ କରାଇଥିଲେ। ମଣ୍ଡପରେ ଝୁଲଣ ନୀତି ସମ୍ପନ୍ନ ହୋଇ ଶ୍ରୀମନ୍ଦିରରେ ଚନ୍ଦନ ଲାଗି ବଢ଼ିବା ପରେ ମଦନ ମୋହନ ଦକ୍ଷିଣୀ ଘରକୁ ଏବଂ ଶ୍ରୀଦେବୀ ଭୁଦେବୀ ରତ୍ନ ସିଂହାସନକୁ ବିଜେ କରିଥିଲେ। ଏହାପରେ ଅନ୍ୟାନ୍ୟ ନୀତି ସରି ପହୁଡ଼ ହୋଇଥିଲେ।



ବ୍ୟାଙ୍କ୍ ଜୁଲମ୍ ବନ୍ଦ, ଋଣ ଛାଡ଼ ଆଦି କେତେକ ଦାବି ନେଇ ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ଆର୍‌ବିଆଇ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୫ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଇଏସ୍‌ଓ ମାନ୍ୟତା

## କଳାହାଣ୍ଡି ଜିଲା

**ଭୁବନେଶ୍ୱର, ୨୯।୭(ବ୍ୟୁରୋ):** ଉଚ୍ଚ ମାନର ସମନ୍ୱିତ ଅଙ୍ଗନୱାଡ଼ି ସେବା ପ୍ରଦାନକୁ ସୁନିଶ୍ଚିତ କରିବା ଓ ଭିତ୍ତିଭୂମି ନିର୍ମାଣରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍‌ର ୫ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଇଏସ୍‌ଓ ୯୦୦୧:୨୦୧୫ ମାନତା ମିଳିଛି। ୩ ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର କେନ୍ଦୁବାଡ଼ି, କଂସାରି ଓ ବସନ୍ତପଡ଼ା ଏବଂ ୨ ଅଙ୍ଗନୱାଡ଼ି କେନ୍ଦ୍ର ଯୋଡ଼ାବନ୍ଧ ଓ ଲାଞ୍ଜିଗଡ଼ ରୋଡ୍-୨କୁ ଏହି ପ୍ରମାଣପତ୍ର ମିଳିଛି। ଏସବୁ ଅଙ୍ଗନୱାଡ଼ି କେନ୍ଦ୍ରର ଆଧୁନିକୀକରଣ, ପ୍ରାକ୍-ବିଦ୍ୟାଳୟ ଶିକ୍ଷା ପ୍ରଦାନରେ ଗୁଣାତ୍ମକ ଅଭିବୃଦ୍ଧି, ଦ୍ୱାରଦେଶରେ ଉନ୍ନତ ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା ପ୍ରଦାନ, ଉନ୍ନତ ପୁଷ୍ଟିସାଧନ, ଜୀବିକା ସୁରକ୍ଷା, ଟିକାକରଣ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଆଦି ବିଭିନ୍ନ ସେବା ପ୍ରଦାନରେ ଉତ୍କର୍ଷ ପ୍ରଦର୍ଶନକୁ ବିଚାରକୁ ନିଆଯାଇଛି। ସେହିଭଳି ଆଶୁ ଚିକିତ୍ସା, ସ୍ୱଚ୍ଛ ଶୌଚାଳୟ, ଝିଅପୁଅଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ, ରାମ୍ପ ନିର୍ମାଣ, ଆଶା, ଅଙ୍ଗନୱାଡ଼ି କର୍ମୀ ଏବଂ ଅଙ୍ଗନବାଡ଼ି ସହାୟିକାଙ୍କ ନିମନ୍ତେ ପ୍ରତ୍ୟହ କାର୍ଯ୍ୟସୂଚୀ କାନ୍ଥରେ ପ୍ରଦର୍ଶନ, ଆସବାବପତ୍ର ତାଲିକାଭୁକ୍ତ, ସୁରକ୍ଷା ଅଭ୍ୟାସ ଆଦି ସୁବ୍ୟବସ୍ଥିତ ପରିଚାଳନାକୁ ମଧ୍ୟ ଆଇଏସ୍‌ଓ ମାନ୍ୟତା ଚୟନବେଳେ ଗୁରୁତ୍ୱ ଦିଆଯାଇଛି। କଳାହାଣ୍ଡି ଜିଲା ପ୍ରଶାସନ ଏବଂ ବେଦାନ୍ତର ସହଭାଗିତା ତଥା ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରଚେଷ୍ଟାରେ ଏହି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଆଦର୍ଶ ଏବଂ ଉନ୍ନତ ଅଙ୍ଗୱାଡ଼ି କେନ୍ଦ୍ରରେ ପରିଣତ କରାଯାଇପାରିଛି। ଆଗାମୀ ଦିନରେ ମଧ୍ୟ ସାରା ରାଜ୍ୟର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ସେହିପରି ଭାବେ ଗଢ଼ି ତୋଳିବା ସହ ଆଇଏସ୍‌ଓ ସାର୍ଟିଫିକେଶନ ପାଇବା ନିମନ୍ତେ ଉଦ୍ୟମ ଚାଲିଥିବା ବିଭାଗ ପକ୍ଷରୁ କୁହାଯାଇଛି।

ତେବେ ଏହି ୫ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଇଏସ୍‌ଓ ମାନ୍ୟତା ମିଳିବା ପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ବେଦାନ୍ତର ସିଏସ୍‌ଆର୍ ଓ କେପିଏମ୍‌ଜିର ବୈଷୟିକ ପରାମର୍ଶଦାତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପଦୋନ୍ନତି ପରେ ବଦଳିଲେ ୨୨ ଏଏସ୍‌ପି

କଟକ ଅଫିସ,୨୯।୭

ରାଜ୍ୟ ଗୃହ ବିଭାଗ ସୋମବାର ୨୨ଜଣ ଡିଏସ୍‌ପିଙ୍କୁ ଅତିରିକ୍ତ ଏସ୍‌ପି ର୍‍ୟାଙ୍କ୍‌କୁ ପଦୋନ୍ନତି ଦେଇଛି। ପଦୋନ୍ନତି ପରେ ଏହି ୨୨ଜଣ ଏଏସ୍‌ପିଙ୍କୁ ବଦଳି କରାଯାଇଛି। ରାଜ୍ୟ ପୋଲିସ ଏଷ୍ଟାବ୍ଲିସ୍‌ମେଣ୍ଟ ବୋର୍ଡ଼ର ଅନୁମୋଦନ ପରେ ବୁଧବାର ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ବିଜ୍ଞପ୍ତି ପ୍ରକାଶ କରିଛି। ନୟାଗଡ଼ ଡିଆଇବି ଡିଏସ୍‌ପି ସୁବାସ ଚନ୍ଦ୍ର ମହାନ୍ତିଙ୍କୁ କମିଶନରେଟ୍ ପୋଲିସ୍‌ର ଏଡିଏସ୍‌ପି, ଭିଜିଲାନ୍ସ ଡିଏସ୍‌ପି ପ୍ରକାଶ ନାୟକଙ୍କୁ ଭିଜିଲାନ୍ସ ଏଏସ୍‌ପି, ଚମ୍ପୁଆ ଏସ୍‌ଡିପିଓ ହରିହର ପାଣିଙ୍କୁ କେନ୍ଦୁଝର ଏଏସ୍‌ପି, ଗଜପତି ଜିଲା ଆର୍. ଉଦୟଗିରି ଏସ୍‌ଡିପିଓ ଅଶୋକ ମହାନ୍ତିଙ୍କୁ ଗଞ୍ଜାମ ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି, କଟକ ଜିଲା ବାଙ୍କୀ ଏସ୍‌ଡିପିଓ ପ୍ରସନ୍ନ ବିଶ୍ୱାଳଙ୍କୁ ଅନୁଗୋଳ ଏଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି ସାଲେପୁର ଏସ୍‌ଡିପିଓ ନିମାଇ ଚରଣ ସେଠୀଙ୍କୁ ପାରାଦୀପ ଏଏସ୍‌ପି, ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲଙ୍କୁ ବାଲେଶ୍ୱର ଏଏସ୍‌ପି, ଭୁବନେଶ୍ୱର ଏସ୍‌ଏଫ୍‌ଏସ୍‌ଏଲ୍‌ର ଡିଏସ୍‌ପି ଗଦାଧର ମହାପାତ୍ରଙ୍କୁ କଟକ ଗ୍ରାମାଞ୍ଚଳ ଏଏସ୍‌ପି, ରାଜ୍ୟ ମାନବ ଅଧିକାର କମିଶନ ଡିଏସ୍‌ପି କିଶୋର ଚନ୍ଦ୍ର ପାଢଶାଣୀଙ୍କୁ କମିଶନରେଟ୍ ପୋଲିସର ଅତିରିକ୍ତ ଡିସିପି, ଭଦ୍ରକ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଅମରେଶ ପାଣିଗ୍ରାହୀଙ୍କୁ ବାଲେଶ୍ୱର ଏଏସ୍‌ପି, ଜି. ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରାଙ୍କୁ ନବରଙ୍ଗପୁର ଏଏସ୍‌ପି ଭାବେ ବଦଳି ହୋଇଛି। କଟକ ଡିଏସ୍‌ପି ବାଉରୀବନ୍ଧୁ ବେହେରାଙ୍କୁ ଯାଜପୁର ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି, ଯାଜପୁର ଡିଏସ୍‌ପି ବିଜୟ ମଲ୍ଲିକଙ୍କୁ ଭଞ୍ଜନଗର ଏଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ସେହିଭଳି ସିଆଇଡି ସିବି ଡିଏସ୍‌ପି ରାମଚନ୍ଦ୍ର ଥମ୍ବଙ୍କୁ ସିଆଇଡି ସିବିର ଏଏସ୍‌ପି, ଝାରସୁଗୁଡ଼ା ଡିଏସ୍‌ପି ଉଗ୍ରସେନ ପ୍ରଧାନଙ୍କୁ ସମ୍ବଲପୁର ଏଏସ୍‌ପି ଭାବେ ପଠାଯାଇଛି। ସେହିପରି ଭିଜିଲାନ୍ସ ଡିଏସ୍‌ପି ଅକ୍ଷୟ ମିଶ୍ରଙ୍କୁ ଭିଜିଲାନ୍ସ ଏଏସ୍‌ପି, ଭିଜିଲାନ୍ସ ଡିଏସ୍‌ପି ବେଣୁଧର ନାୟକଙ୍କୁ ଭିଜିଲାନ୍ସ ଡିଏସ୍‌ପି, ଗୁଇନ୍ଦା ଡିଏସ୍‌ପି ଉମାକାନ୍ତ ମଲ୍ଲିକଙ୍କୁ ନୟାଗଡ଼ ଏଏସ୍‌ପି, ରାଉରକେଲା ଡିଏସ୍‌ପି ମୋହନ ପାଣି କରୁଆଙ୍କୁ ରାଉରକେଲା ଏଏସ୍‌ପି, ଭିଜିଲାନ୍ସ ଡିଏସ୍‌ପି ବନମାଳୀ ଧଳଙ୍କୁ ଭିଜିଲାନ୍ସ ଏଏସ୍‌ପି, ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚର ଡିଏସ୍‌ପି ଅଙ୍କୁର ମଲ୍ଲିକଙ୍କୁ ମୟୂରଭଞ୍ଜ ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି, ଝାରସୁଗୁଡ଼ା ଆଇୟୁସିଡବ୍ଲ୍ୟୁ ଡିଏସ୍‌ପି କେଶବ ଚନ୍ଦ୍ର ବେହେରାଙ୍କୁ ସେହି ସ୍ଥାନରେ ପଦୋନ୍ନତି ପରେ ଏଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି।

ସେହିଭଳି ଆଉ ୨ଜଣ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ମଧ୍ୟ ବଦଳି କରାଯାଇଛି। କଟକ ପୋଲିସ ଯୋଗାଯୋଗ ବିଭାଗର ଅତିରିକ୍ତ ଡିସିପି ଏ.ଏନ୍. ମହାନ୍ତିଙ୍କୁ ରାୟଗଡ଼ା ଏଏସ୍‌ପି, ଯାଜପୁର ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି ଜୟରାମ ଶତପଥୀଙ୍କୁ କଳିଙ୍ଗନଗର ଏଏସ୍‌ପି ଭାବେ ବଦଳି କରାଯାଇଛି। ଭଞ୍ଜନଗର ଏଏସ୍‌ପି ସନ୍ତୋଷ ଦାସ ବର୍ତ୍ତମାନ କମିଶନରେଟ୍ ପୋଲିସରେ ଅତିରିକ୍ତ ଡିସିପି ଭାବେ ଡେପୁଟେସନ୍‌ରେ ଥିଲେ। ତାଙ୍କୁ ସେହି ସ୍ଥାନରେ ସ୍ଥାୟୀ ନିଯୁକ୍ତି ଦିଆଯାଇଛି। ସେହିଭଳି କଟକ ସ୍ପେଶାଲ୍ ବ୍ରାଞ୍ଚର ଏଏସ୍‌ପି ସୁବଳ ଚନ୍ଦ୍ର କରଙ୍କୁ ସ୍ପେସାଲ୍ ବ୍ରାଞ୍ଚର ଏଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି।

# ହକି ବିକାଶ ନେଇ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଜୁଏଲଙ୍କ ଚିଠି

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ସୁନ୍ଦରଗଡ ଜିଲାରେ ହକିର କିପରି ବିକାଶ ହୋଇପାରିବ ସେନେଇ ଏମ୍‌ପି ଜୁଏଲ ଓରାମ ଗୁରୁତ୍ୱ ଦେଇଛନ୍ତି। ଏନେଇ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଜୁଏଲ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାର ହକିର ବିକାଶ ପାଇଁ ଏହାର ଘରୋଇକରଣ କରିବାକୁ ଚାହୁଁଛନ୍ତି। ଏଥିଲାଗି ଘରୋଇ ଉଦ୍ୟୋଗୀମାନେ କେତେଗୁଡିଏ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ତାହା ହକି ବିକାଶ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରିବ। ଏହାସହ ଉନ୍ନତମାନର ତାଲିମ ଯୋଗାଇବା ଆଳରେ ସୁନ୍ଦରଗଡରେ ଥିବା କ୍ରୀଡା ଉତ୍କର୍ଷ କେନ୍ଦ୍ରକୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଏହା ଫଳରେ ହକି ଛାତ୍ରାବାସର ପ୍ରଦର୍ଶନରେ ଅବନତି ଘଟିଛି। ତେଣୁ ହକିର ବିକାଶ ପାଇଁ ସୁନ୍ଦରଗଡରେ ଏକ ତାଲିମ କେନ୍ଦ୍ର ଖୋଲିବା ପାଇଁ ଜୁଏଲ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

ଅନ୍ୟପଟେ ହକି ଖେଳରେ ସୁନ୍ଦରଗଡର ଯୁବ ବର୍ଗ ବିଶ୍ୱ ଦରବାରରେ ଦେଶକୁ ଗୌରବାନ୍ୱିତ କରି ପାରିଛନ୍ତି। ହକି ଖେଳର ପ୍ରସ୍ତୁତି ନିମନ୍ତେ ଜିଲାର ଯୁବ ବର୍ଗ ୨୦୧୪ ପୂର୍ବରୁ ସୁନ୍ଦରଗଡରେ ଯେଉଁ ସୁବିଧା ପାଉଥିଲେ କ୍ରମାଗତଭାବେସେ ମାନରେ ଅବନତି ହେବାରେ ଲାଗିଛି।ତେଣୁ ସୁନ୍ଦରଗଡ ଜିଲାର ଖେଳାଳୀଙ୍କୁ ପୂର୍ବପରି ହକି ଖେଳର ସୁବିଧା ସୁଯୋଗ ଯୋଗାଇଦେବାକୁ ଜୁଏଲ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।


## ଜିଲ୍ଲା କାର୍ଯ୍ୟାଳୟ, ଯାଜପୁର
(ଶିଶୁ ସୁରକ୍ଷା ୟୁନିଟ୍)

ପତ୍ର ସଂଖ୍ୟା: DCPU/JPR/460/20 — ତାରିଖ:୨୯।୦୭।୨୦୨୦

### ବିଜ୍ଞପ୍ତି

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଯାଜପୁର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପାଞ୍ଚଜଣ ଅସହାୟ ଶିଶୁଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିକଟରେ ଉପସ୍ଥାପିତ କରାଯାଇଥିଲା। ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶକ୍ରମେ ଉକ୍ତ ପିଲାମାନଙ୍କେ ନିମ୍ନଲିଖିତ ଶିଶୁ ପରିଚର୍ଯ୍ୟାକାରୀ ଅନୁଷ୍ଠାନରେ ଅସ୍ଥାୟୀ ଭାବରେ ରହୁଛନ୍ତି। ଯେହେତୁ ଉକ୍ତ ଶିଶୁମାନଙ୍କର ପିତା-ମାତା ମୃତ ଅଥବା ଦୀର୍ଘ ଦିନଧରି ଫେରାର ଅଛନ୍ତି, ତେଣୁ, ଯଦି ସେମାନଙ୍କ ନିକଟ ସମ୍ପର୍କୀୟ ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର କେହି ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଅଧକ୍ଷା, ଶିଶୁ ମଙ୍ଗଳ କମିଟି, ଯାଜପୁର, ଫୋନ୍ - ୨୨୨୧୩୧, ମୋ- ୯୩୩୮୧୦୪୯୭ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର, ଫୋନ୍ - ୦୬୭୨୮-୨୨୩୬୨୨, ୯୪୩୭୨୯୭୬୨୨ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣପତ୍ର ଦାଖଲକରି ଉକ୍ତ ପିଲାମାନଙ୍କୁ ନେବା ପାଇଁ ଦାବି ଉପସ୍ଥାପନ କରିପାରିବେ। ଯଦି ଉକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁମାନଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଦାୟ ମୁକ୍ତ ଘୋଷଣା କରାଯିବ।

| ଶିଶୁର ନାମ | ଲିଙ୍ଗ | ବୟସ | ଉଦ୍ଧାର କରାଯାଇଥିବା ସ୍ଥାନ | CWC କେସ୍ ନଂ. ଓ ତାରିଖ | ବର୍ତ୍ତମାନ ରହୁଥିବା ସ୍ଥାନ | ଫଟୋ |
|---|---|---|---|---|---|---|
| ରାମଚନ୍ଦ୍ର ମାରାଣ୍ଡି | ପୁଅ | ୪ ବର୍ଷ | ପିତା: ୰ଦୁଃଖୀରାମ ମାରାଣ୍ଡି ଓ ମାତା: ୰ସଞ୍ଜୁ ମାରାଣ୍ଡି, ସା: ଡିଙ୍କିଶାଳ, ପୋଷ୍ଟ: ଶାଳିଜଙ୍ଗା, କଳିଙ୍ଗ ନଗର, ଯାଜପୁର | ୩୪, ୩୫/ ୨୦।୦୪।୨୦ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ଉତ୍କଳ ବାଳାଶ୍ରମ, ଯାଜପୁର | |
| ଯଦୁମଣି ମାରାଣ୍ଡି | ପୁଅ | ୬ ବର୍ଷ | | | | |
| ରାନୀ ମାରାଣ୍ଡି | ଝିଅ | ୭ ବର୍ଷ | | ୩୬/ ୨୦।୦୪।୨୦ | ନେସନ, ବୁଢ଼ାକେନ୍ଦୁଆ, ବଡ଼ଚଣା, ଯାଜପୁର | |
| ସ୍ମୃତି ନାଗ | ପୁଅ | ୯ ବର୍ଷ | ପିତା: ବାବୁଲି ନାଗ, ସା: ଝୁମ୍ପାଣ, ପୋଷ୍ଟ: ତୁବୁରି, କଳିଙ୍ଗ ନଗର, ଯାଜପୁର | ୬୫/ ୨୬।୦୬।୨୦ | ଅନ୍ନପୂର୍ଣ୍ଣା ଶିଶୁ ଗୃହ, ରମ୍ପାସ, ଯାଜପୁର ରୋଡ୍ | |
| ସୋନି | ଝିଅ | ୮ ମାସ | ପିତା: ନଣ୍ଡା ମୁଣ୍ଡା ଓ ମାତା: ପାର୍ବତୀ ମୁଣ୍ଡା, ସା: କନ୍ହେଇପୁର, ଯାଜପୁର ରୋଡ୍ | ୬୬/ ୦୭।୦୭।୨୦ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ଉତ୍କଳ ବାଳାଶ୍ରମ, ଯାଜପୁର | |

ସ୍ୱା./- ଜିଲ୍ଲାପାଳ, ଯାଜପୁର



## OFFICE OF THE PARADEEP MUNICIPALITY, PARADEEP

RFP No.3642/ — Date 29.07.2020

### REQUEST FOR PROPOSAL

Paradeep Municipality invites "Request for Proposal" (RFP) from reputed and experienced agencies/NGO or CSO with appropriate legal entity/Federation of WSHGs/Reputed Public and private sector companies/Resident Welfare Association for Operation and Management of Shelter for Urban Homeless at Paradeep City.

| SL. NO. | NAME OF THE WORK | PAPER COST | EMD | PAPER AVAILABILITY | LAST DATE OF RECEIVING PROPOSALS | DATE OF OPENING OF THE TENDER |
|---|---|---|---|---|---|---|
| 1 | Operation, Management & Maintenance of SUH (Shelter for Urban Homeless for 20 Seated) at Paradeep | Rs.2,500/- | Rs.20,000/- | From 10 A.M. of Dt.30.07.2020 to 12 noon of 10.08.2020 | 1 P.M. of 12.08.2020 | 4.30 P.M. of 12.08.2020 |

Tender document along with terms & condition, date and time of opening and tender evaluation can be downloaded from the Municipality Web Portal www.paradeepmunicipality.org for further details and any queries, please refer to the RFP documents available in www.paradeepmunicipality.org from Dt.30.07.2020.

Proposal in sealed envelopes with clearly mentioned the name of the RFP on top, must reach the office of the undersigned by 1.00 P.M. on Dt.12.8.2020 through speed/registered post or can be dropped in Tender Box (Keep in the office for this tender) which will be opened on 12.08.2020 at 4.30 P.M. in the presence of bidders/ authorised representatives at the same address.

Sd./- Executive Officer
Paradeep Municipality



## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ପାର୍ଟ ଟାଇମ୍ କାମ
ଟେଲିକମ୍ 4ଜି କମ୍ପାନୀରେ (ଏସ୍‌ଏମ୍‌ଏସ୍-କାମ) କରି, ପୁଅ, ଝିଅ, ଗୃହିଣୀମାନେ ଘରେ ବସି ମାସିକ 15,000-45,000 ରୋଜଗାର କରନ୍ତୁ । ଲାପ୍‌ଟପ୍ + ମୋବାଇଲ ମାଗଣା ଏସ୍‌ଏମ୍‌ଏସ/କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
ମୋବାଇଲ + ଲାପ୍‌ଟପ୍ ମାଗଣା
07044895450
07044895402

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ | ଭଡ଼ା- 65,000 | ବାଇକ୍ | ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | ଭଡ଼ା: 45 ହଜାର | + ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଆଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କେଣ୍ଟ, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ | ଭଡ଼ା: 45 ହଜାର | + ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଢେଙ୍କାନାଳ, ଗୁରୁବାର, ୩୦ ଜୁଲାଇ, ୨୦୨୦



## ଥାନାର ଦ୍ୱାରସ୍ଥ ହେଲେ କୁଇଓ ଗ୍ରାମବାସୀ

**ଅନୁଗୋଳ ଅଫିସ:** ଅନୁଗୋଳ ଥାନା କୁଇଓ ଗ୍ରାମର ବଡ଼ଜୋର ଛକ ଠାରୁ କନ୍ଧଗଡ଼ ମଠ ପାଖାପାଖି ଅଞ୍ଚଳରେ କେତେଜଣ ବିଭିନ୍ନ ସମୟରେ ଭୋଜି ସହ ମଦ୍ୟପାନ କରି ଆଡ୍ଡା ଜମାଉଛନ୍ତି। ଏପରି କି ଶନିବାର ଓ ରବିବାର ଶଟ୍‌ଡାଉନ୍‌କୁ ମଧ୍ୟ ସେମାନେ ମାନୁନାହାନ୍ତି। ଏ ନେଇ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମର ଅକ୍ଷୟ ଗଡ଼ନାୟକ, ପ୍ରମୋଦ ଗଡ଼ନାୟକ, ପ୍ରମୋଦ ଦେହୁରୀ, ସତ୍ୟା ମହାରଣା, ଉତ୍ସବ ଗଡ଼ନାୟକ, ଦିଗାମ୍ବର ସାହୁଙ୍କ ପ୍ରମୁଖ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

**ସଂକ୍ଷେପରେ**

### କେନାଲରେ ବୁଡ଼ିଗଲେ ଦୁଇ ସାଙ୍ଗ

**ଅନୁଗୋଳ ଅଫିସ, ୨୯।୭:** କେନାଲରେ ଗାଧୋଇବା ବେଳେ ବୁଡ଼ିଯାଇ ଦୁଇ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ବୁଧବାର ଅପରାହ୍ନରେ ଅନୁଗୋଳ ଥାନା ହେମସୁରପଡ଼ା ଅଞ୍ଚଳରେ ଘଟିଥିବା ଏହି ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତ ଦୁଇ ସାଙ୍ଗ ହେଲେ ବୃନ୍ଦାବନ ସେଠୀ(୩୦) ଓ ବିଶ୍ୱଜିତ ମହାନ୍ତି (୨୮)। ଏ ନେଇ ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବୃନ୍ଦାବନ ଓ ବିଶ୍ୱଜିତ ହେମସୁରପଡ଼ା ଶୁଖୁଆସାହି ଦେଇ ଯାଇଥିବା ନାଳକୁ ଗାଧୋଇ ଯାଇଥିଲେ। ଅସାବଧାନତାରୁ ବୃନ୍ଦାବନଙ୍କ ଗୋଡ଼ ଖସି ଯିବାରୁ ସେ ଗଭୀର ପାଣିକୁ ଚାଲିଯାଇଥିଲେ। ଏହା ଦେଖି ବିଶ୍ୱଜିତ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିବା ବେଳେ ଉଭୟେ ବୁଡ଼ିଯାଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ଦୁହିଁଙ୍କୁ ପାଣିରୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଜଣାପଡ଼ିବା ପରେ ମେଡିକାଲରେ ଗ୍ରାମବାସୀ ଭିଡ଼ ଜମାଇଥିଲେ।

### କଣ୍ଟେନ୍‌ମେଣ୍ଟ ଦାବିରେ ହୋହଲ୍ଲା

**ଅନୁଗୋଳ ଅଫିସ, ୨୯।୭:** ଅନୁଗୋଳ ସହରର ସୌଭାଗ୍ୟନଗର ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ଦାବି କରି ସ୍ଥାନୀୟ ଲୋକେ ବୁଧବାର ଉପଜିଲାପାଳ ବାସୁଦେବ ଶତପଥୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋହଲ୍ଲା କରିଥିଲେ। ଉକ୍ତ ଅଞ୍ଚଳରୁ ୪୦ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯିବା ସହ ସାନିଟାଇଜ୍ କରାଯାଇଥିବା ବେଳେ ସଂକ୍ରମଣ ଆଶଙ୍କା ରହିଥିବାରୁ କଣ୍ଟେନମେଣ୍ଟ ପାଇଁ ଲୋକେ ଦାବି କରିଥିଲେ। ତେବେ ବୁଝାଶୁଝା କରି ଉପଜିଲାପାଳ ଶତପଥୀ ଅଞ୍ଚଳବାସୀଙ୍କୁ ଫେରାଇ ଦେଇଥିବା ସୂଚନା ମିଳିଛି।

### ୧୩୫ ସ୍ୱାବ୍ ରିପୋର୍ଟ ନେଗେଟିଭ୍

**ପରଜଙ୍ଗ, ୨୯।୭(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ପଞ୍ଚାୟତରୁ ଗତ ଜୁଲାଇ ୨୨ରେ ଜଣେ ବ୍ୟକ୍ତି କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଏବଂ ତାଙ୍କ ପୁଅ ବିଭିନ୍ନ ସ୍ଥାନ ବୁଲାବୁଲି କରିଥିବାରୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ଦେଖାଦେଇଥିଲା। ଏହାପରେ ୨୪ ତାରିଖଠାରୁ ୨୯ ତାରିଖ ଯାଏ ପଞ୍ଚାୟତକୁ ଶଟ୍‌ଡାଉନ୍ କରାଯାଇଥିଲା। ୨୭ ତାରିଖରେ ୧୩୫ ଜଣଙ୍କ ସ୍ୱାବ୍ ପରୀକ୍ଷା ଲାଗି ପଠାଯାଇଥିବାବେଳେ ବୁଧବାର ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବା ସରପଞ୍ଚ ପ୍ରିୟଜିତ୍ ସାମଲ ସୂଚନା ଦେଇଛନ୍ତି।

### ଦ୍ୱିଶତକ ମୁହାଁ କରୋନା

**ଢେଙ୍କାନାଳ ଅଫିସ,୨୯।୭:** ଢେଙ୍କାନାଳ ଜିଲାରେ କରୋନା ଗ୍ରାଫ୍ ବଢ଼ିବାରେ ଲାଗିଛି। ବୁଧବାର ଗଁଦିଆ ବ୍ଲକ ଖଣ୍ଡବନ୍ଧ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ସ୍ୱାବ୍ ପରୀକ୍ଷାରୁ ସେ କରୋନା ପଜିଟିଭ୍ ବୋଲି ଜଣାପଡ଼ିଛି। ସେ ଜ୍ୱରରେ ଆକ୍ରାନ୍ତ ହୋଇ ଜିଲା ଚିକିତ୍ସାଳୟକୁ ଆସିଥିଲେ। ଆଣ୍ଟିଜେନ୍ ଟେଷ୍ଟ ପରେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ତାଙ୍କୁ ଜିଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୯୯ରେ ପହଞ୍ଚିଛି।

### ଖମାର ୬ ଦିନ ଶଟ୍‌ଡାଉନ

**ପାଲଲହଡ଼ା, ୨୯।୭:** ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ପଞ୍ଚାୟତରୁ ବୁଧବାର ୭ ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ପୁରା ପଞ୍ଚାୟତକୁ ୬ ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇଛି। ବୁଧବାର ରାତି ୯ଟାରୁ ଆସନ୍ତା ସୋମବାର ରାତି ୯ଟା ପର୍ଯ୍ୟନ୍ତ ଶଟ୍‌ଡାଉନ କଟକଣା ଜାରି ରହିବ ବୋଲି ସରପଞ୍ଚ ସସ୍ମିତା ସାହୁ କହିଛନ୍ତି।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ପାଲଲହଡ଼ା, ୨୯।୭(ଡି.ଏନ.ଏ.):** ପାଲଲହଡ଼ା ଥାନା ବଙ୍କଦର ଡ୍ୟାମ୍ ନିକଟସ୍ଥ ସାମନ୍ତସାହିର ଗୋଗେଶ୍ୱର ସେଠୀଙ୍କ ମୃତଦେହ ବୁଧବାର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ୨ ଦିନ ହେବ ନିଖୋଜ ଥିବାବେଳେ ଏ ନେଇ ଏକ ମାମଲା ରୁଜୁ ହୋଇଥିଲା। କୌଣସି କାରଣରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଏ ନେଇ ନଂ. ୨୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

# ଦୁଃଖ ଆଣିଛି ଦୁଇ କି.ମି. ରାସ୍ତା

**ଭୁବନ, ୨୯।୭(ଡି.ଏନ.ଏ.)**



ଜାତୀୟ ରାଜପଥ ୫୩।

ଗାଁର ଛାତିଚିରି ଆଗକୁ ମାଡ଼ିଯାଇଛି ଜାତୀୟ ରାଜପଥ ୫୩। ଦୁଇଭାଗ ହୋଇଯାଇଛି ଗ୍ରାମ। ଉଭୟ ପଟରେ ଗଢ଼ିଉଠିଛି ଜନବସତି। ରହିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ। ଗୋଟିଏ ପଟରୁ ଆଉ ଗୋଟିଏ ପଟକୁ ନ ଗଲେ ନ ଚଳେ। ହେଲେ ଏଥିପାଇଁ ଅଞ୍ଚଳବାସୀଙ୍କ ଜୀବନ ଲାଗୁଛି ବାଜି। ଗ୍ରାମ ମଧ୍ୟରେ ଅବସ୍ଥିତ ୨କିମି ଦୈର୍ଘ୍ୟ ବିଶିଷ୍ଟ ଜାତୀୟ ରାଜପଥ ଅତିକ୍ରମ କରିବା ସମୟରେ ଘଟୁଛି ଦୁର୍ଘଟଣା। ହାନି ହେଉଛି ଧନଜୀବନ। ତେଣୁ ଯାତାୟାତକୁ ସୁଗମ କରିବା ଲାଗି ଅଣ୍ଡରପାସ୍ କିମ୍ବା ଓଭରବ୍ରିଜ୍ ନିର୍ମାଣ କରିବାକୁ ଦାବି କରିଛନ୍ତି ଢେଙ୍କାନାଳ ଜିଲା ଭୁବନ ବ୍ଲକ ଗଡ଼ନୃସିଂହପ୍ରସାଦ ଅଞ୍ଚଳବାସୀ।

ଗ୍ରାମବାସୀଙ୍କ କହିବା କଥା, ୬୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗଡନୃସିଂହପ୍ରସାଦର ଗୋଟିଏ ପାର୍ଶ୍ୱରେ ସେବା ସମବାୟ ସମିତି, ପଞ୍ଚାୟତ କାର୍ଯ୍ୟାଳୟ, ଆର୍‌ଆଇ ଅଫିସ, ପ୍ରାଥମିକ ସ୍କୁଲ ଏବଂ ଅପରପାର୍ଶ୍ୱରେ ୨ହାଇସ୍କୁଲ, ମହାବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀଧନ ଚିକିତ୍ସାଳୟ, ବିଦ୍ୟୁତ୍ କାର୍ଯ୍ୟାଳୟ ରହିଛି। ସେହିପରି ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳର ୧୫ରୁ ଊର୍ଦ୍ଧ୍ୱ ଖଣିରେ କାର୍ଯ୍ୟରତ ଶ୍ରମିକ, ଅଧିକାରୀମାନେ ଏହି ରାସ୍ତା ଉପରେ ନିର୍ଭରଶୀଳ, ଯାହା ରାଜପଥକୁ ବ୍ୟସ୍ତବହୁଳ ସଡ଼କରେ ପରିଣତ

- ଏନ୍ଏଚ୍ ୫୩ ପାର୍ ହେବାକୁ ଜୀବନ ଲାଗୁଛି ବାଜି
- ଗଡ଼ନୃସିଂହପ୍ରସାଦ ଅଞ୍ଚଳରେ ତେଜୁଛି ଅସନ୍ତୋଷ
- ଅଣ୍ଡରପାସ୍ କିମ୍ବା ଓଭରବ୍ରିଜ୍ ନିର୍ମାଣ କରିବାକୁ ଦାବି

କରିଛି। ଏନ୍ଏଚ୍ ୫୩କୁ ଏବେ ୪ ଲେନ୍ କରାଯାଉଛି। ତା'ସାଙ୍ଗକୁ ସମାନ୍ତରାଳ ଭାବେ ତାଳଚେର-ସୁକିନ୍ଦା ରେଳପଥ କାମ ମଧ୍ୟ ଆଗେଇ ଚାଲିଛି। ଏହା ପରେ ଏନ୍ଏଚ୍ ପାର କରିବା ଆହୁରି ବିପଦସଙ୍କୁଳ ହୋଇଯିବ। ସେହିପରି ଜାତୀୟ ରାଜପଥର ଉଭୟ ପାର୍ଶ୍ୱକୁ ସଂଯୋଗ କରିବାକୁ ୭ ରାସ୍ତା ରହିଛି। ରାସ୍ତାଗୁଡ଼ିକ ଜାତୀୟ ରାଜପଥରେ ଯେଉଁସ୍ଥାନରେ ମିଶିଛି ସେହି ସ୍ଥାନଗୁଡ଼ିକ ଦୁର୍ଘଟଣାପ୍ରବଣ। ଏହାର ସମାଧାନ ଲାଗି ଅଞ୍ଚଳବାସୀ ଏକ ଭେହିକିଲ ଅଣ୍ଡରପାସ୍ ବା ଓଭରବ୍ରିଜ୍ ଏବଂ ଜମିରୁ ଜଳ ନିଷ୍କାସନ ପାଇଁ ୩ଟି ଡ୍ରେନ୍ ନିର୍ମାଣ କରିବାକୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ଭିତରେ ଅସନ୍ତୋଷ ଦାନା ବାନ୍ଧିବା ଆରମ୍ଭ କରିଛି। ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ତୀବ୍ର କରାଯିବା ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ କୁହନ୍ତି, ଅଭିଯୋଗ ପରେ ତଦନ୍ତ କରାଯାଇଛି। ରେଳ ବିଭାଗ ଏବଂ ଏନ୍ଏଚ୍ଏଆଇ ବିଭାଗର ଅଧିକାରୀଙ୍କୁ ଚିଠି କରାଯାଇଛି। ସମସ୍ୟାର ସମାଧାନ ଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ।

### ଦାବି ପୂରଣ ନ ହେଲେ ଆନ୍ଦୋଳନ



ରାଜପଥରେ ଅଣ୍ଡରପାସ୍ କିମ୍ବା ଓଭରବ୍ରିଜ୍ ନିର୍ମାଣ କରାଯିବା ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି। ୫୩ନଂ. ଜାତୀୟ ରାଜପଥକୁ ୪ ଲେନ୍ ବିଶିଷ୍ଟ କରିବାକୁ କାମ ଆଗେଇ ଚାଲିଛି। ଏହା ସରିବା ପରେ ଅଧିକ ଯାନବାହନ ଯାତାୟାତ କରିବ ଏବଂ ଦୁର୍ଘଟଣା ମଧ୍ୟ ବଢ଼ିବ। ତେଣୁ ଅଣ୍ଡରପାସ କିମ୍ବା ଓଭରବ୍ରିଜ୍ ନିର୍ମାଣ କରିବା ଜରୁରୀ। ଲୋକଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର କରାଯିବ।

**-ତପନ କୁମାର କହଁର, ସରପଞ୍ଚ**

### ଅଣ୍ଡରପାସ୍ ନିର୍ମାଣ ହେଉ



ଗଡ଼ନୃସିଂହପ୍ରସାଦ ଛକ ଦେଇ ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳକୁ ବହୁ କର୍ମଜୀବୀ କାମ କରିବାକୁ ଯାଇଥାନ୍ତି। ଜାତୀୟ ରାଜପଥ ଗ୍ରାମକୁ ଦୁଇଭାଗ କରିଦେଇଛି। ଏହାର ଗୋଟିଏ ପାର୍ଶ୍ୱରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି। ଫଳରେ ଲୋକମାନେ ଜୀବନକୁ ବାଜି ଲଗାଇ ରାସ୍ତା ପାର୍ ହୋଇଥାନ୍ତି। ଏହି କାରଣରୁ ଦୁର୍ଘଟଣା ମଧ୍ୟ ଘଟୁଛି। ଭେହିକିଲ ଅଣ୍ଡରପାସ୍ କିମ୍ବା ଗୋଲେଇ ଛକ ନିର୍ମାଣ କରାଗଲେ ଏହାର ସମାଧାନ ହୋଇପାରନ୍ତା।

**-ପ୍ରେମାନନ୍ଦ ଜେନା, ସାମାଜିକ କର୍ମୀ**

### ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି



ଅଞ୍ଚଳର ସମସ୍ୟାର ସମାଧାନ ଲାଗି କମିଟି ଗଠନ କରାଯାଇଛି। ଏ ସଂକ୍ରାନ୍ତରେ ପ୍ରଶାସନିକ ଅଧିକାରୀ, ଜାତୀୟ ରାଜପଥ ଏବଂ ରେଳ ବିଭାଗ ସହିତ ଆଲୋଚନା କରିବା ପାଇଁ ପ୍ରୟାସ କରାଯାଇଥିଲା। ତେବେ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ନ ଦେବାରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସମସ୍ୟା ସମାଧାନ ନ ହେଲେ ଉନ୍ନୟନମୂଳକ କାମ କରାଇ ଦିଆଯିବନି।

**-ବିଭୂତି ମହାନ୍ତି, ଗ୍ରାମ ମଙ୍ଗଳ କମିଟି ସଭାପତି**

### ଘରେ ପଶି ଧାନ ଖାଇଗଲା ହାତୀଛୁଆ



ବୁଧବାର ଅପରାହ୍ନରେ ଜନବସତି ନିକଟରେ ହାତୀ।

**ପରଜଙ୍ଗ, ୨୯।୭(ଡି.ଏନ.ଏ.)**

ପରଜଙ୍ଗ ବ୍ଲକ ବସନ୍ତପଡ଼ା ଗ୍ରାମରେ ହାତୀ ଉପଦ୍ରବ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଛି। ପୁରନ୍ଦର ସାହୁଙ୍କ ଘରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଛୁଆ ହାତୀ ପଶି ଧାନ ଖାଇଯିବା ସହ ଶୁଣ୍ଢରେ ଧାନବସ୍ତା ବୋହି ନେଇଥିବା ଅଭିଯୋଗ ହୋଇଛି। ପୁରନ୍ଦରଙ୍କ କହିବା କଥା, ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୨ଟାବେଳେ ମୁଖ୍ୟଦ୍ୱାର ଦେଇ ଏକ ଛୁଆହାତୀ ଘର ଭିତରକୁ ପଶି ଆସିଥିଲା। ମା' ହାତୀ ମଧ୍ୟ ଘରେ ପଶିବାକୁ ଉଦ୍ୟମ କରୁଥିବାବେଳେ ସଫଳ ହୋଇପାରି ନ ଥିଲା। ଧାନ ଖାଉଥିବାବେଳେ ପୁରନ୍ଦର କୌଶଳକ୍ରମେ ଅନ୍ୟ ରାସ୍ତା ଦେଇ ପଦାକୁ ପଳାଇ ଆସିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଦୁଇ ହାତୀକୁ ଘଉଡ଼ାଇଥିଲେ। ଉକ୍ତ ଦୁଇ ହାତୀ ବୁଧବାର ଅପରାହ୍ନରେ ଜନବସତି ନିକଟରେ ପୁନର୍ବାର ଉପସ୍ଥିତି ଜାହିର କରିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

## ବିକାଶ ହତ୍ୟା ଘଟଣାର ପର୍ଦ୍ଦାଫାଶ

**ବନ୍ତଲା, ୨୯।୭(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ଧୋକୁଟା ଯାଉଁଳିଯୋର ଦୁର୍ଗା ମନ୍ଦିର ସମ୍ମୁଖ ଗୁରଙ୍ଗ ରାସ୍ତାରେ ଗତ ୨୪ ତାରିଖରେ ଅନୁଗୋଳ ଥାନା ବାଲୁଅକଟା ଗ୍ରାମର ବିକାଶ ଦେହୁରୀ (୨୭)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବନ୍ତଲା ପୋଲିସ ବୁଧବାର ନିଶା ଶିଳ୍ପାଞ୍ଚଳ ଥାନା ବଡକେରଜାଙ୍ଗ ଗ୍ରାମର ଶିବାନନ୍ଦ ସାହୁ(୨୩) ଓ ଲକ୍ଷ୍ମଣ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ହତ୍ୟାରେ ବ୍ୟବହୃତ ଛୁରି ଓ ଏକ ବାଇକ୍ ଜବତ କରାଯାଇଛି।

ଆଇଆଇସି ଗୀତାଞ୍ଜଳି ସାହୁ କହିଛନ୍ତି, ବିକାଶ ଓ ଅଭିଯୁକ୍ତ ଶିବାନନ୍ଦ ସ୍ଥାନୀୟ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। କୌଣସି କାମକୁ ନେଇ ଶିବାନନ୍ଦ ଓ ବିକାଶଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଶିବାନନ୍ଦ ବିକାଶଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଘଟଣା ଦିନ ସକାଳ ସାଢେ ୮ଟାରେ ଶିବାନନ୍ଦ ଫୋନ କରି ବିକାଶଙ୍କୁ ବନ୍ତଲାକୁ ଡାକିଥିଲେ। ବିକାଶ ବାଇକ୍‌ରେ ବନ୍ତଲା

- ୨ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ
- ଧରାପକାଇଲା ଫୋନ୍ ଟ୍ରେସିଂ, ସିସିଟିଭି

ରେଞ୍ଜ ଅଫିସ ନିକଟରେ ପହଞ୍ଚି ଶିବାନନ୍ଦ ଓ ଲକ୍ଷ୍ମଣଙ୍କ ସହ ମଦ କିଣିବା ପରେ ଧୋକୁଟା ସାପ୍ତାହିକ ହାଟକୁ ଯାଇଥିଲେ। ପରେ ସେମାନେ ଦୁର୍ଗାମନ୍ଦିର ସମ୍ମୁଖ ରାସ୍ତାରେ ପହଞ୍ଚିଥିଲେ। ସେଠାରେ ଶିବାନନ୍ଦ ଛୁରିରେ ବିକାଶଙ୍କ ଛାତିକୁ ଆକ୍ରମଣ କରିଥିଲେ। ବିକାଶ ତଳେ ପଡିଯିବା ପରେ ୨ ଅଭିଯୁକ୍ତ ତାଙ୍କ ତଣ୍ଟି କାଟିଦେଇଥିଲେ। ଅଭିଯୁକ୍ତମାନେ ବିକାଶଙ୍କ ପକେଟରୁ ମୋବାଇଲ ନେଇଯାଇଥିଲେ। ପରେ ଡେରଜାଙ୍ଗ ଡ୍ୟାମ୍‌ରେ ଗାଧୋଇବା ସହ ରକ୍ତଛିଟା ଲାଗିଥିବା ପୋଷାକ ଓ ବିକାଶଙ୍କ ମୋବାଇଲ ପାଣିକୁ ଫିଙ୍ଗି ଦେଇଥିଲେ। ମୋବାଇଲ କଲ ଯାଞ୍ଚ, ସିସିଟିଭି ଫୁଟେଜ, ଜିପିଏସ୍ ଆଦି ଜରିଆରେ ପୋଲିସ ଅଭିଯୁକ୍ତଙ୍କୁ ଧରିପାରିଥିବା ଆଇଆଇସି ପ୍ରକାଶ କରିଛନ୍ତି।

## ବିବି ହାଇସ୍କୁଲରେ ୮୩% କୃତକାର୍ଯ୍ୟ

**ଢେଙ୍କାନାଳ ଅଫିସ, ୨୯।୭**

ଢେଙ୍କାନାଳ ସହରସ୍ଥିତ ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ହାଇସ୍କୁଲର ୮୩% ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ପରୀକ୍ଷା ଦେଇଥିବା ୧୬୫ଜଣଙ୍କ ମଧ୍ୟରୁ ୧୩୮ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ଏ-୧ରେ ୨, ଏ-୨ରେ ୧୪, ବି-୧ରେ ୧୦, ବି-୨ରେ ୨୩, ସି-ରେ ୨୧, ଡି-ରେ ୩୭ ଏବଂ ଇ-ରେ ୩୬ଜଣ ଅଛନ୍ତି। ଓମ୍‌କାର ମାଝି ୫୬୮ନମ୍ବର ରଖି ଜିଲାରେ ଟପ୍ପର ହୋଇଥିବାବେଳେ ବିଶ୍ୱଜିତ ରାଉତ ୫୫୨ ମାର୍କ ସହ ବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୧୪୦ଜଣ ଉତ୍ତୀର୍ଣ୍ଣ ହୋଇଥିବା ସମ୍ପାଦକ ବିଶ୍ୱନାଥ ବେହେରା ସୂଚନା ଦେଇଛନ୍ତି।

## ଅନୁଗୋଳରେ ପାସ୍ ହାର ୭୫.୨୩%

**ଅନୁଗୋଳ ଅଫିସ, ୨୯।୭**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷାରେ ଚଳିତବର୍ଷ ଅନୁଗୋଳ ଜିଲାରୁ ୭୫.୨୩ ପ୍ରତିଶତ ପିଲା ପାସ୍ କରିଛନ୍ତି। ପୂର୍ବବର୍ଷ ଅପେକ୍ଷା ଏଥର ଅଧିକ ସଂଖ୍ୟକ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବା ଜିଲା ଶିକ୍ଷା ଅଧିକାରୀ କଳ୍ପନା ବେହେରା ସୂଚନା ଦେଇଛନ୍ତି।

ଜିଲାର ୮୫ଟି କେନ୍ଦ୍ରରେ ପରୀକ୍ଷା ଦେଇଥିବା ମୋଟ୍ ୧୬ ହଜାର ୧୧୩ ଜଣଙ୍କ ମଧ୍ୟରୁ ୧୬ ହଜାର ୧୦୩ ଜଣଙ୍କ ଫଳ ପ୍ରକାଶ ପାଇଛି। ସେଥିରୁ ୧୨ ହଜାର ୧୨୨ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ କରିଥିବା ପିଲାଙ୍କ ମଧ୍ୟରେ ୬୨୬୩ ଛାତ୍ରୀ ଓ ୫୮୫୯ ଛାତ୍ର ରହିଛନ୍ତି। ୪୨ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଏ-୧ ତାଲିକାରେ ରହିଛନ୍ତି। ସେହିପରି ଏ-୨ରେ ୨୯୯ ଜଣ, ବି-୧ରେ ୬୬୨, ବି-୨ରେ ୧୦୩୯, ସି-ରେ ୧୫୧୫ ଜଣ, ଡି-ରେ ୨୪୧୯, ଇ-ରେ ୬୧୪୬ ଓ ଏଫ୍-ରେ ୩୯୮୧ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଜିଲାରେ ୨୭୬ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୨ ଜଣ ପାସ୍ କରିଛନ୍ତି ଓ ପାସ୍ ହାର ୫୧.୪୫ ପ୍ରତିଶତ ରହିଛି। ସେହିପରି କରେସପୋଣ୍ଡେନ୍ସ କୋର୍ସରେ ୨୨୫ ଜଣଙ୍କ ମଧ୍ୟରୁ ୯୨ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଛାତ୍ର ସୌମ୍ୟରଞ୍ଜନ ସାମନ୍ତ ୫୭୫ ନମ୍ବର ରଖି ଜିଲାରେ ଟପ୍ପର ହୋଇଥିବାବେଳେ ଛାତ୍ରୀ ଫାଲ୍‌ଗୁନୀ କଶ୍ୟପ୍ ୫୭୧ ନମ୍ବର ରଖି ଦ୍ୱିତୀୟ ଓ ଛାତ୍ରୀ ଦିବ୍ୟଜ୍ୟୋତି ସାମଲ ୫୬୯ ନମ୍ବର ରଖି ଜିଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଛେଣ୍ଡିପଦା ବ୍ଲକ ବାଣେଶ୍ୱର ଉଚ୍ଚବିଦ୍ୟାଳୟର ଛାତ୍ର ରାମକୃଷ୍ଣ ବିଶ୍ୱାଳ ୫୪୧ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ବାଲିପଟା ଉଚ୍ଚ ବିଦ୍ୟାଳୟର ଡବୁଲ ସାହୁ ୫୪୦ ନମ୍ବର ରଖି ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କଣିହାଁ ବ୍ଲକରେ ଏନ୍‌ଟିପିସି ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀ ରାଜେଶ୍ୱରୀ ମହାପାତ୍ର ୫୫୪ ନମ୍ବର ରଖି ପ୍ରଥମ, ୫୪୮ ନମ୍ବର ରଖି ସ୍ନେହାଂଶୁ ରାଉତ ଦ୍ୱିତୀୟ ହୋଇଛନ୍ତି। କୁଲାବିର ଚନ୍ଦ୍ରଶେଖର ହାଇସ୍କୁଲର ଛାତ୍ର ଦିବ୍ୟଲୋଚନ ପାତ୍ର ଓ ଏନ୍‌ଟିପିସି ସରସ୍ୱତୀ ବିଦ୍ୟାମନ୍ଦିରର ସୌମ୍ୟରଞ୍ଜନ ପରିଡା ୫୪୪ ନମ୍ବର ରଖି ଯୁଗ୍ମ ଭାବେ କଣିହାଁ ବ୍ଲକରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ମହିଳାଙ୍କୁ କଟୁରିରେ ହାଣି ହତ୍ୟା

**ଛେଣ୍ଡିପଦା,୨୯।୭(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଗଡିଆ ସଜରାସାହିର ଯୁବକ ଶମ୍ଭୁନାଥ ସାହୁ ବୁଧବାର ତାଙ୍କ ପଡୋଶୀ ମହିଳା ରେବତୀ ସାହୁଙ୍କୁ କଟୁରିରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ବାଗଡିଆ ଫାଣ୍ଡି ପୋଲିସ ପହଞ୍ଚି ଶମ୍ଭୁନାଥଙ୍କୁ ଗିରଫ କରିଛି। ପୋଲିସ ସୂଚନା ମୁତାବକ, ମଧ୍ୟାହ୍ନରେ ଶମ୍ଭୁନାଥ ଏକ କଟୁରି ଧରି ରେବତୀଙ୍କ ଘରେ ପଶିଯିବା ସହ ପାଟିତୁଣ୍ଡ କରିଥିଲେ। ଉଭୟଙ୍କ ମଧ୍ୟରେ ବଚସା ହେବାରୁ ଶମ୍ଭୁ କଟୁରି ଧରି ରେବତୀଙ୍କୁ ଗୋଡାଇଥିଲେ। ରେବତୀ ଦୌଡ଼ି ପଳାଉଥିବା ସମୟରେ ଶମ୍ଭୁ ତାଙ୍କ ବେକରେ କଟୁରି ଚୋଟ ପକାଇଥିଲେ। ଘଟଣାସ୍ଥଳରେ ରେବତୀଙ୍କ ମୃତ୍ୟୁ ହୋଇଥିଲା। ଶମ୍ଭୁ ସେଠାରୁ ଫେରାର ହେବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ହାତରେ ଧରା ପଡିଥିଲେ। ହତ୍ୟାକାଣ୍ଡର କାରଣ ଜଣାପଡିନାହିଁ। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।

## ଢେଙ୍କାନାଳରେ ୭୫.୮୬% ରେଜଲ୍ଟ

**ଢେଙ୍କାନାଳ ଅଫିସ, ୨୯।୭:** ଢେଙ୍କାନାଳ ଜିଲାରେ ମାଟ୍ରିକ ପାସ୍‌ହାର ୭୫.୮୬% ରହିଛି। ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ହାଇସ୍କୁଲର ଓମ୍‌କାର ମାଝି ୫୬୮ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ଚଳିତବର୍ଷ ପୁଅଙ୍କ ତୁଳନାରେ ଝିଅମାନେ ଭଲ ପ୍ରଦର୍ଶନ କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ୬୩୫୯ ଛାତ୍ରୀ ଏବଂ ୬୦୦୪ ଛାତ୍ର ଥିବା ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ସୂଚନା ଦେଇଛନ୍ତି।

ଚଳିତବର୍ଷ ୮୧ ପରୀକ୍ଷାକେନ୍ଦ୍ରରେ ୨୬୯ ସ୍କୁଲର ୧୬,୨୯୮ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୨,୩୬୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରେ ଏ-୧ରେ ୩୩, ଏ-୨ରେ ୨୭୪, ବି-୧ରେ ୬୦୯, ବି-୨ରେ ୧୦୯୬, ସି-ରେ ୧୬୨୮, ଡି-ରେ ୨୬୪୮ ଏବଂ ଇ-ରେ ୬୦୭୫ ଜଣ ପାସ୍ ହୋଇଛନ୍ତି। ୧୧୩ କପି କରି ଧରାପଡ଼ିଥିବାବେଳେ ୩୮୨୨ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। କାମାକ୍ଷାନଗର ବ୍ଲକ ବାଲିଗୋରଡସ୍ଥିତ ମୃଷା ମଲ୍ଲିକ ହାଇସ୍କୁଲ, କଙ୍କଡ଼ାହାଡ଼

### ଛାତ୍ରୀ ଆଗରେ

ବ୍ଲକ ସୁନ୍ଦରମୁଣ୍ଡସ୍ଥିତ ଆଞ୍ଚଳିକ ବିଦ୍ୟା ନିକେତନ, ଝିଲ୍ଲିସ୍ଥିତି ତୋରଡ଼ାନାଳି ହାଇସ୍କୁଲ ଏବଂ ହିନ୍ଦୋଳ ବ୍ଲକର ଖରିଡାଳି ପଞ୍ଚାୟତ ହାଇସ୍କୁଲର ପାସ୍‌ହାର ୧୦୦% ରହିଛି। ଗତବର୍ଷ ୧୬,୬୬୬ଜଣ ପରୀକ୍ଷା ଦେଇଥିବା ବେଳେ ୧୨,୦୦୩ଜଣ ପାସ୍ କରିଥିଲେ। ଏ-୧ରେ ୩୭ଜଣ କୃତକାର୍ଯ୍ୟ ହୋଇଥିଲେ।

## ନୂଆ ୧୬, ୩ଶହ ଟପିଲା ପଜିଟିଭ୍ ସଂଖ୍ୟା

**ଅନୁଗୋଳ ଅଫିସ, ୨୯।୭**

ଅନୁଗୋଳ ଜିଲାରୁ ବୁଧବାର ଆଉ ୧୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ୧୬ ଜଣଙ୍କ ମଧ୍ୟରେ ତାଳଚେର ବ୍ଲକ ଅଞ୍ଚଳରୁ ସର୍ବାଧିକ ୮ ଜଣ, ପାଲଲହଡ଼ା ବ୍ଲକ ଅଞ୍ଚଳରୁ ୭ ଜଣ ଓ ବଅଁରପାଳ ବ୍ଲକ ଅଞ୍ଚଳରୁ ଜଣେ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏହି ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୩୦୨ରେ ପହଞ୍ଚିଛି। ଅନ୍ୟପକ୍ଷରେ ୨୨ ଜଣ ସୁସ୍ଥ ହୋଇ କୋଭିଡ୍ କେୟାର ସେଣ୍ଟରକୁ ନିରୀକ୍ଷଣ ପାଇଁ ଯାଇଥିବାରୁ ଜିଲାରେ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୨୦୭ରେ ପହଞ୍ଚିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ବୁଧବାର ନୂଆ ୧୬ ଆକ୍ରାନ୍ତଙ୍କୁ ତାଳଚେରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର

### ୩ ଦିନିଆ କ୍ୱାରାଣ୍ଟାଇନ୍‌ରେ ରକ୍ତ ଭଣ୍ଡାର କର୍ମଚାରୀ

ଭବନରେ ଆୟୋଜିତ ରକ୍ତଦାନ ଶିବିରରୁ ମଙ୍ଗଳବାର ଜଣେ କରୋନା ସଂକ୍ରମିତ ଚିହ୍ନଟ ପରେ କର୍ତ୍ତୃପକ୍ଷ ସମସ୍ତ କର୍ମଚାରୀଙ୍କ ସହ ରକ୍ତ ସଂଗ୍ରହ କରିଥିବା ୬ ଜଣଙ୍କୁ ୩ ଦିନିଆ ହୋମ୍ କ୍ୱାରାଣ୍ଟାଇନ୍‌କୁ ପଠାଇଛନ୍ତି। ଏଥିସହ ରକ୍ତ ଭଣ୍ଡାରକୁ ସାନିଟାଇଜ୍ ପରେ ଏକପ୍ରକାର ବନ୍ଦ କରିଦିଆଯାଇଛି। କିନ୍ତୁ ଉକ୍ତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିବାକୁ ଯାଇଥିବା ସିଡିଏମ୍‌ଓ ଅଭୟ ଦାଶଙ୍କ ପାଇଁ ଏହି କ୍ୱାରାଣ୍ଟାଇନ୍ ନିୟମ ଲାଗୁ କରାଯାଇ ନାହିଁ। ଏ ନେଇ ସିଡିଏମ୍‌ଓ କହିଛନ୍ତି, ଶିବିରକୁ ଉଦ୍‌ଘାଟନ କରିବା ପରେ ଫେରି ଆସିଥିଲି। ସେଠାରେ ଅଧିକ ସମୟ ରହି ନ ଥିବାରୁ କ୍ୱାରାଣ୍ଟାଇନ୍‌ରେ ରହିବାର ଆବଶ୍ୟକତା ନାହିଁ।

## ୬୬୦ ହେକ୍ଟରକୁ ମାଡୁନି ପାଣି



- ୩୩ ଉଠା ଜଳସେଚନ ପଏଣ୍ଟ ଅଚଳ
- ବର୍ଷା ନ ହେଲେ ପଡ଼ିଆ ପଡ଼ିବ ଜମି
- ଚିନ୍ତାରେ ବଅଁରପାଳ ବ୍ଲକର ଚାଷୀ

**ବଅଁରପାଳ,୨୯।୭(ଡି.ଏନ.ଏ.)**

ପ୍ରବାସୀ ଶ୍ରମିକମାନଙ୍କ ଘର ବାହୁଡ଼ାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଚାଷ ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଆବଶ୍ୟକ ପରିମାଣର ବର୍ଷା ଅଭାବରୁ ଅନେକ ସ୍ଥାନରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବେଳେ ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅଞ୍ଚଳରେ ୩୩ ଉଠା ଜଳସେଚନ ପଏଣ୍ଟ ଅଚଳ ହୋଇପଡ଼ିଥିବାରୁ ୬୬୦ ହେକ୍ଟର ଜମିକୁ ପାଣି ମାଡ଼ିପାରୁ ନାହିଁ। ଫଳରେ ଏସବୁ ଜମିରେ ଚାଷ କିପରି କରାଯିବ ସେ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ।

ଚଳିତବର୍ଷ ବଅଁରପାଳ ବ୍ଲକର ୨୪ ହଜାର ୮୧୧ ହେକ୍ଟର ଜମିରେ ଚାଷ କରିବା ପାଇଁ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେଥିମଧ୍ୟରୁ ୧୦ ହଜାର ୮୨୫ ହେକ୍ଟରରେ ଧାନ ଓ ୧୩ ହଜାର ୯୮୬ ହେକ୍ଟରରେ ଅଣଧାନ ଫସଲ ହେବ। ମୋଟ୍ ୨୪ ହଜାର ୮୧୧ ହେକ୍ଟର ମଧ୍ୟରୁ ୯ ହଜାର ୬୧୫ ହେକ୍ଟର ଜମି ପାଇଁ ଜଳସେଚନର ବ୍ୟବସ୍ଥା ରହିଛି। ସେଥିରୁ ପ୍ରାୟ ୨ ହଜାର ହେକ୍ଟର ଉଠାଜଳସେଚନ ଉପରେ ନିର୍ଭର କରେ। ବ୍ଲକ ଅଞ୍ଚଳର ଗଡ଼ତଳମୂଳ, ମହୀଧରପୁର, ଫୁଲପଡା, ବଉଳିଗଡ଼, ରାମିମୁଣ୍ଡା, କଲଣ୍ଡାପାଳ, ଜୁହାରପୁରୁ, ପାଟଣା, କୁକୁଡ଼ାଙ୍ଗ, ଏକଘରିଆ ଆଦି ଅଞ୍ଚଳରେ ଥିବା ବଉଳି, ନନ୍ଦିରା, ଲିଙ୍ଗରା, ମାଟେଳିଆ ଆଦି ବିଭିନ୍ନ ନଦୀ ନାଳ ପାର୍ଶ୍ୱରେ ୧୦୧ଟି ଉଠାଜଳସେଚନ ପଏଣ୍ଟ ରହିଛି। କିନ୍ତୁ ଦୀର୍ଘଦିନ ହେଲା ସେଥିରୁ ୩୩ଟି ପଏଣ୍ଟ ଅଚଳ ହୋଇ ପଡିଛି। କେତୋଟିରୁ ପମ୍ପସେଟ୍ ଚୋରି ହୋଇଯାଇଛି ତ ଆଉ କେଉଁଠି ବିଦ୍ୟୁତ୍ ସମସ୍ୟା ବାଧକ ସାଜିଛି। ଏହି କାରଣରୁ ବ୍ଲକର ୬୬୦ ହେକ୍ଟର ଚାଷ ଜମିକୁ ଜଳସେଚନ ହୋଇପାରୁ ନାହିଁ। କେତେକ ସଚଳ ପଏଣ୍ଟରୁ ଚାଷ ଜମିକୁ ଯାଇଥିବା ପାଇପଗୁଡ଼ିକ ଫାଟି ଯାଇଥିଲେ ମଧ୍ୟ ମରାମତି କରାଯାଉ ନାହିଁ। ଫଳରେ ପାଣି ନଷ୍ଟ ହେବା ସହ ଚାଷ ଜମିକୁ ଆବଶ୍ୟକ ପରିମାଣରେ ପାଣି ମାଡ଼ିପାରୁ ନାହିଁ।

### ବହୁ ପମ୍ପ ଚୋରି ହୋଇଛି



କେନାଲ ସୁବିଧା ନ ଥିବା ଜମିକୁ ପାଣି ପଏଣ୍ଟ ଦ୍ୱାରା ଜଳସେଚନ ବ୍ୟବସ୍ଥା ରହିଛି। କିନ୍ତୁ ଅନେକ ସମୟରେ ଏଠାରେ ଲାଗିଥିବା ପମ୍ପ ଚୋରି ହୋଇଯାଉଛି। ଚଳିତବର୍ଷ ବର୍ଷା ପରିମାଣ କମ୍ ରହୁଥିବାରୁ ନୂଆ ପମ୍ପ ବ୍ୟବସ୍ଥା କରା ନ ଗଲେ ଚାଷକାର୍ଯ୍ୟ ହୋଇପାରିବ ନାହିଁ।

**-ଧରଣୀ ସାହୁ, ବଉଳିଗଡ଼**

### ପଦକ୍ଷେପ ନିଆଯାଉ ନାହିଁ



କେଉଁ ପାଣି ପଏଣ୍ଟରୁ ମୋଟର ଚୋରି ହୋଇଯାଇଛି ତ ଆଉ କେଉଁଠି ବିଦ୍ୟୁତ୍ ସମସ୍ୟା ରହିଛି। ଅନେକ ପଏଣ୍ଟ ଚାଲୁଥିଲେ ବି ପାଇପ୍‌ଗୁଡ଼ିକର ମରାମତିର ଆବଶ୍ୟକତା ରହିଛି। କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ।

**-ଅଭୟ ଗଡ଼ନାୟକ, ଚାଷୀ**

### ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି



ପମ୍ପସେଟ୍ ଚୋରି ଓ ବିଦ୍ୟୁତ୍ ସମସ୍ୟା ଯୋଗୁ ୩୩ଟି ପଏଣ୍ଟ ଅଚଳ ରହିଛି। ଏଗୁଡ଼ିକ ମରାମତି ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତୁରନ୍ତ ୧୧ଟି ପଏଣ୍ଟର ମରାମତି ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଧୀରେ ଧୀରେ ସମସ୍ତ ପଏଣ୍ଟ ସଚଳ କରାଯିବ।

**-ନିଉଟନ କୁମାର, କନିଷ୍ଠ ଯନ୍ତ୍ରୀ, ଉଠା ଜଳସେଚନ ବିଭାଗ**

## ସଂକ୍ଷେପରେ

### ପରୀକ୍ଷାରେ କମ୍ ମାର୍କ ଥିବାରୁ ଛାତ୍ରୀଙ୍କ ଆତ୍ମହତ୍ୟା

ପଦ୍ମପୁର, ୨୯।୭(ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଗୋ ଅଞ୍ଚଳର ଜଣେ ଛାତ୍ରୀ ବୁଧବାର ପୂର୍ବାହ୍ନରେ ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ପରିବାର ଲୋକେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିବା ବେଳେ ସେଠାରେ ତାଙ୍କ ମୃତ୍ୟୁ ଘଟିଛି। ଏ ବର୍ଷ ମାଟ୍ରିକ ପରୀକ୍ଷାରେ କମ୍ ମାର୍କ ରଖିଥିବାରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବାର ସୂଚନା ମିଳିଛି।

### କରୋନା ଯୋଦ୍ଧା ପଜିଟିଭ୍ ଚିହ୍ନଟ

ବସ୍ତା,୨୯।୭(ଡି ଏନ ଏ): ବାଲେଶ୍ୱର ଜିଲା ବସ୍ତା ବ୍ଲକରେ କରୋନାର କାୟା ବିସ୍ତାର କରିଛି। ସିଂଲା ଥାନା ଅନ୍ତର୍ଗତ ସିଂଲା, କରୁଆ ପଞ୍ଚାୟତରେ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ପ୍ରଶାସନ ପକ୍ଷରୁ କରୁଆ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ଏଭଳି ସମୟରେ କରୋନା ଯୋଦ୍ଧା ଭାବେ ସେବା ଯୋଗାଇ ଆସୁଥିବା ସିଂଲା ଥାନା ଥାନା ଭାରପ୍ରାପ୍ତ ଅଧିକାରୀ ସଂକ୍ରମିତ ହୋଇଥିବା ଚର୍ଚ୍ଚା ହେଉଛି। ଚିକିତ୍ସା ପାଇଁ ସେ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ବସ୍ତାର ଜଣେ ଡାକ୍ତର ମଧ ହୋମ ଆଇସୋଲେଶନରେ ରହିଛନ୍ତି। ସମ୍ପୃକ୍ତ ଡ଼ାକ୍ତରଙ୍କ ବାସଭବନକୁ ସାନିଟାଇଜ୍ କରାଯାଇଛି।

### ୪ ପଞ୍ଚାୟତରେ ଶଟ୍ ଡାଉନ୍ କୋହଳ

ଭଣ୍ଡାରିପୋଖରୀ,୨୯।୭(ଡି.ଏନ.ଏ): ମଞ୍ଜୁରୀରୋଡ଼ ଅଞ୍ଚଳରେ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଶଟ୍ ଡାଉନ ଘୋଷଣା କରାଯାଇଥିଲା। ମଞ୍ଜୁରୀରୋଡ ବଜାର ସମେତ ବନ୍ଦାଳ-ମଢ଼ିଆଳି, ସାନଶାସନ, ରାଜେନ୍ଦ୍ରପୁର, ନାଆଁମି ପଞ୍ଚାୟତକୁ ସରପଞ୍ଚ ମାନେ ଶଟ୍ ଡାଉନ ଘୋଷଣା କରିଥିଲେ। ଆକ୍ରାନ୍ତ ମାନେ ସୁସ୍ଥ ହୋଇ ଘରକୁ ଫେରିବା ପରେ ମଞ୍ଜୁରୀରୋଡ ବଜାର କମିଟି ସଦସ୍ୟ ନାଆଁମି ସରପଞ୍ଚ ସଦାଶିବ ଦାସଙ୍କୁ ଶଟ୍‌ଡାଉନକୁ କୋହଳ କରିବା ପାଇଁ ଅନୁରୋଧ କରିଥିଲେ। ଏହାକୁ ସରପଞ୍ଚ ହୃଦୟଙ୍ଗମ କରି ଶଟ୍‌ଡାଉନକୁ କୋହଳ କରି ୨୮ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସକାଳ ୬ ରୁ ଦିବା ୧ ଟା ପର୍ଯ୍ୟନ୍ତ ଦୋକାନ ଖୋଲା ରହିବ ବୋଲି କହିଥିଲେ।

### ବଧୂହତ୍ୟା ଅଭିଯୋଗ: ଶାଶୁ ଗିରଫ

ଯୋଡା, ୨୯।୭(ଡି.ଏନ.ଏ.): କେନ୍ଦୁଝର ଜିଲା ପଶ୍ଚିମ ଯୋଡାସ୍ଥିତ ସିଗ୍ରିଗେସନ ଟିସ୍କୋ କଲୋନୀ ଠାରେ ରହୁଥିବା ଦେବଗଡ ଜିଲା ବାରକୋଟ ଅଞ୍ଚଳର ଶିବାନୀ ସାହୁଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ତାଙ୍କ ବାପା ଯୋଡ଼ା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ତାଙ୍କ ଶାଶୂ ସାବିତ୍ରୀ ସାହୁଙ୍କୁ ଗିରଫ କରିଛି।

# ବ୍ୟାରିକେଡ୍‌ରେ ସାନଘାଗରା

(ନରେଶ ଚନ୍ଦ୍ର ପଟ୍ଟନାୟକ)
କେନ୍ଦୁଝର,୨୯।୭

ମନୋରମ ପର୍ଯ୍ୟଟନସ୍ଥଳ ସାନଘାଗରା ଦୀର୍ଘ ପ୍ରାୟ ୪ ମାସ ହେଲା ତାଲା ବନ୍ଦ ରହିଛି। ବର୍ଷତମାମ ଚଳଚଞ୍ଚଳ ରହୁଥିବା ଏହି ସ୍ଥାନଟି କରୋନା ଶଟ୍ ଡାଉନ ଓ ଲକଡାଉନ ପାଇଁ ଏବେ ଖାଁ ଖାଁ ହୋଇ ପଡ଼ିଛି । ଏହାର ମୁଖ୍ୟ ଗେଟରେ ପର୍ଯ୍ୟଟକଙ୍କ ପ୍ରବେଶ ରୋକିବା ପାଇଁ ବାରିକେଡ ଲଗାଯାଇଛି। ଫଳରେ ଏହାର ବିକାଶ ପାଇଁ ହୋଇଥିବା କୋଟି କୋଟି ଟଙ୍କା ବ୍ୟୟ ପାଣିରେ ପଡ଼ିଲା ବୋଲି କୁହାଯାଉଛି। ରକ୍ଷଣାବେକ୍ଷଣ ଅଭାବରୁ ସେସବୁ ଧିରେ ଧିରେ ନଷ୍ଟ ହେବାକୁ ବସିଛି।

ପ୍ରକାଶ ଯେ, ଏଠାକୁ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ପର୍ଯ୍ୟଟକ ରାଜ୍ୟ ତଥା ରାଜ୍ୟ ବାହାରୁ ବର୍ଷତମାମ ଆସିଥାନ୍ତି। ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ଜଳପ୍ରପାତର ମନୋରମ ଦୃଶ୍ୟ ଉପଭୋଗ କରିବା ସହ ଏଠାରେ ଭୋଜିଭାତ କରି ଥାନ୍ତି। ସେହିପରି ଏଠାରେ ପର୍ଯ୍ୟଟକମାନେ ବୋଟିଂର ମଜାନେବା ସହ ପାର୍କରେ ଖେଳକୁଦ କରିଥାନ୍ତି। ମାତ୍ର ଏବେ ସବୁ ବନ୍ଦ ହୋଇଯାଇଛି। ଏଭଳି ପରିସ୍ଥିତି କେନ୍ଦୁଝର ଜିଲାର ମାନ୍ୟତା ପାଇଥିବା ସମସ୍ତ ପର୍ଯ୍ୟଟନ କେନ୍ଦ୍ରରେ ଦେଖିବାକୁ ମିଳିଛି। କେନ୍ଦୁଝର ଜିଲା ଜଳପ୍ରପାତ ପର୍ଯ୍ୟଟନ ପାଇଁ ବେଶୀ ପ୍ରସିଦ୍ଧି ଲାଭ କରିଛି। ସମାନ ଅବସ୍ଥା ଖଣ୍ଡାଧାର, ହାଣ୍ଡିଭଙ୍ଗା, ମୁର୍ଗା, ଗୁଣ୍ଡିଚାଘାଗୀ, ଭୀମକୁଣ୍ଡ ଆଦିରେ ଅନ୍ୟାନ୍ୟ ଜଳପ୍ରପାତ ସମୃଦ୍ଧ ପର୍ଯ୍ୟଟନ କେନ୍ଦ୍ରରେ ଦେଖିବାକୁ ମିଳିଛି। ଏହା ବ୍ୟତୀତ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଥିବା ମା' ତାରିଣୀ ପୀଠରେ ମଧ ସମାନ ଅବସ୍ଥା ଦେଖିବାକୁ ମିଳିଛି। ବର୍ଷତମାମ ଭକ୍ତଙ୍କ ଭିଡ଼ ଲାଗୁଥିବା ଏହି ଦେବୀ ପୀଠ ଏବେ ଖାଁ ଖାଁ ହୋଇ ରହିଛି। ସେହିପରି ପୂଜାପାର୍ବଣ, ଯାନିଯାତ୍ରାରେ ପ୍ରବଳ ଭକ୍ତଙ୍କ ଭିଡ ଜମୁଥିବା ବେଳେ କରୋନା କଟକଣା ପାଇଁ ବିନା ଭକ୍ତରେ ପାଳନ କରାଯାଉଛି। ଏତଦ୍‌ବ୍ୟତୀତ ଶ୍ରାବଣ ମାସରେ ଜଳାଭିଷେକ କରିବା ପାଇଁ ଗୋନାସିକା, ଦେଓଗାଁ-କୁଶଲେଶ୍ୱର ମହାଦେବ, ମୁର୍ଗା ମହାଦେବ, ଆଦି ପର୍ଯ୍ୟଟନ କେନ୍ଦ୍ରରେ କାଉଡିଆଙ୍କ ପ୍ରବଳ ଭିଡ ଜମେ। ଚଳିତ ବର୍ଷ ତାହା ଦେଖିବାକୁ ମିଳୁନାହିଁ। କରୋନା ପାଇଁ ପର୍ଯ୍ୟଟନ ଶିଳ୍ପ କ୍ଷତିଗ୍ରସ୍ତ ହୋଇଛି। ତେବେ ସରକାରଙ୍କ ନିଷ୍ପତ୍ତି ପରେ ଖୋଲିବା ନେଇ ପଦକ୍ଷେପ ନିଆଯିବ ବୋଲି କେନ୍ଦୁଝର ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି। କେନ୍ଦୁଝର ଜିଲାରେ ରହିଛି ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ପର୍ଯ୍ୟଟନ କେନ୍ଦ୍ର। ଏଣୁ ରାଜ୍ୟ ଓ ରାଜ୍ୟ ବାହାରୁ ବିଶେଷ କରି ଶୀତ, ଖରା ଦିନରେ ଏହାର ଥଣ୍ଡା ପରିବେଶ ଓ ଜଳପ୍ରପାତ ବୁଲିବାକୁ ବହୁ ଲୋକ ଆସିଥାନ୍ତି। ତେବେ କରୋନା ଯୋଗୁ ଲୋକ ମାନେ ଆସୁନାହାନ୍ତି ଏବଂ ଏହା କେବେ ସ୍ୱାଭାବିକ ହେବ ତାହା ଜଣାପଡୁନାହିଁ ବୋଲି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା କହିଛନ୍ତି। ପର୍ଯ୍ୟଟନ କେନ୍ଦ୍ର ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସ୍ଥାନୀୟ ଅଧିବାସୀ ଏବଂ ଛୋଟ ଛୋଟ ବେପାରୀ ଲାଭବାନ ହେଉଥିଲେ। ଏଭଳି ବନ୍ଦ ଯୋଗୁ ଶହ ଶହ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି ସାମାଜିକ କର୍ମୀ ଦେବରାଜ ଆଚାର୍ଯ୍ୟ କହିଛନ୍ତି।


ସାନଘାଗରାରେ ବ୍ୟାରିକେଡ୍ କରାଯାଇଛି।

■ବିନା ଭକ୍ତରେ ଦେବଦେବୀ ପୀଠ ଖାଁଖାଁ
■ସଙ୍କଟରେ ପର୍ଯ୍ୟଟନ ଶିଳ୍ପ

# ସଂକ୍ରମିତ ବ୍ୟବସାୟୀ ଚିହ୍ନଟ, ୭୨ ଘଣ୍ଟା ଶଟ୍‌ଡାଉନ

ଭଦ୍ରକ ଅଫିସ, ୨୯।୭

ଭଦ୍ରକ ସହରର ଏକତା ମାର୍କେଟରେ ମଙ୍ଗଳବାର ଭ୍ରାମ୍ୟମାଣ କରୋନା ଚିହ୍ନଟ ପ୍ରକ୍ରିୟା ମାଧ୍ୟମରେ ଜଣେ ବ୍ୟବସାୟୀ ସଂକ୍ରମିତ ଚିହ୍ନଟ ହୋଇଥିଲେ। ବୁଧବାର ଜିଲା ପ୍ରଶାସନ ପକ୍ଷରୁ ଏକତା ମାର୍କେଟ୍ ଓ କଚେରୀ ବଜାରକୁ ୭୨ ଘଣ୍ଟିଆ ଶଟ୍‌ଡାଉନ ଘୋଷଣା କରାଯାଇଛି। ଭଦ୍ରକ ପୌରପାଳିକାରେ ସ୍ଥାନୀୟ ସଂକ୍ରମଣଙ୍କ ସଂଖ୍ୟା ପର୍ଯ୍ୟାୟ କ୍ରମେ ବଢ଼ିବାରେ ଲାଗୁଥିବାରୁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହି ଚିହ୍ନଟ ବ୍ୟବସ୍ଥା ରାସ୍ତା କଡ଼ରେ ବସୁଥିବା ଉଠାଦୋକାନୀ ତଥା ଗ୍ରାହକମାନଙ୍କର କରୋନା ପରୀକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା। ଏହି ଶିବିରରେ ୬୨ଟି ସ୍ୱାବ୍ ସଂଗ୍ରହ କରାଯାଇଥିବା ବେଳେ ୩୯ ଆଣ୍ଟିଜେନ ଟେଷ୍ଟ କରାଯାଇଥିଲା। ସେହିଭଳି ବୁଧବାର ଧାମନଗର ଏନ୍‌ଏସି ଅଧିନରେ ଉଠା ଦୋକାନୀଙ୍କ କରୋନା ପରୀକ୍ଷା ପାଇଁ ରାସ୍ତାକଡ଼ରେ ଅନୁରୂପ ପରୀକ୍ଷା ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

# ୧୧ ଫୁଟ୍‌ର ଅଜଗର ଉଦ୍ଧାର

ସଜନାଗଡ଼,୨୯।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଧୀନ ୧୧ନଂ. ୱାର୍ଡ଼ ନଟାପଡ଼ା ଗ୍ରାମରୁ ବୁଧବାର ପୂର୍ବାହ୍ନରେ ଏକ ୧୧ ଫୁଟ୍ ଲମ୍ବର ଅଜଗର ଉଦ୍ଧାର ହୋଇଛି। ସାପଟିକୁ ଗ୍ରାମବାସୀ ଦେଖି ବନ୍ୟଜନ୍ତୁ ବିଶେଷଜ୍ଞ ପ୍ରକାଶ ମର୍ଦ୍ଦରାଜ ଏବଂ ଦିଲ୍ଲୀପ ପାତ୍ରଙ୍କୁ ଖବର ଦେଇଥିଲେ। ଉଭୟ ଘଟଣାସ୍ଥଳରେ ପହଞ୍ଚି ଅଜଗରକୁ ଉଦ୍ଧାର କରି ସ୍ୱର୍ଣ୍ଣଚୂଡ଼ ପାହାଡ଼ରେ ଛାଡ଼ିଥିବା ସୂଚନା ମିଳିଛି।


ଉଦ୍ଧାର ହୋଇଥିବା ଅଜଗର।

# ଲୁହାପଥର ଟ୍ରକ୍ ଚଳାଚଳକୁ ନେଇ ବଢୁଛି ଅସନ୍ତୋଷ



ନୋ ଏଣ୍ଟ୍ରି ସତ୍ତ୍ୱେ ଚାଲିଛି ଭାରିଯାନ।

କେନ୍ଦୁଝର ୨୯।୭ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଅର୍ଥନୀତି ଖଣି ଖାଦାନ ଉପରେ ନିର୍ଭରଶୀଳ। ସେହିପରି ଜିଲାବାସୀଙ୍କ ଜୀବନଜୀବିକାରେ ଟ୍ରକରେ ଲୁହାପଥର ପରିବହନ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି । ତେବେ ବର୍ତ୍ତମାନ ସମୟରେ ବିଶେଷ କରି କରୋନା ସମୟରେ ବହୁ ସଂଖ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାର ଟ୍ରକ ଜିଲାରେ ଚଳଚଳ ଯୋଗୁ ଦେଖାଦେଉଥିବା ଟ୍ରାଫିକ ସମସ୍ୟା ସାଙ୍ଗକୁ ଦୁର୍ଘଟଣା ଜନିତ କ୍ଷୟକ୍ଷତିକୁ ନେଇ ଅସନ୍ତୋଷ ବଢୁଛି । ଭିତ୍ତିଭୂମିର ବିକାଶ ନ କରି ବହୁ ସଂଖ୍ୟାରେ ଖଣିଖାଦାନ ଗଢି ଉଠିବା ଏବଂ ବଡବଡ ଟ୍ରକ/ଟ୍ରେଲର ଯାତାୟତ କରିବା ଫଳରେ ସାଧାରଣ ଜୀବନଯାତ୍ରା ବିପନ୍ନ ହୋଇ ପଡୁଛି।

ଯୋଡା, ବଡବିଲ ପରେ ହରିଚନ୍ଦନପୁର ଅଞ୍ଚଳରେ ବହୁ ସଂଖ୍ୟାରେ ଭାରିଯାନ ଚଳାଚଳ ଜିଲାବାସୀଙ୍କ ଚିନ୍ତା ବଢାଇଦେଇଛି। ଘଷିପୁରା ବ୍ଲକର ବେଲବାହାଲି ସ୍ଥିତ କୁଶେଇ ନଦୀ ପୋଲ ମରାମତି ପାଇଁ ଏନ୍‌ଏଚ୍ ୨୦ରେ ଭାରିଯାନ ବିଶେଷ କରି ଲୁହାପଥର ବୋଝେଇ ଟ୍ରକ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ତେବେ ମରାମତି ପାଇଁ ସାମୟିକ ଭାବରେ ଲୁହାପଥର ପରିବହନକୁ ବନ୍ଦ ନ କରି ନରଣପୁର-ହରିଚନ୍ଦନପୁର-ଡୁବୁରୀ ରାସ୍ତାରେ ଚଳାଚଳ କରାଯାଉଥିବାରୁ ଅସନ୍ତୋଷ ବଢୁଛି । ଫଳରେ ଜିଲାର ଏକ ମାତ୍ର ଭଲ ରାସ୍ତା ଭାଙ୍ଗିଯିବା ଆଶଙ୍କା କରି ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରୁଛନ୍ତି। ଏହି ରାସ୍ତା କଡରେ ଥିବା ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଭୟଭୀତ ହୋଇ ପଡିଛନ୍ତି। ସେହିପରି ଲୁହାପଥର ପରିବହନ ପାଇଁ ଦିଆଯାଇଥିବା ରୁଟ ପରମିଟ ଯାଞ୍ଚ କରିବାକୁ ଦାବି ହେଉଛି। ଏସମ୍ପର୍କରେ ଜିଲାପାଳ ଆଶୀଷ ଠାକରେ କହିଛନ୍ତି ଯେ ଏନ୍‌ଏଚ ୨୦ରେ ବେଲବାହାଳୀ ପୋଲ ମରାମତି କାମ ଚାଲିଥିବାରୁ ଏହି ବିକଳ୍ପ ରାସ୍ତାରେ ଟ୍ରକ ଚଳାଚଳ ପାଇଁ ସାମୟିକ ଭାବରେ ଅନୁମତି ଦିଆଯାଇଛି। ଲୋକଙ୍କ ଜୀବନ ଅପେକ୍ଷା କଣ ଲୁହାପଥର ପରିବହନ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଏଣୁ ଜିଲାପାଳ ପୋଲ ମରାମତି ଶେଷ ପର୍ଯ୍ୟନ୍ତ ଲୁହାପଥର ପରିବହନ ସ୍ଥଗିତ ରଖନ୍ତୁ ବୋଲି କେନ୍ଦୁଝର ନାଗରିକ ମଞ୍ଚର ସଦସ୍ୟ ଅଜୟ କୁମାର ସାହୁ କହିଛନ୍ତି। ଏହି ରାସ୍ତାରେ ଟ୍ରକ ଚଳାଚଳ ବନ୍ଦ କରାଯାଉ ବୋଲି ହରିଚନ୍ଦନପୁର ବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି ବୋଲି ବରିଷ୍ଠ ନାଗରିକ ତଥା ସ୍ଥାନୀୟ ସମାଜସେବୀ କୃଷ୍ଣଚନ୍ଦ୍ର ମହାନ୍ତି ଏବଂ ପ୍ରଶାନ୍ତ ଦଳେଇ ପ୍ରକାଶ କରିଛନ୍ତି।

**ଜୀବନ ଆଗ ନା ଜୀବିକା**

### ଟ୍ରାକ୍ଟର ଓଲଟି ଚାଷୀ ମୃତ

ଧାମନଗର,୨୯।୭(ଡି.ଏନ.ଏ.)

ଧାମନଗର ଥାନା ଅଧୀନ ବିରୁହାଁ ଗ୍ରାମର ଚାଷୀ କେଦାର ନାୟକ (୫୦)ଙ୍କର ଟ୍ରାକ୍ଟର ଓଲଟି ମୃତ୍ୟୁ ଘଟିଛି। ବୁଧବାର ଅପରାହ୍ନ ସମୟରେ କେଦାର ଟ୍ରାକ୍ଟରରେ ଜମି ହଳ ସାରି ଘରକୁ ଫେରୁଥିଲେ। ଟ୍ରାକ୍ଟରରେ ୪ ଜଣ ବସି ଘରକୁ ଫେରୁଥିବାବେଳେ ନୟନଜୋରିରେ ଟ୍ରାକ୍ଟରଟି ଓଲଟି ପଡିଥିଲା। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ କେଦାରଙ୍କର ମୃତ୍ୟୁ ଘଟିଛି ।

### ଅଙ୍ଗନୱାଡି କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

ଆସିକା,୨୯।୭(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ଗୋବରା ପଞ୍ଚାୟତ ବାସୁଦେବପୁର ଗ୍ରାମ ଅଙ୍ଗନୱାଡି କର୍ମୀଙ୍କୁ ବୁଧବାର ଆକ୍ରମଣ ହୋଇଛି। ସଙ୍ଗରୋଧରେ ଥିବା ଜଣେ କରୋନା ଆକ୍ରାନ୍ତଙ୍କ ସ୍ତ୍ରୀ ମାଡ ମାରିଥିବା କର୍ମୀ ସୁନିତା କୁମାରୀ ଗୌଡ ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ମାମଲା (ନଂ.୨୧୧/୨୦) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ କହିଛନ୍ତି। ସେହି ଗ୍ରାମର ଜଣେ କରୋନା ସଂକ୍ରମିତ ରୁଣିପଡାସ୍ଥିତ କୋଭିଡ୍ କେୟାର ହୋମ୍‌ରେ ୫ଦିନ ରହିବା ପରେ ଗ୍ରାମକୁ ମଙ୍ଗଳବାର ସନ୍ଧ୍ୟାରେ ଆସିଥିଲେ। ସୁନୀତା ବୁଧବାର ତାଙ୍କ ଘରକୁ ଯାଇଥିବାବେଳେ ଆକ୍ରାନ୍ତଙ୍କ ସ୍ତ୍ରୀ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି।

# ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

ବଡ଼ବିଲ୍,୨୯।୭(ସ୍ୱ.ପ୍ର.)

**୧ଲକ୍ଷ ୭ହଜାର ୭ଶହ ଟଙ୍କା,୪ ମୋବାଇଲ୍ ଜବତ**

କେନ୍ଦୁଝର ଜିଲା ବଡ଼ବିଲ୍ ଥାନା ଅଧୀନ ଟଷ୍ଟ ପାର୍କିଂ ଏରିଆରେ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ୬ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ନଗଦ ୧ଲକ୍ଷ ୭ହଜାର ୭ଶହ ଟଙ୍କା,୪ଟି ମୋବାଇଲ୍ ଓ ୨ ତାସ ସେଟ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ବିଲ୍ ଥାନା କାଶିଆ(ଖ) ଗ୍ରାମ ବୁରୁ ହଟିଂ ଅଞ୍ଚଳର ଶ୍ୟାମ ସୁନ୍ଦର ମୁଣ୍ଡା ଓ ପ୍ରଦୀପ ଓରାମ, କାଶିଆ(ଖ) ଗ୍ରାମର ଉମେଶ ଚନ୍ଦ୍ର ପଲେଇ, ଭଦ୍ରାସାହି ଅଞ୍ଚଳର ରୟା ମୁଣ୍ଡା, ରୁଗୁଡ଼ି ଥାନା ଗୁଆଲି ବସ୍ତି ଅଞ୍ଚଳର ପ୍ରକାଶ ପଲେଇ ଏବଂ ରୁଗୁଡ଼ି ଥାନା ଗୁଆଲିସ୍ଥିତ ନୂଆଗାଁ ମାର୍କେଟ ଅଞ୍ଚଳର ତପନ କୁମାର ବାରିକ। ଅଭିଯୁକ୍ତମାନଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ସେମାନଙ୍କର କରୋନା ପରୀକ୍ଷା ନିମନ୍ତେ ସ୍ୱାବ୍ ସଂଗ୍ରହ କରାଯିବ ବୋଲି ପୋଲିସ ସୂଚନା ଦେଇଛି।


ଗିରଫ ଅଭିଯୁକ୍ତମାନେ।

# ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ବିକ୍ଷୋଭ

ବାରିପଦା ଅଫିସ,୨୯।୭

ମୟୂରଭଞ୍ଜ ଜିଲାରେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ବୁଧବାର ଭଞ୍ଜସେନା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତପୂର୍ଣ୍ଣ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଭଞ୍ଜସେନାର ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଏକାଧିକ କର୍ମୀ କୋଭିଡ୍ ନିୟମକୁ ପାଳନ କରି ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ଭଞ୍ଜସେନା ପକ୍ଷରୁ କୁହାଯାଇଛି ଯେ, ଜିଲାରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁ କଲେଜ ଏବଂ ହସ୍ପିଟାଲ ବହୁ ଆନ୍ଦୋଳନ ପରେ ପ୍ରତିଷ୍ଠା ହେଲା। ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଜିଲାବାସୀ ଉନ୍ନତମାନର ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏହା ସହିତ ମୟୂରଭଞ୍ଜ ଜିଲାର ସମସ୍ତ ଉପଖଣ୍ଡର ମୁଖ୍ୟ ଚିକିତ୍ସାଳୟ ଓ ୨୬ଟି ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତମାନର ସ୍ୱାସ୍ଥ୍ୟସେବା ମିଳୁନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର ଅଭାବ, କର୍ମଚାରୀ ଅଭାବ, ଆନୁଷାଙ୍ଗିକ ସୁବିଧା ନ ଥିବା ହେତୁ ଏହି ଆଦିବାସୀ ବହୁଳ ଜିଲାର ଲୋକମାନେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବାବଦରେ ଗତ ଫେବୃୟାରୀ ୨୫ ତାରିଖରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହା ପରେ ଗତ ୧୦ ତାରିଖରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ହେଲେ ଏହାର କୌଣସି ସୁଫଳ ମିଳି ପାରି ନ ଥିଲା। ଫଳରେ ବାଧ ହୋଇ ଭଞ୍ଜସେନା ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯଦି ଆଗାମୀ ଦିନରେ ଜିଲାର ସ୍ୱାସ୍ଥ୍ୟ ସେବା ପ୍ରତି ଜିଲା ପ୍ରଶାସନ, ଜିଲାର ବିଧାୟକ, ଏମ୍‌ପି ଓ ରାଜ୍ୟ ସରକାର ପଦକ୍ଷେପ ନ ନିଅନ୍ତି ତାହା ହେଲେ ଭଞ୍ଜସେନା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ। ସେହିଭଳି ଜିଲାର ସମସ୍ତ ବିଧାୟକ ଓ ଏମ୍‌ପିଙ୍କ ଘର ଆଗରେ ଧାରଣା ଦିଆଯିବ ବୋଲି ଭଞ୍ଜସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଯୁବ ଛାତ୍ର ସଂଯୋଜକ ରାକେଶ ବେହେରା, ବାରିପଦା ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ୍, ଉପ ସଭାପତି ପ୍ରଶାନ୍ତ ମହନ୍ତ, ଜିତୁ ଶିବାନନ୍ଦ, ସାଧାରଣ ସମ୍ପାଦକ ମାନସ ବେହେରାଙ୍କ ସମେତ ଏକାଧିକ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।



ଭଞ୍ଜସେନା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

# ନାଁକୁ ବାହ୍ୟ ମଳମୁକ୍ତ ଗ୍ରାମ

(ଉତ୍କଳବନ୍ଧୁ ପଣ୍ଡା)
ଖଇରା, ୨୯।୭

ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ଗ୍ରାମ ପଞ୍ଚାୟତ ଅଧୀନ ମଠନୂଆଗାଁ ଗ୍ରାମକୁ ବାହ୍ୟ ମଳମୁକ୍ତ ଗ୍ରାମ ଭାବେ ସରକାର ଘୋଷଣା କରିଛନ୍ତି। ଏଥିସହ ଜିଲା ଜଳ ପରିମଳ ମିଶନ ତରଫରୁ ଜୁଲାଇ ୨୨ ତାରିଖରେ ଗ୍ରାମରେ ସୂଚନାଫଳକ ଲଗାଇ ଦିଆଯାଇଛି। ଏହି ଘଟଣା ଗ୍ରାମବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି । ଗ୍ରାମରେ ଆହୁରି ୨୫ପରିବାର ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ପାଇବାରୁ ବଞ୍ଚିତ ଥିବା ବେଳେ ରେକର୍ଡ ପତ୍ରରେ ଶତପ୍ରତିଶତ ସଫଳତା ଦେଖାଇ ବାଃ ବାଃ ନେବାକୁ ଉଦ୍ୟମ କରାଯାଇଛି। ଏଭଳି ଘଟଣା ପଞ୍ଚାୟତିରାଜ ତଥା ଜଳ ପରିମଳ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି। ଘଟଣା ସମ୍ପର୍କରେ ସମସ୍ତ ଗ୍ରାମବାସୀ ଖଇରା ବିଡିଓ ଦେବେନ୍ଦ୍ର ବଳଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

ଉକ୍ତ ଗ୍ରାମର ପରିବାର ସଂଖ୍ୟା ୬୦। ଲୋକସଂଖ୍ୟା ପାଖାପାଖି ୩ଶହ। ୬୦ ପରିବାର ମଧ୍ୟରୁ ବର୍ଷେ ତଳେ ୧୫ଜଣଙ୍କର ପାଇଖାନା ନିର୍ମାଣ କରାଯାଇଥିଲା। ୨ମାସ ତଳେ ୨୦ଜଣ ନିଜସ୍ୱ ଉଦ୍ୟମରେ ପାଇଖାନା ନିର୍ମାଣ କରିଥିଲେ। ଏଥିମଧ୍ୟରୁ ୧୦ଜଣଙ୍କୁ ଅର୍ଥ ମିଳି ସାରିଥିବା ବେଳେ ବାକି ୧୦ଜଣ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ ବିଲ୍ ପାଇନାହାନ୍ତି। ବାକି ୨୫ଜଣଙ୍କୁ ଏପର୍ଯ୍ୟନ୍ତ ପାଇଖାନା ମିଳିନାହିଁ। ଏଭଳି ପରିସ୍ଥିତିରେ ଶହେ ପ୍ରତିଶତ ନିର୍ମାଣ ହୋଇଥିବା ନେଇ ତଥ୍ୟକୁ ଗ୍ରାମର ଲକ୍ଷ୍ମଣ ବେହେରା ସମାଲୋଚନା କରିଛନ୍ତି। ଏହାର ତଦନ୍ତ କରାଗଲେ କେତେ ପରିବାର ନାମରେ କେତେ ଟଙ୍କା ହଡପ କରାଯାଇଛି ତାହା ଜଣାପଡିବ ବୋଲି ଗ୍ରାମର ପ୍ରଦୀପ ସାମଲ, ବିଦ୍ୟାଧର ପରିଡା, ଲକ୍ଷ୍ମୀକାନ୍ତ ମହାନ୍ତି ଅଭିଯୋଗ କହିଛନ୍ତି। ସରକାରଙ୍କ ଗାଇଡ୍‌ଲାଇନ ମୁତାବକ ଶତପ୍ରତିଶତ ପାଇଖାନା ନିର୍ମାଣ ହେବା ପରେ ବାହ୍ୟ ମଳମୁକ୍ତ ଗ୍ରାମ ଘୋଷଣା ହେବା କଥା। ହେଲେ ୪୦ପ୍ରତିଶତ ପରିବାରକୁ ପାଇଖାନା ମିଳି ନ ଥିବା ବେଳେ ସେମାନେ ମଳତ୍ୟାଗ ପାଇଁ ଖୋଲା ପଡିଆ ଉପରେ ନିର୍ଭର କରୁଛନ୍ତି। ଏଭଳି ଘୋଷଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଗ୍ରାମର ପର୍ଶୁରାମ ମହାନ୍ତି ଓ ଉପେନ୍ଦ୍ର ପରିଡ଼ା ଅଭିଯୋଗ କରିଛନ୍ତି । ଲଗାଯାଇଥିବା ସୂଚନାଫଳକ ଗ୍ରାମର ଶୋଭା ନଷ୍ଟ କରୁଥିବାରୁ ତାହାକୁ ହଟାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଯୋଗାଯୋଗ କରିବାରେ ଏବେ ଯୋଜନା କାର୍ଯ୍ୟକ୍ଷମ ନ ଥିବାରୁ ବାକି ପାଇଖାନା ନିର୍ମାଣ କରାଯିବା ସମ୍ଭବପର ନୁହେଁ ବୋଲି କହିଛନ୍ତି । ସେହିଭଳି ଏହି ପଞ୍ଚାୟତର ଅସୁରିଆ ଗ୍ରାମରେ ସମାନ ପରିସ୍ଥିତି ଉପୁଜିଥିବା ସମ୍ପୃକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ପ୍ରଶାସନ ପକ୍ଷରୁ ଗ୍ରାମରେ ଲଗାଯାଇଥିବା ବାହ୍ୟ ମଳମୁକ୍ତ ବୋର୍ଡ।

**୨୫ ପରିବାରରେ ନାହିଁ ପାଇଖାନା**

# କଳାକୁକୁର

**ଅଣୁଗଳ୍ପ** ମୃଣାଳ

**ଶ**ନିବାର ଦିନ ବଡ଼ିସକାଳୁ କଳାକୁକୁରକୁ ରୁଟି ଦେଲେ ରିଷ୍ଟଖଣ୍ଡନ ହେବ ବୋଲି ଖବରକାଗଜରେ ପ୍ରକାଶିତ ରାଶିଫଳ ପଢ଼ି ହରିପଦ ବାବୁ ବାହାରିଲେ କଳାକୁକୁର ସନ୍ଧାନରେ । ସାଙ୍ଗରେ ନେଲେ ବାସିରୁଟି ଚାରି ପଟ ।

ସେଦିନ କ'ଣ ହେଲା କେଜାଣି, ଧଳା, କସରା, ବାଦାମୀ– ସବୁ ରଂଗର କୁକୁର ଦିଶୁଥାନ୍ତି– କଳାକୁକୁରର ଦର୍ଶନନାହିଁ । ଖୋଜି ଖୋଜି ନୟାନ୍ତ ହେଲା ପରେ, ଗୋଟେ ବଡ଼ଘରର ଗେଟ୍ ପାଖରେ ଗୋଟେ ରୁମୁରୁମିଆ କଳାକୁକୁର ଦେଖିଲେ ସେ । ତା ଚିକିଚିକିଆ ଚେହେରା ଆଉ ବେକରେ ପଡ଼ିଥିବା ବେଲ୍ଟ ଦେଖି ହରିପଦ ବାବୁ ବୁଝିପାରିଲେ ଇଏ ଅର୍ଡିନାରି ବଜାର ବୁଲା କୁକୁର ନୁହେଁ । ଇଏ ଖାନଦାନି କୁକୁର । ଘରର ଚାକର ତାକୁ ବାହାରକୁ ବୁଲେଇଆଣିଥିବ । ତଥାପି କଳାକୁକୁର ତ, ହରିପଦବାବୁ ରୁଟି ଚାରିପଟ ପଲିଥିନ୍ ପ୍ୟାକେଟ୍‌ରୁ ବାହାରକରି ତାକୁ ଦେଲେ। କହିଲେ, ଖାଲୋମା, ଖାଇଦେ । ମୋରିଷ୍ଟଖଣ୍ଡନ ହୋଇଯାଉ । ପ୍ଲିଜ୍ ଖାଇ ଦେ ।

ଖାନଦାନି କୁକୁର କହିଲା, ଭାଉ ଭାଉ । ଛିଃ ! ଏ ରୁଟି ଖାଇଲେ ତମର ସିନା ରିଷ୍ଟଖଣ୍ଡନ ହୋଇଯିବ, ମୋର ପେଟ ଖରାପ ହୋଇଯିବ । ମୁଁ ପ୍ୟାକେଟ୍‌ର ଡଗ୍ ଫୁଡ୍‌ଖାଏ । ଏମିତି ବାସିମାସି ରୁଟିଖାଏନି । ଯାଅ ଏଠୁ । ଭୋଃ, ଭୋଃ.. ।

ହରିପଦ ବାବୁ କଳାକୁକୁରକୁ ରୁଟି ଖୁଆଇନ ପାରିବାର ଦୁଃଖରେ ହେଉ ବା କୁକୁର ବି ତାଙ୍କ କଥାନ ଶୁଣିବାର ଅଭିମାନରେ ହେଉ ରୁଟି ଚାରିପଟ ଅଳିଆଗଦାକୁ ଫୋପାଡ଼ି ଦେଲେ ।

କଉଠି ଥିଲାକାଳିଆ, ମାଳିଆ ଧେଡ଼ନେଡ଼ ପିଲାଟିଏ, ଧାଇଁଯାଇ ସେ ରୁଟି ଚାରି ପଟ ଝାମ୍ପି ନେଲା ଅଳିଆଗଦାରୁ ଆଉ ମହାନନ୍ଦରେ ଖାଇବାକୁଲାଗିଲା ।

ହରିପଦବାବୁ ଦେଖିଲେ । ହେଲେ ମଣିଷ ପିଲାକୁ ରୁଟି ଦେଲେ ରିଷ୍ଟ ଖଣ୍ଡନ ହୁଏ କି ନାହିଁ, ସିଓର ହୋଇ ପାରିଲେନି। ରାଶିଫଳରେ ତାହା ଲେଖାନାହିଁ।

ବନଫୁଲ ବଙ୍ଗଳା କଥାସାହିତ୍ୟର ଅନ୍ୟତମ ଯୁଗନ୍ଧର ଗାଳ୍ପିକ। ପୂରା ନାମ ବଲାଇଚାନ୍ଦ ମୁଖୋପାଧ୍ୟାୟ। ଜନ୍ମ ୧୯ ଜୁଲାଇ ୧୮୯୯ରେ ବିହାର ପୁର୍ନିଆ ଜିଲାର ମନିହାରୀରେ ଓ ପରଲୋକ ୯ ଫେବୃୟାରୀ ୧୯୭୯ରେ, କଲିକତାରେ। 'ହାଟେ ବାଜାରେ' ଉପନ୍ୟାସ ପାଇଁ ୧୯୬୨ରେ ପାଇଛନ୍ତି 'ରବୀନ୍ଦ୍ର ପୁରସ୍କାର' ଓ ୧୯୭୬ରେ 'ପଦ୍ମଭୂଷଣ'। ବଙ୍ଗଳାରେ ସେ କ୍ଷୁଦ୍ରତମ କ୍ଷୁଦ୍ରଗଳ୍ପର ଜନକ। ହୁଇ ପରି ଗତିଶୀଳ ତାଙ୍କର ଅତି ଛୋଟ ପ୍ରତ୍ୟେକଟି ଗପ। ଅବାକ୍ କରେ ପରିଣତିରେ, ଜଳିଉଠି ଲିଭିଯିବାର ଡୋର ଲଗେଇ ପାଠକର ଚେତନାରେ...

# ପ୍ରଜାପତି

**ନୀ**ଳ-ସେଡ୍ ଦିଆଯାଇଥିବା ଇଲେକ୍‌ଟ୍ରିକ୍ ବଲ୍‌ବ ଉପରେ କିଛିଦିନ ହେଲା ଗୋଟିଏ ପ୍ରଜାପତି ଆସି ବସୁଛି। ଯେତେ ସମୟ ଧରି ଟେବୁଲ ପାଖରେ ବସି ଲେଖା-ପଢ଼ା କରେ ସେ ସେଡ୍ ଉପରେ ଚୁପ୍ କରି ବସିରହେ। ଆଶା ମରିବାର କିଛିଦିନ ପରଠାରୁ ଏଇ ପ୍ରଜାପତି ହିଁ ମୋର ସନ୍ଧ୍ୟାବେଳର ସଙ୍ଗୀ ହୋଇଛି।

ବନ୍ଧୁ ସୋମେଶ୍ୱର ଆସି ପ୍ରବେଶ କଲା। ଆଜିକାଲି ପ୍ରାୟ ଆସେ। ତାକୁ ଦେଖିଲେ ହିଁ ମୋତେ ଡର ଲାଗେ। ତା' ଭଉଣୀ ବେଳା ସମ୍ବନ୍ଧରେ ଆଜିକାଲି ଯେ ଟିକିଏ ଦୁର୍ବଳତା ପୋଷଣ କରିଛି, ତାହା ସେ ଟେର୍ ପାଇଛି। ବେକାଇଦାରେ ପଡ଼ିଯାଇଛି। ସୋମେଶ୍ୱର ଆସି ନିଜର କଥା ଆରମ୍ଭ କରିଦେଲା।

''ବେଳା ସମ୍ବନ୍ଧରେ କ'ଣ ଠିକ୍ କଲ ?''

ଚୁପ୍ ରହିଲି।

ଯାହାହେଉ ଟିକିଏ କିଛି ସ୍ଥିର କର ଭାଇ– ତା'ପରେ ଟିକିଏ ରହିଯାଇ କହିଲା– ''ଶେଷ ପର୍ଯ୍ୟନ୍ତ ବିବାହ ତ କରିବୁ, ସମସ୍ତେ କରନ୍ତି, ବେଳାକୁ ଯଦି ବିବାହ କରୁ ମୁଁ ନିଶ୍ଚିନ୍ତ ହେବି। ବେଳା ତୁମକୁ ଭଲପାଏ ବି''

ସବୁ ଠିକ୍– ତେବେ ଚୁପ୍ ରହିଲି। ଆଶା ଯେତେବେଳେ ବଞ୍ଚିଥିଲା, ସେତେବେଳେ ତାକୁ କଥା ଦେଇଥିଲି ଯେ ଆଉ କେବେହେଲେ ବି ବିବାହ କରିବି ନାହିଁ– କିନ୍ତୁ ଦ୍ୱିଧାକୁ ଅତିକ୍ରମ କରି ଯାଇହଉନି ଆଦୌ।

''ଚୁପ୍ କରି ରହିଛ କାହିଁକି ? ତୁମର ସତରେ ଯଦି ମତ ନ ଥାଏ ମୁଁ ଜୋର୍ କରିବାକୁ ଚାହେଁନା। ତାହା ଖୋଲିକରି କୁହ। ତା'ହେଲେ ଦ୍ୱିଜେନ ସଙ୍ଗରେ



ଚେଷ୍ଟା କରିବି। ତୁମେ ରାଜି ହେଲେ ଅବଶ୍ୟ ଆଉ କେଉଁଠିକୁ ମୁଁ ଯିବିନି। ଦ୍ୱିଜେନର ଭାବଭଙ୍ଗୀରୁ ମନେହୁଏ ଯେ ଆପତ୍ତି କରିବ ନାହିଁ...''

ଏହି ମୋଟା ନିଶବାଲା ଦ୍ୱିଜେନ ବେଳାକୁ ବିବାହ କରିବ। ତା'ର ସେଇ ମତଲବ ଅଛି ନା କ'ଣ ?

କହିଲି– ''ଦ୍ୱିଜେନ ପାଖକୁ ଯିବା ଦରକାର ନାହିଁ। ମୁଁ ବେଳାକୁ ବିବାହ କରିବି। ତେବେ କିଛିଦିନ ସମୟ ଦେବାକୁ ହେବ ଭାଇ।''

''ତୁମେ କଥା ଦେଲେ ଅପେକ୍ଷା କରିପାରେ।''

ଚୁପ୍ ରହିଲି।

''କଥା ଦେଉଛ ତ ?''

''ଦେଉଛି।''

''ବେଶ୍। ତା'ହେଲେ ବେଳାକୁ ସୁଖବରଟା ଦେଇ ଆସେ।

ସୋମେଶ୍ୱର ଚାଲିଗଲା।

ଏହାପରେ ଯାହା ଘଟିଲା ତାହା ଅବିଶ୍ୱାସ୍ୟ।

ହଠାତ୍ ଆଶାର କଣ୍ଠସ୍ୱରରେ କିଏ ଯେପରି କହିଉଠିଲା, ''ତା'ହେଲେ ମୋର ଦାୟିତ୍ୱ ମଧ୍ୟ ଶେଷ ହେଲା– ମୁଁ ବି ଚାଲିଲି।''

ପ୍ରଜାପତିଟି ଉଡ଼ି ଝରକା ଦେଇ ବାହାରକୁ ଚାଲିଗଲା।


ଅନୁବାଦ: ଜୟକୃଷ୍ଣ ସାମଲ

## ସ୍ମରଣୀୟ



ବଲାଇଚାନ୍ଦ ମୁଖୋପାଧ୍ୟାୟ

## କାଳ କାଳକୁ



''ଦେଶାତ୍ମବୋଧ ଏକ ପ୍ରକାରର ଧର୍ମ। ଏହା ସେଇ ଡିମ୍ବ, ଯେଉଁଥିରୁ ଫୁଟେ ଯୁଦ୍ଧର ଛୁଆ।''

– ଜି.ଡି. ମୋପାସାଁ

ଜି.ଡି. ମୋପାସାଁଙ୍କ ଜନ୍ମ ୫ ଅଗଷ୍ଟ ୧୮୫୦ରେ ଓ ପରଲୋକ ୬ ଜୁଲାଇ ୧୮୯୩ରେ। ଆଧୁନିକ କ୍ଷୁଦ୍ରଗଳ୍ପର ଜନକ ଭାବେ ସ୍ୱୀକୃତ ଊନବିଂଶ ଶତାବ୍ଦୀର ଲୋକପ୍ରିୟ ଏହି ଫରାସୀ ଲେଖକ। ୩୦୦ କ୍ଷୁଦ୍ରଗଳ୍ପ, ୬ଟି ଉପନ୍ୟାସ, ୩ଟି ଭ୍ରମଣଗ୍ରନ୍ଥ ଓ ଖଣ୍ଡିଏ କବିତା ପୁସ୍ତକର ସେ କାଳଜୟୀ ସ୍ରଷ୍ଟା।

## ଅଗ୍ନିଚକ୍ର

କବିତା

–ଶୁଭଶ୍ରୀ ଶୁଭସ୍ମିତା ମିଶ୍ର



**ମୁଁ** ସଦ୍ୟ ନିଆଁର ଝୁଲଟେ ପରି
ଖସି ପଡ଼ିଥାନ୍ତି କହିଥିଲେ
ସଂସାର ପଛେ ଛିନ୍‌ଛତ୍ର ହେଇଯାଉ !

ମୋତେ ସହି ଯିବାର ଥିଲା
ଅଗ୍ନିଚକ୍ର, କେବଳ ଥରକର ଡାକରେ
ଉତୁରି ଯିବାର ଥିଲା
ଆଉଟା ଦୁଧ ପରି ଚୁଲିକୁ
ମଧୁର ଗନ୍ଧଟେ ହେଇ
ଭାସି ଯିବାର ଥିଲା
ଗତକାଲିର ପବନରେ !

ମୁଁ ହାତ ବଢ଼େଇଥିଲି
ଏଇ ନିଅ ମୋର ଫୁଲଠୁଁ କୋମଳ ହାତ
ପାରିବ ଯଦି ପରଖି ନିଅ
ଏ କୋମଳ ହାତର ଶକ୍ତି
ଯେ ଯୁଦ୍ଧରେ ରଣୋନ୍ମତ୍ତା ହୋଇ
ଧାରଣ କରିପାରେ ଅସ୍ତ୍ର
ଆଉ ଶାନ୍ତିରେ ସଜାଡ଼ି ପାରେ
କାହା ଘରର ଅନ୍ନଥାଳି !

ଏଇ ଦେଖ ମୋର ପାଦ
ଯାହାର ଧାରେ ଅଳତାରେ
ମଧୁମଗ୍ନ ହୋଇଯାଏ ଜଣକ ଜୀବନ
ତ କେବେ ତା'ର ପଦାଘାତରେ
ଫାଟି ଯାଇପାରେ ମହାକାଳର ଛାତି,
ଏ ପାଦକୁ ରୋକିବାକୁ ହେଲେ
ଶିବକୁ ବି ଶବ ହେବାକୁ ପଡ଼େ
କାଳାନ୍ତରରେ...

ମୋ' ଆଖିର ମାୟାଞ୍ଜନରେ
ପ୍ରେମିକର ନିଦ୍ରା ମୋହିତ ହୁଏ
ଥରିଯାଏ ଶତ୍ରୁର ଛାତି,
ମୁଁ ଆପଣେଇ ପାରେ
ତିରସ୍କାର, ମନ୍ଦହାସ୍ୟରୁ କିଳିକିଳା...

ମୁଁ ସଜ ନିଆଁ
ଘର ଚୁଲିର ମୋହରେ
ରନ୍ଧାଖାଦ୍ୟର ଆବେଗରେ
ବନ୍ଧା ପଡ଼ିଥାଏ ଖାଲି,
ନହେଲେ ମୁଁ ନିୟନ୍ତ୍ରଣ ବାହାରେ
ବନାଗ୍ନି...
ଦାବାନଳ ପରି ଜଳି
ଛାରଖାର କରିଦେଇ ପାରେ
ଅହଂକାରରୁ ଲାଞ୍ଛନାର
ପରିବ୍ୟାପ୍ତ ଭୂମି।

ମୋ: ୯୮୬୧୪୮୦୯୯୯

## ପୁସ୍ତକ ପରିଚୟ

### କଥା ସରିତା

**ଲେଖକ:** ସୁଧୀର କୁମାର ଦ୍ୱିବେଦୀ
**ପ୍ରକାଶକ:** ସାହିତ୍ୟ ଶ୍ୱେତପଦ୍ମା, ଭୁବନେଶ୍ୱର–୨
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୫୦/–




'କଥା ସରିତା'ରେ ସ୍ଥାନିତ ମୋଟ ୨୫ଟି ଗଳ୍ପ। 'ଛେଳି', 'ସିଗାରେଟ୍', 'ଆମ୍ବ' ଓ 'ଶିମୂଳି ଗଛ', ଭଳି ବିଷୟକୁ ନେଇ ଯେଉଁ ଗଭୀର ମାନବୀୟ ଦୃଷ୍ଟିଭଙ୍ଗୀ ଗଳ୍ପଗୁଡ଼ିକରେ ପ୍ରକାଶ ପାଇଛି, ତାହା ଜଣେ ମାନବବାଦୀ ଗାଳ୍ପିକ ଭାବେ ଲେଖକଙ୍କର ଉଚ୍ଚତା ନିର୍ଦ୍ଧାରଣ କରିଥାଏ। ବହିର ପ୍ରଥମ ଗଳ୍ପ 'ଛେଳି'ରେ ଗୋଟିଏ ମୁସଲମାନ ଓ ଅନ୍ୟଟି ହିନ୍ଦୁ ଛେଳି। ଜାତି ଜାଣିଗଲା ପରେ ଉଭୟଙ୍କ ମଧ୍ୟରେ ଯେଉଁ ଭାବାନ୍ତର ସୃଷ୍ଟି ହୋଇଛି, ଧର୍ମକୁ ନେଇ ବିଭାଜିତ ମାନବଜାତିର ତାହା ଗୁମର ଖୋଲିଦିଏ। ବହିଟିର ପ୍ରାୟ ଗଳ୍ପ ଜୀବନ ଓ ସମାଜର ଗଭୀରତମ ସ୍ୱର ଓ ସ୍ୱରୂପକୁ ପ୍ରକଟ କରନ୍ତି। ଗଳ୍ପଗୁଡ଼ିକରେ ଭାରତୀୟ ଜୀବନବୋଧ ଓ ବିଶ୍ୱଦୃଷ୍ଟି ଉଭୟକୁ ଆବିଷ୍କାର କରିହୁଏ।

ପ୍ରବାସ ଝଙ୍କାର

### ରତ୍ନ

**ସମ୍ପାଦକ:** ବଦ୍ରୀ ମହାନ୍ତି
**ପ୍ରକାଶକ:** ଉତ୍କଳ ପାଠାଗାର, ଗୌତମୀ ନଗର, ତେଲେଙ୍ଗାନା
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ. ୧୦୦/–

ତେଲଙ୍ଗାନାରେ ଅବସ୍ଥିତ ଥାଇ 'ରତ୍ନ' ପରି ଏକ କବିତା ଗ୍ରନ୍ଥର ପରିକଳ୍ପନା କରିବା ଓ ତାକୁ ରୂପଦେବା ଭାଷା ପ୍ରତି ପ୍ରତିବଦ୍ଧତା ନ ଥିବା କୌଣସି ବ୍ୟକ୍ତି ବା ସମ୍ପାଦକଙ୍କ ପକ୍ଷେ କଦାପି ସମ୍ଭବ ନୁହେଁ। ସମ୍ପାଦକ ଶ୍ରୀ ମହାନ୍ତି 'ନିଜ କଥା'ରେ ଲେଖିଛନ୍ତି ''ପ୍ରବାସରେ ଏକ ବିଚିତ୍ର ବାତାବରଣ ଭିତରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସାମୂହିକ ଉଦ୍ୟମ ଏକ ଦୁରନ୍ତ ସ୍ୱପ୍ନ ଥିଲା। 'ରତ୍ନ' ଏହାର ବିରଳ ଦୃଷ୍ଟାନ୍ତ।'' ୬୦ଜଣ କବିଙ୍କ ୬୦ଟି କବିତାକୁ ନେଇ ପରିକଳ୍ପିତ ଏହି କବିତାଗ୍ରନ୍ଥଟିରେ ନାନାବିଧ ବିଷୟ ଓ ଜୀବନଦୃଷ୍ଟିକୁ ଆଧାର କରି ରଚିତ ଯେଉଁ



କବିତାଗୁଡ଼ିକ ସ୍ଥାନିତ ହୋଇଛି, ତହିଁରୁ ଅଧିକାଂଶ କବିଙ୍କର ସ୍ୱ ସ୍ୱ ସ୍ୱର ଓ ସମ୍ଭାବନାରେ ବେଶ୍ ଋଦ୍ଧିମନ୍ତ। ବିଦେଶ ମାଟିରେ ଏପରି ଏକ କବିତା ସଂକଳନର ପରିକଳ୍ପନା ଓ ତା'ର ରୂପାନ୍ତର ପ୍ରଶଂସନୀୟ।

## ରମ୍ୟ କଥନ



ଡ. ନାରାୟଣ ମହାନ୍ତି

# ଅର୍ଥବଳ


**ଶ**କ୍ତିମାନ ବଳବନ୍ତରାୟ ତିନିଥରରେ ମାଟ୍ରିକ ପାସ୍ କରିଥିଲେ, କମ୍ପାର୍ଟମେଣ୍ଟାଲରେ। ତା'ପରେ ଭାବିଚିନ୍ତି 'ସ୍ୱାଧୀନ କଲେଜ'ରେ ନାମ ଲେଖାଇଲେ। କାରଣ ଏଠାରେ ପାସ୍ କରିବାର 'ଗ୍ୟାରେଣ୍ଟି' ଥିଲା। ସେଥିଲାଗି ଅବଶ୍ୟ ନାମଲେଖାବେଳେ ମୋଟାଅଙ୍କର ଅର୍ଥ ନିଆଯାଉଥିଲା। ଏହି କଲେଜରେ ଆଇ.ଏ. ପାସ୍ କରି ସେ ବି.ଏ. ପଢ଼ିଥିଲେ। ମାତ୍ର ବି.ଏ. ପରୀକ୍ଷାରେ ସେ ଆଣ୍ଡେଇ ପଡ଼ିଲେ। ସେଦିନ ତାଙ୍କର ଭାଗ୍ୟ ବାମ ଥିଲା। କପି କଲାବେଳେ 'ଫ୍ଲାଇଙ୍ଗ୍ ସ୍କ୍ୱାଡ୍' ଦ୍ୱାରା ଧରାପଡ଼ିଲେ। ସ୍କ୍ୱାଡ୍ ବିଶ୍ୱବିଦ୍ୟାଳୟକୁ ରିପୋର୍ଟ କରିଦେଲା।

ଭାଙ୍ଗି ନ ପଡ଼ି ପରୀକ୍ଷା ପରେ ଚେଷ୍ଟା କରିବା ପାଇଁ ଶକ୍ତିମାନ ବିଶ୍ୱବିଦ୍ୟାଳୟ ବାହାରିଲେ। ଦୁଇଦିନ କସରତ୍ ପରେ ସେ ଠିକଣା ବ୍ୟକ୍ତିଙ୍କ ପାଖରେ ପହଞ୍ଚିଲେ। କୌଣସି ମୂଲଚାଲ ନ କରି ଦାବି ମୁତାବକ ଅର୍ଥ ତାଙ୍କୁ ଧରାଇ ଦେଲେ। ତା'ପରେ କପି ରିପୋର୍ଟ ଗାଏବ ହୋଇଗଲା। ଶକ୍ତିମାନ ନିର୍ବିଘ୍ନରେ ବି.ଏ. ପାସ୍ କଲେ। ତା'ପରେ ଏକା ଉପାୟରେ ଏମ୍.ଏ. ପାସ୍।

ପାଖ ସହରରେ ନୂଆ କରି ଖୋଲିଥିବା ଏକ କଲେଜରେ ଅଧ୍ୟାପକ ନିଯୁକ୍ତି ପାଇଁ ବାହାରିଥିବା ବିଜ୍ଞାପନ ଶକ୍ତିମାନଙ୍କ ଦୃଷ୍ଟିରେ ପଡ଼ିଲା। ସେ ଏଥିଲାଗି ଦରଖାସ୍ତ କଲେ ଏବଂ ସାକ୍ଷାତ୍‌କାର ପାଇଁ ଡକରାପାଇଲେ। ସାକ୍ଷାତ୍‌କାରରେ ତାଙ୍କୁ ପାଠ ପଚରାଗଲା ନାହିଁ। ନିଯୁକ୍ତି ପାଇଁ ନିର୍ଦ୍ଧାରିତ ଅର୍ଥର ପରିମାଣ ପଚାଶ ହଜାର ଟଙ୍କା ବୋଲି ଜଣାଇ ଦିଆଗଲା। ବାପା ଖଣ୍ଡେ ଜମି ବିକ୍ରି କରି ପୁଅକୁ ଟଙ୍କା ଦେଲେ। ଶକ୍ତିମାନ ଅଧ୍ୟାପକ ଚାକିରି ଖଣ୍ଡକ ପାଇଲେ।

କିଛି ବର୍ଷ ପରେ ସେହି କଲେଜକୁ ସରକାର 'ଟେକ୍–ଓଭର' କରିନେଲେ ଓ ଅନ୍ୟ ଅନେକଙ୍କ ପରି ଶକ୍ତିମାନ ନିର୍ବିଘ୍ନରେ ସରକାରୀ କର୍ମଚାରୀ ହୋଇଗଲେ। ଶକ୍ତିମାନଙ୍କୁ ସେ କଲେଜ ଭଲ ନ ଲାଗିବାରୁ ଅର୍ଥବଳ ପ୍ରୟୋଗ କରି ରାଜଧାନୀ ପାଖ ଏକ କଲେଜକୁ ବଦଳି ହୋଇ ଆସିଲେ। ବରିଷ୍ଠତାରେ ସେ ଶୀର୍ଷକୁ ଯାଉଥିଲେ ବି ତାଙ୍କ ଉପରେ ଆଉ ପାଞ୍ଚଜଣ ରହିଥିଲେ। ତା' ସତ୍ତ୍ୱେ ଅଧ୍ୟକ୍ଷ ଆସନ ଅଳଂକୃତ କରିବା ପାଇଁ ତାଙ୍କର ମନ ବଳିଲା। କାମ ହାସଲ କରିବାର ତରିକା ତ ତାଙ୍କୁ ଜଣାଥିଲା। ଶିକ୍ଷାମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ଜଣାଇ ଚଢ଼ାଦର ଦେଇ ଅଧ୍ୟକ୍ଷ ନିଯୁକ୍ତ ହୋଇଗଲେ। ବରିଷ୍ଠତାରେ ତାଙ୍କ ଉପରେ ଥିବା ପାଞ୍ଚଜଣ ଅଧ୍ୟାପକଙ୍କୁ ବି ଡରେଇ ହଲେଇ ନିରବ କରାଇ ଦେଲେ।

ଶକ୍ତିମାନ ଅଧ୍ୟକ୍ଷ ହେଲେ ସତ, ତାଙ୍କର ପୁଣି ଏକ ଅବସୋସ ରହିଗଲା। ତାଙ୍କର ବିଦ୍ୟାବୁଦ୍ଧି କମ୍ ବୋଲି ସହକର୍ମୀମାନେ ଅବଗତ ଥିଲେ। ତେଣୁ ସେମାନେ ପଛରେ ତାଙ୍କୁ ଟାହିଟାପରା



କଲେ। ଏଥିରୁ ମୁକୁଳିବାକୁ ତାଙ୍କର ଇଚ୍ଛା ହେଲା ; ତେଣୁ ସେ ଏଥିଲାଗି ଉପାୟ ଖୋଜିଲେ। ଶକ୍ତିମାନ ଦେଖିଲେ ଯେ, ବିଶ୍ୱବିଦ୍ୟାଳୟରେ ପ୍ରତ୍ୟେକ ବିଷୟର ବୋର୍ଡ ଅଫ୍ ଷ୍ଟଡ଼ିଜ୍ ରହିଛି। ତହିଁରେ ବିଷୟବିଜ୍ଞ ଅଧ୍ୟାପକମାନେ ସଦସ୍ୟ ଅଛନ୍ତି। ସେମାନଙ୍କ ବୈଠକରେ ଯାହା ପାଠ୍ୟକ୍ରମ ସ୍ଥିର ହେଉଛି, ତାହା ହିଁ କଲେଜଗୁଡ଼ିକରେ ପଢ଼ାଯାଉଛି। ଯଦି ସେ ବୋର୍ଡ ଅଫ୍ ଷ୍ଟଡିଜ୍‌ର ସଦସ୍ୟ ହୋଇପାରିବେ, ତେବେ ସେ ମଧ୍ୟ ''ବିଜ୍ଞ ଗୋଷ୍ଠୀ''ରେ ଅନ୍ତର୍ଭୁକ୍ତ ହୋଇଯିବେ। ତାଙ୍କର ବିଷୟ ଇତିହାସ ହୋଇଥିଲେ ମଧ୍ୟ ସେ ଇତିହାସର ବୋର୍ଡରେ ରହିବାକୁ ଚାହୁଁ ନ ଥିଲେ। କାରଣ ସେଥିର ସମସ୍ତ ସଦସ୍ୟ ତାଙ୍କର ଜ୍ଞାନଗରିମା ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାତ ଥିଲେ। ତେଣୁ ସେ ନୃତତ୍ତ୍ୱ ବୋର୍ଡରେ ରହିବାକୁ ସ୍ଥିର କଲେ ଏବଂ ସେଥିଲାଗି ଗୋଟିଚାଳନା ଆରମ୍ଭ କରିଦେଲେ। ପରୀକ୍ଷା ନିୟନ୍ତ୍ରକ ତାଙ୍କୁ ପଚାରିଲେ, ''ଆପଣ ଇତିହାସର ଅଧ୍ୟାପକ ହୋଇ ନୃତତ୍ତ୍ୱ ବୋର୍ଡ ଅଫ୍ ଷ୍ଟଡିଜ୍‌ରେ କିପରି ରହିବେ ?'' ଆଗରୁ ଉତ୍ତର ଖୋଜି ରଖିଥିବା ଶକ୍ତିମାନ କହିଲେ, ''ବିଷୟ ଯାହା ହେଉ, ପ୍ରତ୍ୟେକ ବିଷୟର ତ ଏକ ଇତିହାସ ରହିଛି। ତେଣୁ ଇତିହାସ ଅଧ୍ୟାପକ ଏସବୁ ବିଷୟର ବୋର୍ଡରେ ସଦସ୍ୟ ରହିବାରେ ଅସୁବିଧା ନାହିଁ।'' ଆଗରୁ ବଶୀଭୂତ ହୋଇ ସାରିଥିବା ପରୀକ୍ଷା ନିୟନ୍ତ୍ରକ ହସିଦେଇ ନିରବ ରହିଥିଲେ।

ନୃତତ୍ତ୍ୱର ନୂତନ ବୋର୍ଡ ଅଫ୍ ଷ୍ଟଡିଜ୍ ଗଠିତ ହୋଇ ବିଜ୍ଞପ୍ତି ପ୍ରକାଶ ପାଇଲା। ତହିଁରେ ନିଜର ନାମ ଦେଖି ଶକ୍ତିମାନ ଭାରି ଖୁସି ହୋଇଗଲେ। ମାତ୍ର ନୃତତ୍ତ୍ୱ ଅଧ୍ୟାପକମାନେ ତାଙ୍କ ବୋର୍ଡରେ ଇତିହାସ ଅଧ୍ୟାପକଙ୍କ ନାମ ଦେଖି ଫିଙ୍ଗିକିଲେ। ସେମାନେ ପରୀକ୍ଷା ନିୟନ୍ତ୍ରକ, କୁଳସଚିବ ଓ କୁଳପତିଙ୍କୁ ଭେଟି ପ୍ରତିବାଦ ଜଣାଇ ଫେଲ୍ ହେବା ପରେ କୁଳାଧିପତିଙ୍କୁ ଭେଟି ଅଭିଯୋଗ ପେଶ୍ କଲେ। କୁଳାଧିପତି ପୂର୍ବରୁ କୁଳପତି ଥିଲେ। ନୃତତ୍ତ୍ୱ ବୋର୍ଡ ଅଫ୍ ଷ୍ଟଡିଜ୍‌ରେ ଇତିହାସ ଅଧ୍ୟାପକ ସଦସ୍ୟ ଥିବା ଜାଣି ସେ ବି ଆଶ୍ଚର୍ଯ୍ୟ ହେଲେ। ବିଶ୍ୱବିଦ୍ୟାଳୟର ଷ୍ଟାଚ୍ୟୁଟ୍ ମଗାଇ ଦେଖିଲେ। ତା'ପରେ ନୃତତ୍ତ୍ୱ ବୋର୍ଡରେ ଖାଲି ସେହି ବିଭାଗର ଅଧ୍ୟାପକଙ୍କୁ ରଖି ତହିଁର ପୁନର୍ଗଠନ କରିବା ପାଇଁ ଆଦେଶ ଦେଲେ। ଏହା ହିଁ ଥିଲା ଶକ୍ତିମାନଙ୍କ ଜୀବନରେ ପ୍ରଥମ ପରାଜୟ। ଏତେ ଦିନକେ ସେ ବୁଝିଥିଲେ ଯେ ଅର୍ଥବଳେ ସବୁକିଛି ନ ହୁଅଇ ସାଧ।

*–ନୀହାରିକା, ମର୍କତ ନଗର (ସି.ଡି.ଏ.), କଟକ–୧୪*

# ମାଟ୍ରିକ: ଏଥର ବି ଛାତ୍ରୀ ଆଗୁଆ



**ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଅନୁଷ୍ଠିତ ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ପୂର୍ବବର୍ଷ ଅପେକ୍ଷା ପାସ୍ ହାର ଅଧିକ ରହିଛି। ଏଥିସହ ଛାତ୍ରୀମାନେ ମଧ ବାଜିମାତ କରିଛନ୍ତି। ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି। ଉତ୍ତୀର୍ଣ୍ଣ ହୋଇଥିବା ୪ ଲକ୍ଷ ୨୧ ହଜାର ୨୫୬ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨ ଲକ୍ଷ ୨୧ ହଜାର ୪୫୨ ଜଣ ଛାତ୍ରୀ ଓ ୧ ଲକ୍ଷ ୯୯ ହଜାର ୮୦୪ ଜଣ ଛାତ୍ର ରହିଛନ୍ତି।**

### ମେଡିକାଲ ଶିକ୍ଷା ପାଇଁ ପ୍ରସ୍ତୁତ ହେବ



ମୋର ୯୫% ରହିଛି। ଯେତିକି ଆଶା କରିଥିଲି ତା'ଠାରୁ ଅଧିକ ରହିଛି। ତେଣୁ ଖୁସି ଅଛି। କିନ୍ତୁ ଇଂଲିଶରେ ନମ୍ବର ଟିକେ ନମ୍ବର କମିଯାଇଛି। ରିଚେକିଂ ପାଇଁ ଆବେଦନ କରିବି। ସାଇନ୍ସ ପଢ଼ିବି ଓ ମେଡିକାଲ ପାଇଁ ପ୍ରସ୍ତୁତ ହେବି।

**– ବିଶାଳ ପ୍ରଧାନ, ଭୁବନେଶ୍ୱର**

### ମୂଲ୍ୟାୟନ ଠିକ୍ ହୋଇ ନ ଥିବା ଭାବୁଛି



୯୩% ଉପରେ ରହିବ ବୋଲି ଆଶା କରିଥିଲି। କିନ୍ତୁ ୯୦% ନମ୍ବର ରହିଛି। ଇଂଲିଶ, ଇତିହାସ ଓ ଭୂଗୋଳରେ ନମ୍ବର କମିଯାଇଥିବାରୁ ଦୁଃଖ ଲାଗୁଛି। ମୂଲ୍ୟାୟନ ଠିକ୍ ହୋଇ ନ ଥିବା ଭାବୁଛି। ରିଚେକିଂ ପାଇଁ ପକାଇବି।

**– ନିରଞ୍ଜନ ପଣ୍ଡା, ଭୁବନେଶ୍ୱର**

### ଆଶାଠୁ କମ୍ ନମ୍ବର ମିଳିଛି, ରିଚେକିଂ କରିବି



ଯେତିକି ଆଶା କରିଥିଲି, ତା'ଠାରୁ କମ୍ ନମ୍ବର ମିଳିଛି। ମୋର ୯୫% ରହିବ ବୋଲି ଆଶା କରିଥିଲି। କିନ୍ତୁ ୯୨.୬% ନମ୍ବର ରହିଛି। ସୋସିଆଲ ସାଇନ୍ସରେ ନମ୍ବର କମିଯାଇଥିବାରୁ ରିଚେକିଂ କରିବି। ଆଗକୁ ମେଡିକାଲ ଲାଇନ୍‌ରେ ଯିବା ପାଇଁ ଲକ୍ଷ୍ୟ ରହିଛି।

**– ଅର୍ପିତା ପଲେଇ, ଭୁବନେଶ୍ୱର**

### ମହାକାଶ ବିଜ୍ଞାନୀ ହେବି



ମୋର ୯୬.୬% ନମ୍ବର ରହିଛି। ଯେତିକି ଆଶା କରିଥିଲି ସେତିକି ନମ୍ବର ରହିଛି। ସେଥିପାଇଁ ବହୁତ ଖୁସି ଅଛି। ସାଇନ୍ସ ପଢ଼ିବି ଓ ଆଷ୍ଟ୍ରୋନଟ୍ (ମହାକାଶ ବିଜ୍ଞାନୀ) ହେବା ପାଇଁ ଲକ୍ଷ୍ୟ ରଖିଛି।

**– ଅବିସ୍ମିତା କର, ଭୁବନେଶ୍ୱର**

### ପ୍ରଶାସନିକ ସେବାରେ ଯୋଗଦେବାକୁ ଲକ୍ଷ୍ୟ



ମୋର ୯୫.୩% ନମ୍ବର ରହିଛି। ଆଶାଠାରୁ କମ୍ ନମ୍ବର ଥିବାରୁ ଟିକେ ଦୁଃଖ ଲାଗୁଛି। ଖାଲି ଇଂଲିଶରେ ନମ୍ବର କମିଯାଇଛି। ସାଇନ୍ସ ପଢ଼ିବି ଓ ଆଗକୁ ୟୁପିଏସ୍‌ସି ପାଇଁ ପ୍ରସ୍ତୁତ ହେବି।

**– ସାଇ ଅର୍ପିତା ମିଶ୍ର, ଭୁବନେଶ୍ୱର**

### ସାଇନ୍ସ ପଢ଼ି ଡାକ୍ତର ହେବି



ମୁଁ ଆଶା କରିଥିଲି ୯୫% ଉପରେ ରହିବ, ରହିଛି ୯୨.୮%। ଇତିହାସ ଓ ଭୂଗୋଳରେ ୯୦ ଉପରେ ନମ୍ବର ରହିବ ବୋଲି ନିଶ୍ଚିତ ଥିଲି, ୭୯ ରହିଥିବାରୁ ଦୁଃଖ ଲାଗୁଛି। ଲକ୍‌ଡାଉନ୍‌ରେ ଖାତାଦେଖା ସମସ୍ୟା ପାଇଁ ଲାଗୁଛି ଏପରି ତ୍ରୁଟି ରହିଯାଇଥିବ। ତେବେ ମୁଁ ରିଚେକିଂ ପାଇଁ ଆବେଦନ କରିବି। ସାଇନ୍ସ ପଢ଼ିବି ଓ ଡାକ୍ତର ହେବା ଲକ୍ଷ୍ୟ ରହିଛି।

**– ଅମିତାଂଶୁ ସାମଲ, ଭୁବନେଶ୍ୱର**

### ୧୨ ଘଣ୍ଟା ପରିଶ୍ରମ କରୁଥିଲି



ଦୈନିକ ପ୍ରାୟ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ୯୨.୧୬ % ଅର୍ଥାତ୍ ୫୫୩ ମାର୍କ ରହିଛି। ଗୁରୁମା, ଗୁରୁଜୀ ଓ ମୋ ପରିବାରବର୍ଗଙ୍କୁ ସଫଳତାର ଶ୍ରେୟ ଦେବି। ଭବିଷ୍ୟତରେ ଜଣେ ଉତ୍ତମ ଶିକ୍ଷୟିତ୍ରୀ ହେବାକୁ ଚାହୁଁଛି।

**– ଜ୍ୟୋତ୍ସ୍ନାରାଣୀ ଖଟେଇ, ଖୋର୍ଦ୍ଧା**

### ଉତ୍ତମ ଶିକ୍ଷୟିତ୍ରୀ ହେବାକୁ ଇଚ୍ଛା



ପରିଶ୍ରମ ଅନୁସାରେ ଫଳ ମିଳିଛି। ୯୫ ପ୍ରତିଶତ ଆଶା କରିଥିଲି। ୯୩.୬୬ % ଅର୍ଥାତ ୫୬୨ ନମ୍ବର ରହିଛି। ମୋ' ସଫଳତା ପଛରେ ଗୁରୁମା, ଗୁରୁଜୀ ଓ ଗୁରୁଜନଙ୍କ ଆଶୀର୍ବାଦ ରହିଛି। ଜଣେ ଉତ୍ତମ ଶିକ୍ଷୟିତ୍ରୀ ହେବାକୁ ଇଚ୍ଛା ରଖିଛି।

**– ନିହାରିକା ସାମନ୍ତରାୟ, ଖୋର୍ଦ୍ଧା**

### ଆଇଏଏସ୍ ଅଫିସର୍ ହେବାକୁ ଲକ୍ଷ୍ୟ



ମୋର ୫୭୭ (୯୬.୧୬ ପ୍ରତିଶତ) ନମ୍ବର ରହିଛି। ଦୈନିକ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ୫୮୦ ନମ୍ବର ରହିବ ବୋଲି ଆଶା ଥିଲା। ତେବେ ଇତିହାସ ଓ ଭୂଗୋଳରେ ୩/୪ ମାର୍କ କମିଯାଇଛି। ତଥାପି ଯାହା ମାର୍କ ରହିଛି ସେଥିରେ ମୁଁ ସନ୍ତୁଷ୍ଟ। ନିଜର ସଫଳତା ପାଇଁ ପରିବାର ସଦସ୍ୟ ଓ ଗୁରୁମା ଗୁରୁଜୀଙ୍କୁ ଶ୍ରେୟ ଦେଉଛି। ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହୋଇ ସମାଜ ସେବା କରିବା ପାଇଁ ଲକ୍ଷ୍ୟ ରଖିଛି।

**– ଆୟୁଷ୍ମାନ ନନ୍ଦ, ପୁରୀ**

### ପ୍ରଶାସନିକ ଅଧିକାରୀ ହେବି



ପରୀକ୍ଷାରେ ୫୬୩ (୯୩.୮୩%) ନମ୍ବର ରଖିଛି। ସାହିତ୍ୟ ଓ ଇଂଲିଶରେ ଅଧିକ ମାର୍କ ଆଶା ରଖିଥିଲି। ଖାତା ଦେଖାରେ ବୋଧ ହୁଏ ତ୍ରୁଟି ଯୋଗୁ ମାର୍କ କମିଛି। ଏହି ସଫଳତା ପାଇଁ ମା, ବାପା ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେବି। ସରକାର ଅନେକ ଯୋଜନା କରୁଛନ୍ତି। ମାତ୍ର ତାହା ଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚୁ ନାହିଁ। ତେଣୁ ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହୋଇ ଏଥିରେ ସୁଧାର ଆଣିବି।

**– ରତିପ୍ରଜ୍ଞା ଦାସ, ପୁରୀ**

### ଆଇଏଏସ୍ ଅଫିସର୍ ହେବାକୁ ଚାହେଁ



୫୬୧ (୯୩.୫%) ନମ୍ବର ରଖିଛି। ୯୫ ପ୍ରତିଶତ ମାର୍କ ରହିବ ବୋଲି ଆଶା ବାନ୍ଧିଥିଲି। ସମ୍ଭବତଃ ଖାତାଦେଖାରେ ତ୍ରୁଟି ଯୋଗୁ ୨ପ୍ରତିଶତ ମାର୍କ କମିଯାଇଛି। ମା, ବାପା ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସଫଳତାର ଶ୍ରେୟ ଦେବି। ଭବିଷ୍ୟତରେ ଆଇଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଛି।

**– ଆୟୁଷ ଆୟୁଷ୍ମାନ ଭଞ୍ଜ, ପୁରୀ**

## ୮୦% ପାସ୍ ହାର ଉପରେ ୧୩ ଜିଲା

ମାଟ୍ରିକ ପାସ୍ ହାର କ୍ଷେତ୍ରରେ ବରଗଡ଼ ଜିଲା ସର୍ବାଗ୍ରେ ରହିଛି। ଏଠାରେ ୧୬ ହଜାର ୮୨ ଜଣ ପରୀକ୍ଷା ଦେଇଥିଲେ। ୧୫ ଜଣ ମାଲପ୍ରାକ୍ଟିସରେ ଧରାପଡ଼ିଥିବା ବେଳେ ୧୬ ହଜାର ୬୭ ଜଣଙ୍କ ପରୀକ୍ଷାଫଳ ଘୋଷଣା କରାଯାଇଛି। ସେଥିରୁ ୧୪ ହଜାର ୩୭୨ ଜଣ ପାସ୍ ହେବା ସହ ଜିଲାର ପାସ୍ ହାର ୮୯.୩୭ ପ୍ରତିଶତ ରହିଛି। ନୂଆପଡ଼ା ଜିଲାରେ ସର୍ବନିମ୍ନ ୬୦.୧୭ ପ୍ରତିଶତ ପାସ୍ ହାର ହୋଇଛି। ସେହିପରି କଟକ ଜିଲାରେ ୮୪.୪୫, ଜଗତ୍‌ସିଂହପୁର ଜିଲାରେ ୭୯.୮୭, କେନ୍ଦ୍ରାପଡ଼ା ଜିଲାରେ ୮୦.୧୯, ଯାଜପୁର ଜିଲାରେ ୭୩.୬୩, ଅନୁଗୋଳରେ ୭୫.୨୩, ଢେଙ୍କାନାଳରେ ୭୫.୮୬, ପୁରୀରେ ୮୬.୮୨, ଖୋର୍ଦ୍ଧାରେ ୮୭.୨୮, ନୟାଗଡ଼ରେ ୮୬.୬୩, ବାଲେଶ୍ୱରରେ ୮୩.୯୭, ଭଦ୍ରକରେ ୭୫.୭୬, କେନ୍ଦୁଝରରେ ୭୬.୬୨, ମୟୂରଭଞ୍ଜରେ ୮୩.୭୮, ଗଜପତିରେ ୭୫.୮୨, ଗଞ୍ଜାମରେ ୮୨, ବୌଦ୍ଧରେ ୭୮.୪୮, କନ୍ଧମାଳରେ ୮୬.୩୨, କଳାହାଣ୍ଡିରେ ୭୦.୩୧, ସମ୍ବଲପୁରରେ ୮୦.୪୭, ଦେବଗଡ଼ରେ ୮୦.୨୨, ଝାରସୁଗୁଡ଼ାରେ ୭୭.୨୦, ବଲାଙ୍ଗୀରରେ ୭୨.୫୬, ସୁବର୍ଣ୍ଣପୁରରେ ୭୩.୬୨, ସୁନ୍ଦରଗଡ଼ରେ ୮୫.୮୫, କୋରାପୁଟରେ ୭୧.୭୪, ମାଲକାନଗିରିରେ ୭୭.୭୦, ନବରଙ୍ଗପୁରରେ ୭୭.୨୩, ରାୟଗଡ଼ାରେ ୬୯.୬୦ ପ୍ରତିଶତ ପାସ୍‌ହାର ରହିଛି।

### ଏ-୧ ଗ୍ରେଡ୍‌ରେ ଛାତ୍ର ଆଗୁଆ

୫ ଲକ୍ଷ ୩୪ ହଜାର ୮୪୩ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମାତ୍ର ୧୨୬୯ ଜଣ ଏ-୧ ଗ୍ରେଡ୍ ହାସଲ କରିଛନ୍ତି। କେବଳ ରେଗୁଲାର ପରୀକ୍ଷାର ଛାତ୍ରୀଛାତ୍ର ଉକ୍ତ ସଫଳତା ପାଇଛନ୍ତି। ତେବେ ଏ-୧ ଗ୍ରେଡ୍ ହାସଲ କ୍ଷେତ୍ରରେ ଛାତ୍ରମାନେ ଆଗରେ ରହିଛନ୍ତି। ୬୫୧ ଜଣ ଛାତ୍ରଙ୍କୁ ଏ-୧ ଗ୍ରେଡ୍ ମିଳିଥିବା ବେଳେ ୫୯୭ ଜଣ ଛାତ୍ରୀ ଉକ୍ତ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ପ୍ରଶାସନିକ ସେବାରେ ଯୋଗଦେବି



ଅନୁଗୋଳ ଗାନ୍ଧୀମାର୍ଗ ସରସ୍ୱତୀ ଶିଶୁ ମନ୍ଦିର ଅଧୀନରେ ଥିବା ତାଳଚେର ଦେଉଳବେଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ସୌମ୍ୟରଞ୍ଜନ ସାମନ୍ତ ୫୭୫ ନମ୍ବର ରଖି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଳଚେର ରେମୁଆଁ ଅଞ୍ଚଳରେ ରହୁଥିବା ଢେଙ୍କାନାଳ ଜିଲା ଚିନ୍ତାପୋଖରୀର ହେମନ୍ତ କୁମାର ସାମନ୍ତ ଓ ଅନ୍ନପୂର୍ଣ୍ଣା ସାମନ୍ତଙ୍କ ପୁତ୍ର ସୌମ୍ୟରଞ୍ଜନ ଦୈନିକ ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିଲେ ବୋଲି କହିଛନ୍ତି। ଭବିଷ୍ୟତରେ ପ୍ରଶାସନିକ ସେବାରେ ଯୋଗଦେବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି।

**– ସୌମ୍ୟରଞ୍ଜନ ସାମନ୍ତ, ଅନୁଗୋଳ**

### ପରିବାର, ଗୁରୁଙ୍କୁ ଶ୍ରେୟ ଦେବି



ପାଲଲହଡ଼ା ବ୍ଲକ କେରେଜେଙ୍ଗ ନବଜ୍ୟୋତି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଫାଲ୍‌ଗୁନି କସ୍ୟପ୍ ୫୭୧ ନମ୍ବର ରଖି ଅନୁଗୋଳ ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଅନୁସୂୟା ପାଣିଗ୍ରାହୀ ଓ ଗଙ୍ଗାଧର ପାଣିଙ୍କ ଝିଅ ଫାଲଗୁନି ନିଜ ସଫଳତାର ଶ୍ରେୟ ପରିବାର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି।

**– ଫାଲ୍‌ଗୁନୀ କସ୍ୟପ, ଅନୁଗୋଳ**

### ଡାକ୍ତର ହେବା ଲକ୍ଷ୍ୟ



ତାଳଚେର ଥର୍ମାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦିବ୍ୟଜ୍ୟୋତି ସାମଲ ୫୬୯ ନମ୍ବର ରଖି ଅନୁଗୋଳ ଜିଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଠିନ ପରିଶ୍ରମର ଫଳ ତାଙ୍କୁ ମିଳିଛି ଓ ଏଥିପାଇଁ ମା ବିନୋଦିନୀ ସାମଲ, ବାପା ଅଶୋକ କୁମାର ସାମଲ, ଶିକ୍ଷକଙ୍କୁ ସେ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ସେବା କରିବାର ଲକ୍ଷ୍ୟ ରଖିଥିବା ଦିବ୍ୟଜ୍ୟୋତି ପ୍ରକାଶ କରିଛନ୍ତି।

**– ଦିବ୍ୟଜ୍ୟୋତି ସାମଲ, ଅନୁଗୋଳ**

## ଡାକ୍ତର ହେବି



ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲର ଛାତ୍ର ଓମ୍‌କାର ମାଝି ଜିଲା ଟପ୍ପର ହୋଇଛନ୍ତି। ସେ ୫୭୮ ମାର୍କ ରଖିଛନ୍ତି। ଓମ୍‌କାରଙ୍କ ବାପା ଆଇନଜୀବୀ ଅଦ୍ୱୈତ କୁମାର ମାଝି ଏବଂ ମା' ମଞ୍ଜୁଳା ମାଝି। ଅଦ୍ୱୈତଙ୍କ ପୈତୃକ ଘର ହିନ୍ଦୋଳ ବ୍ଲକ ବମ୍ପା ଗ୍ରାମରେ। ସେ ପରିବାର ସହ ଢେଙ୍କାନାଳ ସହରସ୍ଥିତ ୪ନଂ. ୱାର୍ଡ ଗୁଡିଆନାଳୀ ନିକଟ ଭାଗିରଥୀବିହାରରେ ଭଡ଼ା ଘରେ ରହୁଛନ୍ତି। ଦୈନିକ ୧୦ରୁ ୧୪ ଘଣ୍ଟା ପରିଶ୍ରମ କରୁଥିବା ଓମ୍‌କାର ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ସଫଳତାର ଶ୍ରେୟ ସେ ମା' ଏବଂ ଶିକ୍ଷକମାନଙ୍କୁ ଦେଇଛନ୍ତି।

**–ଓମ୍‌କାର ମାଝି, ଢେଙ୍କାନାଳ**

### ଅଧ୍ୟାପକ ହେବେ ଜିତେନ



ରେମୁଣା ହାଇସ୍କୁଲର ଛାତ୍ର ଜିତେନ ମହାଳିକ ୫୮୩ (୯୭.୧୬%) ମାର୍କ ରଖି ବାଲେଶ୍ୱର ଜିଲା ଟପ୍ପର ହୋଇଛନ୍ତି। ସେ ରେମୁଣା ବ୍ଲକ ବଡ଼ପାଳ ଗାଁର ପ୍ରଭାକର ମହାଳିକ ଓ ରଞ୍ଜିତା ମହାଳିକଙ୍କ ପୁତ୍ର। ଭବିଷ୍ୟତରେ ଜଣେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି।

**– ଜିତେନ ମହାଳିକ, ବାଲେଶ୍ୱର**

### ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରହିଛି



ଭଦ୍ରକର ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ସୌମ୍ୟଶ୍ରୀ ଆଶୁତୋଷ ନାୟକ ଜିଲାରେ ଦ୍ୱିତୀୟ ହୋଇଛନ୍ତି। ବନ୍ତ ବ୍ଲକ ଭଣ୍ଡାରଗଡିଆ ଗ୍ରାମର ଶିକ୍ଷକ ପର୍ଶୁରାମ ନାୟକ ଓ ସଂଯୁକ୍ତା ନାୟକଙ୍କ ପୁତ୍ର ସୌମ୍ୟଶ୍ରୀ ୫୬୮ ନମ୍ବର ରଖିଛନ୍ତି। ଭବିଷ୍ୟତରେ ଆଷ୍ଟ୍ରୋ ଫିଜିକ୍ସରେ ବୈଜ୍ଞାନିକ ହେବାକୁ ସେ ଆଶା ରଖିଛନ୍ତି। ପୂର୍ବରୁ ସେ ଯୁବ ଜ୍ୟୋତିର୍ବିଦ ପରୀକ୍ଷାରେ ସଫଳତା ହାସଲ କରି ଇସ୍ରୋ ଭ୍ରମଣରେ ଯିବା ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ଯୋଗ୍ୟ ବିବେଚିତ ହୋଇଥିଲେ।

**– ସୌମ୍ୟଶ୍ରୀ ଆଶୁତୋଷ, ଭଦ୍ରକ**

### ଜ୍ୟୋତି କେନ୍ଦୁଝର ଜିଲା ଟପ୍ପର



୫୬୫ ନମ୍ବର ରଖି ଶାଳପଡ଼ା କ୍ଷେତ୍ରମୋହନ ବିଦ୍ୟାପୀଠର ଛାତ୍ରୀ ଜ୍ୟୋତି ମିଶ୍ର କେନ୍ଦୁଝର ଜିଲାର ଟପ୍ପର ହୋଇଛନ୍ତି। ଘଷିପୁରା ବ୍ଲକ ଅନ୍ତର୍ଗତ ଉକ୍ତ ସ୍କୁଲରେ ସମୁଦାୟ ୫୨ ଜଣରୁ ୪୭ ଜଣ ପାସ୍ କରିଥିବା ଜଣାପଡ଼ିଛି।

**– ଜ୍ୟୋତି ମିଶ୍ର, କେନ୍ଦୁଝର**

### ଦୀପ୍ରେଶ, ଅଙ୍କିତ ମୟୂରଭଞ୍ଜର ଯୁଗ୍ମ ଟପ୍ପର



ଦୀପ୍ରେଶ ପଣ୍ଡା



ଅଙ୍କିତ ବେହେରା

୫୭୨ ମାର୍କ ଲେଖାଏ ରଖି ମୟୂରଭଞ୍ଜ ଜିଲାର ଯୁଗ୍ମ ଟପ୍ପର ହୋଇଛନ୍ତି ବେତନଟୀ ଏମପିସି ଉଚ୍ଚ ବିଦ୍ୟାଳୟର ଦୀପ୍ରେଶ କୁମାର ପଣ୍ଡା ଓ ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଆମରା ହାଇସ୍କୁଲର ଅଙ୍କିତ କୁମାର ବେହେରା। ମହେନ୍ଦ୍ର ନାରାୟଣ ପଣ୍ଡା ଓ ଅନୀଷାଙ୍କ ପୁତ୍ର ଦୀପ୍ରେଶ ଭବିଷ୍ୟତରେ ଆଇଏଏସ୍ ଅଫିସର ଏବଂ ଅରବିନ୍ଦ ବେହେରା ଓ ସଂଗୀତାଙ୍କ ପୁତ୍ର ଅଙ୍କିତ ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି।

## ୩୦୭ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

### ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

**ବ୍ରହ୍ମପୁର ଅଫିସ,୨୯।୭**

ଚଳିତ ମାଟ୍ରିକ ପରୀକ୍ଷାରେ ବ୍ରହ୍ମପୁର ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ବିଦ୍ୟାମନ୍ଦିରର ୩୪୫ ଛାତ୍ରୀଛାତ୍ର ଚଳିତ ମାଟ୍ରିକ ପରୀକ୍ଷାରେ ପାସ କରିଥିବା ବେଳେ ସେଥିମଧ୍ୟରେ ୩୦୭ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାମନ୍ଦିରର ଛାତ୍ର ରୁଦ୍ର ପ୍ରସାଦ ରଥ ସର୍ବାଧିକ ୯୬.୧୬ ପ୍ରତିଶତ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସତ୍ୟଜିତ୍ ଦଳାଇ ୯୫.୮୩ ପ୍ରତିଶତ ରଖି ଦ୍ୱିତୀୟ ଏବଂ ଆଶୁତୋଷ ପାଢ଼ୀ ୯୫.୧୬ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଏଥିସହିତ ବିଦ୍ୟାମନ୍ଦିରର ୫୪ ଜଣ ଏ-୧ ଗ୍ରେଡ ଅର୍ଥାତ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୧୧୪ଜଣ ଏ-୨ ଗ୍ରେଡ ତଥା ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୯୬ ଜଣ ବି-୧ ଗ୍ରେଡ ତଥା ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୪୩ ଜଣ ବି-୨ ଗ୍ରେଡ୍ ତଥା ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଅନୁଷ୍ଠାନ ପକ୍ଷରୁ ସୂଚାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ. ହରେକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ଇଂ ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ଜେନା, ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ଶିକ୍ଷୟିତ୍ରୀ ଶିକ୍ଷକ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛନ୍ତି ରୁଦ୍ର



ଚଳିତ ମାଟ୍ରିକ ପରୀକ୍ଷାରେ ନୀଳକଣ୍ଠ ଶିଶୁ ବିଦ୍ୟାମନ୍ଦିରର ଟପ୍ପର ହୋଇଛନ୍ତି ରୁଦ୍ର ପ୍ରସାଦ ରଥ। ସେ ସର୍ବାଧିକ ୫୭୭ ନମ୍ବର ତଥା ୯୬.୧୬ ପ୍ରତିଶତ ରଖିଛନ୍ତି। ତାଙ୍କର ମାତା ଗୀତା ତ୍ରିପାଠୀ ଓ ପିତା ଧବଳ କାନ୍ତ ରଥଙ୍କ ପ୍ରେରଣା ପାଇଁ ସେ ଏହି ସଫଳତା ହାସଲ କରିଥିବା ରୁଦ୍ର କହିଛନ୍ତି। ଭବିଷ୍ୟତରେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

## ମାଟ୍ରିକ୍ ପାସ୍ ପରେ ବଢ଼ିଲା ସ୍ୱପ୍ନ

**ବାରିପଦା ଅଫିସ,୨୯।୭**



ଦିନେ ସେମାନେ ଶିଶୁ ଶ୍ରମିକ ଥିଲେ। ହେଲେ ବୁଧବାର ମାଟ୍ରିକ୍ ପାସ୍ କରିବା ପରେ ଏବେ ତାଙ୍କ ମନରେ ଅନେକ ସ୍ୱପ୍ନ ଉଙ୍କି ମାରିଛି। କିଏ ପାଠ ପଢ଼ି ଚାକିରି କରିବ ତ ଆଉ କିଏ ନିଜକୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କରାଇ ପାରିବା ଭଳି ଲକ୍ଷ୍ୟ ରଖି ନିଜକୁ ପ୍ରସ୍ତୁତ କରିବା ପାଇଁ ଆଗଭର ହେଲେଣି। ଏହି କୃତି ୯ ଜଣ ଛାତ୍ରହେଲେ ଅଜୟ କୁମାର ପାତ୍ର, ଜିତେନ୍ଦ୍ର କୁମାର ନାୟକ, ହେମନ୍ତ କୁମାର ମୁର୍ମୁ, ପାଣ୍ଡୁ ସିଂ, ଗୁଜା ମୁର୍ମୁ, ଦୀପୁ ମହାକୁଡ଼, କାର୍ତ୍ତିକ ମହାକୁଡ଼, ଦୁର୍ଗା ମାରାଣ୍ଡି ଓ ରାଜେଶ ପାତ୍ର। ପରିବାରର ଅଭାବ ଅନଟନ ଯୋଗୁ ଦିନେ ସେମାନଙ୍କ ପାଠ ପଢ଼ାରେ ଡୋରି ବନ୍ଧା ହୋଇଥିଲା। ହେଲେ ମାଟ୍ରିକ୍ ପାସ୍ କରିବା ପରେ ସେମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଅଜୟ ଓ ଜିତେନ୍ଦ୍ର ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ବେଳେ ଅନ୍ୟମାନେ ମଧ ଭଲ ମାର୍କ ରଖି ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ କିଏ ଅନାଥ ତ ଆଉ କାହାର ବାପା ଥିବା ବେଳେ ମା' ଆରପାରିକୁ ଚାଲି ଯାଇଛନ୍ତି। ଆଉ କାହାର ମା' ଥିବା ବେଳେ ବାପାଙ୍କ ଦେହାନ୍ତ ହୋଇଛି। ଫଳରେ ବାଧ ହୋଇ ସେମାନ ନିଜ ପେଟ ଚାଖଣ୍ଡ ସହିତ ପରିବାରକୁ କିଛି ଅର୍ଥ ଦେବା ଆଶାରେ ଶିଶୁ ଶ୍ରମିକ ଭାବେ ଖଟି ଆସୁଥିଲେ। ଜଳଖିଆ ଦୋକାନ, ଗ୍ୟାରେଜ, ଢାବା ଆଦି ବିଭିନ୍ନ ଦୋକାନରେ ଏମାନେ କାମ କରୁଥିଲେ। ୨୦୧୪ରେ ଜିଲା ପ୍ରଶାସନ ପକ୍ଷରୁ ତତ୍କାଳୀନ ଜିଲାପାଳ ରାଜେଶ ପ୍ରଭାକର ପାଟିଲ ସେମାନଙ୍କୁ ଉଦ୍ଧାର କରି 'ମୁଁ ବି ପଢ଼ିବି' ଯୋଜନାରେ ପାଠ ପଢ଼ାଇବାର ବ୍ୟବସ୍ଥା କରିଥିଲେ। ମୟୂରଭଞ୍ଜ ଜିଲାର ବିଶୋଇଠାରେ ଥିବା ଛାତ୍ରାବାସରେ ରହି ସେମାନେ ପାଠ ପଢ଼ିଥିଲେ। ବିଶୋଇ ନୋଡାଲ ଉଚ୍ଚ ବିଦ୍ୟାଳୟର ଏହି ୯ ଛାତ୍ର ଯେ କେବଳ ପାଠ ପଢ଼ାରେ ସଫଳ ହୋଇଛନ୍ତି ତାହା ନୁହେଁ ସ୍ୱରୋଜଗାରକ୍ଷମ ହେବା ପାଇଁ ସେମାନଙ୍କୁ ଦିଆଯାଇଥିବା ସବାଇ ଘାସ, ମାଟି ଓ ଅନାବଶ୍ୟକ ପଦାର୍ଥରୁ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରସ୍ତୁତି କରିବା ତାଲିମ ପାଇ ସେଥିରେ ପାରଙ୍ଗମ ହୋଇ ପାରିଛନ୍ତି।

## ସଂକ୍ଷେପରେ

### ଆଇପିଏଲ୍‌ରେ ଡୋପିଂ ରୋକିବାକୁ ପ୍ରୟାସ

**ନୂଆଦିଲ୍ଲୀ,୨୯।୭(ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଡୋପିଂ ରୋକିବାକୁ ପ୍ରୟାସ ଆରମ୍ଭ ହୋଇଛି। ଏହି ଦାୟିତ୍ୱରେ ଥିବା ଜାତୀୟ ନିଶା ନିବାରଣ ସଂସ୍ଥା (ନାଡ଼ା) ନମୁନା ସଂଗ୍ରହ ପ୍ରକ୍ରିୟାକୁ ଆଉଟ୍‌ସୋର୍ସ କରିବ। ଏଥର ଆଇପିଏଲ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ହେବାକୁ ଯାଉଥିବାରୁ ନାଡ଼ା ପାଇଁ ଏହି ପ୍ରକ୍ରିୟା ଅଧିକ ବ୍ୟୟ ବହୁଳ ସାବ୍ୟସ୍ତ ହେବ। ଫଳରେ ଏଥିପାଇଁ ନାଡ଼ା ଆଉଟ୍‌ସୋର୍ସ କରିବା ସମ୍ଭାବନା ସୃଷ୍ଟି ହୋଇଛି। ଏହି କ୍ରମରେ ନାଡ଼ା ପାଇଁ ଏକାଧିକ ବିକଳ୍ପ ରହିଛି। ନାଡ଼ା ୟୁଏଇ ଜାତୀୟ ନିଶା ନିବାରଣ ସଂସ୍ଥା (ନାଡୋ)ର ସାହାଯ୍ୟ ନେଇପାରିବ କିମ୍ବା ସ୍ୱିଡେନର ଇଣ୍ଟରନ୍ୟାଶନାଲ ଡୋପ୍ ଟେଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ (ଆଇଡିଟିଏମ୍) ସହ ଯୋଗାଯୋଗ କରି କାର୍ଯ୍ୟକ୍ରମ ସ୍ଥିର କରିବ। ୨୦୧୯ ତୃତୀୟ ଭାଗ ବେଳକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନାଡ଼ା ଅଧୀନକୁ ଆସିଥିଲା। ଫଳରେ ଚଳିତ ବର୍ଷ ପ୍ରଥମଥର ପାଇଁ ଆଇପିଏଲ୍‌ରେ ନମୁନା ସଂଗ୍ରହ କରିବ। ଆଇପିଏଲ୍ ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ନଭେମ୍ବର ୮ ତାରିଖରେ ଶେଷ ହେବ। କୋଭିଡ୍-୧୯ ମହାମାରୀ କାରଣରୁ ବିସିସିଆଇ ଆଇପିଏଲ୍‌କୁ ଦେଶ ବାହାରେ ୟୁଏଇରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ଆଇପିଏଲ୍ କାର୍ଯ୍ୟସୂଚୀ ସ୍ଥିର ହେବା ପରେ ନାଡ଼ାକୁ ସୂଚନା ଦିଆଯିବ। ନାଡ଼ା ନମୁନା ସଂଗ୍ରହ ଓ ପରିବହନ ଖର୍ଚ୍ଚ ତୁଲାଇବ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ତେବେ ଏ ସଂକ୍ରାନ୍ତରେ ନାଡ଼ା ଡିଜି ନବୀନ ଅଗ୍ରୱାଲ କୌଣସି ମନ୍ତବ୍ୟ ଦେଇନାହାନ୍ତି। ଏ ନେଇ ସବୁକିଛି ସ୍ଥିର ହେବା ପରେ ଯାଇ ଆମେ ଯାହା କିଛି ସୂଚନା ଦେବୁ ବୋଲି ସେ କହିଛନ୍ତି। ୨୦୧୯ ଆଇପିଏଲ୍ ପର୍ଯ୍ୟନ୍ତ ବିସିସିଆଇ ନମୁନା ସଂଗ୍ରହର ଖର୍ଚ୍ଚ ବହନ କରୁଥିଲା।

### ଆକମଲଙ୍କ ବାସନ୍ଦ ଅବଧି ୧୮ ମାସକୁ କମିଲା



**କରାଚୀ,୨୯।୭ (ପି.ଟି.):** ପାକିସ୍ତାନ ବ୍ୟାଟ୍ସମ୍ୟାନ ଉମର ଆକମଲଙ୍କ ୩ ବର୍ଷିଆ ବାସନ୍ଦ ଅବଧୀକୁ ପାଖାପାଖି ଅଧା କରିଦିଆଯାଇଛି। ଫିକ୍ସିଂ କରିବାକୁ ତାଙ୍କୁ ଦିଆଯାଇଥିବା ପ୍ରସ୍ତାବକୁ ସେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ଜଣାଇ ନ ଥିଲେ। ଫଳରେ ତାଙ୍କୁ କ୍ରିକେଟରୁ ୩ ବର୍ଷ ବାସନ୍ଦ କରାଯାଇଥିଲା। କ୍ରିକେଟ ପ୍ରତି ତାଙ୍କ ଭଲ ପାଇବାକୁ ଉପଲବ୍ଧି କରି ତାଙ୍କ ଦଣ୍ଡ କୋହଳ କରାଯାଇଛି। ତେବେ ଏଥିରେ ଆକମଲ ସନ୍ତୁଷ୍ଟ ହୋଇନାହାନ୍ତି। ସମ୍ପୂର୍ଣ୍ଣ ବାସନ୍ଦାଦେଶ ଉଠା ନହେବା ପର୍ଯ୍ୟନ୍ତ ସେ ଲଢେଇ ଜାରି ରଖିବେ ବୋଲି ଆକମଲ କହିଛନ୍ତି। ତାଙ୍କ ବାସନ୍ଦ ଅବଧୀ ୨୦୨୦ ଫେବୃଆରୀରୁ ୨୦୨୧ ଅଗଷ୍ଟ ପର୍ଯ୍ୟନ୍ତ ଲାଗୁ ହେବ। ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ଖେଳିବା ଅବସରରେ ଆମକଲଙ୍କୁ ଫିକ୍ସିଂ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ସେ ଏହାକୁ ସାର୍ବଜନୀନ କରି ନ ଥିଲେ।

# ଦିନିକିଆ ସିରିଜ ଆଜିଠାରୁ



ଆୟର୍ଲାଣ୍ଡ ଅଧିନାୟକ ଆଣ୍ଡ୍ର୍ୟୁ ବାଲ୍‌ବିର୍ନେ।

**ସାଉଥାମ୍ପଟନ, ୨୯।୭**

କରୋନା ଭାଇରସ ସଂକ୍ରମଣ ଜନିତ ଅନିଶ୍ଚିତତା ମଧ୍ୟରେ ଅନ୍ତର୍ଜାତୀୟ ସ୍ତରରେ ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ଟେଷ୍ଟ କ୍ରିକେଟ ସିରିଜ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ ବିଜୟୀ ହୋଇଥିଲେ ହେଁ ପରବର୍ତ୍ତୀ ୨ଟି ଟେଷ୍ଟ ଜିତି ଇଂଲଣ୍ଡ ୨-୧ରେ ସିରିଜ ବିଜୟୀ ହୋଇଛି। କରୋନା ଜନିତ ବ୍ରେକ୍ ପରେ ଅନ୍ତର୍ଜାତୀୟ ସ୍ତରରେ ଏବେ ପ୍ରଥମ ଦିନିକିଆ କ୍ରିକେଟ ସିରିଜ ଆୟୋଜନ ହେବାକୁ ଯାଉଛି। ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରେ ଏହି ସିରିଜ ଗୁରୁବାରଠାରୁ ଆରମ୍ଭ ହେବ। ସିରିଜର ୩ଟି ଯାକ ମ୍ୟାଚ ସାଉଥାମ୍ପଟନର ଏଜେସ ବାଓଲ ଗ୍ରାଉଣ୍ଡରେ ଜୈବ ସୁରକ୍ଷିତ ପରିବେଶରେ ଅନୁଷ୍ଠିତ ହେବ। ଏଥିପାଇଁ ଦୁଇ ଦଳର ଖେଳାଳି ତାଲିକା ଘୋଷିତ ହୋଇସାରିଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ଖେଳିଥିବା କୌଣସି ଖେଳାଳି ଇଂଲଣ୍ଡ ଦିନିକିଆ ଦଳରେ ନାହାନ୍ତି। ଇଅନ ମୋର୍ଗାନ ଦଳର ନେତୃତ୍ୱ ନେବେ। ଆଣ୍ଡ୍ର୍ୟୁ ବାଲ୍‌ବିର୍ନେ ଆୟର୍ଲାଣ୍ଡ ଅଧିନାୟକ ଦାୟିତ୍ୱ ତୁଲାଇବେ। ସିରିଜର ପରବର୍ତ୍ତୀ ୨ଟି ଦିନିକିଆ ଯଥାକ୍ରମେ ଅଗଷ୍ଟ ୧ ଓ ୪ ତାରିଖରେ ଅନୁଷ୍ଠିତ ହେବ।

### ଇଂଲଣ୍ଡ ପଲା ଭାରି

ରେକର୍ଡ ଦେଖିଲେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ପରସ୍ପରକୁ ୧୦ଟି ମ୍ୟାଚରେ ଭେଟିଛନ୍ତି। ଏଥିରୁ ଇଂଲଣ୍ଡ ୮ଟିରେ ବିଜୟୀ ହୋଇଥିବାବେଳେ ଆୟର୍ଲାଣ୍ଡ ମାତ୍ର ଗୋଟିଏ ମ୍ୟାଚ ଜିତିଛି ଏବଂ ଅନ୍ୟ ମ୍ୟାଚଟି ଫଳାଫଳ ବିହୀନ ରହିଛି। ଇଂଲଣ୍ଡ ବିପକ୍ଷରେ ଆୟର୍ଲାଣ୍ଡର ଏକମାତ୍ର ଦିନିକିଆ ବିଜୟ ୨୦୧୧ ମାର୍ଚ୍ଚ ୨ଟି ବେଙ୍ଗାଲୁରୁଠାରେ ହୋଇଥିଲା। ଆଇସିସି ବିଶ୍ୱକପ ଅନ୍ତର୍ଗତ ଏହି ଦିବାରାତ୍ର ମ୍ୟାଚରେ ଆୟର୍ଲାଣ୍ଡ ୩ ଉଇକେଟରେ ବିଜୟୀ ହୋଇଥିଲା। ଦୁଇ ଦଳ ଶେଷଥରପାଇଁ ୨୦୧୯ ମେ ୩ରେ ଡବଲିନଠାରେ ପରସ୍ପରକୁ ଭେଟିଥିଲେ। ଏଥିରେ ଇଂଲଣ୍ଡ ୪ ଉଇକେଟରେ ବିଜୟୀ ହୋଇଥିଲା।

**ଦିନିକିଆ ଦଳ**

- ଇଂଲଣ୍ଡ: ଇଅନ ମୋର୍ଗାନ(ଅଧିନାୟକ), ମୋଇନ ଅଲୀ, ଜନି ବେୟାରଷ୍ଟୋ, ଟମ୍ ବାଣ୍ଟନ, ସାମ୍ ବିଲିଙ୍ଗ୍ସ, ଟମ୍ କୁରାନ, ଲିଆମ ଡସନ, ଜୋ ଡେନଲି, ଶାକିବ ମେହମୁଦ, ଆଡିଲ ରଶିଦ, ଜାସନ ରୟ୍, ରିଷି ଟୋପ୍‌ଲେ, ଜେମ୍ସ ଭିନ୍ସ, ଡେଭିଡ ୱିଲି।
- ଆୟର୍ଲାଣ୍ଡ: ଆଣ୍ଡ୍ର୍ୟୁ ବାଲ୍‌ବିର୍ନେ (ଅଧିନାୟକ), କର୍ଟିସ କାମ୍ଫର, ଗ୍ୟାରେଥ ଡିଲାନି, ଜୋଶ ଲିଟଲ, ଆଣ୍ଡ୍ର୍ୟୁ ମ୍ୟାକ୍‌ବିର୍ନେ ବ୍ୟାରି ମ୍ୟାକାର୍ଥି, କେଭିନ୍ ଓ'ବ୍ରିଏନ୍, ୱିଲିୟମ ପୋଟରଫିଲ୍ଡ, ବଏଡ୍ ରାଙ୍କିନ୍, ସିମି ସିଂ, ପଲ୍ ଷ୍ଟିର୍ଲିଂ, ହ୍ୟାରି ଟେକ୍ଟର, ଲୋରକାନ ଟକର, କ୍ରେଗ୍ ୟଙ୍ଗ।

**ଭାରତୀୟ ସମୟ: ଅପରାହ୍ଣ ୬ଟା ୩୦, ପ୍ରସାରଣ: ସୋନି ସିକ୍ସ**



ବୁଧବାର ସାଉଥାମ୍ପଟନ୍ ଗ୍ରାଉଣ୍ଡକୁ ଅଭ୍ୟାସ ପାଇଁ ଯିବା ଅବସରରେ ଇଂଲଣ୍ଡର ଇଅନ ମୋର୍ଗାନ ଓ ଜନି ବେୟାରଷ୍ଟୋ।

## ଇଂଲଣ୍ଡ ଟେଷ୍ଟ ଦଳ ଅପରିବର୍ତ୍ତିତ

**ମାଞ୍ଚେଷ୍ଟର, ୨୯।୭**

ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ବିଜୟୀ ଇଂଲଣ୍ଡ ଦଳ ପାକିସ୍ତାନ ବିପକ୍ଷ ସିରିଜ ପାଇଁ ଅପରିବର୍ତ୍ତିତ ରହିଛି। ବୁଧବାର ଘୋଷିତ ଦଳରେ ୧୪ ଖେଳାଳି ଓ ୪ ରିଜର୍ଭ ଖେଳାଳି ରହିଛନ୍ତି। ଅଗଷ୍ଟ ୫ରୁ ଏହି ୩ ମ୍ୟାଚ ବିଶିଷ୍ଟ ସିରିଜ ଆରମ୍ଭ ହେବ। ଇଂଲଣ୍ଡକୁ ୨-୧ରେ ଟେଷ୍ଟ ସିରିଜ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ୬ ପେସ୍ ବୋଲର ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ସ୍ପିନର ଡମ୍ ବେସ୍‌ଙ୍କ ଉପରେ ଚୟନକର୍ତ୍ତା ପୁଣି ଆସ୍ଥା ସ୍ଥାପନ କରିଛନ୍ତି। ତାଙ୍କ କାଉଣ୍ଟି ଟିମ୍‌ମେଟ୍ ଜ୍ୟାକ୍ ଲିଚ୍ ରିଜର୍ଭ ସ୍ପିନର ରହିଛନ୍ତି। ଗ୍ଲୋସେଷ୍ଟରଶାୟାରର ଜେମ୍ସ ବ୍ରାକେ ଓ ଏସେକ୍ସର ଡନ ଲରେନ୍ସ ରିଜର୍ଭ ବ୍ୟାଟ୍ସମ୍ୟାନ ରହିଥିବାବେଳେ ସରେର ବେନ୍ ଫୋକ୍ସ ରିଜର୍ଭ ଉଇକେଟ କିପର ତାଲିକାରେ ରହିଛନ୍ତି। ଅଗଷ୍ଟ ୧ରୁ କାଉଣ୍ଟି ସିଜନ ଆରମ୍ଭ ହେବାକୁ ଯାଉଛି। ତେଣୁ ରିଜର୍ଭ ଖେଳାଳିଙ୍କୁ ଇଂଲଣ୍ଡ ରୋଶେନ ଭିତ୍ତିରେ ଖେଳାଇବା ଲକ୍ଷ୍ୟରେ ରହିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟେଷ୍ଟ ପରେ ୧୮ ଜଣ ଯାକ ଖେଳାଳିଙ୍କୁ ଘରକୁ ଯିବାକୁ ସୁଯୋଗ ଦିଆ ଯାଇଥିଲା। ପରିବାର ସହିତ ସମୟ କଟାଇବାପରେ ସେମାନେ ଅଗଷ୍ଟ ୨ରେ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଏକତ୍ରିତ ହେବାକୁ କୁହାଯାଇଛି।

## ପଣ୍ଡିତଙ୍କ ନିଯୁକ୍ତି ନେଇ ପ୍ରଶ୍ନ ଉଠାଇଲା କ୍ରିକେଟ କମିଟି

**ଇନ୍ଦୋର, ୨୯।୭ (ପି.ଟି.):** ପୂର୍ବତନ ଭାରତୀୟ ଉଇକେଟ କିପର ଚନ୍ଦ୍ରକାନ୍ତ ପଣ୍ଡିତଙ୍କୁ ମଧ୍ୟ ପ୍ରଦେଶର କୋଚ୍ ନିଯୁକ୍ତି ଉପରେ ମଧ୍ୟ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ) କ୍ରିକେଟ କମିଟି ପ୍ରଶ୍ନ ଉଠାଇଛି। ପଣ୍ଡିତଙ୍କୁ ଗତ ମାର୍ଚ୍ଚରେ ମଧ୍ୟପ୍ରଦେଶ ରଣଜୀ ଦଳର କୋଚ୍ ନିଯୁକ୍ତ କରାଯାଇଥିଲା। ତେବେ ୪ ମାସ ପରେ ଏମ୍‌ପିସିଏ କ୍ରିକେଟ କମିଟି ଏ ନେଇ ପ୍ରଶ୍ନ ଉଠାଇଛି। କ୍ରିକେଟ କମିଟି କୋଚ୍ ନିଯୁକ୍ତିକୁ ଅନ୍ତିମ ରୂପ ଦେଇଥାଏ। କିନ୍ତୁ ଏହି ନିଯୁକ୍ତିରେ ସମ୍ପୂର୍ଣ୍ଣ ରୂପେ ଅନ୍ଧାରରେ ରଖାଯାଇଛି ବୋଲି କମିଟି ତରଫରୁ କୁହାଯାଇଛି।

## ରଜତ ଭାଟିଆଙ୍କ ଅବସର

**ନୂଆଦିଲ୍ଲୀ,୨୯।୭(ପି.ଟି.):** ଅଭିଜ୍ଞ ଘରୋଇ କ୍ରିକେଟର ରଜତ ଭାଟିଆ ବୁଧବାର କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ତାଙ୍କର କୌଣସି ଅବସୋସ ନାହିଁ ବୋଲି ସେ କହିଛନ୍ତି। ୨୦୦୩-୦୪ରେ ସେ ତାମିଲନାଡୁ ତରଫରୁ କ୍ୟାରିୟର ଆରମ୍ଭ କରିଥିଲେ। ତେବେ ଦିଲ୍ଲୀ ପାଇଁ ଅଧିକାଂଶ ସମୟ ଖେଳିଥିଲେ। ତାଙ୍କ ଗାଇଡ୍‌ରେ ନୂଆ ଉତ୍ତରାଖଣ୍ଡ ଦଳ ରଣଜୀଟ୍ରଫି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲା।

ଦିଲ୍ଲୀ ଦଳର ସଙ୍କଟମୋଚକ ଭାବେ ଜଣାଶୁଣା ଥିବା ଭାଟିଆ ୧୧୨ଟି ପ୍ରଥମ ଶ୍ରେଣୀ କ୍ରିକେଟ ଖେଳି ୪୯.୧୦ ରନ୍ ହାରରେ ୬୪୮୨ ରନ୍ ସଂଗ୍ରହ କରିଥିଲେ। ସେ ମଧ୍ୟ ୨୭.୯୭ ରନ ହାରରେ ୧୩୭ଟି ଉଇକେଟ ହାସଲ କରିଥିଲେ। ସେ ମଧ୍ୟ ୧୧୯ଟି ଲିଷ୍ଟ ଏ' ଗେମ୍ ଓ ୧୪୬ଟି ଟି୨୦ ମ୍ୟାଚ୍ ଖେଳିଥିଲେ। ଦିଲ୍ଲୀ ଜନ୍ମିତ ଏହି କ୍ରିକେଟର ଗତ ସେସନରେ ବାଂଲାଦେଶରେ ଲିଷ୍ଟ ଏ' କ୍ରିକେଟ ଖେଳିଥିଲେ। ଗତବର୍ଷ ଅବସର ନେବା ସମ୍ପର୍କରେ ନିଷ୍ପତ୍ତି ନେଇଥିଲି। ଘରୋଇ କ୍ରିକେଟ ଖେଳୁ ନ ଥିଲି ଓ କମେଣ୍ଟ୍ରି କରୁଥିଲି। ଏହାପରେ ବାଂଲାଦେଶ ଜଣେ ପେସାଦାର କ୍ରିକେଟର ହିସାବରେ ଖେଳୁଥିଲି। କିନ୍ତୁ ଚଳିତ ବର୍ଷ ସେମାନେ ପେସାଦାର ଖେଳାଳିଙ୍କୁ ନେବା ବନ୍ଦ କରିଥିଲେ। ଏହାପରେ କୋଭିଡ୍- ୧୯ ମହାମାରୀ ଆସିଥିଲା। ତେଣୁ ଅବସର ନେବାକୁ ଚିନ୍ତା କରିଥିଲି ବୋଲି ଭାଟିଆ କହିଛନ୍ତି। ଏବେ ମଧ୍ୟ ପୂର୍ବାପେକ୍ଷା ଅଧିକ ଫିଟ୍ ଅନୁଭବ କରୁଛି। ତେଣୁ ବିଦେଶୀ ଲିଗ୍ ଖେଳିବାକୁ ଯୋଜନା କରୁଛି ବୋଲି ସେ କହିଛନ୍ତି।

୨୦୧୪ରେ ସେ ଭାରତ ପାଇଁ ଖେଳିବାର ସମ୍ଭାବନା ସୃଷ୍ଟି ହୋଇଥିଲା।



ରଜତ ଭାଟିଆ

ସେତେବେଳେ ଟି୨୦ ବିଶ୍ୱକପ୍‌ରେ ଭାରତୀୟ ସମ୍ଭାବ୍ୟ ଦଳରେ ସ୍ଥାନ ପାଇଥିଲେ। କିନ୍ତୁ ଭାରତ ପାଇଁ ଖେଳିବାର ସୁଯୋଗ ପାଇ ନ ଥିଲେ ମଧ୍ୟ ମୋର କୌଣସି ଅବସୋସ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ୨୦୦୭-୦୮ରେ ଦିଲ୍ଲୀ ପାଇଁ ରଣଜୀ ଟ୍ରଫି ଜିତିବା ଓ ୨୦୧୨ରେ କୋଲକାତା ନାଇଟ ରାଇଡର୍ସ ପାଇଁ ଆଇପିଏଲ୍ ଜିତିବା ତାଙ୍କ କ୍ୟାରିୟରର ମୁଖ୍ୟ ଘଟଣା ଥିଲା।

## ଆନନ୍ଦଙ୍କ ୭ମ ପରାଜୟ

**ଚେନ୍ନାଇ,୨୯।୭(ପି.ଟି.):** ଦେଢ଼ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଲିଜେଣ୍ଡ୍ସ ଅଫ୍ ଚେସ୍ ଅନ୍‌ଲାଇନ୍ ଟୁର୍ନାମେଣ୍ଟରେ ଭାରତୀୟ ଗ୍ରାଣ୍ଡ ମାଷ୍ଟର ତଥା ପୂର୍ବତନ ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ କ୍ରମାଗତ ସପ୍ତମ ପରାଜୟ ବରଣ କରିଛନ୍ତି। ଅଷ୍ଟମ ରାଉଣ୍ଡ ମୁକାବିଲାରେ ସେ ବିଶ୍ୱର ୩ ନମ୍ବର ଖେଳାଳି ଚାଇନାର ଡିଙ୍ଗ୍ ଲିରେନଙ୍କଠାରୁ ୦.୫-୨.୫ରେ ପରାସ୍ତ ହୋଇଛନ୍ତି। ପ୍ରଥମ ୬ ରାଉଣ୍ଡ ମ୍ୟାଚ୍‌ରେ ଆନନ୍ଦ କ୍ରମାଗତ ଷଷ୍ଠ ପରାଜୟବରଣ କରିଥିଲେ ମଧ୍ୟ ଏହି ପରାଜୟ ଧାରାକୁ ଭାଙ୍ଗିଥିଲେ। ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଆନନ୍ଦ ୨୨ ଚାଲ୍ ଚଳାଇବା ପରେ ପ୍ରଥମ ଗେମ୍‌ରେ ପରାଜୟ ବରଣ କରିଥିଲେ। ଏହାପରେ ଦ୍ୱିତୀୟ ଗେମ୍‌ରେ ୪୭ ଚାଲ୍ ଚଳାଇବା ପରେ ଦୁଇଜଣ ମ୍ୟାଚ ଡ୍ର ରଖିଥିଲେ। ତୃତୀୟ ଗେମ୍‌ରେ କିନ୍ତୁ ଲିରେନ ୪୧ଟି ମୁଭ୍ ପରେ ବାଜି ମାରିଥିଲେ। ଆନନ୍ଦ ଏବେ ମୋଟ ୬ ପଏଣ୍ଟ ହାସଲ କରି ଲିରେନ୍ ଓ ପିଟର ଲେକୋଙ୍କ ସହ ତାଲିକାର ଶେଷରେ ରହିଛନ୍ତି। ଏବେ ନବମ ତଥା ଫାଇନାଲ ରାଉଣ୍ଡରେ ୫୦ ବର୍ଷୀୟ ଆନନ୍ଦ ପ୍ରତିପକ୍ଷ ଭାସିଲ ଇଭାନଚୁକ୍‌ଙ୍କୁ ଭେଟିବେ। ଏହି ଟୁର୍ନାମେଣ୍ଟ ଏକ ନିଆରା ଚେସ୍ ଇଭେଣ୍ଟ ସାବ୍ୟସ୍ତ ହୋଇଛି ଓ ଏଥିରେ ବିଶ୍ୱର ଶ୍ରେଷ୍ଠ ତଥା ଅଭିଜ୍ଞ ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି।

## ପିଅନ ଚାକିରି ପାଇଁ ପୂର୍ବତନ ଅଧିନାୟକଙ୍କ ଆବେଦନ

**ନୂଆଦିଲ୍ଲୀ, ୨୯।୭ (ପି.ଟି.)**

ଅର୍ଥାଭାବ ଯୋଗୁ ଭାରତର ପୂର୍ବତନ ଭିନ୍ନକ୍ଷମ କ୍ରିକେଟ ଦଳର ଅଧିନାୟକ ଦୀନେଶ ସଇନ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ରେ ଏକ ପିଅନ ଚାକିରି ପାଇଁ ଆବେଦନ କରିଛନ୍ତି। ଜନ୍ମରୁ ପୋଲିଓ ରୋଗର ଶିକାର ହୋଇଥିବା ଦୀନେଶ ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ଭାରତର ଭିନ୍ନକ୍ଷମ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଏହି ସମୟ ମଧ୍ୟରେ ସେ ଭାରତୀୟ ଦଳର ଅଧିନାୟକତ୍ୱ ମଧ୍ୟ କରିଥିଲେ। ବର୍ତ୍ତମାନ ତାଙ୍କୁ ୩୫ ବର୍ଷ ବୟସ। ଆର୍ଥିକ ସଂକଟ ଯୋଗୁ ତାଙ୍କର ସ୍ତ୍ରୀ ଓ ୧ ବର୍ଷର ପିଲାକୁ ନେଇ ପରିବାର ଚଳାଇବା କଷ୍ଟକର ହୋଇ ପଡ଼ିଛି। ଦୀନେଶ କହିଛନ୍ତି ଦ୍ୱାଦଶ ଷ୍ଟାଣ୍ଡାର୍ଡ ପରେ ସେ କେବଳ କ୍ରିକେଟ ଖେଳୁଥିଲେ। ଭାରତରୁ ପ୍ରତିନଧିତ୍ୱ ମଧ୍ୟ କରିଥିଲେ। ବର୍ତ୍ତମାନ ଗ୍ରାଜୁଏଶନର ପ୍ରଥମ ବର୍ଷ ଛାତ୍ର। ପରିବାର ଖର୍ଚ୍ଚ ତୁଲାଇବା ପାଇଁ ବର୍ତ୍ତମାନ ସମ୍ଭବ ହେଉନାହିଁ। ନାଡାରେ ଗୋଟିଏ ପିଅନ ଚାକିରି ଖାଲିପଡ଼ିଥିବା ଜାଣିବା ପରେ ସେ ଆବେଦନ କରିଛନ୍ତି। ଏପର୍ଯ୍ୟନ୍ତ ଦୀନେଶଙ୍କ ବଡ଼ ଭାଇ ପରିବାର ଖର୍ଚ୍ଚ ତୁଲାଇ ଆସୁଥିଲେ। ବର୍ତ୍ତମାନ ସେ ଅସାମର୍ଥ୍ୟ ପ୍ରକାଶ କରୁଛନ୍ତି। ତେବେ ସେ ନାଡାରେ ଚାକିରି କରିବା ପାଇଁ କାହିଁକି ଆଗ୍ରହୀ ବୋଲି ତାଙ୍କୁ ପଚରାଯିବାରେ ସେ କହିଛନ୍ତି ସାଧାରଣ ବର୍ଗରେ ପିଅନ ଚାକିରି ପାଇଁ ବୟସ ସୀମା ୨୫ବର୍ଷ ରହିଛି। ହେଲେ ଭିନ୍ନକ୍ଷମ କାଟାଗୋରିରେ ଏହା ୩୫ ବର୍ଷ ରଖାଯାଇଛି। ସରକାରୀ ଚାକିରି ପାଇଁ ତାଙ୍କ ଲାଗି ଏହା ହେଉଛି ଶେଷ ସୁଯୋଗ। ଦୀନେଶ କହିଛନ୍ତି ଏହା ପୂର୍ବରୁ ସେ ଜିଲା କୋର୍ଟରେ ପିଅନ ଚାକିରି ପାଇଁ ଆବେଦନ କରି ବିଫଳ ହୋଇଥିଲେ। ଦେଶ ତରଫରୁ ଖେଳିଥିଲେ ମଧ୍ୟ ପ୍ରସିଦ୍ଧି ଓ ଅର୍ଥ ତାଙ୍କଠାରୁ ଦୂରେଇ ଯାଇଛି। ଦୀନେଶ ତାଙ୍କର ଅତୀତ କଥା ମନେ ପକାଇ କହିଛନ୍ତି, ସେ ଜନ୍ମରୁ ପୋଲିଓ ଆକ୍ରାନ୍ତ ହୋଇଥିଲେ ମଧ୍ୟ କ୍ରିକେଟ ପ୍ରତି ତାଙ୍କର ଥିଲା ଅଶେଷ ଦୁର୍ବଳତା। ଏହି ଖେଳ ପାଇଁ ସେ ନିଜକୁ କେବଳ ଭିନ୍ନକ୍ଷମ ବୋଲି ମନେ କରିନାହାନ୍ତି। ୨୦୧୫ରେ ବାଂଲାଦେଶରେ ଏକ ପଞ୍ଚରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ସେ ୪ଟି ଗେମ୍‌ରେ ସର୍ବାଧିକ ୮ଟି ଉଇକେଟ ହାସଲ କରିଥିଲେ। ପାକିସ୍ତାନ ବିପକ୍ଷରେ ସେ ଦୁଇଟି ଉଇକେଟ ନେଇଥିଲେ। ଏହି ଟୁର୍ନାମେଣ୍ଟର ୨୦୧୯ ସଂସ୍କରଣ ଇଂଲଣ୍ଡରେ ହୋଇଥିଲା। ଏଥିରେ ଭାରତ ଚାମ୍ପିୟନ ହୋଇଥିଲା। ଅବଶ୍ୟ ସେତେବେଳେ ଦୀନେଶ ଜଣେ ଖେଳାଳି ହିସାବରେ ନୁହେଁ ଜଣେ ଅଫିସିଆଲ ଭାବେ ଦଳ ସହିତ ଯାଇଥିଲେ। ନୂଆ ପିଲାମାନଙ୍କୁ ଗାଇଡ୍ କରିବା ଲାଗି ତାଙ୍କୁ କୁହାଯାଇଥିଲା।




ଦୀନେଶ ସଇନ

## ବ୍ରଡ ତୃତୀୟ ସ୍ଥାନକୁ ଉନ୍ନୀତ

**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**

**ଦୁବାଇ,୨୯।୭(ପି.ଟି.)**

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଇଂଲଣ୍ଡ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ୍ ବୋଲିଂ ତାଲିକାର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ୭ଟି ସ୍ଥାନ ଉପରକୁ ଉଠିଛନ୍ତି। ତୃତୀୟ ଟେଷ୍ଟକୁ ୨୬୯ରେ ଜିତିବା ସହ ଇଂଲଣ୍ଡ ଏହି ସିରିଜକୁ ୨-୧ ବ୍ୟବଧାନରେ ହାତେଇ ନେଇଛି। ମ୍ୟାଚ୍‌ରେ ମୋଟ ୧୦ ଉଇକେଟ ଅକ୍ତିଆର କରି ସେ ୫୦୦ ଟେଷ୍ଟ ଉଇକେଟ ହାସଲ କରି ଏକ ବିରଳ ସଫଳତା ହାସଲ କରିଛନ୍ତି। ୨୦୧୬ ପରେ ପ୍ରଥମଥର ପାଇଁ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ। ସେତେବେଳେ ମଧ୍ୟ ସେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୩୪ ବର୍ଷୀୟ ବ୍ରଡ ବ୍ୟାଟିଂ ତାଲିକାରେ ମଧ୍ୟ ୭ଟି ସ୍ଥାନ ଉପରକୁ ଉଠିଛନ୍ତି। ପ୍ରଥମ ଇନିଂସରେ ୪୫ ବଲରୁ ୬୨ ରନ ସଂଗ୍ରହ କରି ସେ ଇଂଲଣ୍ଡକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ସେହିପରି ଅଲରାଉଣ୍ଡର ତାଲିକାରେ ୩ଟି ସ୍ଥାନ ଉପରକୁ ଉଠି ସେ ୧୧ତମ ସ୍ଥାନ ଅଧିକାର କରିଛନ୍ତି।

ଅପରପକ୍ଷରେ କୋଭିଡ୍-୧୯ ମହାମାରୀ କାରଣରୁ ଟେଷ୍ଟ ଖେଳି ନ ଥିବା ଭାରତୀୟ କ୍ରିକେଟରମାନେ ମଧ୍ୟ ଟପ୍-୧୦ରେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ଅଧିନାୟକ ବିରାଟ କୋହଲି ବ୍ୟାଟିଂ ତାଲିକାରେ ପୂର୍ବପରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲୀୟ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ପୂର୍ବପରି ଶୀର୍ଷ ସ୍ଥାନରେ ରହିଛନ୍ତି। ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେ ଯଥାକ୍ରମେ ସପ୍ତମ ଓ ନବମ ସ୍ଥାନ ଅଧିକାର କରିଛନ୍ତି। ଅଲରାଉଣ୍ଡର ତାଲିକାରେ ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଯଥାକ୍ରମେ ତୃତୀୟ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

ତେବେ ବୋଲିଂ ତାଲିକାରେ ବ୍ରଡଙ୍କ ଉନ୍ନତି ଯୋଗୁ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଗୋଟିଏ ସ୍ଥାନ ତଳକୁ ଖସି ଅଷ୍ଟମ ସ୍ଥାନରେ ରହିଛନ୍ତି। ସେହିପରି ଅନ୍ୟତମ ଇଂଲଣ୍ଡ ବୋଲର କ୍ରିସ୍ ୱୋକ୍ସ ଅନ୍ତିମ ଟେଷ୍ଟର ଦ୍ୱିତୀୟ ଇନିଂସରେ ୫ ଉଇକେଟ ସଫଳତା ହାସଲ କରି ୨୦ତମ ସ୍ଥାନକୁ ଉଠିବା ସହ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ୬୫୪ ପଏଣ୍ଟ ହାସଲ କରିଛନ୍ତି। ଇଂଲଣ୍ଡ ଓପନର ରୋରି ବର୍ନ୍ସ ପ୍ରଥମ ଇନିଂସରେ ୫୭ ଓ ଦ୍ୱିତୀୟ ଇନିଂସରେ ୯୦ ରନ ସଂଗ୍ରହ କରି ୧୩ଟି ସ୍ଥାନ ଉପରକୁ ଉଠି ୧୭ତମ ସ୍ଥାନ ଅଧିକାର କରିଛନ୍ତି।



ଷ୍ଟୁଆର୍ଟ ବ୍ରଡ୍

## ସିନିୟର ଦଳରେ ୫ ଜୁନିୟର ଚୁକ୍ତିବଦ୍ଧ

**ଇଣ୍ଡିଆନ ସୁପରଲିଗ୍**

**ଭୁବନେଶ୍ୱର, ୨୯।୭(କ୍ରୀଡ଼ା ପ୍ରତିନିଧି)**

ଗତବର୍ଷ ୧୮ ବର୍ଷରୁ କମ୍ ଦଳରେ ଥିବା ୫ ଖେଳାଳିଙ୍କୁ ଓଡ଼ିଶା ଏଫସି ଏଥର ସିନିୟର ଦଳପାଇଁ ଚୁକ୍ତିବଦ୍ଧ କରିଛି। ହିରୋ ଏଲିଟ୍ ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ସିନିୟର ଦଳରେ ପେସାଦାର କ୍ୟାରିୟର ଆରମ୍ଭ କରିବାକୁ ସୁଯୋଗ ପାଇଥିବା ଏହି ଖେଳାଳିମାନେ ହେଲେ ଡିଫେଣ୍ଡର ଜୋନ୍ସ ଲାଲଥାକିମା(ଗତ ସିଜନର ଅଧିନାୟକ), ରୋନାଲ୍ଡୋ ୱାରୋକପାମ୍, ମିଡ୍‌ଫିଲ୍ଡର ନିଶ୍ଚୟ ଅଧିକାରୀ, ଫରୱାର୍ଡ ରିଷବ ଦୋବ୍ରିଆଲ ଓ ଅକ୍ଷୁର୍ଣ୍ଣ ତ୍ୟାଗୀ। ଇଣ୍ଡିଆନ ସୁପରଲିଗ୍(ଆଇଏସଏଲ)ର ୭ମ ସଂସ୍କରଣ ଏମାନଙ୍କ ପାଇଁ ସୁଯୋଗ ଆଣିବ।

୧୮ ବର୍ଷରୁ କମ୍ ଦଳର ଖେଳାଳିମାନେ ସେମାନଙ୍କ ପ୍ରଦର୍ଶନ ମାଧ୍ୟମରେ ସିନିୟର ଦଳକୁ ଆସିଥିବାରୁ ମୁଁ ବହୁତ ଖୁସି। ଏମାନଙ୍କୁ ଚିହ୍ନଟ କରିଥିବା ୧୮ ବର୍ଷରୁ କମ୍ କୋଚିଂ ଓ ସ୍କାଉଟିଂ ଟିମ୍ ଧନ୍ୟବାଦର ପାତ୍ର। ଖେଳାଳି ମାନଙ୍କୁ ମଧ୍ୟ ପ୍ରଶଂସା କରିବାକୁ ପଡ଼ିବ। କାରଣ ସେମାନେ କଠିନ ପରିଶ୍ରମ କରିଥିବାରୁ ଏଠାରେ ପହଞ୍ଚି ପାରିଛନ୍ତି। ସିନିୟର ଦଳରେ ସେମାନେ ସେହି ନିଷ୍ଠା ଜାରି ରଖିବା ଆଶା ରହିଛି ବୋଲି ଓଡ଼ିଶା ଏଫସି ସଭାପତି ରୋହନ ଶର୍ମା ପ୍ରକାଶ କରିଛନ୍ତି। ଯୁବ ଦଳର ୫ ଖେଳାଳି ପେସାଦାର ଫୁଟବଲ ଖେଳିବାକୁ ଯୋଗ୍ୟ ହୋଇଥିବାରୁ ମୋତେ ବହୁତ ଖୁସି ଲାଗୁଛି। ସେମାନେ ନିଜ ଦକ୍ଷତା ପ୍ରଦର୍ଶନ କରି ହିରୋ ଏଲିଟ୍ ଲିଗ୍‌ର ଫାଇନାଲରେ ଦଳକୁ ପ୍ରବେଶ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଆଗକୁ ତାଙ୍କ ପାଇଁ କଠିନ ସମୟ ଆସୁଛି ବୋଲି ୟୁଥ୍ ଟିମ୍ କୋଚ୍ ସନ୍ଦିପ ଆଲହାନ କହିଛନ୍ତି। "୧୮ ବର୍ଷରୁ କମ୍ ଦଳର କୋଚ୍ ଏବଂ ସପୋର୍ଟ ଷ୍ଟାଫ୍ କଠିନ ପରିଶ୍ରମ କରୁଥିବା ଏଥିରୁ ପ୍ରମାଣ ମିଳୁଛି। ବର୍ଷ ବର୍ଷ ଧରି କ୍ଲବ ମ୍ୟାନେଜମେଣ୍ଟ ୟୁଥ୍ ସେଟ୍‌ଅପ୍‌କୁ ସମର୍ଥନ କରି ଆସୁଛନ୍ତି। ଗତବର୍ଷ ଆଇଏସଏଲର ଶେଷ ଭାଗ କ୍ଲବ ପାଇଁ ଭଲ ରହି ନ ଥିଲା। ମାତ୍ର ଏଥର ଦଳ ଭଲ କରିବା ନେଇ ଆଶା ରହିଛି। ସିନିୟର ଦଳରେ ଭାଗ ନେଇପାରି ନ ଥିବା ଖେଳାଳିମାନେ ନିରାଶ ହେବା ଉଚିତ ନୁହେଁ। ସେମାନଙ୍କ ପାଇଁ ଅନ୍ୟ ଦ୍ୱାର ନିଶ୍ଚିତ ଖୋଲା ରହିବ। ଆଗାମୀ ସିଜନ ସମସ୍ତଙ୍କ ପାଇଁ ସ୍ମରଣୀୟ ହେବା ଆଶା" ବୋଲି ଫୁଟବଲ ଡେଭ୍‌ଲପ୍‌ମେଣ୍ଟ ମୁଖ୍ୟ ଆକାଶ ନରୁଲା ପ୍ରକାଶ କରିଛନ୍ତି।




ଅକ୍ଷୁର୍ଣ୍ଣ ତ୍ୟାଗୀ



ଜୋନ୍ସ ଲାଲଥାକିମା




ରିଷବ ଦୋବ୍ରିଆଲ



ନିଶ୍ଚୟ ଅଧିକାରୀ



ରୋନାଲ୍ଡୋ ୱାରୋକପାମ୍



ବଲିଉଡ୍ ବେବୋ କରୀନା କପୁର ଖାଁ ନିଜର ଫ୍ୟାଶନ ସେନ୍ସ ପାଇଁ ବେଶ୍ ଜଣାଶୁଣା। ରେଡ୍ କାର୍ପେଟ ହେଉ କି ଘରେ ତାଙ୍କ ଡ୍ରେସ୍ ସବୁବେଳେ ଷ୍ଟାଇଲିଷ୍ଟ ଓ ଭିନ୍ନ ରହିଥାଏ। କିଛିଦିନ ତଳେ କରୀନା ପୁଅ ତୈମୁର ଅଲ୍ଲୀ ଖାଁଙ୍କ ସହ ବଡ଼ ଭଉଣୀ କରିସ୍ମା କପୁରଙ୍କ ଘରକୁ ଯାଇଥିଲେ। ସେହି ସମୟରେ କରୀନା ବ୍ଲୁ ଆଣ୍ଡ ହ୍ୱାଇଟ୍ କଲରର ଏକ ସାଧାରଣ ଡ୍ରେସ୍ ପିନ୍ଧିଥିଲେ। ଏହି ଡ୍ରେସ୍‌ର ଦାମ୍ ମାତ୍ର ୧୩,୫୦୦ ଟଙ୍କା।

# ଆମିରଙ୍କୁ ହୁମାଙ୍କ ପ୍ରଶଂସା



ହୁମା କୁରେଶୀ

**ମୁମ୍ବାଇ:** ବଲିଉଡ୍ ନାୟିକା ହୁମା କୁରେଶୀ ଆଜି ଜଣେ ସଫଳ ନାୟିକା ଭାବେ ଜଣାଶୁଣା। ହୁମାଙ୍କ ପିତା ଦିଲ୍ଲୀରେ ବ୍ୟବସାୟ କରୁଥିବା ବେଳେ ହୁମା ମଡେଲିଂରେ ରୁଚି ରଖିଥିଲେ। ପ୍ରଥମେ ତାଙ୍କୁ ଅନୁରାଗ କଶ୍ୟପ ବଲିଉଡ୍ ଟିକେଟ ଦେଇଥିବା ବେଳେ ସେ କିନ୍ତୁ ନାୟକ ଆମିର ଖାଁଙ୍କ ଯୋଗୁ ବଲିଉଡ୍‌ରେ ପ୍ରବେଶ କରିଥିବା କୁହନ୍ତି। ଏଥିଲାଗି ସେ ଆମିରଙ୍କୁ ପ୍ରଶଂସା କରିଛନ୍ତି। ପ୍ରଥମେ ସେ ଆମିରଙ୍କ ସହ ଏକ ମୋବାଇଲ ବ୍ରାଣ୍ଡର ବିଜ୍ଞାପନ କରିବା ପରେ ତାଙ୍କୁ ଅନୁରାଗ 'ଗ୍ୟାଙ୍ଗ୍‌ସ ଅଫ ୱାସେପୁର' ଫିଲ୍ମରେ ସୁଯୋଗ ଦେଇଥିଲେ। ତେବେ ସେ ପ୍ରଥମେ ତେଲୁଗୁ ଫିଲ୍ମ ଜରିଆରେ ବଡ଼ ପରଦାରେ ନଜର ଆସିଥିଲେ। ହୁମାଙ୍କ ଲଭ୍ ଲାଇଫ୍ କହିଲେ ତାଙ୍କ ନାଁକୁ ଅର୍ଜୁନ ବାଜ୍‌ୱାଙ୍କ ସହ ଯୋଡ଼ା ଯାଇଥିଲା। ଏମିତିକି ଅନୁରାଗ କଶ୍ୟପଙ୍କ ସହ ତାଙ୍କର ପ୍ରେମ ସମ୍ପର୍କକୁ ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ହେଲେ ଏବେ ତାଙ୍କର ସମ୍ପର୍କ ନିର୍ଦ୍ଦେଶକ ମୁଦସର ଅଜିଜ୍‌ଙ୍କ ସହ ଥିବା ଆଲୋଚନା ହେଉଛି।

# ଟାଇମ୍ କ୍ୟାପ୍‌ସୁଲ୍

'ଟାଇମ୍ ମେଶିନ୍'। ଏକ କାଳ୍ପନିକ ଯନ୍ତ୍ର, ଯାହା ସାହାଯ୍ୟରେ ସମୟର ଗତିରୋଧ କରି ଅତୀତ କିମ୍ବା ଭବିଷ୍ୟତରେ ମାତ୍ର କେଇ ସେକେଣ୍ଡ ମଧ୍ୟରେ ପହଞ୍ଚ ହେବା। 'ଟାଇମ୍ ମେଶିନ୍' କନ୍‌ସେପ୍ଟକୁ ନେଇ ନିର୍ମିତ ହୋଇଛି ଏକାଧିକ ହଲିଉଡ୍ ଫିଲ୍ମ। ୨୦୨୦ ସୁଦ୍ଧା ଯଦିଓ ଏଭଳି ସତସତିକା ଯନ୍ତ୍ରଟିଏ ଉଦ୍ଭାବନ କରିବାରେ ବୈଜ୍ଞାନିକମାନେ ସମର୍ଥ ହୋଇନାହାନ୍ତି, ତଥାପି ବିଭିନ୍ନ ସମୟରେ ଆଲୋଚନା ପାଇଁ ଖୋରାକ୍ ଯୋଗାଇଥାଏ 'ଟାଇମ୍ ମେଶିନ୍'। ଏବେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ସହ ଯୋଡ଼ି ହୋଇଛି 'ଟାଇମ୍ କ୍ୟାପ୍‌ସୁଲ୍'। ତେବେ କ'ଣ ଏହି 'ଟାଇମ୍ କ୍ୟାପ୍‌ସୁଲ୍'। କାହିଁକି ଏବଂ କେବେଠାରୁ ଏହାର ପରିକଳ୍ପନା। ଏମିତି ଅନେକ ପ୍ରଶ୍ନ ଏବେ ଆସିଛି ଚର୍ଚ୍ଚାର ପରିଧିକୁ।





**ନୂଆଦିଲ୍ଲୀ:** ଅଯୋଧ୍ୟାରେ ନିର୍ମାଣ ହେବାକୁ ଥିବା ରାମ ମନ୍ଦିର ଭିତ୍ତିଭୂମିର ୨୦୦ ଫୁଟ ତଳେ 'ଟାଇମ୍ କ୍ୟାପ୍‌ସୁଲ' ରଖାଯିବ। ଏହା ହେଉଛି ଏକପ୍ରକାର ଐତିହାସିକ ଦସ୍ତାବିଜ୍, ଯେଉଁଥିରେ ରାମ ମନ୍ଦିରର ଇତିହାସଠାରୁ ଆରମ୍ଭ କରି ବିବାଦ, ଆଇନଗତ ଲଢ଼େଇ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ରହିବ। ହଜାରେ ବର୍ଷ ପରେ ଯଦି କୌଣସି କାରଣରୁ ଉତ୍‌ଖନନ କରାଯାଏ ତେବେ ଏହି ଐତିହାସିକ ତଥ୍ୟ ମିଳିବ। ଏଥିରୁ ରାମ ମନ୍ଦିର ସମ୍ପର୍କରେ ଭବିଷ୍ୟତ ପିଢ଼ି ସବିଶେଷ ତଥ୍ୟ ପାଇପାରିବେ।

'ଟାଇମ୍ କ୍ୟାପ୍‌ସୁଲ୍' ହେଉଛି ଏକପ୍ରକାର ବକ୍ସ। ଏହା ଯେ କୌଣସି ଆକାର ବିଶିଷ୍ଟ ହୋଇପାରେ। ପୁରାତନ କାଳରେ କାଚ, କାଠ, ଲୁହାରେ ଏହା ତିଆରି କରାଯାଉଥିଲେ ମଧ୍ୟ ତମ୍ବାକୁ ଅଗ୍ରାଧିକାର ଦିଆଯାଇଥାଏ। କାରଣ ତମ୍ବା ହେଉଛି ଦୀର୍ଘସ୍ଥାୟୀ ପଦାର୍ଥ। ଲୁହା ଭଳି ଏଥିରେ ରାସାୟନିକ ପ୍ରତିକ୍ରିୟା ଦେଖିବାକୁ ମିଳେନାହିଁ। ଫଳରେ ଏଥିରେ ରଖାଯାଇଥିବା ସାମଗ୍ରୀ ଯେକୌଣସି ପରିସ୍ଥିତି ଏବଂ ପାଣିପାଗରେ ମାଟି ଭିତରେ ସୁରକ୍ଷିତ ଭାବେ ରହିଥାଏ।

ଭୂପୃଷ୍ଠ ଅଭ୍ୟନ୍ତରରେ 'ଟାଇମ୍ କ୍ୟାପ୍‌ସୁଲ୍' ରଖାଯିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଡାଟା ସୁରକ୍ଷିତ ରଖିବା। ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଯୁଦ୍ଧ ହେଲେ ଐତିହାସିକ ସ୍ମାରକୀ କ୍ଷତିଗ୍ରସ୍ତ ହୋଇଥାଏ। ହେଲେ ଭୂଗର୍ଭରେ ରଖାଯାଇଥିବା 'ଟାଇମ୍ କ୍ୟାପ୍‌ସୁଲ' ଲକ୍ଷାଧିକ ବର୍ଷ ପରେ ବି ଚୋରି କିମ୍ବା ନଷ୍ଟ ହେବାର ଆଶଙ୍କା ନ ଥାଏ। କହିବାକୁ ଗଲେ ଏହା ବର୍ତ୍ତମାନକୁ ଇତିହାସ ସହ ଯୋଡ଼ିବାର କାର୍ଯ୍ୟ କରିବ। ଏହି କାରଣରୁ ରାମ ମନ୍ଦିର ନିର୍ମାଣ ସମୟରେ 'ଟାଇମ୍ କ୍ୟାପ୍‌ସୁଲ୍'ର ପରିକଳ୍ପନା କରାଯାଇଛି।

## ଭୂମିତଳେ ଇତିହାସର ଫର୍ଦ୍ଦ

ଇତିହାସ ପୃଷ୍ଠା ଲେଉଟାଇଲେ 'ଟାଇମ୍ କ୍ୟାପ୍‌ସୁଲ' ବ୍ୟବହାର ସମ୍ପର୍କରେ ଅନେକ ସୂଚନା ମିଳେ। ଅତୀତରେ ଐତିହାସିକ ସ୍ମାରକୀ ତଳେ ଭବିଷ୍ୟତ ପିଢ଼ିଙ୍କୁ ଦିଗ୍‌ଦର୍ଶନ ଦେବାକୁ ଏଭଳି ଦସ୍ତାବିଜ୍ ସଂରକ୍ଷଣ କରି ରଖାଯାଉଥିଲା। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ଲାଲ୍‌କିଲ୍ଲା' ତଳେ ଏଭଳି ଏକ ଐତିହ୍ୟପତ୍ର ରଖିଥିବା ଇତିହାସ କୁହେ। ସତୁରି ଦଶକ ପ୍ରାରମ୍ଭରେ ଇନ୍ଦିରାଙ୍କ ଲୋକପ୍ରିୟତା ଶୀର୍ଷରେ ଥିଲା। ସେ ସମୟରେ 'ଲାଲ୍‌କିଲ୍ଲା'ର ୩୨ ଫୁଟ ଗହ୍ୱରରେ ଇନ୍ଦିରା ଏକ ଟାଇମ୍ କ୍ୟାପ୍‌ସୁଲ ରଖାଇଥିଲେ। ଏଥିରେ ସ୍ୱାଧୀନତାର ୨୫ ବର୍ଷର ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀଗୁଡ଼ିକ ଉଲ୍ଲେଖ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଥିଲା। ତେବେ ଏହାକୁ ନେଇ ବିରୋଧୀମାନେ ତୁମ୍ଭିତୋଫାନ କରିଥିଲେ। ୧୯୭୭ରେ ଜନତା ଦଳ କ୍ଷମତାକୁ ଆସିବା ପରେ ମୋରାରଜୀ ଦେଶାଇ ଏହି ବିବାଦୀୟ କ୍ୟାପ୍‌ସୁଲ୍‌କୁ ବାହାର କରିଥିଲେ। ତେବେ ଏହାକୁ ସାର୍ବଜନୀନ କରାଯାଇ ନ ଥିଲା। ଅଦ୍ୟାବଧି ରହସ୍ୟାବୃତ୍ତ ହୋଇ ରହିଛି ଏହି କ୍ୟାପ୍‌ସୁଲ୍‌ରେ ଲିଖିତ ତଥ୍ୟ।

ଅନ୍ତର୍ଜାତୀୟସ୍ତରରେ ମଧ୍ୟ ବେଳେ ବେଳେ ଟାଇମ୍ କ୍ୟାପ୍‌ସୁଲ୍ ଚର୍ଚ୍ଚାର ପରିସରକୁ ଆସିଛି। ତେବେ ଟାଇମ୍ କ୍ୟାପସୁଲର ପ୍ରଚଳନ ସମୟ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ କୌଣସି ତଥ୍ୟ ନାହିଁ। ୨୦୧୭ରେ ସ୍ପେନ୍‌ରୁ ଏଭଳି ଏକ 'ଟାଇମ୍ କ୍ୟାପ୍‌ସୁଲ୍' ମିଳିଥିଲା। ଯିଶୁଙ୍କ ପ୍ରତିକୃତି ଆକାରର ଏହି 'ଟାଇମ୍ କ୍ୟାପ୍‌ସୁଲ'ରୁ ୧୭୭୭ର ସାମାଜିକ, ଆର୍ଥିକ ସମସ୍ୟା ସମ୍ପର୍କରେ ଉଲ୍ଲେଖ ରହିଥିଲା। ଅପରପକ୍ଷେ 'ଟାଇମ୍ କ୍ୟାପ୍‌ସୁଲ୍'କୁ ଅନିର୍ଦ୍ଦିଷ୍ଟ ସମୟ ଯାଏ ରଖାଯାଇଥାଏ ବୋଲି କହିବା ଶତପ୍ରତିଶତ ଠିକ୍ ନୁହେଁ। ଏହାକୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ବାହାର କରାଯିବାର ନଜିର ମଧ୍ୟ ରହିଛି। ଏହାକୁ 'ସିଡ୍ୟୁଲ୍‌ଡ୍ ଟାଇମ୍ କ୍ୟାପ୍‌ସୁଲ୍' କୁହାଯାଏ। ୧୯୪୦ରେ ଜର୍ଜିଆରେ ଏପରି ଏକ ଘଟଣା ସାମ୍ନାକୁ ଆସିଥିଲା। ଏହି ବର୍ଷ ଭୂଗର୍ଭ ଅଭ୍ୟନ୍ତରରେ ଏକ 'ଟାଇମ୍ କ୍ୟାପ୍‌ସୁଲ୍' ରଖାଯାଇଥିଲା। ଯଦି ମାନବ ସଭ୍ୟତା ତିଷ୍ଠି ରହେ ତେବେ ୮୧୧୩ ବେଳକୁ ଏହାକୁ ଖୋଲାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିରେ ପ୍ରାଚୀନ ସଭ୍ୟତା ଏବଂ ଏହାର କ୍ରମବିକାଶ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି। ସେହିପରି କାନାଡ଼ାର ସୁପ୍ରସିଦ୍ଧ ଲେଖିକା ମାର୍ଗାରେଟ୍ ଅଟ୍‌ଉଡ୍‌ଙ୍କ କେତେକ ଅପ୍ରକାଶିତ ଉପନ୍ୟାସ ମଧ୍ୟ 'ଟାଇମ୍ କ୍ୟାପ୍‌ସୁଲ୍'ରେ ରହିଛି, ଯାହାକୁ ୨୧୧୪ରେ ସାର୍ବଜନୀନ କରାଯିବ।

## କୋଡିଂ କରିବା କଷ୍ଟସାଧ୍ୟ

'ଟାଇମ୍ କ୍ୟାପ୍‌ସୁଲ୍'କୁ ନେଇ ଭିନ୍ନ ମତ ଦେଇ ଆସୁଛନ୍ତି ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍। କେତେକଙ୍କ କହିବା କଥା, ମାଟିତଳୁ ଉଦ୍ଧାର ହୋଇଥିବା ଅନେକ 'ଟାଇମ୍ କ୍ୟାପସୁଲ' ଅପ୍ରାସଙ୍ଗିକ। କାରଣ କେତେଜଣ ବ୍ୟକ୍ତି ନିଜକୁ ମହିମାମଣ୍ଡିତ କରିବାକୁ ଏଥିରେ ଅନାବଶ୍ୟକ ତଥ୍ୟ ରଖିଥାନ୍ତି। ସେହିପରି ଲକ୍ଷାଧିକ ବର୍ଷ ତଳେ ରଖାଯାଇଥିବା ତଥ୍ୟକୁ କୋଡିଂ କରିବା କଷ୍ଟସାଧ୍ୟ କାର୍ଯ୍ୟ। ଦିନକୁ ଦିନ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ନୂଆ ବିକାଶ ଦେଖୁଛି। ଆଗାମୀ ଭବିଷ୍ୟତର ଟେକନିକ୍ ଏତେ ଆଗକୁ ବଢ଼ିଯାଇଥିବ ଯେ, ଆଜିର ତଥ୍ୟ ସେତେବେଳକୁ ହୁଏତ କାମରେ ଆସିବନି। ସେହିପରି ସମସ୍ତ ପୁରାତନ ତଥ୍ୟକୁ କୋଡିଂ କରିବା ସମ୍ଭବପର ନୁହେଁ। ଭାଷାକୁ ନେଇ ମଧ୍ୟ ସମାନ ସମସ୍ୟା ଭୋଗିବାକୁ ପଡ଼ିପାରେ। ଲିଖିତ ଆକାରରେ ତଥ୍ୟ ରଖିବା ବଦଳରେ ଭିଡିଓ କିମ୍ବା ଅଡିଓ ମାଧ୍ୟମରେ ରଖାଗଲେ ଏହା କାମରେ ଆସିବ।

# ମାସ୍କ ଯୋଗୁ ଛେଳିକୁ ଉଠାଇନେଲା ପୋଲିସ

**କାନପୁର:** ମହାମାରୀ କରୋନା ସଂକ୍ରମଣ ବଢ଼ିଚାଲିଛି। ସଂକ୍ରମଣରୁ ଦୂରେଇ ରହିବା ପାଇଁ ସରକାରଙ୍କ ପକ୍ଷରୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏପରିସ୍ଥଳେ ଉତ୍ତରପ୍ରଦେଶରେ ମାସ୍କ ନ ପିନ୍ଧି ରାସ୍ତାରେ ବୁଲୁଥିବା ଏକ ଛେଳିକୁ ପୋଲିସ ବାବୁ ବାନ୍ଧି ଥାନାକୁ ନେଇ ଯାଇଥିବା ଖବର ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ତେବେ ଅନୱରଗଞ୍ଜ ପୋଲିସ ଷ୍ଟେଶନର ସର୍କଲ ଅଫିସର ସୈଫୁଦ୍ଦିନ୍ ବେଗ୍ କହିଛନ୍ତି ଯେ, ଜଣେ ଯୁବକ ବିନା ମାସ୍କରେ ଛେଳିକୁ ଧରି ରାସ୍ତାରେ ବୁଲୁଥିଲେ। ପୋଲିସ ପାଟ୍ରୋଲିଂ ଟିମ୍‌କୁ ଦେଖି ସେ ଜରିମାନା ଭୟରେ ଦୌଡ଼ି ପଳାଇଥିଲେ। ତେଣୁ ତାଙ୍କୁ ବୁଦ୍ଧି ଶିଖାଇବା ପାଇଁ ପାଟ୍ରୋଲିଂ ଟିମ୍ ଛେଳିକୁ ଜିପ୍‌ରେ ବସାଇ ଷ୍ଟେଶନକୁ ଆଣିଥିଲେ। ପରେ ଯୁବକ ଜଣକ ଷ୍ଟେଶନକୁ ଆସି ଜରିମାନା ଦେଇ ଛେଳିକୁ ଘରକୁ ନେଇଥିଲେ। ଷ୍ଟେଶନର ଅନ୍ୟ ଜଣେ କର୍ମଚାରୀ ମଜାରେ କହିଥିଲେ ଯେ, ଏବେ ଲୋକେ ପୋଷା କୁକୁରକୁ ମାସ୍କ ପିନ୍ଧାଉଛନ୍ତି। ଏପରିସ୍ଥଳେ ପୋଷା ଛେଳି କାହିଁକି ମାସ୍କ ନ ପିନ୍ଧିବ। କର୍ମଚାରୀଙ୍କ ଏହି ମଜାଳିଆ ମନ୍ତବ୍ୟ ମଧ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏଭଳି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ଖୋରାକ ଯୋଗାଇଛି।



# ପରିବାକୁ କୀଟାଣୁମୁକ୍ତ କରୁଛି ପ୍ରେସର କୁକର

**ନୂଆଦିଲ୍ଲୀ:** କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଏବେ ପ୍ରାୟ ସମସ୍ତେ ପରିବାପତ୍ରକୁ ସାନିଟାଇଜ୍ କରି ଜୀବାଣୁମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାରର ଉପାୟ ଅବଲମ୍ବନ କରୁଛନ୍ତି। ଏ ଦୃଷ୍ଟିରୁ ଆଇଏଏସ୍ ଅଫିସର ସୁପ୍ରିୟା ସାହୁଙ୍କର ଏକ ଭିଜୁଆଲ୍ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏହି ଅଫିସରଜଣକ ଶେୟାର କରିଥିବା ଭିଜୁଆଲ୍‌ରେ ଜଣେ ବ୍ୟକ୍ତି ପ୍ରେସରକୁକର ସାହାଯ୍ୟରେ ପରିବାକୁ କୀଟାଣୁମୁକ୍ତ କରୁଛନ୍ତି ଆଉ ଏହି ଉପାୟକୁ ଏକ ଭିନ୍ନ ଉପାୟ ଦର୍ଶାଇ ସେ ଏହାକୁ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି।

ପରିବା ସଫା କରିବା ପାଇଁ ବ୍ୟକ୍ତିଜଣକ ପ୍ରଥମେ ପ୍ରେସରକୁକରରେ ପାଣି ଭର୍ତ୍ତି କରି ଗ୍ୟାସ୍ ଉପରେ ରଖୁଛନ୍ତି ଏବଂ ଏଥିରେ ହ୍ୱିସିଲ୍ ଦେବା ବଦଳରେ ସେ ଏକ ପାଇପ୍ ଲଗାଇ ଦେଉଛନ୍ତି। ଏହି ପାଇପ୍‌ରେ ବାମ୍ଫ ଆସିବା ମାତ୍ରେ ତାହାକୁ ପରିବା ଉପରକୁ ଦେଖାଇ ସେ ପରିବାକୁ ଜୀବାଣୁମୁକ୍ତ କରୁଛନ୍ତି।

ବ୍ୟକ୍ତିଜଣଙ୍କର ଏହି କୌଶଳ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଲୋକେ ତାଙ୍କୁ ଏହି ଭିଡିଓ ନେଇ ଏବେ ବେଶ୍ ସୁନ୍ଦର କମେଣ୍ଟ ବି ଦେଉଛନ୍ତି। ତେବେ ପରିବାକୁ ଏଭଳିଭାବେ କୀଟାଣୁମୁକ୍ତ କରିବା ପ୍ରକ୍ରିୟା ଦେଖି ଅନେକେ ଆଶ୍ଚର୍ଯ୍ୟ ମଧ୍ୟ ହୋଇଛନ୍ତି।



# 'କେଜିଏଫ୍-୨'ରେ ସଞ୍ଜୟ




ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତ ଖୁବ୍‌ଶୀଘ୍ର ଏକ ଭିନ୍ନ ତଥା ନୂଆ ଗେଟଅପ୍‌ରେ ବଡ଼ ପରଦାରେ ଦେଖାଦେବେ। ପୂର୍ବରୁ ଅନେକ ସିନେମାରେ ମେନ୍ ଲିଡ୍‌ରେ ଅଭିନୟ କରିଥିବା ଏହି ଅଭିନେତା ଏଥର ଏକ ଦମ୍‌ଦାର ଖଳନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଫିଲ୍ମଟିର ଟାଇଟଲ୍ ରହିଛି 'କେଜିଏଫ୍ : ଚାପ୍ଟର-୨'। ପାଞ୍ଚୋଟି ଭାଷା (କନ୍ନଡ, ହିନ୍ଦୀ, ତାମିଲ, ତେଲୁଗୁ ଏବଂ ମାଲାୟାଲମ)ରେ ଫିଲ୍ମଟି ପ୍ରସ୍ତୁତ ହେଉଛି, ଯାହାର ନାୟକ ସାଜିଛନ୍ତି ୟଶ୍। ଏଥିରେ ସଞ୍ଜୟଙ୍କ ଭୂମିକାଟି ହେଲା 'ଅଧୀରା'। ଭିନ୍ନ ଧରଣର କେଶବିନ୍ୟାସ ସହ ଏକ ଖଣ୍ଡା ଧରିଥିବା ତାଙ୍କର ଫଟୋ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ ପ୍ରଶାନ୍ତ ନୀଲ୍। ଏହି ସିନେମାରେ ସଞ୍ଜୟଙ୍କ ଫାଷ୍ଟ ଲୁକ୍ ନିକଟରେ ରିଲିଜ ହୋଇଛି। ଅନ୍ୟପକ୍ଷରେ ଏପରି ଏକ ନେଗେଟିଭ ଭୂମିକାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ସଞ୍ଜୟ। ଏହି ଆକ୍ସନ-ଡ୍ରାମା ଚଳଚ୍ଚିତ୍ରର ରିଲିଜ ତାରିଖ ଫାଇନାଲ ହୋଇନାହିଁ। ତେବେ କେବଳ ଏହି ଫିଲ୍ମ ନୁହେଁ, ଏଥିରେ ସଞ୍ଜୟଙ୍କ ଭିନ୍ନ ଗେଟଅପ୍ ଏବଂ ଖଳନାୟକ ଚରିତ୍ର ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡିବ।

# ୪୩ ହଜାର ଛାଡ଼ିଲେଣି ଘରୋଇ ସ୍କୁଲ

## ଛାତ୍ରୀଛାତ୍ରଙ୍କୁ ଫି ଚାପ

**ଗୁଡ଼ଗାଓଁ:** କରୋନା ମହାମାରୀ ସଂକ୍ରମଣ ଯୋଗୁ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ୍ ଘୋଷଣା କରାଯାଇଛ। ଏପରିସ୍ଥଳେ ସମସ୍ତ ସ୍କୁଲ ବନ୍ଦ ରହିଛି। ତେବେ ପ୍ରାଇଭେଟ୍ ସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଲଗାତାର ଫି ଦେବାକୁ କୁହାଯାଉଛି। ଏଥିରେ ବ୍ୟସ୍ତ ବିବ୍ରତ ହୋଇ ଦିଲ୍ଲୀର ଗୁଡ଼ଗାଓଁର ୨,୪୫୩ ଛାତ୍ରୀଛାତ୍ର ସରକାରୀ ସ୍କୁଲରେ ନାମ ଲେଖାଇଛନ୍ତି। ଦେଶବ୍ୟାପୀ ବିଭିନ୍ନ ରାଜ୍ୟରେ ୪୩ ହଜାର ୨୯୩ ଛାତ୍ରୀଛାତ୍ର ପ୍ରାଇଭେଟ୍ ସ୍କୁଲ ଛାଡ଼ି ସରକାରୀ ସ୍କୁଲରେ ନାମ ଲେଖାଇଛନ୍ତି। ଏପ୍ରିଲ୍‌ରୁ ଜୁଲାଇ ମାସରେ ଏଭଳି ଘଟିଥିବା କୁହାଯାଉଛି। ହରିୟାଣାର ହିସାରରେ ସର୍ବାଧିକ ୩,୪୩୪ ଛାତ୍ରୀଛାତ୍ର ଏଭଳି କରିଛନ୍ତି। କରୋନା ମହାମାରୀ ସମୟରେ ପ୍ରାଇଭେଟ୍ ସ୍କୁଲର ଫି ଜମା କରିବା ତାଗିଦ୍‌ରେ ଅତିଷ୍ଠ ହୋଇ ଅଭିଭାବକମାନେ ଏଭଳି କରିଛନ୍ତି। ସରକାରୀ ସ୍କୁଲରେ ଅଷ୍ଟମ ପର୍ଯ୍ୟନ୍ତ କୌଣସି ଫି ଦେବାକୁ ପଡୁ ନ ଥିବାବେଳେ ମାଗଣାରେ ମଧ୍ୟାହ୍ନ ଭୋଜନ ମଧ୍ୟ ମିଳୁଛି। ଫଳରେ ଅଧିକ ଅଭିଭାବକ ସରକାରୀ ସ୍କୁଲ ପ୍ରତି ଆକର୍ଷିତ ହେଉଛନ୍ତି। ଫରିଦାବାଦରେ ୨୦୭୪, ରିୱାଡିରେ ୨୧୨୨, ଝଜ୍ଜରରେ ୧୫୦୨, ନୁଁହରେ ୯୨୯, ପଲୱଲରେ ୧୨୯୦ ଏବଂ ଚରଖି ଦାଦରିରେ ୫୪୬ ଜଣ ଛାତ୍ରୀଛାତ୍ର ପ୍ରାଇଭେଟ୍ ସ୍କୁଲ ଛାଡ଼ିଥିବା କୁହାଯାଉଛି।



# 'ଲୋକଙ୍କ ହୃଦୟ ଜିତିବି'

**ମୁମ୍ବାଇ:** ଟେଲି ଅଭିନେତ୍ରୀ ହୀନା ଖାନ୍‌ଙ୍କୁ କିଏ ନ ଜାଣେ। କିଛିଦିନ ହେବ ସେ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଲକ୍‌ଡାଉନ୍‌ରେ ହୀନା ସୋସିଆଲ ମିଡିଆରେ ବେଶ୍ ସକ୍ରିୟ ମଧ୍ୟ ଅଛନ୍ତି। ସେ ତାଙ୍କ ଭିନ୍ନ ଶୈଳୀରେ ଫ୍ୟାନ୍‌ମାନଙ୍କ ଏଣ୍ଟରଟେନମେଣ୍ଟ କରୁଥିବା ଦେଖିବାକୁ ମିଳିଛି। ସେ କେତେବେଳେ ନିଜର ଫିଟ୍‌ନେସ୍ ଭିଡିଓ ତ ଆଉ କେତେବେଳେ ନିଜର ଡେଲି ଲାଇଫ୍‌ରେ ମସ୍ତି କରୁଥିବା ଭିଡିଓ ଶେୟାର କରୁଛନ୍ତି। ତେବେ କଲର୍ସରେ ପ୍ରସାରିତ ହେଉଥିବା 'ନାଗୀନ -୫'ରେ ତାଙ୍କୁ ଦେଖିବାକୁ ମିଳିବ। ନିକଟରେ ହୀନା ଇନ୍‌ଷ୍ଟାଗ୍ରାମରେ କିଛି ଫଟୋ ଶେୟାର କରିଛନ୍ତି, ଯାହାକୁ ଦେଖିଲେ ଜଣେ ପ୍ରଶଂସା ନ କରି ରହିପାରିବନି। ଫଟୋଗୁଡ଼ିକ ବୋଲ୍ଡ ଏବଂ କାତିଲାନା ଅନ୍ଦାଜ୍‌ର। ଏହି ଫଟୋକୁ ଶେୟାର କରି ସେ ଲେଖିଛନ୍ତି ଯେ, 'କାଲି ନାଗୀନ କେ ଜୈସି ଜୁଲ୍‌ଫେ ମେରି କାଲୀ କାଲୀ' ନିଜକୁ ଏପରି ଗଢ଼ିବାକୁ ହେଲେ ନିଜ ଉପରେ ଭରସା ରଖିବାକୁ ପଡ଼ିବ। ଟିଭି ଏବଂ ବଲିଉଡ୍‌ରେ ହୀନା ଖାନ୍ ବେଶ୍ ସଫଳ। ତାଙ୍କର ଫ୍ୟାନ୍ ଫଲୋଇଙ୍ଗ୍ ମଧ୍ୟ ବହୁତ ଅଧିକ। କିଛିଦିନ ହେଲା ସେ ବଲିଉଡ୍‌ରେ ମଧ୍ୟ ଏଣ୍ଟ୍ରି କରିଛନ୍ତି। କିନ୍ତୁ ତାଙ୍କ ଫିଲ୍ମକୁ ସେତେଟା ସଫଳତା ମିଳିନି। ସେ ନେପୋଟିଜିମ୍ ବିରୋଧରେ ମୁହଁ ଖୋଲି କହିଛନ୍ତି ଯେ, ବଲିଉଡ୍‌ରେ ଷ୍ଟାର କିଡ୍ସଙ୍କୁ ବେଶୀ ପ୍ରାଧାନ୍ୟ ଦିଆଯାଇଥାଏ। ଟେଲି ଦୁନିଆରୁ ଗଲେ କେହି ସେତିକି ସପୋର୍ଟ କରି ନ ଥାନ୍ତି। ମୋର ଫିଲ୍ମ ଫ୍ଲପ୍ ହୋଇଛି ସତ କିନ୍ତୁ ମୁଁ ହାରିଯାଇନି। ଆଗକୁ ଯିବା ପାଇଁ ଚେଷ୍ଟା ଜାରି ରଖିଛି। ଲୋକଙ୍କ ହୃଦୟ ନିଶ୍ଚିତ ଜିତିବି। ଟ୍ୟାଲେଣ୍ଟ ନ ଥିଲେ ମଣିଷ କେବେ ଆଗକୁ ଯାଇପାରେ ନାହିଁ। ଶେଷରେ ସେ ବଲିଉଡ୍‌ର ମୋଷ୍ଟ ଟ୍ୟାଲେଣ୍ଟେଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଶେଷ ମୁଭି 'ଦିଲ ବେଚାରା' ଦେଖିବା ପାଇଁ ଇନ୍‌ଷ୍ଟାଗ୍ରାମରେ ଅପିଲ କରିଛନ୍ତି। ଏହି ମୁଭି ଗତ ୨୪ ତାରିଖରେ ଡିଜନୀ ହଟ୍‌ଷ୍ଟାରରେ ରିଲିଜ୍ ହୋଇଛି।



## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଜ୍ୟୋତି ମହାନ୍ତି
(ଝୁନୁ)
ମା', ଚାହୁଁ ଚାହୁଁ ଆଜିକୁ ପାଞ୍ଚବର୍ଷ ହୋଇଗଲା ତୁ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲୁ। ଆମ୍ଭର ଭଗବାନଙ୍କ ନିକଟରେ ପ୍ରାର୍ଥନା ତୋ ଅମର ଆତ୍ମାର ସଦ୍‌ଗତି ହେଉ। ତୋର ସ୍ନେହ, ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ।
:ଶୋକସନ୍ତପ୍ତ:
ତୋର ପିଲାମାନେ।
ଧ-୧୭୭୭୩

**ଶ୍ରଦ୍ଧାଞ୍ଜଳି**
**ଦଶମ ଶ୍ରାଦ୍ଧବାର୍ଷିକୀ**



✓ବାସନ୍ତୀ ମିଶ୍ର
ବଡ଼ପଣ୍ଡୁସର, ନୟାଗଡ଼
ଆବିର୍ଭାବ : ୦୯.୧୦.୧୯୩୬
ତିରୋଧାନ : ୧୯.୦୮.୨୦୧୦
ଚାହୁଁ ଚାହୁଁ ୧୦ବର୍ଷ ବିତିଗଲା। ଅନୁଭବ କରୁଛୁ ତୁମର ପ୍ରତ୍ୟେକଟି ମୁହୂର୍ତ୍ତର ଅଭାବକୁ କେହି ପୂରଣ କରିପାରିବେ ନାହିଁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ଓ ଅନୁଶାସନ ଆମପାଇଁ ପ୍ରେରଣା ହେଉ। ତୁମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁଜଗନ୍ନାଥ ଓ ମା ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ତୁମର ପରିବାରବର୍ଗ,
ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ
ଧ-୬୯୫୨୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**



✓ ପି. ଜୟନ୍ତୀ ପାତ୍ର
ବଜାର ସାହି, ଆସିକା
ତିରୋଧାନ : ୧୯.୭.୨୦୨୦
ଦ୍ୱାଦଶାହ : ୩୦.୭.୨୦୨୦
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
- ଶୋକସନ୍ତପ୍ତ -
ପି. ଦେବରାଜ ପାତ୍ର (ସ୍ୱାମୀ)
ପି. ଶ୍ରୀନିବାସ ପାତ୍ର (ପୁତ୍ର)
ଧ-୬୬୬୪୨

# ରୋମିଓ ରଜା


ତମନ୍ନା

କଲେଜରେ ପ୍ରଥମ ଥର ପାଇଁ ପାଦ ଦେବା ସମୟରେ ପିଲାମାନଙ୍କର ମନ ସତେଯେମିତି ଆକାଶରେ ଉଡୁଥାଏ। ନୂଆ ଦୁନିଆ ଆଉ ରଙ୍ଗୀନ ପରିବେଶରେ ସେମାନଙ୍କ ମଧ୍ୟରୁ କେତେକ ପ୍ରେମ ମାୟାରେ ପଡିଯାଇଥାଆନ୍ତି। ବାସ୍, ଠିକ୍ ସେମିତି ପ୍ରଥମ ଦେଖାରେ ଜଣେ କଲେଜ ଛାତ୍ର ଜଣେ କଲେଜ ଛାତ୍ରୀଙ୍କୁ ପ୍ରେମ କରି ବସୁଛି। ସେମାନେ ପ୍ରେମ ଦୁନଆରେ ଉଡି ବୁଲିବା ସମୟରେ ହଠାତ୍ ଆଉ ଜଣେ ଏହି ପ୍ରେମରେ ଏଣ୍ଟ୍ରି କରୁଛନ୍ତି। ତା'ପରେ ତ ନିଶ୍ଚୟ ପ୍ରେମର ପାଣିପାଗ ବଦଳି ଯାଉଥିବ। ତେବେ ତା'ପରେ କ'ଣ ହେଉଛି ଏବଂ ଦୁହିଁଙ୍କ ପ୍ରେମର ଦି ଏଣ୍ଡ କିପରି ହେଉଛି ସେପରି ଏକ ଭିନ୍ନ ଧରଣର ଲଭ ଷ୍ଟୋରିକୁ ନେଇ ନିର୍ମିତ ହେଉଛି ଓଡିଆ ଫିଲ୍ମ 'ରୋମିଓ ରାଜା'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଅମ୍ଳାନ କୁମାର ଏବଂ ତାଙ୍କ ସହ ସ୍କ୍ରିନ୍ ସେୟାର କରୁଛନ୍ତି ତମନ୍ନା। ଏନ୍. ବି. ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସୁଶାନ୍ତ କୁମାର ପଣ୍ଡା। ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ନବାଗତ ନିର୍ଦ୍ଦେଶକ ରାକେଶ ସାମଲ। ଅମ୍ଳାନ-ତମନ୍ନାଙ୍କ ବ୍ୟତୀତ ହରିହର ମହାପାତ୍ର, ରାଜଲକ୍ଷ୍ମୀ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

# ସୁବର୍ଣ୍ଣ ସୁଯୋଗ ହରାଇଥିଲି


କଥା ସେଦିନର
ପ୍ରେମାଞ୍ଜନ ପରିଡ଼ା

ଭୂମିକାଟି ନେଗେଟିଭ ହେଉ ଅବା ପଜିଟିଭ୍ ତାହାକୁ ବେଶ୍ ସୁଚାରୁ ଭାବେ ତୁଲାଇ ପାରନ୍ତି ସେ। ପୌରାଣିକ ଚଳଚ୍ଚିତ୍ର 'ରାମାୟଣ'ର ଗୁହକ ରାଜା ଭୂମିକାରୁ ତାଙ୍କର ବଡ଼ ପରଦା ଜୀବନ ଆରମ୍ଭ ହୋଇଥିଲା। ତା'ପରେ ସେ ପାଖାପାଖି ୭୦ଟି ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ ନିଜ ଅଭିନୟ ଦକ୍ଷତାର ପରିଚୟ ଦେଇସାରିଛନ୍ତି। ସେ ହେଲେ ପ୍ରେମାଞ୍ଜନ ପରିଡ଼ା। ନିଜ କଳାକାର ଜୀବନର ସବୁଠାରୁ ସ୍ମରଣୀୟ ସ୍ମୃତିକୁ ମନେପକାଇ ସେ କହନ୍ତି, 'ନିକଟରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ବିଜୟ ମହାନ୍ତିଙ୍କ ପରଲୋକ ଘଟିଛି। ତାଙ୍କ ସହ ମୋର ଘନିଷ୍ଠ ସମ୍ପର୍କ ଥିଲା। ସେତେବେଳେ ଦୁହେଁ ମିଶି ନ୍ୟାଶନାଲ ସ୍କୁଲ ଅଫ ଡ୍ରାମା (ଏନଏସଡି)ରେ ପଢ଼ିବାକୁ କଲିକତାରେ ପରୀକ୍ଷା ଦେଇଥିଲୁ। ପାସ୍ ମଧ୍ୟ କଲୁ। କିନ୍ତୁ ସେ ପଢ଼ିବାକୁ ଦିଲ୍ଲୀ ଗଲେ, ହେଲେ ମୋତେ ମୋ ବାପା କହିଲେ, ତୁ ସେ ଆକ୍ଟିଂ ଛାଡି କମ୍ପିଟିଟିଭ ପରୀକ୍ଷା ଦେ। ବାସ୍, ବିଜୟଙ୍କ ସହ ସାଙ୍ଗ ହୋଇ ଏନ୍ଏସ୍ଡିରେ ପଢ଼ିବା ଆଶା ମୋର ଅଧୁରା ରହିଗଲା। ସେତେବେଳେ ଏକ ସୁବର୍ଣ୍ଣ ସୁଯୋଗ ମୁଁ ହରାଇଥିଲି। ପରବର୍ତ୍ତୀ ସମୟରେ ମୁଁ ତାଙ୍କ ସହ ମିଶି ଅନେକ ଫିଲ୍ମରେ ଅଭିନୟ କରିଛି। ବିଜୟ ଥିଲେ ଜଣେ ନିଆରା ଅଭିନେତା। କୋ-ଆର୍ଟିଷ୍ଟଙ୍କ ଡାଏଲଗ ଡେଲିଭରି କିପରି ହେବ ସେ ନେଇ ତାଙ୍କର ଟିପ୍ସ ବେଶ୍ ଉପଯୋଗୀ। ଆମ ଦୁହିଁଙ୍କର ବୟସ ମଧ୍ୟ ସମାନ (୭୦ବର୍ଷ)। ପେସାରେ ପୋଲିସ ଚାକିରି କରିଥିଲି ହେଲେ ମୋ ମନ ଅଭିନୟ ନିକଟରେ ବନ୍ଧା ପଡିଛି।'

# କପିରାଇଟ'ରରୁ ଅଭିନେତା

ବର୍ତ୍ତମାନ ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ଅଭିନେତାଙ୍କ ମଧ୍ୟରେ ରଣବୀର ସିଂ ଅନ୍ୟତମ। ହେଲେ ଆକ୍ଟିଂ କରିବା ପୂର୍ବରୁ ସେ ଏକ ବିଜ୍ଞାପନ ଫିଲ୍ମରେ କପି ରାଇଟର ଭାବରେ କାମ କରିଥିଲେ। କୌଣସି ସିନେମା ସାଇନ୍ କରିବା ପୂର୍ବରୁ ସେ ଗୋଟିଏ କଥାକୁ ସବୁବେଳେ ଗୁରୁତ୍ୱ ଦେଇଥାଆନ୍ତି। ତାହା ହେଲା ତାଙ୍କର ଭୂମିକା। ଭୂମିକା ଅନୁସାରେ ହିଁ ସେ ନିଜର ପାରିଶ୍ରମିକ ନିର୍ଦ୍ଧାରଣ କରିଥାଆନ୍ତି। ରଣବୀର ନିଜ ଫିଟ୍‌ନେସ ପ୍ରତି ବେଶ୍ ସଚେତନ। ସେ କଦାପି ଭାତ ଖାଇ ନ ଥାନ୍ତି। ସେ ସବୁବେଳେ ହାଲୁକା ତଥା ସୁପାଚ୍ୟ ଖାଦ୍ୟ ଖାଆନ୍ତି। ପିଲାଦିନେ ରଣବୀର ଚକୋଲେଟ୍ ଖାଇବାକୁ ପସନ୍ଦ କରୁଥିଲେ। ଏପରି କି ମଧ୍ୟାହ୍ନଭୋଜନ ହେଉ ଅବା ରାତ୍ର ଭୋଜନ ପରେ ସେ ଯେମିତି ହେଲେ ମିଠାଜାତୀୟ ଖାଦ୍ୟ ଖାଉଥିଲେ। ହେଲେ ଏବେ ସେହିପରି ଖାଦ୍ୟଠାରୁ ନିଜକୁ ଦୂରେଇ ରଖିଛନ୍ତି।


ରଣବୀର

# ଆଲିୟାଙ୍କ ଅବସୋସ


ଆଲିୟା

ମହେଶ ତନୟା ଆଲିୟା ଭଟ୍ଟଙ୍କ ମନରେ ଏକ ଅବସୋସ ରହିଯାଇଛି। ତାହା କ'ଣ ଜାଣନ୍ତି ? ବଡ଼ ପରଦାରେ ଷ୍ଟଣ୍ଟ ଶଟ୍ ଦେବାକୁ ତାଙ୍କର ଇଚ୍ଛା ରହିଛି। ହେଲେ ତାହା କେବେ ପୂରଣ ହେବ ସମୟ ହିଁ କହିବ। ହେଲେ ଏବେଠାରୁ ସେ ଏ ନେଇ ନିଜକୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛନ୍ତି। ଏ ସମ୍ପର୍କରେ ଆଲିୟା କହନ୍ତି, 'ମୁଁ ଜାଣେ ଷ୍ଟଣ୍ଟ ଶଟ୍ ଦେବା ସହଜ ନୁହେଁ। ହେଲେ ଏପରି ରିସ୍କ ଥରେ ନେବାକୁ ଚାହୁଁଛି। ସେପରି ସୁଯୋଗ ମିଳିଲେ ଆଦୌ ହାତଛଡ଼ା କରିବି ନାହିଁ। ଏ ନେଇ ଜଣେ ନାମୀ ଫାଇଟ୍ ମାଷ୍ଟରଙ୍କ ସହ ଯୋଗାଯୋଗ କରିଛି। କେବଳ ଏପରି ଭୂମିକା ମୋତେ ମିଳିଲେ ହେଲା।' ଆଲିୟାଙ୍କ ଅଭିନୀତ ତିନୋଟି ସିନେମା-କରନ୍ ଜୋହରଙ୍କ 'ବ୍ରହ୍ମାସ୍ତ୍ର', ମହେଶ ଭଟ୍ଟଙ୍କ 'ସଡକ-୨' ଏବଂ ସଞ୍ଜୟଲୀଳା ଭଁସାଲୀଙ୍କ 'ଗଙ୍ଗୁବାଇ କାଠିୟାୱାଡି' ରିଲିଜ ଅପେକ୍ଷାରେ ରହିଛି।

# ସାଇଜ ଜିରୋ ପାଇଁ..


ଅନୁଷ୍କା

ଅନୁଷ୍କା ସେଟ୍ଟି ତେଲୁଗୁ ସିନେମାର ଜଣେ ପରିଚିତା ଅଭିନେତ୍ରୀ। ତାଙ୍କର ଡିମାଣ୍ଡ ଏବେ କେତେ ତାହା କହିବା ବାହୁଲ୍ୟ। କ୍ୟାରିୟରର ପ୍ରାରମ୍ଭରେ ଏକଦା 'ସାଇଜ ଜିରୋ' ଫିଲ୍ମ ପାଇଁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। କାରଣ ଏଥିରେ ସୀମିତ ସମୟ ଭିତରେ ତାଙ୍କର ଓଜନ ୨୦ କିଗ୍ରା ବଢ଼ାଇବାକୁ କୁହାଯାଇଥିଲା। ଏଥିପାଇଁ ସେ ଫ୍ୟାଟ୍ ବଡି ସୁଇଟ୍ ପିନ୍ଧିବାକୁ ମନା କରିଦେଇଥିଲେ ଏବଂ ପରିଶ୍ରମ କରି ନିଜ ଓଜନ ବଢ଼ାଇଥିଲେ। ଏଥିରେ ସଫଳ ହେବା ପରେ ସେ ଅଭିନୟ ପ୍ରତି ମନୋନିବେଶ କରିଥିଲେ। ଗୁଣଶେଖରଙ୍କ ନିର୍ଦ୍ଦେଶିତ 'ରୁଦ୍ରମାଧବୀ' ସିନେମା ପାଇଁ ସେ ସର୍ବାଧିକ ୫କୋଟି ଟଙ୍କା ପାରିଶ୍ରମିକ ଭାବରେ ନେଇଥିଲେ। ସେ କୌଣସି ସିନେମା ପୂର୍ବରୁ ଅଡିଶନ ଦେବାକୁ ପସନ୍ଦ କରି ନ ଥାନ୍ତି। ୨୦୦୫ରେ ନିର୍ମିତ ତେଲୁଗୁ ଚଳଚ୍ଚିତ୍ର 'ସୁପର'ରୁ ତାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। କେବଳ ଅଭିନୟ ନୁହେଁ ଜଣେ ଯୋଗ ପ୍ରଶିକ୍ଷକ ଭାବରେ ଜଣାଶୁଣା। ଅନୁଷ୍କାଙ୍କ ପ୍ରକୃତ ନାମ ହେଲା ସ୍ୱିଟି ସେଟ୍ଟି। ହେଲେ ଅଭିନୟ ଜଗତକୁ ଆସିବା ପରେ ସେ ନିଜର ନାମ ପରବର୍ତ୍ତନ କରି ଅନୁଷ୍କା ରଖିଥିଲେ। ସ୍କୁଲିଂ ପରେ ସେ କମ୍ପ୍ୟୁଟର ଆପ୍ଲିକେଶନରେ ବ୍ୟାଚେଲର ଡିଗ୍ରୀ ହାସଲ କରିଛନ୍ତି।

# ଅଂଶୁମାନ ଯାହା ଖୋଜୁଥିଲେ


ଅଂଶୁମାନ

ଅଂଶୁମାନ ସାମନ୍ତରାୟ ଯାହା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ରିଲିଜ ଅପେକ୍ଷାରେ ଥିବା ହରିଶ ଶର୍ମାଙ୍କ ହିନ୍ଦୀ ସିନେମା 'ମାୟରା'ରେ ତାଙ୍କୁ ଏକ ସୁପାରିକିଲର ଭୂମିକାରେ ଦେଖିବାକୁ ମିଳିବ। ଏ ନେଇ ଅଂଶୁମାନ କହନ୍ତି, 'ଏହି ଭୂମିକାରେ କେତେ ଦମ୍ ଅଛି ତାହା ମୁଁ ଜାଣିଛି। ଯେଉଁଭଳି ଏକ ଭୂମିକାଟିଏ ଚାହୁଁଥିଲି ତାହା ମୋତେ ମିଳିଯାଇଛି। ଏହାବ୍ୟତୀତ 'ଏହସାସ୍' ନାମକ ଆଉ ଏକ ସିନେମା ରିଲିଜ ଅପେକ୍ଷାରେ ରହିଛି। କେବଳ ସେତିକି ନୁହେଁ, ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ 'ତୁ ମୋର ନିହାତି ଦରକାର'ର ମୁଖ୍ୟ ଖଳନାୟକ ଭୂମିକାରେ ମୁଁ ଅଭିନୟ କରିଛି। ଏହି ଫିଲ୍ମରେ ପାଣି ଭିତରେ ଏକ ଫାଇଟ୍ ଶଟ୍ ଶୁଟିଂ କରାଯାଇଛି, ଯାହା ଫିଲ୍ମର ମୁଖ୍ୟ ଆକର୍ଷଣ।' ତେବେ ଦୁଇଟି ହିନ୍ଦୀ ସିନେମାରେ ଅଭିନୟ କରିବା ପରେ ଏବେ ତାଙ୍କ ହାତରେ ୨-୩ଟି ବଲିଉଡ୍ ଅଫର ରହିଛି। ଏହାବ୍ୟତୀତ ହରିଶ ଶର୍ମାଙ୍କ ପ୍ରଯୋଜିତ ଏକ ଭୋଜପୁରୀ ଫିଲ୍ମରେ ସେ ମୁଖ୍ୟ ଖଳନାୟକ ଭୂମିକାରେ ଅଭିନୟ କରିବେ। ସେପଟେ ଭଲ ଭୂମିକାକୁ ସବୁବେଳେ ଗୁରୁତ୍ୱ ଦେବି ବୋଲି କହନ୍ତି ଏହି ଅଭିନେତା।

## ରିଲିଜ୍ ଅପେକ୍ଷାରେ

# ଶହୀଦ ରଘୁ ସର୍ଦ୍ଦାର


ଦେବାଶିଷ

ଆମ ରାଜ୍ୟର ଅନ୍ୟତମ ନାମୀ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଶହୀଦ ରଘୁ ସର୍ଦ୍ଦାର। ତାଙ୍କ ଜୀବନର ବୀରତ୍ୱ ଗାଥାକୁ ସିନେମାରେ ସଜାଇଛନ୍ତି ନବାଗତ ପ୍ରଯୋଜକ ଡା. ବିଶ୍ୱନାଥ ପଟ୍ଟନାୟକ। ଚିତ୍ରଟିର ଟାଇଟଲ ରହିଛି 'ଶହୀଦ ରଘୁ ସର୍ଦ୍ଦାର। ଏପରି ଏକ ଐତିହାସିକ କାହାଣୀକୁ ସଂଳାପର ରୂପ ଦେଇଛନ୍ତି ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବାଶିଷ ପାତ୍ର। 'ଏହି ଭୂମିକା ଆକ୍ଟିଂ କ୍ୟାରିୟରରେ ମୋ ପାଇଁ ଏକ ଚ୍ୟାଲେଞ୍ଜ୍ ପରି ଥିଲା। ମୋତେ ଦିଆଯାଇଥିବା ଦାୟିତ୍ୱ ମୁଁ ତୁଲାଇଛି, ବାକିସବୁ ଦର୍ଶକଙ୍କ ଉପରେ ନିର୍ଭର କରେ ବୋଲି କହନ୍ତି ଦେବାଶିଷ। ଏହି ଫିଲ୍ମରେ ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି କାବ୍ୟା। ଏମାନଙ୍କ ବ୍ୟତୀତ ଜିନା, ଟ୍ୱିଙ୍କିଲ୍, ରୁଦ୍ର, ସନ୍ତୋଷ, ପିଣ୍ଟୁ ନନ୍ଦ, ଅକ୍ଷୟ ବସ୍ତିଆ, ସୁଧାକର ବସନ୍ତ ଏବଂ ରାଜୀବ ମହାନ୍ତି ଅଭିନୟ କରିଛନ୍ତି। ଅରୁଣ ମନ୍ତ୍ରୀ, ବିଜୟ ମଲ୍ଲ ଏବଂ ରଞ୍ଜନ ଦାଶଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିକାଶ ଶୁକ୍ଲା। ଅପରପକ୍ଷରେ ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ଏହାର ନିର୍ଦ୍ଦେଶକ ରାଜୀବ ମହାନ୍ତି। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି, ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ଜୁଲାଇ ୩୦/୨୦୨୦ Thursday, July 30/2020


# ୧୦ କୋଟି ନିଯୁକ୍ତି ଉପରେ କଳାବାଦଲ

**ନୂଆଦିଲ୍ଲୀ,୨୯।୭**

କରୋନା ଯୋଗୁ ଭାରତୀୟ ବଜାର କ୍ଷତିଗ୍ରସ୍ତ ହୋଇଛି। ନିଯୁକ୍ତି ଉପରେ ଏହା ପ୍ରତ୍ୟକ୍ଷ ଭାବେ ପ୍ରଭାବ ପକାଇଛି। ସାଧାରଣତଃ ଦେଶର ସଙ୍ଗଠିତ କ୍ଷେତ୍ରରେ ବହୁ କମ୍ ଲୋକ କାମ କରିଥାନ୍ତି। ଅଣସଙ୍ଗଠିତ କ୍ଷେତ୍ର ଅନେକ ଲୋକଙ୍କୁ କାମ କରିବାର ସୁଯୋଗ ପ୍ରଦାନ କରୁଥିବା ବେଳେ ଅର୍ଥ ବ୍ୟବସ୍ଥାକୁ ଏହି କ୍ଷେତ୍ରର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହିଛି। ଦେଶର ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ)ଗୁଡ଼ିକରେ ଉଭୟ ସଙ୍ଗଠିତ ଏବଂ ଅଣସଙ୍ଗଠିତ ଉଭୟ ଶ୍ରମଶକ୍ତିକୁ ନିଯୁକ୍ତି ପ୍ରଦାନ କରିଥାଏ। ଏହି କ୍ଷେତ୍ର ବର୍ତ୍ତମାନ ସଙ୍କଟ ସ୍ଥିତି ଦେଇ ଗତି କରୁଛି। ଏହି କ୍ଷେତ୍ରରେ କାମ କରୁଥିବା ୧୦୦ ନିୟୁତ ବା ୧୦ କୋଟି ନିଯୁକ୍ତି ଉପରେ ବର୍ତ୍ତମାନ କଳାବାଦଲ ଛାଇ ହୋଇ ରହିଛି। ଉକ୍ତ କ୍ଷେତ୍ରକୁ ସମୟ ପୂର୍ବରୁ ବଞ୍ଚାଇବା ଲାଗି ସରକାର ହସ୍ତକ୍ଷେପ କରିବାର ଆବଶ୍ୟକତା ରହିଛି ବୋଲି ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ବାଣିଜ୍ୟ ସଂକ୍ରାନ୍ତ ପାର୍ଲାମେଣ୍ଟର ଷ୍ଟାଣ୍ଡିଂ କମିଟି ସାମ୍ନାରେ ପ୍ରେଜେଣ୍ଟେଶନ ରଖିଛନ୍ତି।



- ସରକାରଙ୍କ ତ୍ୱରିତ ହସ୍ତକ୍ଷେପ ଲୋଡ଼ା
- ସମସ୍ୟା ସହ ଜୁଝୁଛି ଏମ୍ଏସ୍ଏମ୍ଇ କ୍ଷେତ୍ର
- ମାନ୍ଦାବସ୍ଥା ପରେ କରୋନା ମାଡ଼ରେ ଚାପଗ୍ରସ୍ତ

ଅଧିକାରୀ ଜଣକ କହିଛନ୍ତି, କରୋନା ଯୋଗୁ ଟ୍ରାଭେଲ ଏବଂ ଟୁରିଜମ୍ ଶିଳ୍ପ ଉପରେ ସଙ୍କଟ ସ୍ଥିତି ଉପୁଜିଛି। ଏହି କ୍ଷେତ୍ରରେ କାମ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କ ଚାକିରି ଚାଲିଯାଇଛି। ଏମ୍ଏସ୍ଏମ୍ଇଗୁଡ଼ିକୁ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି ଅଧିକାରୀମାନେ ସରକାରଙ୍କୁ କେତେକ ପ୍ରସ୍ତାବ ଦେଇଛନ୍ତି। ପେମେଣ୍ଟ ନିୟମକୁ ସରଳ କରିବା, ଇଣ୍ଟରେଷ୍ଟ ଏବଂ ପ୍ରିମିୟମ ପେମେଣ୍ଟକୁ ଗୋଟିଏ ବର୍ଷ ଲାଗି ଟାଳିବା, ବାତିଲ ହୋଇଥିବା ଟୁର୍ ପ୍ରୋଗ୍ରାମ ଉପରେ ଜିଏସ୍‌ଟି ଫେରସ୍ତ ଭଳି ଅନ୍ୟ ପଦକ୍ଷେପ ସରକାର ହାତକୁ ନିଅନ୍ତୁ ବୋଲି ପ୍ରସ୍ତାବରେ କୁହାଯାଇଛି। ଏମ୍ଏସ୍ଏମ୍ଇଗୁଡ଼ିକୁ ସହାୟତା କରିବା ଲାଗି ସରକାର ଆତ୍ମନିର୍ଭର ଭାରତ ପ୍ୟାକେଜରେ ୩ ଲକ୍ଷ କୋଟି ଟଙ୍କାର ଋଣ ସହାୟତା ଘୋଷଣା କରିଛନ୍ତି।

ଅଧିକାରୀ ପୁଣି କହିଛନ୍ତି ଯେ, ଦେଶର ଦେଖାଯାଇଥିବା ମୋଟ କରୋନା ମାମଲା ମଧ୍ୟରୁ ୫୦% ସଂକ୍ରମଣ ୭୨% ଶିଳ୍ପ ଉତ୍ପାଦନ ହେଉଥିବା ସ୍ଥାନଗୁଡ଼ିକରେ ଦେଖାଯାଉଛି। ଫଳରେ ଶିଳ୍ପ ଉତ୍ପାଦନ ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି। କରୋନା ପୂର୍ବରୁ ଭାରତୀୟ ଅର୍ଥ ବ୍ୟବସ୍ଥା ମାନ୍ଦାବସ୍ଥା ସହ ଜୁଝୁଛି। ବହୁ ପୂର୍ବରୁ ଜିଡିପିରେ ହ୍ରାସ ହେଉଥିବା ଦେଖାଯାଇଛି। ଆମେରିକା, ଚାଇନା ଏବଂ ୟୁରୋପରେ ବାଣିଜ୍ୟ ଆଧାରରେ ଭାରତୀୟ ଅର୍ଥ ବ୍ୟବସ୍ଥାରେ ନିବେଶ ନିର୍ଭର କରୁଛି। ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ସଂସଦୀୟ କମିଟିକୁ କୁହାଯାଇଛି ଯେ, ଗତ କିଛି ତ୍ରୈମାସ ଧରି ଭାରତୀୟ ଅର୍ଥ ବ୍ୟବସ୍ଥାରେ ଲଗାତର ହ୍ରାସ ଦେଖାଯାଉଛି। କରୋନା ପୂର୍ବ ସମୟରେ ମଧ୍ୟ ମାନ୍ଦାବସ୍ଥା ସମ୍ପର୍କରେ ଜୋର୍‌ଦାର ଚର୍ଚ୍ଚା ଆରମ୍ଭ ହୋଇଥିଲା।

# ୩୫ ହଜାର କୋଟି କ୍ଷତି ସହିପାରେ ରେଲୱେ

**ନୂଆଦିଲ୍ଲୀ,୨୯।୭:** ଚଳିତ ବର୍ଷ ରେଲୱେ ୩୫ ହଜାର କୋଟି ଟଙ୍କାର କ୍ଷତି ସହିପାରେ। କରୋନା କାରଣରୁ ବର୍ତ୍ତମାନ ଯାତ୍ରୀବାହୀ ଟ୍ରେନ ଚଳାଚଳ ବନ୍ଦ ଥିବାରୁ ଏଭଳି ସ୍ଥିତି ଉପୁଜିପାରେ ବୋଲି ଆଶଙ୍କା କରାଯାଉଛି। ବର୍ତ୍ତମାନ କେବଳ ୨୩୦ ସ୍ପେଶାଲ ଟ୍ରେନ ଚାଲୁଛି। ଏହି ଟ୍ରେନ୍‌ଗୁଡ଼ିକରେ ୭୫% ପର୍ଯ୍ୟନ୍ତ ଯାତ୍ରୀ ଯିବା ଆସିବା କରୁଛନ୍ତି। ମାଲବାହୀ ଟ୍ରେନ୍ ଚଳାଚଳରୁ ଯାହା ରାଜସ୍ୱ ଆସୁଛି ସେଥିରୁ ରେଲୱେକୁ ବିଭିନ୍ନ ଖର୍ଚ୍ଚ ପରିଚାଳନା କରିବାକୁ ପଡୁଛି ବୋଲି ରେଳ ବୋର୍ଡ ଅଧ୍ୟକ୍ଷ ବିନୋଦ କୁମାର ଯାଦବ କହିଛନ୍ତି। ଗତବର୍ଷ ରେଲୱେ ଯାତ୍ରୀବାହୀ ଟ୍ରେନଗୁଡ଼ିକରୁ ପ୍ରାୟ ୫୦ ହଜାର କୋଟି ଟଙ୍କା ରାଜସ୍ୱ ପାଇଥିଲା। ଚଳିତ ବର୍ଷ ରାଜସ୍ୱକୁ ନେଇ କିଛି କହି ହେବ ନାହିଁ ବୋଲି ସେ ମତ ପ୍ରକାଶ କରିଛନ୍ତି। ଜାତୀୟ ଏବଂ ରାଜ୍ୟ ସ୍ତରରେ ଲାଗୁ ହୋଇଥିବା ଲକ୍‌ଡାଉନ ଯୋଗୁ ରେଳ ଚଳାଚଳକୁ ବର୍ତ୍ତମାନ ବନ୍ଦ ରଖାଯାଇଛି। ଆଗାମୀ ଦିନରେ ସ୍ଥିତି କେବେ ଠିକ୍ ହେବ ସେ ନେଇ ମଧ୍ୟ ଅନୁମାନ ବର୍ତ୍ତମାନ କରାଯାଇ ପାରୁନାହିଁ। ବର୍ତ୍ତମାନ ମାଲ୍‌ଗାଡି ସେଗ୍‌ମେଣ୍ଟରେ ଫାଇଦା ହେଉଥିବା ଦେଖାଯାଉଛି। ଏହି ସେଗ୍‌ମେଣ୍ଟରେ ଗତବର୍ଷ ତୁଳନାରେ ରାଜସ୍ୱ ଉନ୍ନତ ହେବା ନେଇ ସେ ଆଶାବାଦୀ ରହିଛନ୍ତି। କ୍ଷତିକୁ କମ୍ କରିବା ପାଇଁ ହେଲେ ଯାତ୍ରୀବାହୀ ସେଗ୍‌ମେଣ୍ଟର କ୍ଷତିକୁ କମ୍ କରିବାକୁ ପଡିବ। ଗତ ବର୍ଷ ପାସେଞ୍ଜର ଟ୍ରେନ ରାଜସ୍ୱକୁ ବିଚାରକଲେ ଚଳିତ ବର୍ଷ ରାଜସ୍ୱ ପ୍ରାୟ ୧୦ରୁ ୧୫% ରହିବ। ମାଲ୍‌ବାହୀ ସେଗ୍‌ମେଣ୍ଟରୁ ୧.୪୭ ଲକ୍ଷ କୋଟି ଏବଂ ପାସେଞ୍ଜର ସେଗ୍‌ମେଣ୍ଟରୁ ୬୧ ହଜାର କୋଟି ଟଙ୍କାର ରାଜସ୍ୱ ହାସଲ କରିବା ଲାଗି ରେଲୱେ ଲକ୍ଷ୍ୟ ରଖିଥିଲା।



## ସଂକ୍ଷେପରେ

### ସନ୍‌ରାଇଜ ମସଲାକୁ କିଣିଲା ଆଇଟିସି

**ନୂଆଦିଲ୍ଲୀ,୨୯।୭:** ମସଲା ପ୍ରସ୍ତୁତ କରୁଥିବା ଭାରତର ପ୍ରମୁଖ କମ୍ପାନୀ ସନ୍‌ରାଇଜକୁ ଏଫ୍‌ଏମ୍‌ସିଜି କମ୍ପାନୀ ଆଇଟିସି କ୍ରୟ କରିଛି। ଏହି ଡିଲ୍ ୨୧୫୦ କୋଟି ଟଙ୍କାରେ ହୋଇଥିବା କମ୍ପାନୀ ପ୍ରକାଶ କରିଛି। ସନ୍‌ରାଇଜର ଆରମ୍ଭ କୋଲକାତାରୁ ହୋଇଥିଲା। ପୂର୍ବ ଭାରତରେ ଏହା ଭଲ ବ୍ୟବସାୟ କରୁଥିଲା। ବିହାର, ପଶ୍ଚିମବଙ୍ଗ, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଏବଂ ଓଡ଼ିଶା ଭଳି ସ୍ଥାନଗୁଡ଼ିକରେ କମ୍ପାନୀ ନିଜର ଉପସ୍ଥିତି ଜାହିର କରିଥିଲା। ଆଇଟିସି ସନ୍‌ରାଇଜର ୧୦୦% ଅଂଶଧନ କ୍ରୟ କରିଥିବା ଜଣାପଡିଛି। ଏହି ଡିଲ୍ ସହିତ ସନ୍‌ରାଇଜ ମସଲା ବାଦ୍ ଏହାର ସହାୟକ କମ୍ପାନୀ ସନ୍‌ରାଇଜ ସତିଗ୍ରହ ପ୍ରାଇଭେଟ ଲିମିଟେଡ, ହାବିଟ୍ସ ଇଣ୍ଟରନ୍ୟାଶନାଲ ଫୁଡ୍‌ସ ପ୍ରାଇଭେଟ ଲିମିଟେଡ୍ ମଧ୍ୟ ସାମିଲ ରହିଛି। ଏହି ୨ କମ୍ପାନୀ ଆଇଟିସି ସହ ମଧ୍ୟ ଯୋଡ଼ିହୋଇ ଯାଇଛନ୍ତି।

### ୮୨ ଲକ୍ଷ ଗ୍ରାହକ ହରାଇଲେ ଟେଲିକମ୍ କମ୍ପାନୀ

**ନୂଆଦିଲ୍ଲୀ,୨୯।୭:** ଦେଶର ଟେଲିକମ୍ କମ୍ପାନୀଗୁଡ଼ିକ ଏପ୍ରିଲ ମାସରେ ୮୨ ଲକ୍ଷ ଗ୍ରାହକ ହରାଇଛନ୍ତି। ଲକ୍‌ଡାଉନ ସ୍ଥିତି ଯୋଗୁ ଗ୍ରାହକଙ୍କୁ ବାନ୍ଧି ରଖିବା ଲାଗି କମ୍ପାନୀଗୁଡ଼ିକ ବିଭିନ୍ନ କୌଶଳ ଉପରେ କାମ କରିବାକୁ ପଡିବ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି ଯେ, ଚଳିତ ବର୍ଷ ମାର୍ଚ୍ଚରେ ଟେଲିକମ କମ୍ପାନୀଗୁଡ଼ିକ ୨୮ ଲକ୍ଷ ଗ୍ରାହକଙ୍କୁ ହରାଇଥିଲେ। ଭାରତୀ ଏୟାରଟେଲ ଏବଂ ଭୋଡାଫୋନ ଆଇଡିଆ ଭଳି କମ୍ପାନୀଗୁଡ଼ିକର ସେବାକୁ ବେଶି ଗ୍ରାହକ ଛାଡ଼ିଥିବା ରିପୋର୍ଟରେ କୁହାଯାଇଛି। ଏହି ସମୟରେ ରିଲାଏନ୍ସ ଜିଓର ଗ୍ରାହକ ସଂଖ୍ୟାରେ ବିଶେଷ ବୃଦ୍ଧି ପରିଲକ୍ଷିତ ହୋଇଛି। ଟେଲିକମ୍ କମ୍ପାନୀଗୁଡ଼ିକ ଉପରେ ଆଗାମୀ ଦିନରେ ମଧ୍ୟ ଚାପ ରହିବ ବୋଲି ରିପୋର୍ଟରେ କୁହାଯାଇଛି। ଲକ୍‌ଡାଉନରେ ଘରୋଇ ବଜାର ଉପରେ ପ୍ରଭାବ ପଡିଛି।

# ବିକ୍ରିରେ ରେକର୍ଡ କଲା ଡେଟଲ

**ନୂଆଦିଲ୍ଲୀ,୨୯।୭:** କରୋନା ସମୟରେ ବର୍ତ୍ତମାନ ସାବୁନ ଏବଂ ଆଲ୍‌କହଲ ଭିତ୍ତିକ ସାନିଟାଇଜର ବ୍ୟବହାର ନେଇ ସରକାର ଲୋକଙ୍କୁ କହୁଛନ୍ତି। ଏବେ ଭାରତୀୟ ସାବୁନ ମାର୍କେଟରେ ବିଶେଷ ପରିବର୍ତ୍ତନ ଆସିଥିବା ଜଣାପଡ଼ିଛି। କୀଟାଣୁ ସଂକ୍ରମଣରୁ ବଞ୍ଚିବା ଲାଗି ବାରମ୍ବାର ସାବୁନରେ ହାତ ଧୋଇବା ଲାଗି କୁହାଯାଉଛି। ଫଳରେ କୀଟାଣୁ ନାଶକ ପ୍ରଡକ୍ଟ ବିକ୍ରି ବଢ଼ିଛି। ଡେଟଲ ଏହି ବର୍ଗରେ ଆସୁଥିବାରୁ ବିକ୍ରିରେ ରେକର୍ଡ ହାସଲ କରିଥିବା ଜଣାପଡିଛି। ଏହା ବର୍ତ୍ତମାନ ଦେଶର ସବୁଠୁ ଅଧିକ ବିକ୍ରି ହେଉଥିବା ସାବୁନ ଭାବେ ବିବେଚିତ ହୋଇଛି। ଡେଟଲ ପ୍ରଥମ ଥର ହିନ୍ଦୁସ୍ଥାନ ୟୁନିଲିଭରର ଲୋକପ୍ରିୟ ବ୍ରାଣ୍ଡ ଲାଇଫବୟ ଏବଂ ଲକ୍ସକୁ ପଛରେ ପକାଇ ଦେଇଛି। ଡେଟଲର ପରଫରମାନ୍ସ କଥା ବିଚାରକଲେ ଏହାର ବିଶ୍ୱ ବଜାର ବିକ୍ରିରେ ୬୪% ବୃଦ୍ଧି ପରିଲକ୍ଷିତ ହୋଇଛି। ଡେଟଲର ଭାରତୀୟ ବଜାର ଶେୟାରରେ ୪୩୦ ବେସିସ୍ ପଏଣ୍ଟ ବୃଦ୍ଧି ଘଟିଛି। ୨୦୧୯ରେ ଭାରତୀୟ ସାବୁନ ବଜାରରେ ଲାଇଫବୟର ଅଂଶ ୧୩.୧ % ରହିଥିଲା। ଏହି ସମୟରେ ଡେଟଲର ବଜାର ଅଂଶ ୧୦.୪% ଥିଲା। ଦ୍ୱିତୀୟ ସ୍ଥାନରେ ଗୋଦ୍‌ରେଜ ରହିଛି। ଏହା ୧୨.୩% ବଜାର ଅଂଶ ହାସଲ କରିଛି। ଲାଇଫ୍‌ବୟର ବଜାର ଅଂଶ ପୂର୍ବରୁ ୧୫.୭%ରୁ ୧୩.୧%କୁ ଖସିଛି। ଅପରପକ୍ଷରେ ଡେଟଲର ବଜାର ଅଂଶରେ ବୃଦ୍ଧି ଘଟିଛି। ଏହି ସାବୁନ ୟୁକେ ହେଲ୍‌ଥ କେୟାର ଆଣ୍ଡ କଞ୍ଜ୍ୟୁମର ଗୁଡ୍‌ସ ମେକର ରେକିଟ କେଙ୍କସରର ଏକ ବ୍ରାଣ୍ଡ୍ ।

## ଅଟୋ ଯାତ୍ରା ସୁରକ୍ଷିତ କରିବା ଲାଗି ବଜାଜ-ଉବର ଚୁକ୍ତି

**ନୂଆଦିଲ୍ଲୀ,୨୯।୭:** କରୋନା ସମୟରେ ଅଟୋ, ବସ୍, କ୍ୟାବ୍ କିମ୍ବା ଟାକ୍ସି ଭଳି ପରିବହନ ବ୍ୟବସ୍ଥାରେ ଯିବା ଆସିବା କରିବା ଲାଗି ଲୋକମାନେ ଭୟ କରୁଛନ୍ତି। ଏଭଳି ସ୍ଥିତିରେ ଅଟୋ ରିକ୍ସାରେ ଯାତ୍ରାକୁ ସୁରକ୍ଷିତ କରିବା ଲାଗି ବଜାଜ୍ ଏବଂ ଉବର ମଧ୍ୟରେ ଚୁକ୍ତି ହୋଇଛି। ୧ ଲକ୍ଷ ଅଟୋ ରିକ୍ସାରେ ସୁରକ୍ଷା ପାର୍ଟିସନ ଇନ୍‌ଷ୍ଟାଲ କରିବା ଦିଗରେ ଏହା ସହାୟକ ହେବ। ଦେଶର ୨୦ ଶହରର ଅଟୋ ରିକ୍ସା ଚାଳକଙ୍କୁ ଏହା ଦ୍ୱାରା ସୁରକ୍ଷା କିଟ୍ ପ୍ରଦାନ କରାଯାଉଛି।

# ପ୍ରଥମ ତ୍ରୈମାସରେ କମ୍ପାନୀଙ୍କୁ କ୍ଷତି

**ନୂଆଦିଲ୍ଲୀ,୨୯।୭:** କରୋନା ଯୋଗୁ ବଜାର ପ୍ରଭାବିତ ହୋଇଥିବାରୁ ଏହାଦ୍ୱାରା ଘରୋଇ ବଜାରର କମ୍ପାନୀଗୁଡ଼ିକ କ୍ଷତି ସହିଛନ୍ତି। ଚଳିତ ଆର୍ଥିକ ପ୍ରଥମ ତ୍ରୈମାସରେ ଘୋଷଣା ହୋଇଥିବା ଆର୍ଥିକ ଫଳାଫଳରେ କମ୍ପାନୀ କ୍ଷତି ସହିଥିବା ଜଣାପଡିଛି। ଅପରପକ୍ଷରେ ଅନ୍ୟ କିଛି କମ୍ପାନୀ ଏହି ସମୟରେ ଲାଭ କରିଥିବା ମଧ୍ୟ ଦେଖାଯାଇଛି। ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ ୧୫,୯୩୩ କୋଟି ଟଙ୍କା କ୍ଷତି ସହିଥିବା ସୂଚନା ଦେଇଛି। ଷ୍ଟାଚୁଟୋରି ଦେୟ ଜନିତ କାରଣ ପାଇଁ କମ୍ପାନୀକୁ ଏଭଳି କ୍ଷତି ସହିବାକୁ ପଡିଛି। ଗତ ବର୍ଷ ଏହି ସମୟରେ କମ୍ପାନୀ ୨୮୬୬ କୋଟି ଟଙ୍କା କ୍ଷତି ସହିଥିଲା। ସେହିଭଳି ଟିଭିଏସ୍ ମୋଟର କମ୍ପାନୀର ତ୍ରୈମାସ କ୍ଷତି ୧୩୯ କୋଟି ଟଙ୍କା ରହିଛି। ୧୭ ବର୍ଷରେ ପ୍ରଥମ ଥର ଲାଗି ମାରୁତି ସୁଜୁକି କ୍ଷତି ସହିଛି। ପ୍ରଥମ ତ୍ରୈମାସରେ ଏହି କମ୍ପାନୀ ୨୬୮ କୋଟି ଟଙ୍କା କ୍ଷତି ସହିଥିବା ସୂଚନା ରହିଛି। ବିମାନ କମ୍ପାନୀ ଇଣ୍ଡିଗୋ ଏହି ସମୟ ଅବଧିରେ ୨,୮୪୪ କୋଟି ଟଙ୍କା କ୍ଷତି ସହିଥିବା କହିଛି। ଅପରପକ୍ଷରେ ସ୍ପାଇସ୍ ଜେଟ୍‌ର କ୍ଷତି ୮୭୦ କୋଟି ଟଙ୍କା ଛୁଇଁଛି। ଏହାବାଦ୍ ଆଇଡିବିଆଇ ବ୍ୟାଙ୍କ ୧୪୪ କୋଟି ଏବଂ କୋଲ୍‌ଗେଟ୍ ୧୯୮ କୋଟି ଲାଭ କରିଛି।



# କୋଭିଡ୍‌ରେ ସେନ୍‌କୋ ଗୋଲ୍ଡ ଅଧ୍ୟକ୍ଷଙ୍କ ପରଲୋକ

**କୋଲକାତା,୨୯।୭:** ଗହଣା ରିଟେଲିଂ କ୍ଷେତ୍ରରେ ପ୍ରମୁଖ କମ୍ପାନୀ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡର ଅଧ୍ୟକ୍ଷ ଶଙ୍କର ସେନ୍‌ଙ୍କର କରୋନା ସଂକ୍ରମଣ ଯୋଗୁ ପରଲୋକ ଘଟିଛି। ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା। ନିକଟରେ ତାଙ୍କର ଏକ ଅପରେଶନ ହୋଇଥିବା ବେଳେ ସେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ ବୋଲି ସୂଚନା ରହିଛି। ସେନ୍‌କୋ ଗୋଲ୍ଡକୁ ଜାତୀୟ ସ୍ତରରେ ଲୋକପ୍ରିୟ କରାଇବା ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ୧୯୯୦ରେ ତାଙ୍କ ପିତାଙ୍କଠାରୁ କାରବାର ସମ୍ଭାଳିବା ସହ ସେ ପ୍ରଥମେ ୩ଟି ଷ୍ଟୋରରୁ କାରବାର ଆରମ୍ଭ କରିଥିଲେ। ଏହି ଷ୍ଟୋର ସଂଖ୍ୟା ବର୍ତ୍ତମାନ ୧୦୦ ଟପିଛି। ତାଙ୍କ ବିୟୋଗରେ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସେନ୍ ଜଣେ ଭବିଷ୍ୟଦ୍ରଷ୍ଟା ଥିବା ବେଳେ ଗ୍ରାହକଙ୍କ ଲାଗି ବିଭିନ୍ନ ପଦକ୍ଷେପ ସର୍ବଦା ନେଉଥିଲେ।

# ସାମ୍‌ସଙ୍ଗ ଫୋନ୍‌ରେ ଗୁଗଲ ପ୍ରଡକ୍ଟକୁ ମିଳିବ ପ୍ରାଥମିକତା

**ନୂଆଦିଲ୍ଲୀ,୨୯।୭:** ଦକ୍ଷିଣ କୋରିଆ ଭିତ୍ତିକ କମ୍ପାନୀ ସାମ୍‌ସଙ୍ଗର ଫୋନଗୁଡିକରେ ଗୁଗଲ ପ୍ରଡକ୍ଟଗୁଡିକୁ ପ୍ରାଥମିକତା ମିଳିବାକୁ ଯାଉଛି। ଆଲ୍‌ଫାବେଟ୍ ଇଙ୍କ୍‌ର ଗୁଗଲ ଏବଂ ସାମ୍‌ସଙ୍ଗ ଇଲେକଟ୍ରୋନିକ୍ସ ମଧ୍ୟରେ ଏ ନେଇ ଏକ ବଡ ଡିଲ୍ ହେବାକୁ ଯାଉଛି ବୋଲି ବ୍ଲୁମବର୍ଗ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହା ଦ୍ୱାରା ସାରାବିଶ୍ୱରେ ବ୍ୟବହାର ହେଉଥିବା ସାମ୍‌ସଙ୍ଗ ହ୍ୟାଣ୍ଡସେଟଗୁଡିକରେ ହେଉଥିବା ସର୍ଚ୍ଚ କ୍ଷେତ୍ରରେ ଗୁଗଲକୁ ଅଧିକ ନିୟନ୍ତ୍ରଣ କ୍ଷମତା ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ସାମ୍‌ସଙ୍ଗ ବିଶ୍ୱର ସର୍ବବୃହତ୍ତ ସ୍ମାର୍ଟଫୋନ ନିର୍ମାତା ଭାବେ ପରିଗଣିତ ହେଉଛି। ଏହା ଗତ ଆର୍ଥିକ ବର୍ଷରେ ସାରା ବିଶ୍ୱରେ ୩୦ କୋଟି ଫୋନ ବିକ୍ରି କରିବାକୁ ସକ୍ଷମ ହୋଇଛି। ସାମ୍‌ସଙ୍ଗର ଗାଲାକ୍ସି ଡିଭାଇସଗୁଡିକରେ ଗୁଗଲର ଆଣ୍ଡ୍ରଏଡ ଅପରେଟିଂ ସିଷ୍ଟମ ବ୍ୟବହାର ହେଉଛି।



ବର୍ତ୍ତମାନର ଡିଲ୍ ମୁତାବକ ସାମ୍‌ସଙ୍ଗ ଫୋନରେ ଗୁଗଲର ଡିଜିଟାଲ ଆସିଷ୍ଟାନ୍ସ ବ୍ୟବହାରକୁ ବଢାଇବା, ପ୍ଲେ ଷ୍ଟୋର ଆପ୍ ବ୍ୟବହାର ଭଳି ପ୍ରସଙ୍ଗ ଉପରେ ଆଲୋଚନା ଜାରି ରହିଥିବା ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସାମ୍‌ସଙ୍ଗ ୟୁଜରଙ୍କ ନିକଟରେ ଭାଲ୍ୟୁଯୁକ୍ତ ଦୈନିକ ଆକ୍‌ସେସ୍ ବଢାଇବା ଦିଗରେ ଗୁଗଲକୁ ଅଧିକ ସୁଯୋଗ ମିଳିପାରିବ। ସେହିଭଳି ସାମ୍‌ସଙ୍ଗର ଡିଭାଇସଗୁଡିକରେ ଏହାର ନିଜସ୍ୱ ବିକ୍ସ ବି ଡିଜିଟାଲ ଆସିଷ୍ଟାନ୍ସ ବ୍ୟବହାର କମ୍ ହେବ। ଏହି ଡିଲ୍ ସାମ୍‌ସଙ୍ଗ ଲାଗି ଲାଭଜନକ ହେବ ବୋଲି କୁହାଯାଉଛି। କାରଣ କୋଭିଡ୍ ଯୋଗୁ କମ୍ପାନୀ ବର୍ତ୍ତମାନ ଚାହିଦା ହ୍ରାସର ସମ୍ମୁଖୀନ ହୋଇଛି। ଅନ୍ୟ ଆଣ୍ଡ୍ରଏଡ ଡିଭାଇସ ମେକରଙ୍କ ଭଳି ସାମ୍‌ସଙ୍ଗ ନିଜସ୍ୱ ଆପ୍‌ଷ୍ଟୋର ଏବଂ ଡିଜିଟାଲ ଆସିଷ୍ଟାନ୍ସ ପ୍ରସ୍ତୁତ କରିପାରିବ ବୋଲି ଗୁଗଲର ମୁଖପାତ୍ର କହିଛନ୍ତି। ଆଣ୍ଡ୍ରଏଡ ପ୍ଲାଟଫର୍ମରେ ଏହା ଏକ ସର୍ବୋତ୍ତମ ଫିଚର। ୟୁଜର ଅଭିଜ୍ଞତା ବଢାଇବା ଲାଗି ଅଂଶୀଦାରଙ୍କ ସହ ନିୟମିତ ସମ୍ପର୍କରେ ରହିଛୁ। ଏଥିରେ କୌଣସି ପରିବର୍ତ୍ତନ କରିବା ଯୋଜନା ନାହିଁ ବୋଲି ମୁଖପାତ୍ର ମତ ରଖିଛନ୍ତି।


















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ